ଧରିତ୍ରୀ
DHARITRI

ଭୁବନେଶ୍ୱର, ମଙ୍ଗଳବାର, ଏପ୍ରିଲ ୨୨/୨୦୨୫ (୧୪ ପୃଷ୍ଠା) | Bhubaneswar, Tuesday, April 22/2025 | Page 14 | ₹ 7.00

୫୧ଶ ଭାଗ ୧୪୭ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 147 | ମୂଲ୍ୟ ₹୭/-

Learners to Leaders

Nurtured by ALLEN

Result: JEE Main 2025

ALLEN JEE Main 2025 results validated by Official result validator EY

11 Students in Top 25 AIR

20 State Toppers

33 Students in Top 100 AIR

Online Test Series & DLP Course Champions

ALLEN ODISHA Champions — **80** Students Scored **99%ile** & Above



As per result compiled till 19 April 2025 (07:00 PM)

ADMISSIONS OPEN

NEET (UG) | JEE (Main+Adv.) | JEE (Main) | Olympiads | Class 6th to 12th & 12th Pass

NEW BATCHES FROM 24 APRIL ONWARDS

For test dates & course start dates visit website or nearest center.

SIGN-UP FOR **ASAT** (Scholarship Test)

TEST DATES: 27 April & 04 May

GET UP TO 90 % SCHOLARSHIP*

For Direct Admission — Visit Your Nearest ALLEN Center.

*Subject to the scholarship rules and the T&Cs.

ALLEN

ALLEN ODISHA: 95137 31588 | allen.ac.in/bhubaneswar

ALLEN Kota Center: 0744-3556677 | allen.ac.in

Disclaimer: We provide an academic ecosystem and environment to prepare students for their target examinations. Studying in a coaching institute does not guarantee selection for the examination. Selection depends on preparation, admission seats in competitive exam and the number of applicants appearing. All the students mentioned are part of paid courses. DLP: Distance Learning Program.

ଆନ୍ଧ୍ରରେ ମିଶିବାକୁ ଇଚ୍ଛା କଲେ ସୀମାନ୍ତବାସୀ

ପଟ୍ଟାଙ୍ଗି,୨୧।୪(ଶରତ କୁମାର ଧଳ)

ଆନ୍ଧ୍ରର ପୂର୍ବତନ ଉପମୁଖ୍ୟମନ୍ତ୍ରୀଙ୍କୁ ଭେଟି ଜଣାଇଲେ କୋଟିଆ ପଞ୍ଚାୟତର ୩ ଗ୍ରାମବାସୀ

ସୀମାନ୍ତ କୋଟିଆକୁ ନେଇ ଓଡ଼ିଶା ଓ ଆନ୍ଧ୍ର ମଧ୍ୟରେ ସବୁବେଳେ ବିବାଦ ଲାଗି ରହିଛି। ଇତିମଧ୍ୟରେ କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ୍ କୋଟିଆ ପଞ୍ଚାୟତର ଧୂଳିପଦର, ନେରିଡ଼ିବାଲସାଧ ଓ ତାଡ଼ିବାଲସା ଗ୍ରାମର ଶତାଧିକ ଲୋକ ସୋମବାର ଅପରାହ୍ନରେ ଆନ୍ଧ୍ରର ପୂର୍ବତନ ଉପମୁଖ୍ୟମନ୍ତ୍ରୀ ପିଡିକା ରାଜନା ଦୋରାଙ୍କୁ ତାଙ୍କ ସାଲୁରସ୍ଥିତ ବାସଭବନରେ ଭେଟି ଆନ୍ଧ୍ରରେ ରହିବାକୁ ଚାହୁଁଥିବା ଜଣାଇଥିଲେ। ଏହାପରେ ଦୋରା ଏକ ଖବରଦାତା ସମ୍ମିଳନୀ କରି ସୀମାନ୍ତବାସୀଙ୍କ ଦାବିକୁ ସ୍ୱାଗତ କରିଥିଲେ। ଆନ୍ଧ୍ର ସରକାରଙ୍କ ସହ ଆଲୋଚନା କରି ସମାଧାନ କରିବା ନେଇ ସେ ପ୍ରତିଶ୍ରୁତି ଦେଇଛନ୍ତି।

ସୀମାନ୍ତବାସୀ ୨ ରାଜ୍ୟର ବିବାଦ ଭିତରେ ରହି ଅନେକ ନିର୍ଯାତନା ପାଉଥିବା ବେଳେ ସେମାନଙ୍କ ନିଜସ୍ୱ ପରିଚୟ ନ ଥିବା ସମ୍ପର୍କରେ ଜଣାଇଥିଲେ। ତେଣୁ ସେମାନଙ୍କୁ ଆନ୍ଧ୍ର ସରକାର ସମ୍ପୂର୍ଣ୍ଣ ଭାବେ ଗ୍ରହଣ କରି ପରିଚୟ ଦେଉ ବୋଲି ଗ୍ରାମବାସୀ ଦାବି କରିଥିଲେ। କୋଟିଆ ପଞ୍ଚାୟତର ସମସ୍ତ ସୀମାନ୍ତବାସୀଙ୍କୁ ପ୍ରତ୍ୟେକ କ୍ଷେତ୍ରରେ ଆନ୍ଧ୍ର ସହଯୋଗ କରି ଆସିଥିବା ବେଳେ କାହିଁକି ସେମାନଙ୍କୁ ସ୍ୱତନ୍ତ୍ର ପରିଚୟ ଦେଇପାଇବନି ବୋଲି ପୂର୍ବତନ ଉପମୁଖ୍ୟମନ୍ତ୍ରୀ ଦୋରାଙ୍କୁ ପ୍ରଶ୍ନ କରିଥିଲେ। ଆମେ ଆନ୍ଧ୍ରରେ ରହିଛୁ ଓ ରହିବୁ ବୋଲି ସେମାନେ ମତ ଦେଇଥିଲେ। ଏହାପରେ ପୂର୍ବତନ ଉପମୁଖ୍ୟମନ୍ତ୍ରୀ ଦୋରା ଖବରଦାତା ସମ୍ମିଳନୀ କରି ଆନ୍ଧ୍ରରେ ଆମ ୱାଇଏସ୍‌ଆର୍‌ସିପି ସରକାର ଥିବା ସମୟରେ ସୀମାନ୍ତବାସୀଙ୍କୁ ଶିକ୍ଷା, ସ୍ୱାସ୍ଥ୍ୟ, ଭତ୍ତା ଓ ଗମନାଗମନ ଆଦି ସୁବିଧା ଯୋଗାଇ ଦେଉଥିଲା। ଏବେ ସରକାର କୋଟିଆ ସୀମାନ୍ତବାସୀଙ୍କ ପ୍ରତି ଦୃଷ୍ଟିଦେବା ଆବଶ୍ୟକ। ବର୍ତ୍ତମାନର ଉପମୁଖ୍ୟମନ୍ତ୍ରୀ ପବନ କଲ୍ୟାଣ ଏଥିପ୍ରତି ଦୃଷ୍ଟି ଦିଅନ୍ତୁ। ଏ ନେଇ କେନ୍ଦ୍ର ସରକାର ଏବଂ ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କ ସହ ମଧ୍ୟ ଆଲୋଚନା କରି ତୁରନ୍ତ ସମାଧାନ କରି ସୀମାନ୍ତବାସୀଙ୍କୁ ତାଙ୍କର ପ୍ରକୃତ ପରିଚୟ ଦେବାକୁ ଅନୁରୋଧ କରିଛନ୍ତି।

ଖଣି ନିଲାମ ଠିକ୍ ହେଲେ ୫ଗୁଣ ଲାଭ ମିଳନ୍ତା: ରାଜ୍ୟପାଳ

ଭୁବନେଶ୍ୱର,୨୧।୪ (ରବିନାରାୟଣ ଜେନା)

ରାଜ୍ୟରେ ଖଣି ନିଲାମ ଠିକ୍ ଭାବେ ହେଲେ ୩ରୁ ୫ଗୁଣ ଅଧିକ ଲାଭ ମିଳିପାରନ୍ତା ବୋଲି ରାଜ୍ୟପାଳ ଡ. ହରିବାବୁ କମ୍ଭମ୍‌ପାଟି କହିଛନ୍ତି। ରାଜ୍ୟର ସମସ୍ତ ପବ୍ଲିକ ସେକ୍ଟର ଅଣ୍ଡରଟେକିଂ (ପିଏସ୍‌ୟୁ)ର ସମୀକ୍ଷା ବୈଠକରେ ରାଜ୍ୟପାଳ ଏଭଳି ମନ୍ତବ୍ୟ ଦେଇ କହିଛନ୍ତି, ଓଡ଼ିଶା ଖଣି ନିଗମ ଠିକଣା ଭାବେ ଲୁହାପଥରର ମାର୍କେଟିଂ କରିବାର ଆବଶ୍ୟକତା ରହିଛି। କେତେକ ଖଣି କମ୍ ଦରରେ ଲିଜ୍ ଦିଆଯାଇଥିବା ସେ କହିଛନ୍ତି।

ପ୍ରମୁଖ ମହାଲେଖାକାରଙ୍କ ପକ୍ଷରୁ ରାଜ୍ୟରେ ବିଭିନ୍ନ ପିଏସ୍‌ୟୁର ବାସ୍ତବସ୍ଥିତି ସମ୍ପର୍କରେ ରାଜ୍ୟପାଳଙ୍କୁ ଅବଗତ କରାଯାଇଥିଲା। ପ୍ରମୁଖ ମହାଲେଖାକାର ଦର୍ଶାଇଥିଲେ, ରାଜ୍ୟରେ ୭୬ଟି ପିଏସ୍‌ୟୁ ରହିଛି। ସିଏଜି ୭୩ ପିଏସ୍‌ୟୁର ଅତିରିକ୍ତ ସମୀକ୍ଷା କରନ୍ତି। ଅବଶିଷ୍ଟ ତିନୋଟି ଯଥା ଓଏସ୍‌ଏଫ୍‌ସି, ଓଏସ୍‌ଡବ୍ଲ୍ୟୁଏଚ୍‌ସି ଏବଂ ଓଏସ୍‌ଆର୍‌ଟିସିର ସମୀକ୍ଷା ସିଧାସଳଖ ସିଏଜିଙ୍କ ଦ୍ୱାରା ହୋଇଥାଏ। ରାଜ୍ୟ ସରକାର ମୋଟାମୋଟି ୨୩ହଜାର କୋଟି ଟଙ୍କା ନିବେଶ କରିଛନ୍ତି। ଓଡ଼ିଶା ଖଣି ନିଗମର ସମଷ୍ଟିଗତ ଲାଭାଂଶ ୧୭ହଜାର କୋଟି ଟଙ୍କା ରହିଥିବାବେଳେ ଗ୍ରୀଡ୍‌କୋର ସମଷ୍ଟଗତ ଭାବେ ୯ହଜାର କୋଟ ଟଙ୍କା


Government of Odisha
Department of Water Resources
No. 10619 /WR., Date: 19.04.2025
Inv.-II-OCC-01/2025
From
Smt. Sasmita Mishra,
Under Secretary to Government
To-
Sub: Compliance of Minutes of the meeting held by the Hon'ble Governor of Odisha on 14.02.2025.
Sir,
I am directed to send herewith a copy of the letter No.839/PE dated 05.03.2025 along with its enclosures on the above mentioned subject and request you to furnish the compliance report on the minutes of the meeting held by the Hon'ble Governor of Odisha on 14.02.2025 to this Department at the earliest for onward transmission to PE, Department for further follow up action.
This may be treated as "Most Urgent".
Yours faithfully,
Under Secretary to Government
Memo No. 10620 /WR, Date: 19.04.2025
Copy forwarded to the P.P.S. to Additional Chief Secretary to Govt., DoWR for kind information of Additional Chief Secretary.
Under Secretary to Government
Memo No. 10621 /WR, Date: 19.04.2025
Copy forwarded to the Additional Secretary to Govt., Department of Public Enterprises for kind information w.r.t. Letter No.839/PE dtd 05.03.2025.
Under Secretary to Government

ପିଏସ୍‌ୟୁ ସମୀକ୍ଷା ବୈଠକରେ ରାଜ୍ୟପାଳଙ୍କ ପରାମର୍ଶ ସମ୍ପର୍କିତ ପତ୍ର।

କ୍ଷତି ପରିମାଣ ରହିଛି। ରାଜ୍ୟରେ ୫୨ଟି ପିଏସ୍‌ୟୁ ଚଳନ୍ତି ଅବସ୍ଥାରେ ରହିଛି। ୨୭ଟିର ନଥିପତ୍ର ଅପ୍‌ଡେଟ ରହିଛି। ଅନ୍ୟ ସମସ୍ତ ପିଏସ୍‌ୟୁର ସମୀକ୍ଷା ଦୀର୍ଘବର୍ଷ ଧରି ହୋଇନାହିଁ। ଓଆର୍‌ଏଚ୍‌ଟିସିର ସମୀକ୍ଷା ୧୫ବର୍ଷ ଧରି ହୋଇ ନ ଥିବାବେଳେ ଗଜପତି ଷ୍ଟିଲ୍ ଇଣ୍ଡଷ୍ଟ୍ରୀ ଅଚଳ ଅବସ୍ଥାରେ ରହିଛି। ୫ଦଶନ୍ଧି ଧରି ତା'ର ଆର୍ଥିକ କାରବାର ସମ୍ପର୍କରେ କୌଣସି ସମୀକ୍ଷା କରାଯାଇନାହିଁ। ସେହିପରି ପ୍ରମୟର ନଟ୍‌ସ ଆଣ୍ଡ ବୋଲ୍ଟ ଲିମିଟେଡ୍‌ର ବକେୟା ୫୮ବର୍ଷ ଧରି ଗଡୁଛି। କମ୍ପାନୀ ଆଇନର ଅନୁଚ୍ଛେଦ-୯୯ ଅନୁଯାୟୀ ଠିକଣା ଭାବେ ସମୀକ୍ଷା ହୋଇ ନ ଥିବା ପିଏସ୍‌ୟୁର ଏଜିଏମ୍‌ଙ୍କୁ ୧ଲକ୍ଷ ଟଙ୍କାର ଜରିମାନା କରାଯିବା ସହିତ ଦୈନିକ ୫ହଜାର ଟଙ୍କାର ଅତିରିକ୍ତ ଜରିମାନାର ବ୍ୟବସ୍ଥା ରହିଛି। ସେହିପରି ସେକ୍ସନ-୩୯୫ ଅନୁଯାୟୀ, ପିଏସ୍‌ୟୁ ତା'ର ବାର୍ଷିକ ରିପୋର୍ଟ ଓ ସମୀକ୍ଷା ରିପୋର୍ଟ ତିନିମାସ ମଧ୍ୟରେ ପ୍ରସ୍ତୁତ କରିବା କଥା। ବିଧାନସଭାରେ ରିପୋର୍ଟ ଉପସ୍ଥାପନ ହେବା ପୂର୍ବରୁ ରିପୋର୍ଟ ସରକାରଙ୍କ ହସ୍ତଗତ ହେବା କଥା। ଏହି ଅବସରରେ ରାଜ୍ୟପାଳ ସମସ୍ତ ପିଏସ୍‌ୟୁ ଠିକଣା ଭାବେ ରେଗୁଲେଟ ହେବାର ଆବଶ୍ୟକତା ରହିଛି ବୋଲି ସମସ୍ତ ପିଏସ୍‌ୟୁ ମୁଖ୍ୟଙ୍କୁ କହିଛନ୍ତି। ମହାଲେଖାକାର ଏଥିପ୍ରତି ଗୁରୁତ୍ୱ ଦେବାର ଆବଶ୍ୟକତା ରହିଥିବା ସେ କହିଛନ୍ତି। ଫେବୃଆରୀ ୧୪ରେ ଅନୁଷ୍ଠିତ ଏହି ସମୀକ୍ଷା ବୈଠକରେ ରାଜ୍ୟପାଳଙ୍କ ପ୍ରମୁଖ ସଚିବ ଏନ୍‌ବିଏସ୍ ରାଜପୁତ, ଶକ୍ତି ବିଭାଗ ପ୍ରମୁଖ ସଚିବ ବିଶାଳ ଦେବ, କ୍ରୀଡ଼ାବିଭାଗ ପ୍ରମୁଖ ସଚିବ ଭାସ୍କରଜ୍ୟୋତି ଶର୍ମା, ପ୍ରମୁଖ ମହାଲେଖାକାର ଡି. ସାହୁ ଓ ଅନ୍ୟାନ୍ୟ ପିଏସ୍‌ୟୁର ମୁଖ୍ୟ ଉପସ୍ଥିତ ଥିଲେ।

ପଶ୍ଚିମବଙ୍ଗ ହିଂସାର ଝାରସୁଗୁଡ଼ା ଲିଙ୍କ୍

ମୁଖ୍ୟ ଅଭିଯୁକ୍ତଙ୍କ ୨ପୁଅ ସମେତ ୮ ଗିରଫ

ଝାରସୁଗୁଡ଼ା/ଲଖନପୁର,୨୧।୪ (ଆଶିଷ ରଞ୍ଜନ ଦାଶ/ଗୌତମ ସାହୁ)

ପଶ୍ଚିମବଙ୍ଗ ମୁର୍ଶିଦାବାଦରେ ଘଟିଥିବା ହିଂସାରେ ସମ୍ପୃକ୍ତି ଅଭିଯୋଗରେ ସୋମବାର ପଶ୍ଚିମବଙ୍ଗ ଏସ୍‌ଟିଏଫ୍ ଟିମ୍ ଓ ଝାରସୁଗୁଡ଼ା ପୋଲିସ ମିଳିତ ଭାବେ ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ ବନହରପାଲି ଥାନା ବନ୍ଧବାହାଲ ଅଞ୍ଚଳରୁ ୨ ମୁଖ୍ୟ ଅଭିଯୁକ୍ତ ସେଫୁଲ ହକ ଓ ବାନି ଇଶ୍ରାଏଲ (୨୪)ଙ୍କ ସହ ସହଯୋଗ କରୁଥିବା ୬ଜଣଙ୍କୁ ଗିରଫ କରିଛି। ଗିରଫ ଅନ୍ୟ ୬ଜଣ ହେଲେ ମୁର୍ଶିଦାବାଦ ଜିଲା ସମସେରଗଞ୍ଜ ଥାନା ଅଞ୍ଚଳର ସବା କରିମ (୨୫), ବବୁଲ ଶେକ (୨୪), ଅବଦୁଲ ଖଲେକ (୨୪), ରୋନି ଏସ୍‌କେ (୨୩), ମନରୁଲ ସେକ (୫୪), ଅଜାଫରୁଲ ସେକ

ଖବରଦାତା ସମ୍ମିଳନୀରେ ଝାରସୁଗୁଡ଼ା ପୋଲିସ ଅଭିଯୁକ୍ତଙ୍କୁ ହାଜର କରିଛି।

(୨୧)। ସେମାନଙ୍କଠାରୁ ୨ଟି ୭.୬୨ ଏମ୍‌ଏମ୍‌ର ଦେଶୀ ବନ୍ଧୁକ ଓ ଜୀବନ୍ତ ଗୁଳି ମଧ୍ୟ ଜବତ କରାଯାଇଛି ବୋଲି ଝାରସୁଗୁଡ଼ା ଏସ୍‌ପିଙ୍କ କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଉତ୍ତରାଞ୍ଚଳ ଆଇଜି ହିମାଂଶୁ ଲାଲ ଓ ଝାରସୁଗୁଡ଼ା ଆରକ୍ଷୀ ଅଧୀକ୍ଷକ ସ୍ମିତ ପି ପରମାର ସୂଚନା ଦେଇଛନ୍ତି।

ପୋଲିସ ସୂଚନା ଅନୁସାରେ ପଶ୍ଚିମବଙ୍ଗ ମୁର୍ଶିଦାବାଦ ଜିଲା ସମସେରଗଞ୍ଜଠାରେ ହରଗୋବିନ୍ଦ ଦାସ ଓ ତାଙ୍କ ପୁଅ ଚନ୍ଦନଙ୍କୁ ହତ୍ୟାକରି ମୁଖ୍ୟ ଅଭିଯୁକ୍ତ ଜିଆଉଲ ଓ ତା'ର ୨ ପୁଅ ସେଫୁଲ ଏବଂ ସମସ୍ତ ସହଯୋଗକାରୀ ଫେରାର ହୋଇଥିଲେ। ପଶ୍ଚିମବଙ୍ଗର ଏସ୍‌ଟିଏଫ୍ ଟିମ୍ କୌଣସି ସୂତ୍ରରୁ ଖବର ପାଇ ରବିବାର ବିଳମ୍ବିତ ରାତ୍ରିରେ ବନହରପାଲି ଥାନାରେ ପହଞ୍ଚି ଥିଲେ। ସୋମବାର ସକାଳୁ ଅଭିଯୁକ୍ତମାନେ ଏହି ଥାନା ଅଧୀନ ବନ୍ଧବାହାଲ ଅଞ୍ଚଳରେ ରହୁଥିବା ୨ ଅଭିଯୁକ୍ତ ସେଫୁଲ, ବାନିଙ୍କ ସହ ତାଙ୍କୁ ସହଯୋଗ କରୁଥିବା ଆଉ ୬ଜଣଙ୍କୁ ଗିରଫ କରିଥିଲେ। ଅପରାହ୍ନରେ ଝାରସୁଗୁଡା ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟକୁ ଅଣାଯାଇ ଅଧିକ ପଚରାଉଚରା କରାଯାଇଥିଲା। ସମସ୍ତ ଅଭିଯୁକ୍ତଙ୍କ ବିରୋଧରେ ଭାରତୀୟ ନ୍ୟାୟ ସଂହିତା ଧାରା ୧୩୨, ୨୬୨, ୩୫୧(୩), ୩(୫), ୧(ଏ), ୨୭(୧) ସହିତ ବେଆଇନ ବନ୍ଧୁକ ତଥା ଅସ୍ତ୍ରଶସ୍ତ୍ର ପାଇଁ ଆର୍ମ ଆକ୍ଟରେ ଏକ ମାମଲା (ନଂ. ୮୮/୨୦୨୫) ରୁଜୁ ହୋଇଛି।

ତାଳଚେର ରାଜା ରାଜେନ୍ଦ୍ର ଚନ୍ଦ୍ର ଦେବ ବୀରବର ହରିଚନ୍ଦନଙ୍କ ପରଲୋକ

ତାଳଚେର,୨୧।୪ (ମନୋଜ ନନ୍ଦ)

ଅନୁଗୋଳ ଜିଲା ତାଳଚେରର ରାଜା ସାହେବ ରାଜେନ୍ଦ୍ର ଚନ୍ଦ୍ର ଦେବ ବୀରବର ହରିଚନ୍ଦନ (୭୩)ଙ୍କ ସୋମବାର ପୂର୍ବାହ୍ନ ୧୧ଟା ୪୫ରେ ପରଲୋକ ହୋଇଯାଇଛି। ସେ ଦୀର୍ଘଦିନ

ଧରି ଅସୁସ୍ଥ ଥିଲେ। ରାୟପୁରଠାରେ ତାଙ୍କର ଚିକିତ୍ସା ଚାଲିଥିବା ବେଳେ ଦେହାନ୍ତ ହୋଇଯାଇଥିଲା। ସେ ଜଣେ ପ୍ରଜାବତ୍ସଳ, ମିଷ୍ଟଭାଷୀ, ପରୋପକାରୀ, ମେଳାପି ଓ ଅମାୟିକ ବ୍ୟକ୍ତି ଭାବେ ପରିଚିତ ଥିଲେ। ତାଳଚେରର ୨୫ତମ ରାଜା ଭାବେ ୪୪ ବର୍ଷ ବୟସରେ ୧୯୯୬ ଜୁଲାଇ ୧୮ରେ ସେ ଦାୟିତ୍ୱ ଗ୍ରହଣ କରିଥିଲେ। ତେବେ ମୃତ୍ୟୁଶଯ୍ୟା ନିକଟରେ ତାଙ୍କ ପରିବାରବର୍ଗ ଉପସ୍ଥିତ ଥିଲେ। ରାଜା ସାହେବଙ୍କ ମୃତ୍ୟୁଖବର ଜଣାପଡ଼ିବା ପରେ ଅନୁଗୋଳ ଜିଲା ସହ ତାଳଚେର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଖବରପାଇ ଢେଙ୍କାନାଳ ଏମ୍‌ପି ରୁଦ୍ର ନାରାୟଣ ପାଣି, ବରିଷ୍ଠ ଭାଜପା ନେତା କାଳନ୍ଦୀ ସାମଲ, ଜିଲା ଭାଜପା ସଭାପତି ଯଯାତି ପଟ୍ଟନାୟକ, ଜୋନାଲ ମିଡିଆ ସେଲ୍ ସଂଯୋଜକ ପର୍ଶୁରାମ ବାରିକ ପ୍ରମୁଖ ଗଭୀର ଶୋକ ବ୍ୟକ୍ତ କରିଛନ୍ତି।

ଜାନକୀଙ୍କ ୧୦ମ ଶ୍ରାଦ୍ଧବାର୍ଷିକୀ

ଭୁବନେଶ୍ୱର,୨୧।୪(ରବିନାରାୟଣ ଜେନା)

ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ସୋମବାର କଂଗ୍ରେସ ଭବନଠାରେ ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ୧୦ମ ଶ୍ରାଦ୍ଧ ବାର୍ଷିକ ପାଳିତ ହୋଇଯାଇଛି। ଏହି ଅବସରରେ କଂଗ୍ରେସ ସେବାଦଳର ଅଧ୍ୟକ୍ଷ ଡ. ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ବରିଷ୍ଠ ସାମ୍ବାଦିକ ପ୍ରଦୋଷ ପଟ୍ଟନାୟକ, ପ୍ରଫେସର ଡ. ବୁଦ୍ଧଦେବ ମିଶ୍ର ଓ ଡ. ଅସିତ ମହାନ୍ତି ପ୍ରଦୀପ ପ୍ରଜ୍ୱଳନ କରି ଜାନକୀ ପଟ୍ଟନାୟକଙ୍କ ଗୁଣାବଳୀ ସମ୍ପର୍କରେ ଆଲୋକପାତ କରିଥିଲେ।

ପ୍ରଦୋଷ କହିଥିଲେ, ଜାନକୀଙ୍କ ସମୟରେ ରାଜ୍ୟରେ ଶିଳ୍ପ ବିପ୍ଳବ ସୃଷ୍ଟି ହୋଇଥିଲା। ଭାଗବତ ଗ୍ରନ୍ଥକୁ ଓଡ଼ିଶାର ପ୍ରତି ପରିବାରରେ ପହଞ୍ଚାଇବା ଥିଲା ତାଙ୍କ ସ୍ୱପ୍ନ। କଂଗ୍ରେସର ୧୪ ବର୍ଷର ଶାସନ ଓ ବିଜେଡିର ୨୪ ବର୍ଷର ଶାସନ ମଧ୍ୟରେ ଏକ ତୁଳନାତ୍ମକ ଚିତ୍ର ରାଜ୍ୟବାସୀଙ୍କ ନିକଟରେ ପହଞ୍ଚାଇବା କଂଗ୍ରେସ ନେତୃବୃନ୍ଦଙ୍କର ପ୍ରଥମ କାର୍ଯ୍ୟ ହେବା ଉଚିତ ବୋଲି ସେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ଏମ୍‌ପି ଅନନ୍ତ ପ୍ରସାଦ ସେଠୀ,ପୂର୍ବତନ ପିସିସି ସଭାପତି ଜୟଦେବ ଜେନା, ନିରଞ୍ଜନ ପଟ୍ଟନାୟକ, ପୂର୍ବତନ ସାଂସଦ ଡ. ରାମଚନ୍ଦ୍ର ଖୁଣ୍ଟିଆ, ପୂର୍ବତନ ମନ୍ତ୍ରୀ ସୁରେଶ କୁମାର ରାଉତରାୟ ପ୍ରମୁଖ ଜାନକୀଙ୍କ ସ୍ମୃତି ଚାରଣ କରିଥିଲେ।

ଜଷ୍ଟିସ ଦୀକ୍ଷିତ୍ କ୍ରିଷ୍ଣା ଶ୍ରୀପଦ୍ ହେବେ ଓଡ଼ିଶା ହାଇକୋର୍ଟର ନୂତନ ବିଚାରପତି

କଟକ,୨୧।୪(କାର୍ତ୍ତିକ ସାହୁ)

ଓଡ଼ିଶା ହାଇକୋର୍ଟର ନୂତନ ବିଚାରପତି ଭାବେ କର୍ନାଟକ ହାଇକୋର୍ଟର ବିଚାରପତି ଦୀକ୍ଷିତ୍ କ୍ରିଷ୍ଣା ଶ୍ରୀପଦ୍ ନିଯୁକ୍ତି ପାଇବେ। ସୁପ୍ରିମ୍‌କୋର୍ଟ କଲେଜିୟମ୍ ଜଷ୍ଟିସ୍ ଶ୍ରୀପଦ୍‌ଙ୍କୁ ଓଡ଼ିଶା ହାଇକୋର୍ଟକୁ ବଦଳି କରିବା ନିମନ୍ତେ ସୁପାରିଶ କରିଛନ୍ତି। ଜଷ୍ଟିସ୍ ଶ୍ରୀପଦ୍ ୧୯୮୯ ମସିହାରେ ଓକିଲାତି ପେଶାରେ ନାମ ପଞ୍ଜୀକରଣ କରିଥିଲେ। ୨୦୧୮ ମସିହା ଫେବୃଆରୀ ୧୪ରେ ସେ କର୍ନାଟକ ହାଇକୋର୍ଟର ବିଚାରପତି ଭାବେ ନିଯୁକ୍ତି ପାଇଥିଲେ। ବିଚାରପତି ଭାବେ ନିଯୁକ୍ତ ହେବା ପୂର୍ବରୁ ସେ କର୍ନାଟକ ହାଇକୋର୍ଟରେ ଆମିକସ୍‌କ୍ୟୁରୀ ଭାବେ କାର୍ଯ୍ୟରତ ଥିଲେ।

ସେ ବିଭିନ୍ନ ଜାତୀୟକରଣ ବ୍ୟାଙ୍କର ପ୍ୟାନେଲ୍ ଲୟର୍ ଭାବେ ମଧ୍ୟ କାର୍ଯ୍ୟ କରିଥିଲେ। ସେ ବେଙ୍ଗାଲୁରୁ ଆଇନ ମହାବିଦ୍ୟାଳୟରେ ଆଇନ ଅଧ୍ୟାପକ ରହିଥିଲେ। ସେ ଲ' ଅଫ୍ ରିଟ୍, ନିର୍ବାଚନୀ ମୋକଦ୍ଦମା, ଚାକିରି ମାମଲା ଭଳି ବହୁ ମାମଲାକୁ ଦକ୍ଷତାର ସହ ପରିଚାଳନା କରିଛନ୍ତି। କେନ୍ଦ୍ରୀୟ ନିର୍ବାଚନ ଆୟୁକ୍ତଙ୍କ ନିମନ୍ତେ ସେ ନିର୍ବାଚନୀ ମାମଲା ପରିଚାଳନା କରିଥିବା ବେଳେ କେନ୍ଦ୍ର ସରକାରଙ୍କ ଓକିଲ ଭାବେ ମଧ୍ୟ ମାମଲା ପରିଚାଳନା କରିଥିଲେ।

୩୦ ସୁଦ୍ଧା ନଦୀବନ୍ଧର ସ୍ଥିତି ରିପୋର୍ଟ ଦାଖଲ ଲାଗି ନିର୍ଦ୍ଦେଶ

ଭୁବନେଶ୍ୱର,୨୧।୪(ରବିନାରାୟଣ ଜେନା)

ଜଳସମ୍ପଦ ବିଭାଗର ସମ୍ଭାବ୍ୟ ବନ୍ୟା ପ୍ରସ୍ତୁତି ବୈଠକ

ସଂପ୍ରତି ଗ୍ରୀଷ୍ମପ୍ରବାହରେ ସାରା ଓଡ଼ିଶା କଲବଲ ହେଉଛି। କେଉଁଠି କାଳବୈଶାଖୀର ତାଣ୍ଡବରେ ଧନସମ୍ପତ୍ତି କ୍ଷୟକ୍ଷତି ହେଉଛି ତ ଆଉ କେଉଁଠି ଜୀବନ ଯାଉଛି। ତେବେ ଆଗକୁ ବର୍ଷାଋତୁ ଆସୁଥିବାରୁ ରାଜ୍ୟଗୁଡ଼ିକ କିଭଳି ସ୍ଥିତିରେ ଅଛି ସେନେଇ ଜଳସମ୍ପଦ ବିଭାଗ ପକ୍ଷରୁ ସମୀକ୍ଷା ପର୍ବ ଆରମ୍ଭ ହୋଇଛି। ଏହିକ୍ରମରେ ସବୁ ଜିଲାପାଳ, ମୁଖ୍ୟଯନ୍ତ୍ରୀଙ୍କୁ ନିଜସ୍ୱ ଅଞ୍ଚଳରେ ଥିବା ନଦୀବନ୍ଧର ସ୍ଥିତାବସ୍ଥା ଜଣାଇବାକୁ ଜଳସମ୍ପଦ ବିଭାଗ ପକ୍ଷରୁ କୁହାଯାଇଛି। ଏପରି କି ନଦୀବନ୍ଧର ସ୍ଥିତାବସ୍ଥା କାର୍ଯ୍ୟ ଚଳିତମାସ ଶେଷ ସୁଦ୍ଧା ଅନୁଧ୍ୟାନ କରି ରିପୋର୍ଟ ଦେବାକୁ ସର୍ବୋଚ୍ଚଯନ୍ତ୍ରୀ ଡ. ଚନ୍ଦ୍ରଶେଖର ପାଢ଼ୀ ସମସ୍ତ ମୁଖ୍ୟଯନ୍ତ୍ରୀ ଓ ଜିଲାପାଳଙ୍କୁ ପତ୍ର ଲେଖି ଅବଗତ କରାଇଛନ୍ତି। ଡ. ପାଢ଼ୀ ପତ୍ରରେ ଦର୍ଶାଇଛନ୍ତି, ମୌସୁମୀ-୨୦୨୫କୁ ଦୃଷ୍ଟିରେ ରଖି ପ୍ରତି ଡିଭିଜନସ୍ତରରେ ସମ୍ଭାବ୍ୟ ବନ୍ୟା ମୁକାବିଲା ଲାଗି କ'ଣ ସବୁ ସରଞ୍ଜାମ ଆବଶ୍ୟକ ଏବେଠାରୁ ତାହାର ଆକଳନ କରି ଅବଗତ କରାଅ। ନଦୀବନ୍ଧର କେଉଁ ସ୍ଥାନରେ ଦୁର୍ବଳ ରହିଛି ସେଥିପାଇଁ ମରାମତି ଲାଗି କି ପ୍ରକାର ପଦକ୍ଷେପ ନେବା ଆବଶ୍ୟକ ତାହା ଉପରେ ବିଭାଗକୁ ଅବଗତ କରାଅ। ସେହିପରି କେଉଁଠାରେ ନଦୀବନ୍ଧ ଫାଟକ ଠିକ୍ ଅଛି କିମ୍ବା ଖରାପ ଅଛି ତା' ଉପରେ ଜଣାଇବାକୁ ପାଢ଼ୀ ପତ୍ରରେ କହିଛନ୍ତି।

ଆମ କ୍ଷମତା, ଆମ ଗ୍ରହ

ଆଜି ଧରିତ୍ରୀ ଦିବସ

ଆମେ ପୃଥିବୀ କୋଳରେ ଜନ୍ମ ନେଇଛୁ। ପୃଥିବୀର ପାଣି ପବନ ଆମକୁ ବଞ୍ଚେଇ ରଖିଛି। ଗଛଲତା ଆମକୁ ଖାଦ୍ୟ ଦେଉଛି। ମାଟିପଥର ବାସସ୍ଥାନ ଦେଇଛି। ଖଣିଜଦ୍ରବ୍ୟ ଆମର ସଭ୍ୟତାକୁ ଉନ୍ନତ କରିଛି। ତେଣୁ ଯଥାର୍ଥରେ ପୃଥିବୀ ଆମର ମାଆ। ସେ ଆମକୁ କୋଳରେ ଧରି ରଖିଛି ବୋଲି ତାକୁ ଆମେ 'ଧରିତ୍ରୀ' ଆଖ୍ୟା ଦେଇଛୁ। ଶିଳ୍ପବିପ୍ଳବ ଓ ସହରୀକରଣ ଆଜି ପୃଥିବୀର ବାୟୁ-ପାଣି-ମାଟି-ଆକାଶ (ବା-ପା-ମା-ଆ)କୁ ମୁମୂର୍ଷୁ ଅବସ୍ଥାକୁ ନେଇଯାଇଛି। ଆଜି ପୃଥିବୀ ବାସୋପଯୋଗୀ ହୋଇ ରହିନାହିଁ। ତେଣୁ ପୃଥିବୀ ମାଆକୁ ସବୁଜ, ସୁନ୍ଦର ଓ ବାସୋପଯୋଗୀ କରି ରଖିବାର ପ୍ରୟାସ ଆରମ୍ଭ ହୋଇଛି। ଏହାର ପରିବେଶକୁ ସୁରକ୍ଷିତ ରଖିବା ପାଇଁ ୧୯୭୦ ମସିହାରୁ ଆଜି ପର୍ଯ୍ୟନ୍ତ ପ୍ରତିବର

ଧରିତ୍ରୀ
DHARITRI

ଧରିତ୍ରୀ DHARITRI 51 Years

ଭୁବନେଶ୍ୱର, ମଙ୍ଗଳବାର, ଏପ୍ରିଲ ୨୨/୨୦୨୫ | Bhubaneswar, Tuesday, April 22/2025 | ପୃଷ୍ଠା-୧



ଓଡ଼ିଶାର ଅନିମେଶଙ୍କୁ ରୌପ୍ୟ

ନ୍ୟାଶନାଲ ଫେଡେରେଶନ ସିନିୟର ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍‌ରେ ଓଡ଼ିଶାର ଅନିମେଶ କୁଜୁର ପୁରୁଷ ୧୦୦ ମିଟର ରେସ୍‌ରେ ରୌପ୍ୟ ପଦକ ହାସଲ କରିଛନ୍ତି।

୧୨ ୦୨

'ଷ୍ଟାର୍ କିଡ୍‌ଙ୍କୁ ଅଧିକ ସୁଯୋଗ ମିଳେ'

ବଲିଉଡ୍‌ରେ ଷ୍ଟାର୍ କିଡ୍‌ଙ୍କୁ ଅଧିକ ସୁଯୋଗ ମିଳେ ବୋଲି ସୋମବାର ଏକ ପୋଡ୍‌କାଷ୍ଟରେ ସାକ୍ଷାତ୍‌କାର ଦେଇ ଅଭିନେତ୍ରୀ ନୁଶ୍‌ରତ ଭରୁଚା କହିଛନ୍ତି।

ଝାରସୁଗୁଡ଼ା ସହରରେ ସୋମବାର ମଧ୍ୟାହ୍ନରେ ମୁଣ୍ଡରେ ଗାମୁଛା ଗୁଡ଼ାଇ ଜଣେ ସାଇକେଲ ଆରୋହୀ ଯାଉଛନ୍ତି। (ଫଟୋ: ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା

୪୫° ଡେଇଁଲା ତାତି

ଭୁବନେଶ୍ୱର, ୨୧।୪ (ଅନୁରାଧା ମହାରଣା)

ରାଜ୍ୟରେ ଚଳିତବର୍ଷ ପ୍ରଥମଥର ତାପମାତ୍ରା ୪୫ ଡିଗ୍ରୀ ଅତିକ୍ରମ କରିଛି। କାଳବୈଶାଖୀ ଜାରି ରହିଥିବାବେଳେ ପଶ୍ଚିମ ଓଡ଼ିଶାରେ ଡହଡହ ଖରା ଓ ଉପକୂଳରେ ପ୍ରବଳ ଗୁଳୁଗୁଳି ଜନଜୀବନକୁ ଅସ୍ତବ୍ୟସ୍ତ କରିଦେଉଛି। ସୋମବାର ଝାରସୁଗୁଡ଼ାରେ ଦିନ ତାପମାତ୍ରା ସର୍ବାଧିକ ୪୫.୪ ଡିଗ୍ରୀ ଛୁଇଁଥିବାବେଳେ ସମ୍ବଲପୁରରେ ୪୩, ହୀରାକୁଦରେ ୪୨.୪ ଓ ରାଉରକେଲା ୪୨ ଡିଗ୍ରୀ ରେକର୍ଡ କରାଯାଇଛି। ଅନ୍ୟପକ୍ଷରେ କେନ୍ଦୁଝରରେ ତାପମାତ୍ରା ୩୮.୩ ଡିଗ୍ରୀ, ଚାନ୍ଦବାଲି ୩୮.୨, ବାଲେଶ୍ୱର ୩୭ ଓ ଭୁବନେଶ୍ୱରରେ ୩୬ ଡିଗ୍ରୀ ରହିଥିଲେ ମଧ୍ୟ ବାୟୁମଣ୍ଡଳରେ ଅଧିକ ଆର୍ଦ୍ରତା ଯୋଗୁ ଗୁଳୁଗୁଳି ଅନୁଭୂତ ହୋଇଥିଲା। ରାତି ପର୍ଯ୍ୟନ୍ତ ଗରମ ପବନ ଭିନ୍ନ ବାତାବରଣ ସୃଷ୍ଟି କରିଥିଲା। ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନାନୁସାରେ, ପୁରୀ ଓ ଗୋପାଳପୁରରେ ୭୨%, ପାରାଦୀପରେ ୭୦%, ବାଲେଶ୍ୱର ଓ ଭୁବନେଶ୍ୱରରେ ୬୨% ଏବଂ ଚାନ୍ଦବାଲିରେ ୫୯% ଆର୍ଦ୍ରତା ରହିଥିଲା। ଆସନ୍ତା ୩ଦିନ ପର୍ଯ୍ୟନ୍ତ ରାଜ୍ୟ ପାଣିପାଗରେ ବିଶେଷ ପରିବର୍ତ୍ତନ ନ ହେଲେ ମଧ୍ୟ ଅନୁଗୋଳ, ଝାରସୁଗୁଡ଼ା, ସମ୍ବଲପୁର, ସୁନ୍ଦରଗଡ଼, ବଲାଙ୍ଗୀର, ସୋନପୁର, ବୌଦ୍ଧ, ବରଗଡ଼, କଳାହାଣ୍ଡି ଓ ନୂଆପଡ଼ା ଆଦି ଜିଲାରେ ୪୨ ଡିଗ୍ରୀ ଉପରେ ତାପମାତ୍ରା ରହିବ। ଅନ୍ୟପଟେ ସୋମବାର ରାଜ୍ୟର ବିଭିନ୍ନ ଜିଲାରେ କାଳବୈଶାଖୀଜନିତ ବର୍ଷା ହୋଇଛି। ଆସନ୍ତା ୨୬ ତାରିଖ ପର୍ଯ୍ୟନ୍ତ ଝଡ଼ବର୍ଷା ନେଇ ବିଭିନ୍ନ ଜିଲାକୁ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି।

ଗରମ, ଗୁଳୁଗୁଳିରେ ୫୦ ଅସୁସ୍ଥ, ସମ୍ବଲପୁରରେ ସର୍ବାଧିକ

ଭୁବନେଶ୍ୱର, ୨୧।୪ (ବନ୍ଦନା ସେଠୀ)

ଗତ ଦୁଇଦିନ ହେବ ହଠାତ୍ ତାପମାତ୍ରାରେ ବଡ଼ ବୃଦ୍ଧି ହେବା ସହ ପ୍ରବଳ ଗୁଳୁଗୁଳି ଅନୁଭୂତ ହେଉଛି। ତେବେ ରାଜ୍ୟରେ ଅଂଶୁଘାତଜନିତ ଘଟଣା ଘଟି ନ ଥିଲେ ମଧ୍ୟ ମାତ୍ରାଧିକ ଗରମ ଓ ଗୁଳୁଗୁଳିରେ ରାଜ୍ୟରେ ୫୦ଜଣ ଅସୁସ୍ଥ ହୋଇଥିବା ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ନୀଳକଣ୍ଠ ମିଶ୍ର ସୂଚନା ଦେଇଛନ୍ତି। ଅସୁସ୍ଥଙ୍କ ମଧ୍ୟରୁ ସମ୍ବଲପୁରରେ ସର୍ବାଧିକ ୪୦ଜଣ ରହିଥିବାବେଳେ ଦେବଗଡ଼ରେ ୬ଜଣ, ଖୋର୍ଦ୍ଧା, ମୟୂରଭଞ୍ଜ, କେନ୍ଦୁଝର ଜିଲାରେ ମଧ୍ୟ ଏଭଳି ଅସୁସ୍ଥ ଲୋକ ଚିକିତ୍ସା ପାଇଁ ଡାକ୍ତରଖାନା ଆସୁଛନ୍ତି। ଏବେସୁଦ୍ଧା ଅଂଶୁଘାତରେ ଆକ୍ରାନ୍ତ କୌଣସି ରୋଗୀ ଡାକ୍ତରଖାନାରେ ଭର୍ତ୍ତି ହୋଇନାହାନ୍ତି କି ଏଥିରେ କାହାର ମୃତ୍ୟୁ ହୋଇ ନାହିଁ। ତଥାପି ଅଂଶୁଘାତଜନିତ ସ୍ଥିତିର ମୁକାବିଲା ପାଇଁ ରାଜ୍ୟ ସରକାର ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛନ୍ତି। ଏଥିପାଇଁ ସମସ୍ତ ଜିଲା ହେଡ୍‌କ୍ୱାର୍ଟର, ସବ୍‌ଡିଭିଜନାଲ୍ ହସ୍ପିଟାଲ୍, ପିଏଚ୍‌ସି, ସିଏଚ୍‌ସିକୁ ସ୍ୱତନ୍ତ୍ର ରୁମ୍ ପ୍ରସ୍ତୁତ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହାବାଦ୍ ସବୁଠି ଥଣ୍ଡାପାଣି, ଆଇସୋଲେଶନ୍ ରୁମ୍‌ର ବ୍ୟବସ୍ଥା କରିବାକୁ କୁହାଯାଇଥିବା ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ସୂଚନା ଦେଇଛନ୍ତି। ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲ୍‌ରେ ଅଂଶୁଘାତର ମୁକାବିଲା ପାଇଁ ସମସ୍ତ ପ୍ରସ୍ତୁତି ହୋଇଥିବା ସୁପରିଣ୍ଟେଣ୍ଡେଣ୍ଟ୍ ଡା. ଧନଞ୍ଜୟ ଦାସ ସୂଚନା ଦେଇଛନ୍ତି। ଗତ ୧୫ଦିନ ମଧ୍ୟରେ ଗରମ ଗୁଳୁଗୁଳିଜନିତ ଅସୁସ୍ଥତା କାରଣରୁ ଜଣେ ରୋଗୀ ହସ୍ପିଟାଲକୁ ଆସିଛନ୍ତି। ତେବେ ହସ୍ପିଟାଲ ପକ୍ଷରୁ ଅଂଶୁଘାତଜନିତ ଚିକିତ୍ସା ପାଇଁ ସ୍ୱତନ୍ତ୍ର ଏସି ୱାର୍ଡର ବ୍ୟବସ୍ଥା କରାଯାଇଛି। ଏଠାରେ ୯ଟି ଶଯ୍ୟା ରହିଥିବାବେଳେ ଜରୁରିକାଳୀନ ଚିକିତ୍ସା ପାଇଁ ୪ଟି ବେଡ୍ ସଂରକ୍ଷିତ ରଖାଯାଇଥିବା ସେ କହିଛନ୍ତି।

ପୋପ୍ ଫ୍ରାନ୍ସିସ୍‌ଙ୍କ ପରଲୋକ

ଭାଟିକାନ୍ ସିଟି, ୨୧।୪



ରୋମାନ୍ କାଥୋଲିକ୍ ଚର୍ଚ୍ଚର ସର୍ବୋଚ୍ଚ ଧର୍ମଗୁରୁ ପୋପ୍ ଫ୍ରାନ୍ସିସ୍‌ଙ୍କର ସୋମବାର ସକାଳେ ୮୮ ବର୍ଷ ବୟସରେ ପରଲୋକ ହୋଇଯାଇଛି। ଇତିହାସରେ ପ୍ରଥମ ଥର ପାଇଁ ଦକ୍ଷିଣ ଆମେରିକାରୁ ଖ୍ରୀଷ୍ଟିଆନ୍ ଧର୍ମର ସର୍ବୋଚ୍ଚ ପଦବୀରେ ଅଧିଷ୍ଠିତ ହୋଇଥିବା ଫ୍ରାନ୍ସିସ୍ ଦୀର୍ଘବର୍ଷ ହେଲା ବିଭିନ୍ନ ରୋଗରେ ଆକ୍ରାନ୍ତ ହେବା ସହ ନିକଟରେ ଡବଲ ନିମୋନିଆରୁ ସୁସ୍ଥ ହୋଇଥିଲେ। ଇଷ୍ଟର ରବିବାର ପାଳନର ଗୋଟିଏ ଦିନ ପରେ ତାଙ୍କର ଦେହାନ୍ତ ସାରା ବିଶ୍ୱରେ ଶୋକର ଛାୟା ଖେଳାଇଦେଇଛି। ପୋପ୍ ଫ୍ରାନ୍ସିସ୍‌ଙ୍କ ପରଲୋକରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମେତ ବିଶ୍ୱନେତାମାନେ ଶୋକବ୍ୟକ୍ତ କରିଛନ୍ତି। କରୁଣା, ବିନମ୍ରତା ଏବଂ ଆଧ୍ୟାତ୍ମିକ ସାହସର ଆଲୋକ ବର୍ତ୍ତିକା ଭାବେ ପୋପ୍ ଫ୍ରାନ୍ସିସ ସ୍ମରଣୀୟ ହୋଇ ରହିବେ ବୋଲି ମୋଦି ତାଙ୍କ ଶୋକବାର୍ତ୍ତାରେ ଲେଖିଛନ୍ତି। ଗତବର୍ଷ ଇଟାଲୀରେ ଅନୁଷ୍ଠିତ ଜି୭ ସମିଟ୍ ଅବସରରେ ପ୍ରଧାନମନ୍ତ୍ରୀ ପୋପ୍‌ଙ୍କୁ ଭେଟିବା ସମୟକୁ ମନେପକାଇ କହିଛନ୍ତି, ଭାରତୀୟମାନଙ୍କ ପ୍ରତି ଏହି ଧାର୍ମିକ ନେତାଙ୍କର ସ୍ନେହଶ୍ରଦ୍ଧା ରହିଥିଲା। ସମାବେଶୀ ଏବଂ ସାମଗ୍ରିକ ବିକାଶ ଲାଗି ବିଶ୍ୱବ୍ୟାପୀ କାଥୋଲିକ୍ ଚର୍ଚ୍ଚ ମୁଖ୍ୟଙ୍କ ପ୍ରତିଶ୍ରୁତିରେ ସେ ଅନୁପ୍ରାଣିତ ହୋଇଥିଲେ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ତାଙ୍କର ବିନମ୍ର ଶୈଳୀ ଏବଂ ଗରିବଙ୍କ ପରି ଚିନ୍ତା ସାରା ବିଶ୍ୱକୁ ପ୍ରଭାବିତ କରିଥିଲା।

ସୋମବାର ସକାଳ ୭ଟା ୩୫ ମିନିଟ୍‌ରେ ତାଙ୍କର ଦେହାନ୍ତ ହୋଇଥିବା ନେଇ କାର୍ଡିନାଲ କେଭିନ୍ ଫାରେଲ୍ ଭାଟିକାନ୍ ଟିଭି ଚ୍ୟାନେଲରେ ଘୋଷଣା କରିଛନ୍ତି। ଇଷ୍ଟର ରବିବାର ସେ ସେଣ୍ଟ ପିଟର୍ସ ବାସିଲିକାର ବାଲ୍‌କୋନିରେ ଶ୍ରଦ୍ଧାଳୁମାନଙ୍କ ଗହଣରେ ଉପସ୍ଥିତ ରହିଥିଲେ। ଦୀର୍ଘବର୍ଷ ଧରି ଫୁସ୍‌ଫୁସ୍‌ଜନିତ ରୋଗରେ ପୀଡ଼ିତ ଥିବା ଫ୍ରାନ୍ସିସ୍ ଗତ ଫେବୃଆରୀ ୧୪ରେ ଜେମେଲି ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ସେ ଡବଲ୍ ନିମୋନିଆରେ ପୀଡ଼ିତ ଥିବା ଜଣାପଡ଼ିଥିଲା ଓ ୩୮ ଦିନ ହସ୍ପିଟାଲରେ ରହିବା ପରେ ଭାଟିକାନ୍ ସିଟିକୁ ଫେରିଥିଲେ। ପୂର୍ବତନ ପୋପ୍ ବେନେଡିକ୍ଟ ଷୋଡ଼ଶଙ୍କ ଇସ୍ତଫା ପରେ ଆର୍ଜେଣ୍ଟିନାରେ ଜନ୍ମିତ ଜର୍ଜ ମାରିଓ ବେଗୋଗ୍ଲିଓ ୨୦୧୩ ମାର୍ଚ୍ଚ ୧୩ରେ ଫ୍ରାନ୍ସିସ୍ ନାମରେ ନୂଆ ପୋପ୍ ଭାବେ ଅଧିଷ୍ଠିତ ହୋଇଥିଲେ।

ଇସ୍ରାଏଲରେ ଚାକିରି ନାଁରେ ଠକେଇ

ଇସ୍ରାଏଲରେ ଚାକିରି କରାଇଦେବା ନେଇ ଠକମାନେ ସୋସିଆଲ ମିଡିଆରେ ବିଜ୍ଞାପନ ଦେଇ କେତେଜଣଙ୍କୁ ଠକିଥିବା ଖବର ସାମ୍ନାକୁ ଆସିଛି। ତିନିଜଣ ମୁମ୍ବାଇରୁ ଆସି ଭୁବନେଶ୍ୱରର ଏକ ହୋଟେଲରେ ଆଶାୟୀଙ୍କ ସାକ୍ଷାତ୍‌କାର ନେଇଛନ୍ତି। କେତେଜଣଙ୍କଠାରୁ ଅଗ୍ରିମ ୫ହଜାର ଟଙ୍କା ନିଆଯାଇଥିବା କୁହାଯାଉଥିଲେ ମଧ୍ୟ ବଡ଼ଧରଣର ଠକେଇ ହେବା ପୂର୍ବରୁ ସେମାନଙ୍କ କାର୍‌ନାମାର ପର୍ଦ୍ଦାଫାଶ କରିଛି ପୋଲିସ। ବୈଦେଶିକ ମନ୍ତ୍ରଣାଳୟର ଅଭିଯୋଗ ପରେ ପୋଲିସ ଟିମ୍ ଚଢ଼ାଉ କରି ସମ୍ପୃକ୍ତ ତିନିଠକଙ୍କୁ ଗିରଫ କରିଛି।

ଭୁବନେଶ୍ୱର, ୨୧।୪ (ସତ୍ୟଜିତ୍ ରାଉତ)

ଗିରଫ ତିନି ଠକ

ଇସ୍ରାଏଲରେ ଚାକିରି ଦେବା ନାଁରେ ଚାଲିଥିଲା ବଡ଼ ଠକେଇ ର୍ୟାକେଟ। ଭାରତ ସରକାରଙ୍କ ଶ୍ରମ ଓ ନିୟୋଜନ ମନ୍ତ୍ରଣାଳୟ ନାଁରେ ଫେକ୍ ବିଜ୍ଞପ୍ତି ଦେଖାଇ ଆଶାୟୀଙ୍କୁ ଫସାଉଥିଲେ। ଭୁବନେଶ୍ୱର ମାଷ୍ଟରକାଣ୍ଟିନସ୍ଥିତ ହୋଟେଲ ରାଜ୍ ଇନ୍‌ରେ ସାକ୍ଷାତ୍‌କାର କରାଇ ଟଙ୍କା ନେଉଥିବା ବେଳେ କମିଶନରେଟ୍ ପୋଲିସ ଚଢ଼ାଉ କରି ଏହି ର୍ୟାକେଟର ୩ ଦଲାଲଙ୍କୁ ଗିରଫ କରିଛି। ସେମାନେ ହେଲେ ମୁମ୍ବାଇ କୁର୍ଲା ଥାନା ଅନ୍ତର୍ଗତ ବିଦ୍ୟାବିହାର ରୋଡ୍‌ରେ ରହୁଥିବା ଗଞ୍ଜାମ ଜିଲା ହିଞ୍ଜିଳିକାଟୁର ବାବୁଲାହରି ଗୌଡ଼, ମୁମ୍ବାଇ ରାଇଗଡ ଅଞ୍ଚଳର ମହେଶ ରାମଚନ୍ଦ୍ର ଲାଖଣ୍ଡେ ଏବଂ କିରନ ଶଶିକାନ୍ତ ଗୁମ୍‌ରେ। ଅଭିଯୁକ୍ତଙ୍କଠାରୁ ୪ଟି ମୋବାଇଲ, କେତେକ ନକଲି ଦସ୍ତାବିଜ୍ ଓ ୧୨ଜଣ ଆଶାୟୀଙ୍କ ଚିଜ୍ୟୁମ୍ ଜବତ କରିଛି। ଅଭିଯୁକ୍ତମାନଙ୍କୁ ସୋମବାର ଖାରବେଳନଗର ଥାନା ପକ୍ଷରୁ ଭୁବନେଶ୍ୱର ଏସ୍‌ଜେଏମ୍ କୋର୍ଟକୁ ଚାଲାଣ କରାଯାଇଥିଲା। ପରେ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏହି ମାମଲାରେ ଅଧିକ ତଦନ୍ତ ଚାଲୁ ରହିଥିବା ଡିସିପି ଜଗମୋହନ ମୀନା ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

ସୂଚନା ଅନୁଯାୟୀ, ଅଭିଯୁକ୍ତମାନେ ଇସ୍ରାଏଲରେ ଏକ ସରକାରୀ ପ୍ରୋଜେକ୍ଟରେ ଚାକିରି ଦିଆଯିବ ଦର୍ଶାଇ ବିଭିନ୍ନ ସୋସିଆଲ୍ ମିଡିଆରେ ବିଜ୍ଞାପନ ଛାଡ଼ିଥିଲେ। ବହୁ ସଂଖ୍ୟକ ପଦବୀ ଖାଲିଥିବା ଓ ଉଚ୍ଚ ଦରମା ରହିଥିବା ଦର୍ଶାଇଥିଲେ। ଏପରିକି ଫ୍ରେସର/ରିଟର୍ନ ଆଶାୟୀ ମଧ୍ୟ ଆବେଦନ କରିପାରିବେ ବୋଲି ଉଲ୍ଲେଖ କରିଥିଲେ। ହେଲ୍ପର, ପାଇପ୍ ଫିଟର, ଫେବ୍ରିକେଟର, ଷ୍ଟିଲ୍ ଫିକ୍ସର, ଷ୍ଟୋର କିପର, ଟାଇମ୍ କିପର ଆଦିରେ ନିଯୁକ୍ତି ଦିଆଯିବା ସହ ଏଥିରେ ଆମେରିକାନ ଡଲାର ଭାବେ ବଡ଼ ପରିମାଣର ଟଙ୍କା ମିଳିବ ବୋଲି ଲୋଭ ଦେଖାଇଥିଲେ। ରବିବାର ହୋଟେଲ ରାଜ ଇନ୍‌ର କନ୍‌ଫରେନ୍ସ ହଲ୍‌ରେ ୩ ଅଭିଯୁକ୍ତ ସାକ୍ଷାତ୍‌କାର ନେଉଥିବା ବେଳେ ଖୋର୍ଦ୍ଧା ଓ ଗଞ୍ଜାମ ଆଦି ଅଞ୍ଚଳର ୧୫ରୁ ଊର୍ଦ୍ଧ୍ୱ ଆଶାୟୀ ଯୋଗଦେଇଥିଲେ। ଆଶାୟୀଙ୍କଠାରୁ ପ୍ରଥମେ ଅଗ୍ରୀମ ଭାବେ ୫ ହଜାର ଟଙ୍କା ଲେଖାଏ ନିଆଯାଇଥିଲା। ଏଥିସହ ଅଫର ଲେଟର ଦିଆଯିବା ବେଳେ ୭୦ ହଜାର ଟଙ୍କା ଦେବାକୁ ପଡ଼ିବ ବୋଲି କୁହାଯାଇଥିଲା। ତେବେ ବିଦେଶରେ ଚାକିରି ଦେବାକୁ ବୈଦେଶିକ ମନ୍ତ୍ରଣାଳୟର ସ୍ୱୀକୃତ ନିଆଯାଇ ନ ଥିଲା କି ଏନେଇ କୌଣସି ନିଯୁକ୍ତି ଏଜେନ୍ସି ମଧ୍ୟ ପଞ୍ଜୀକୃତ କରାଇ ନ ଥିଲେ। ଖବର ପାଇବା ପରେ ବୈଦେଶିକ ମନ୍ତ୍ରଣାଳୟର ଭୁବନେଶ୍ୱର ଅଫିସର (ଇମିଗ୍ରାଣ୍ଟସ୍ ପ୍ରୋଟେକ୍ଟର) ସୁନିଲ କୁମାର ଶା ପୋଲିସକୁ ଫୋନ୍ କରି ଜଣାଇବା ସହ ଖାରବେଳନଗର ଥାନାରେ ଲିଖିତ ଏତଲା ଦେଇଥିଲେ। ପୋଲିସ ଇମିଗ୍ରେଶନ୍ ଆକ୍ଟ ସହ ବିଏନ୍‌ଏସ୍‌ର ବିଭିନ୍ନ ଦଫାରେ ମାମଲା (ନଂ.୧୭୮/୨୦୨୫) ରୁଜୁ କରିବା ସହିତ ଅପରାହ୍ନ ପ୍ରାୟ ୩ଟାରେ ସେଠାରେ ଚଢ଼ାଉ କରି ଅଭିଯୁକ୍ତଙ୍କୁ ଉଠାଇ ଆଣିଥିଲା। ଚଢ଼ାଉ ବେଳେ ପ୍ରାୟ ୬ରୁ ୭ଜଣ ଆଶାୟୀ ଥିବାବେଳେ ଅନ୍ୟମାନେ ଘରକୁ ଫେରିଯାଇଥିଲେ। ତେବେ ଜଣେ କିମ୍ବା ଦୁଇ ଜଣଙ୍କଠାରୁ ୫ ହଜାର ନେଇଥିବା ଅଭିଯୁକ୍ତମାନେ କହିଥିଲେ। ଖୋର୍ଦ୍ଧା ଅଞ୍ଚଳର ଚାକିରି ଆଶାୟୀ ଚିତ୍ତରଞ୍ଜନ ସାମଲଙ୍କ କହିବା କଥା, ହ୍ୱାଟ୍‌ସଆପ୍‌ରେ ବିଜ୍ଞାପନ ଦେଖି ଇଣ୍ଟରଭିୟୁ ପାଇଁ କିଛି ସାଙ୍ଗଙ୍କ ସହ ଯାଇଥିଲି। ଷ୍ଟୋର କିପର ପାଇଁ ସାକ୍ଷାତ୍‌କାର ଦେଇଥିଲି। ମାତ୍ର ସେମାନଙ୍କ ବ୍ୟବହାରରୁ ଠକ ବୋଲି ଜାଣିବାକୁ ପାଇ ଟଙ୍କା ଦେଇ ନ ଥିଲୁ। ଅନ୍ୟ କେହି ଦେଇପାରିଥାନ୍ତି ବୋଲି ସେ କହିଛନ୍ତି। ଅନ୍ୟଜଣେ ଆଶାୟୀ ଲଳିତ କୁମାର ମାଝୀ କହିଛନ୍ତି, ବିଜ୍ଞାପନ ଦେଖି ଷ୍ଟୋର କିପର ପାଇଁ ସାକ୍ଷାତ୍‌କାର ଦେଇଥିଲି। ୧୫ଦିନ ପରେ ଫଳାଫଳ ଜଣାଯିବ ଓ ଅଫର ଲେଟର ଦିଆଯିବ ବୋଲି କୁହାଯାଇଥିଲା। ତେବେ ଏହ ର୍ୟାକେଟର ଚେର ମୁମ୍ବାଇ ପର୍ଯ୍ୟନ୍ତ ଲମ୍ବିଥିବାରୁ ପୋଲିସ ଗୁରୁତ୍ୱର ସହ ନେଇଛି। ଏଥିରେ ସମ୍ପୃକ୍ତ ଅନ୍ୟ ସହଯୋଗୀଙ୍କୁ ଧରିବାକୁ ଖୋଳତାଡ ଚଳାଇଥିବା ସୂଚନା ଦିଆଯାଇଛି।

ପିଅନ ନିଯୁକ୍ତି ପାଇଁ ଆବେଦନ କରିଛନ୍ତି ପିଏଚ୍. ଡି., ଏମ୍‌ବିଏ, ଲ' ଗ୍ରାଜୁଏଟ

ଜୟପୁର, ୨୧।୪

ରାଜସ୍ଥାନ ସରକାରଙ୍କ ଅଧୀନ ରାଜସ୍ଥାନ ସବ୍‌ଅର୍ଡିନେଟ ଆଣ୍ଡ ମିନିଷ୍ଟ୍ରିଆଲ ଷ୍ଟାଫ୍ ସିଲେକ୍ସନ ବୋର୍ଡ (ଆର୍‌ଏସ୍‌ଏମ୍‌ଏସ୍‌ଏସ୍‌ବି) ଦ୍ୱାରା ଜାରି ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କ ନିଯୁକ୍ତି ପାଇଁ ରେକର୍ଡ ସଂଖ୍ୟକ ଆବେଦନ ହୋଇଛି। ମୋଟ ୫୩,୭୪୯ ପଦବୀ ପାଇଁ ହେଉଥିବା ଏହି ନିଯୁକ୍ତିର ଆବେଦନ ପ୍ରକ୍ରିୟା ଶନିବାର ଶେଷ ହୋଇଛି। ତେବେ ଏହି ନିଯୁକ୍ତି ପାଇଁ ମୋଟ ୨୪ ଲକ୍ଷ ୭୬ ହଜାର ୩୮୩ ଜଣ ଆବେଦନ କରିଥିବା ନେଇ ଆର୍‌ଏସ୍‌ଏମ୍‌ଏସ୍‌ଏସ୍‌ବି ପକ୍ଷରୁ ସୋମବାର ସୂଚନା ଦିଆଯାଇଛି। ଚତୁର୍ଥ ଶ୍ରେଣୀ ପଦବୀ ପାଇଁ ହେଉଥିବା ଏହି ନିଯୁକ୍ତି ପ୍ରକ୍ରିୟାରେ ଗୋଟିଏ ପଦ ପାଇଁ ୪୬ ଜଣ ଆଶାୟୀ ପ୍ରାର୍ଥୀଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହେବ। ସେହିପରି ଏହି ନିଯୁକ୍ତି ପାଇଁ ପିଏଚ୍.ଡି., ଏମ୍‌ବିଏ, ଲ' ଗ୍ରାଜୁଏଟ ଭଳି ଶିକ୍ଷାଗତ ଯୋଗ୍ୟତା ଥିବା ପ୍ରାର୍ଥୀ ମଧ୍ୟ ବହୁସଂଖ୍ୟାରେ ଆବେଦନ କରିଛନ୍ତି। ସିଭିଲ ସର୍ଭିସ୍ ପରୀକ୍ଷା ପାଇଁ ପ୍ରସ୍ତୁତି ଚଳାଇଥିବା ଅନେକ ଛାତ୍ରୀଛାତ୍ର ମଧ୍ୟ ଏହି ନିଯୁକ୍ତି ପାଇଁ ଆବେଦନ କରିଛନ୍ତି। ଜୟପୁରସ୍ଥିତ ଗୋପାଳପୁରା ଅଞ୍ଚଳରେ ଥିବା କୋଚିଂ ସେଣ୍ଟର ସାହାଯ୍ୟରେ ସିଭିଲ ସର୍ଭିସ୍ ପରୀକ୍ଷା ପାଇ ପ୍ରସ୍ତୁତ କରୁଥିବା ଅନେକ ଛାତ୍ରୀଛାତ୍ର ଏହି ନିଯୁକ୍ତିରେ ଆବେଦନ କରିବାର କାରଣ ସମ୍ପର୍କରେ ଏକ ଜାତୀୟ ଗଣମାଧ୍ୟମରେ ନିଜ ମତ ରଖିଛନ୍ତି। ଏମ୍.ଏ, ବି.ଇଡି ଶିକ୍ଷାଗତ ଯୋଗ୍ୟତା ଥିବା ସହ ବିଭିନ୍ନ ଆଇଟି କୋର୍ସ କରିଥିବା ଛାତ୍ର କମଲ କିଶୋର କହିଛନ୍ତି, ୨୦୧୮ରୁ ସେ ବିଭିନ୍ନ ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ପ୍ରସ୍ତୁତି କରୁଛନ୍ତି। ତେବେ ବର୍ତ୍ତମାନ ସୁଦ୍ଧା ତାଙ୍କୁ ସଫଳତା ମିଳିନାହିଁ। ତେଣୁ ସାମ୍ପ୍ରତିକ ସ୍ଥିତିରେ ବେରୋଜଗାର ରହିବା ଅପେକ୍ଷା ପିଅନ ଚାକିରି କରିବା ତାଙ୍କ ପାଇଁ ଢେର ଗୁଣା ଭଲ। ବିଜ୍ଞାନରେ ସ୍ନାତକୋତ୍ତର କରିଥିବା ତନୁଜା ଯାଦବ ଏବଂ ଏମ୍.ଏ, ବି.ଇଡି ପାଠ୍ୟକ୍ରମ ଶେଷ କରିଥିବା ସୁମିତ୍ରା ଚୌଧୁରୀ ମଧ୍ୟ ସମାନ ମତ ରଖିଛନ୍ତି। ଉଭୟେ ରାଜସ୍ଥାନ ପ୍ରଶାସନିକ ସେବା ପାଇଁ ପ୍ରସ୍ତୁତି କରୁଥିଲେ ମଧ୍ୟ ଏହି ସରକାରୀ ନିଯୁକ୍ତି ସୁଯୋଗକୁ ହାତଛଡ଼ା କରିବାକୁ ଚାହିଁନାହାନ୍ତି।

ଇପିଏଫ୍‌ଓରେ ଯୋଡ଼ିହେଲେ ୧୬.୧୦ ଲକ୍ଷ ସଦସ୍ୟ

ଭୁବନେଶ୍ୱର, ୨୧।୪ (ଅନୁରାଧା ମହାରଣା)

କର୍ମଚାରୀ ଭବିଷ୍ୟ ପାଣ୍ଠି ସଂଗଠନ (ଇପିଏଫ୍‌ଓ) ଫେବୃଆରୀରେ ନେଟ୍ ୧୬.୧୦ ଲକ୍ଷ ସଦସ୍ୟ ଯୋଡ଼ିଛି। ସୋମବାର ପ୍ରକାଶିତ ସର୍ବଶେଷ ବେତନ ତଥ୍ୟ ଅନୁଯାୟୀ, ଗତ ବର୍ଷ ସମାନ ମାସ ତୁଳନାରେ ଏହି ସଂଖ୍ୟା ୩.୯୯% ଅଧିକ ରହିଛି। ଶ୍ରମ ମନ୍ତ୍ରଣାଳୟ ଏକ ବିବୃତିରେ କହିଛି ଯେ, ୨୦୨୫ ଫେବୃଆରୀରେ ଇପିଏଫ୍‌ଓ ପ୍ରାୟ ୭.୩୯ ଲକ୍ଷ ନୂତନ ସଦସ୍ୟ ଯୋଡ଼ିଛି। ନୂତନ ସଦସ୍ୟଙ୍କ ମଧ୍ୟରେ ୧୮-୨୫ ବର୍ଷ ବୟସର ସଦସ୍ୟଙ୍କ ସଂଖ୍ୟା ସର୍ବାଧିକ ଥିବାବେଳେ ଫେବୃଆରୀରେ ଯୋଡି ହୋଇଥିବା ସଦସ୍ୟଙ୍କ ଅଂଶ ହେଉଛି ୪.୨୭ ଲକ୍ଷ ଅଥାତ୍ ୫୭.୭୧%।

ଆଜିର ସମ୍ପାଦକୀୟ

ଫ୍ରାନ୍ସିସ୍‌ଙ୍କ ଯୁଗ

ଲୋକଙ୍କ ସମସ୍ୟା ଅଣଦେଖା ନ ହେବା ଆମ ଲକ୍ଷ୍ୟ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର/ସମ୍ବଲପୁର, ୨୧।୪ (ସୁନିତ୍ ମିଶ୍ର/ପ୍ରମୋଦ ବହିଦାର)

ସମ୍ବଲପୁରରେ ଜନଅଭିଯୋଗ ଶୁଣାଣି

ସୋମ

ସଡ଼କ ଦୁର୍ଘଟଣାରେ ୩ ମୃତ, ୩ ଗୁରୁତର

ଯୋଡ଼ା,(ମାନସ ମହାନ୍ତି): କେନ୍ଦୁଝର ଜିଲା ଯୋଡ଼ା ସହର ଫ୍ଲାଏ ଓଭର ଆପ୍ରୋଚ୍ ରୋଡ୍ ନିକଟରେ ସୋମବାର ରାତି ପ୍ରାୟ ୯ଟାରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏକ ଅଜଣା ଗାଡ଼ି ଧକ୍କାରେ ୨ଟି ବାଇକ୍‌ରେ ଯାଉଥିବା ୩ ଜଣଙ୍କ ମଧ୍ୟରୁ ୩ ଜଣଙ୍କ ମୃତ୍ୟୁ ଘଟିଛି। ୩ ଜଣଙ୍କୁ ଗୁରୁତର ଅବସ୍ଥାରେ ଯୋଡ଼ାସ୍ଥିତ ଟାଟା ଷ୍ଟିଲ୍ ଡାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି। ମୃତକ ହେଲେ ଝୁମ୍ପୁରା ବ୍ଲକ୍ କୁଞ୍ଜୁରାଡିହିର ବିଜୟ ମୁଣ୍ଡା, ବାମେବାରୀ ଥାନା ଅଧୀନ ଯୋଡ଼ିବାହାଳ ଅଞ୍ଚଳର ମୋହନ ଓ ମାସି ବୋଲି ଜଣାପଡ଼ିଛି। ଗୁରୁତରଙ୍କ ପରିଚୟ ମିଳିପାରିନାହିଁ। ପ୍ରକାଶ ଯେ, ୨ ବାଇକ୍ (ନଂ. ଓଡି ୦୯ ଏଡି ୫୭୮୯ ଏବଂ ଓଡି ୦୯ ଜି ୭୬୨୦)ରେ ୩ ଜଣ ଲେଖାଏ ବସି ଯୋଡ଼ାରୁ ବଡ଼ବିଲ ଅଭିମୁଖେ ଯାଉଥିଲେ। ଯୋଡ଼ା ଫ୍ଲାଏ ଓଭରର ଆପ୍ରୋଚ ରୋଡ୍ ନିକଟରେ ଏକ ଲୁହାପଥର ବୋଝେଇ ହାଇୱା ସେମାନଙ୍କୁ ଧକ୍କା ଦେଇ ଚାଲିଯାଇଥିଲା।

ଆଜି କ'ଣ କେଉଁଠି

ଭୁବନେଶ୍ୱର

- ମିଶନ ଶକ୍ତି ବିଭାଗ ଓ ଓଏଲ୍‌ଏମ୍ ପକ୍ଷରୁ ରାଜ୍ୟସ୍ତରୀୟ କର୍ମଶାଳା, ସ୍ଥାନ: ମିଶନ ଶକ୍ତି ଭବନ, ପୋଖରୀପୁଟ, ସମୟ: ପୂର୍ବାହ୍ନ ୧୦ଟା ୧୫।
- ଓଡ଼ିଶା ଉର୍ଦ୍ଦୁ ଏକାଡେମୀ ପକ୍ଷରୁ ତ୍ରିଭାଷୀ କବି ସମ୍ମିଳନୀ, ସ୍ଥାନ: ସଂସ୍କୃତି ଭବନ, ସମୟ: ପୂର୍ବାହ୍ନ ୧୧ଟା।
- ନ୍ୟାଶନାଲ ଓମେନ୍ସ ବିଜିନେସ୍ ମେଳା ୨.୦ ପାଇଁ ଖବରଦାତା ସମ୍ମିଳନୀ, ସ୍ଥାନ: ଲାଇଫ୍ ହୋଟେଲ, ସମୟ: ଅପରାହ୍ନ ୫ଟା।
- ବିଜେଇଏମ୍ ସ୍କୁଲର ଅଭିଭାବକଙ୍କ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ବଡ଼ଗଡ଼ ଦୁର୍ଗା ମଣ୍ଡପ, ସମୟ: ଅପରାହ୍ନ ୫ଟା।
- ୨୩ତମ ଏକାମ୍ର ନୃତ୍ୟ ମହୋତ୍ସବ, ସ୍ଥାନ: ଉତ୍କଳ ରଙ୍ଗମଞ୍ଚ, ସମୟ: ସନ୍ଧ୍ୟା ୬ଟା।
- ଶତାବ୍ଦୀର କଳାକାର ପକ୍ଷରୁ ନାଟକ 'ବାଞ୍ଛାର ବଗିଚା', ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୪୫।
- ଶ୍ରୀ ଶ୍ରୀ ସିଦ୍ଧେଶ୍ୱର ରାମଲୀଳା ପ୍ରଚାର ସମିତି ଆନୁକୂଲ୍ୟରେ ରାମଲୀଳାର ପରିବେଷଣ ନାଟକ 'ମହିରାବଣ ବଧ, ରାବଣ ବଧ ଓ ଶ୍ରୀରାମଙ୍କ ଅଭିଷେକ' ସ୍ଥାନ: ଗାନ୍ଧୀ ଛକସ୍ଥିତ ରାମଲୀଳା ପଡ଼ିଆ ବଇଁଗୁଆ, ସମୟ: ରାତି ୧୧ଟା।
- ଶ୍ରୀ ଶ୍ରୀ ପତିତପାବନ ଦେବ ରାମଲୀଳା ନାଟ୍ୟ ପରିଷଦ ଆନୁକୂଲ୍ୟରେ ପରିବେଷଣ ରାମଲୀଳାର ନାଟକ 'ଲକ୍ଷ୍ମଣ ଶକ୍ତି ଭେଦ', ସ୍ଥାନ: ଶ୍ରୀ ପତିତପାବନ ମନ୍ଦିର ପରିସର ରାମଲୀଳା ପଡ଼ିଆ, କାକରୁଦ୍ରପୁର, ସମୟ: ରାତି ୧୧ଟା।
- ଶ୍ରୀ ଶ୍ରୀ ସୀତା ରାମେଶ୍ୱର ରାମଲୀଳା ଗୀତିନାଟ୍ୟ ସଂଘ ଆନୁକୂଲ୍ୟରେ ପରିବେଷଣ ନାଟକ 'ସେତୁବନ୍ଧ ପ୍ରତିଷ୍ଠା', ସ୍ଥାନ: ଶ୍ରୀ ସୀତା ରାମେଶ୍ୱର ମନ୍ଦିର ସମ୍ମୁଖ, ଗୋତଳବିନ୍ଧା, ସମୟ: ରାତି ୧୧ଟା ୩୦।
- ଶ୍ରୀ ଶ୍ରୀ ନୀଳକଣ୍ଠେଶ୍ୱର ରାମଲୀଳା ପ୍ରଚାର ସମିତି ଆନୁକୂଲ୍ୟରେ ରାମଲୀଳାର ପରିବେଷଣ ନାଟକ 'ତରଣୀସେନ ବଧ ଓ ବୀରବାହୁ ବଧ', ସ୍ଥାନ: ଶ୍ରୀରାମ ମନ୍ଦିର ସମ୍ମୁଖ ରାମଲୀଳା ପଡ଼ିଆ ବେଣୁପୁର, ସମୟ: ରାତି ୧୧ଟା ୩୦।

କଟକ

- ବ୍ଲକସ୍ତରୀୟ ଦିନଦୟାଲ ଉପାଧ୍ୟାୟ ନିଯୁକ୍ତି ମେଳା, ସ୍ଥାନ: ତିଗିରିଆ ବ୍ଲକ କାର୍ଯ୍ୟାଳୟ, ସମୟ: ସକାଳ ୯ଟା।

ଖୋର୍ଦ୍ଧା

- ଶିରିଡି ସାଇବାବାଙ୍କ ୧୮ତମ ବାର୍ଷିକ ଉତ୍ସବ ଅବସରରେ ଅଙ୍କୁରାରୋପଣ, ସ୍ଥାନ: ଟ୍ରାଫିକ କଲୋନୀ, ଜଟଣୀ, ସମୟ: ସନ୍ଧ୍ୟା ୭ଟା ୩୦।

ବାଲେଶ୍ୱର

- ବିଧାୟକଙ୍କ ଜନଶୁଣାଣି ଶିବିର, ସ୍ଥାନ: କଷାଫଳ ବାଟ୍ୟା ଆଶ୍ରୟସ୍ଥଳୀ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା ୩୦।

ଭଦ୍ରକ

- ଶ୍ରୀରାମ ଚନ୍ଦ୍ରଙ୍କ ଭବ୍ୟଆଳୟ, ଦିବ୍ୟ ବିଗ୍ରହ ପ୍ରତିଷ୍ଠା ଉତ୍ସବ, ସ୍ଥାନ: ବାଇପୁର, ବନ୍ତ, ସମୟ: ସକାଳ ୯ଟା।
- ପିଏମ୍‌ଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ: ବାସୁଦେବପୁର, ସମୟ: ଅପରାହ୍ନ ୪ଟା।

କେନ୍ଦୁଝର

- ମା' ଗ୍ରାମ ଦେବତୀ ମଙ୍ଗାଳଙ୍କ ପୀଠରେ ପୂଜାର୍ଚ୍ଚନା ଓ ଭଜନ କୀର୍ତ୍ତନ, ସ୍ଥାନ: ଆଡ଼ସୁଡିଆ, ଛେନାପଦି, ସମୟ: ସକାଳ ୭ ଟା ଓ ସନ୍ଧ୍ୟା ୬ ଟା।
- ମା' ମଙ୍ଗଳା ମନ୍ଦିରରେ ପୂଜାର୍ଚ୍ଚନା ଓ ଭଜନ କୀର୍ତ୍ତନ, ସ୍ଥାନ: ଶିଙ୍ଗଡ଼ୋବ, ଛେନାପଦି, ସମୟ: ସକାଳ ୭ ଟା ଓ ସନ୍ଧ୍ୟା ୬ ଟା।

ମୟୂରଭଞ୍ଜ

- ଅଣ ଆବାସିକ ଗ୍ରୀଷ୍ମକାଳୀନ ଫୁଟବଲ୍ ପ୍ରଶିକ୍ଷଣ ଶିବିର, ସ୍ଥାନ: ଷ୍ଟାଡିୟମ ପଡ଼ିଆ, ବାରିପଦା, ସମୟ: ସକାଳ ୮ଟା।
- ଆମେ-୮୦ ପକ୍ଷରୁ ଜଳସେବା, ସ୍ଥାନ: ପିଡବ୍ଲୁଡି ଅଫିସ ସମ୍ମୁଖ, ବାରିପଦା, ସମୟ: ସକାଳ ୯ଟା।
- ବେତନଟୀ ବ୍ଲକ ଅଧୀନ ରଘୁପୁର ପଞ୍ଚାୟତ ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ଭୋଟ, ସ୍ଥାନ: ରଘୁପୁର ପଞ୍ଚାୟତ ଅଫିସ, ସମୟ: ପୂର୍ବାହ୍ନ ୧୧ଟା।
- ଶିଶୁ ବିଦ୍ୟାମନ୍ଦିରରେ ତ୍ରିଦିବସୀୟ କର୍ମଶାଳା, ସ୍ଥାନ: ଉଦଳା ଶିଶୁ ବିଦ୍ୟାମନ୍ଦିର ପରିସର, ସମୟ: ଅପରାହ୍ନ ୨ଟା।

ବ୍ରହ୍ମପୁର

- ସିପିଆଇ(ଏମଏଲ)ରେଡ ଷ୍ଟାର ପକ୍ଷରୁ ବିକ୍ଷୋଭ, ସ୍ଥାନ: ପୁରୁଣା ବସଷ୍ଟାଣ୍ଡ, ସମୟ: ପୂର୍ବାହ୍ନ ୧୦ଟା।
- ଅବସରପ୍ରାପ୍ତ କର୍ମଚାରୀ ସଂଘର ଧାରଣା, ସ୍ଥାନ: ଆର୍‌ଡିସି କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଜାତୀୟ ନାଟ୍ୟ ଉତ୍ସବ ଉଦ୍‌ଘାଟନୀ, ସ୍ଥାନ: ସଂସ୍କୃତି ଭବନ, ସମୟ: ସନ୍ଧ୍ୟା ୬ଟା।

କନ୍ଧମାଳ

- ଜିଲା ସାମ୍ବାଦିକ ସଂଘର ବାର୍ଷିକୋତ୍ସବ, ସ୍ଥାନ: ଗାନ୍ଧୀସ୍ମୃତି ଭବନ, ସମୟ: ପୂର୍ବାହ୍ନ ୧୦ ଟା।

ଢେଙ୍କାନାଳ

- ପୋଖରୀ ସୁରକ୍ଷା ପାଇଁ ସୁରକ୍ଷା ସମିତିର ଜିଲାପାଳଙ୍କ ସହ ଆଲୋଚନା, ସ୍ଥାନ: ଜିଲା କାର୍ଯ୍ୟାଳୟ, ସମୟ: ସକାଳ ସାଢେ ୮ଟା।

ଅନୁଗୋଳ

- ଅନୁଗୋଳ ଜିଲା ମହୋତ୍ସବ ପାଇଁ ମଶାଲ ଶୋଭାଯାତ୍ରା, ସ୍ଥାନ: ଆଠମଲ୍ଲିକ ଦେଉଳଝରି ଶୈବପୀଠ, ସମୟ: ସକାଳ ୬ଟା ୩୦।
- ଅନୁଗୋଳ ଜିଲା ମହୋତ୍ସବ ମଶାଲ ପୂଜାର୍ଚ୍ଚନା, ସ୍ଥାନ: ଆଠମଲ୍ଲିକ ମାହେଶ୍ୱରୀ ମନ୍ଦିର, ସମୟ: ସକାଳ ୭ଟା ୩୦।

କେନ୍ଦ୍ରାପଡ଼ା

- ମେଡିକାଲ କଲେଜ ପ୍ରତିଷ୍ଠା ଦାବିରେ ଜିଲା କ୍ରୀୟାନୁଷ୍ଠାନ କମିଟି ପକ୍ଷରୁ ଗଣଧାରଣା, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ, କେନ୍ଦ୍ରାପଡ଼ା, ସମୟ: ସକାଳ ୮ଟା।

ନୟାଗଡ଼

- ବିଶ୍ୱ ହାସ୍ୟ ଦିବସ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ନୟାଗଡ଼ ମହର୍ଷି ସ୍କୁଲ ସମ୍ମୁଖ ପଡ଼ିଆ, ସମୟ: ଅପରାହ୍ନ ୫ଟା।
- ଐତିହାସିକ ଲଙ୍କାପୋଡ଼ ଯାତ୍ରାର ୧୭ତମ ଦିବସରେ ରାବଣ ବଧ, ସ୍ଥାନ: ଦଶପଲ୍ଲା ମହାବୀର କ୍ଷେତ୍ର, ସମୟ: ରାତି ୧୧ଟା।

ନବରଙ୍ଗପୁର

- କୋଷାଗୁମୁଡ଼ା ସରକାରୀ ଉଚ୍ଚବିଦ୍ୟାଳୟ ବାର୍ଷିକ ଉତ୍ସବ, ସ୍ଥାନ: ସ୍କୁଲ ପରିସର, ସମୟ: ସକାଳ ୭ଟା।
- ପୋଷଣ ପୋଖୱାଡା କାର୍ଯ୍ୟକ୍ରମ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।

କୋରାପୁଟ

- ନାଟ୍ୟ ମହୋତ୍ସବର ୬ଷ୍ଠ ସନ୍ଧ୍ୟା, ସ୍ଥାନ: ମୁକ୍ତାକାଶ ରଙ୍ଗମଞ୍ଚ ନାଲକୋ ଟାଉନଶିପ, ଦାମନଯୋଡି, ସମୟ: ସନ୍ଧ୍ୟା ୭ଟା ୩୦।

ସମ୍ବଲପୁର

- ଯୋଗ ପରିବାର ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ : ଗାନ୍ଧୀ ପାର୍କ, ସମୟ : ସକାଳ ୭ଟା।
- ଶ୍ରୀଶ୍ରୀ ପଣ୍ଡିତ ମହାସଭା ଆୟୋଜିତ ଶ୍ରୀଶ୍ରୀ ଶତଚଣ୍ଡି ମହାଯଜ୍ଞ ଶୁଭାରମ୍ଭ, ସ୍ଥାନ: ମନ୍ଦଲିଆ ସମଲେଶ୍ୱରୀ ମହାବିଦ୍ୟାଳୟ ପରିସର, ସମୟ: ସକାଳ ୮ଟା।
- ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘର ଆନ୍ଦୋଳନ, ସ୍ଥାନ : ମୋତିଝରଣ ସ୍ଥିତ ଡିଏଫଓ କାର୍ଯ୍ୟାଳୟ, ସମୟ : ସକାଳ ୯ଟା।

ରାଉରକେଲା

- ନିଃଶୁଳ୍କ ସ୍ୱାସ୍ଥ୍ୟ ପରାମର୍ଶ ଶିବିର, ସ୍ଥାନ: ମା' ବାଟମଙ୍ଗଳା ଶକ୍ତିପୀଠ, ସମୟ: ପୂର୍ବାହ୍ନ ୧୦ଟା।
- ଶ୍ରୀପଞ୍ଚଦେବ କଲଚରାଲ ଟ୍ରଷ୍ଟ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ଉଦିତନଗର ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ରାଜ୍ୟସ୍ତରୀୟ ନାଟ୍ୟ ମହୋତ୍ସବର ତୃତୀୟ ସନ୍ଧ୍ୟା, ସ୍ଥାନ: ସିଭିକ୍ ସେଣ୍ଟର, ସମୟ: ସନ୍ଧ୍ୟା ୭ଟା।

ବରଗଡ଼

- ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ମହୋତ୍ସବ, ସ୍ଥାନ: ଗୁରୋମୁଣ୍ଡା, ଗାଇସିଲେଟ୍, ସମୟ: ସକାଳ ୭ଟା।
- ଜିଲା ଉନ୍ନୟନ ସମନ୍ୱୟ ଓ ନିରୀକ୍ଷଣ କମିଟିର ସଭା, ସ୍ଥାନ: ସମ୍ମିଳନୀ କକ୍ଷ, ଜିଲା ପରିଷଦ, ବରଗଡ଼, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଓଡ଼ିଶା ଖାଦ୍ୟ ଆୟୋଗଙ୍କ ସମୀକ୍ଷା ବୈଠକ, ସ୍ଥାନ: ପଞ୍ଚାୟତ ସମିତି କକ୍ଷ, ସୋହେଲା, ସମୟ: ପୂର୍ବାହ୍ନ ୧୧ଟା।
- ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ: ଧୂମାଭଟା(ଲଖମରା), ପଦ୍ମପୁର, ସମୟ: ସନ୍ଧ୍ୟା ୫ଟା ୩୦।

ବୌଦ୍ଧ

- ବୌଦ୍ଧ ରାମଲୀଳା ନାଟ୍ୟ ସଂସଦ ପକ୍ଷରୁ ରାମଲୀଳା ଯାତ୍ରାର ସପ୍ତଦଶ ଦିବସ ନାଟକ ନରାନ୍ତକ ବଧ, ସ୍ଥାନ: ରଘୁନାଥ ମନ୍ଦିର ପ୍ରାଙ୍ଗଣ ପଡିଆ, ବୌଦ୍ଧ, ସମୟ: ରାତି ୯ଟା।

ଦେବଗଡ଼

- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ସମୂହ ହନୁମାନ ଚାଳିଶା ପାଠ, ସ୍ଥାନ: ଗୋପାଳଜୀ ମନ୍ଦିର, ହନୁମାନ ବାଟିକା, ପୁରୁଣାଗଡ଼ ମଞ୍ଚମୁଖୀ ହନୁମାନ ମନ୍ଦିର, ଦେବଗଡ଼ ସହର, ସମୟ: ସନ୍ଧ୍ୟା ୭ଟା।

ସୁବର୍ଣ୍ଣପୁର

- ତରଭା ଶନିଶ୍ଚର ମନ୍ଦିରରେ ପ୍ରତିଷ୍ଠା ଉତ୍ସବ ଓ ଅଷ୍ଟ ପ୍ରହର ନାମଯଜ୍ଞ, ସ୍ଥାନ: ଶନି ମନ୍ଦିର ପ୍ରାଙ୍ଗଣ, ସମୟ: ସକାଳ ୯ଟା।
- ସୁବର୍ଣ୍ଣପୁର ମା' ସୁରେଶ୍ୱରୀ ମନ୍ଦିରରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ଓ ସନ୍ଧ୍ୟା ଆଳତି, ସ୍ଥାନ: ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ଟା ୧୫।
- ତରଭା ମା' ପାଟ ମାହେଶ୍ୱରୀ ମନ୍ଦିରରେ ବିଶେଷ ପୂଜାର୍ଚ୍ଚନା ଓ ମଙ୍ଗଳ ଆଳତୀ, ସ୍ଥାନ: ମନ୍ଦିର ପ୍ରାଙ୍ଗଣ, ସମୟ: ସନ୍ଧ୍ୟା ୬ଟା ୩୦।

ନୂଆପଡ଼ା

- ଷୋହଳପ୍ରହର ଅଖଣ୍ଡ ନାମଯଜ୍ଞ ନାମଧାରଣ ଓ ଆଳତି, ସ୍ଥାନ: ଖଡିଆଳ ବ୍ଲକ ଗଡ଼ାମୁଣ୍ଡା ଗାଁ, ସମୟ: ପ୍ରାତଃ ୫ଟା ୧୫।
- ନୂଆପଡ଼ା ଜିଲା ଗଠନର ମୁଖ୍ୟ ପୁରୋଧା ସ୍ୱର୍ଗତ ଘାସିରାମ ମାଝିଙ୍କ ତିରୋଧାନ ଦିବସ ପାଳନ, ସ୍ଥାନ: ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ନୂଆପଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ଷୋହଳପ୍ରହର ଅଖଣ୍ଡ ନାମଯଜ୍ଞ ନାମ ଧାରଣ ଆବ୍ୟାହତ, ସ୍ଥାନ: କୋମନା ବ୍ଲକ ବିରୁନପଦର ଗାଁ, ସମୟ: ପ୍ରାତଃ ୫ଟା ୩୦।
- ଷୋହଳପ୍ରହର ଅଖଣ୍ଡ ନାମଯଜ୍ଞ ଉପଲକ୍ଷେ କଳସ ଶୋଭାଯାତ୍ରା ଓ ଅଧିବାସ, ସ୍ଥାନ: ନୂଆପଡ଼ା ସଦର ବ୍ଲକ କୋଦୋମେରୀ ଗାଁ, ସମୟ: ଅପରାହ୍ନ ୪ଟା।

ଝାରସୁଗୁଡ଼ା

- ରନ୍ତୁଶ୍ରାବଜନିତ କିଟ ବଣ୍ଟନ, ସ୍ଥାନ: ତିଲେଇ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ସମୟ: ସକାଳ ୮ଟା।
- ପଞ୍ଚ ଉପଚାର ପୂଜା ଓ ଚଳିଶାପଠନ, ସ୍ଥାନ: ସାହାପଡ଼ା ହନୁମାନ ମନ୍ଦିର, ସମୟ: ସକାଳ ୮ଟା।
- ସହସ୍ର ନାମ ପାଠ ଓ ପଞ୍ଚ ଉପଚାର ପୂଜା, ସ୍ଥାନ: ବେହେରାମାଲ ଦୁର୍ଗା ମନ୍ଦିର, ସମୟ: ସକାଳ ୮ଟା।

ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

ମେଷ

ଆଜି ବହୁଦିନରୁ ଭଲ ସମ୍ପର୍କ ଥିବା ବନ୍ଧୁଙ୍କ ସହ ମନୋମାଳିନ୍ୟ ଘଟିବା ସୂଚନା ରହିଛି। ବୃହସ୍ପତିଙ୍କ ପ୍ରଭାବରୁ ନୂଆ ଯୋଜନାଟିଏ କରିବା ସକାଶେ ମନ ବଳାଇପାରନ୍ତି। ପୂର୍ବ ସ୍ଥିରୀକୃତ ପ୍ରଦ୍ୟୁମ୍ନ ଯାତ୍ରା ଆଜି ଆକସ୍ମିକ ସମସ୍ୟା କାରଣରୁ ସ୍ଥଗିତ ରହିପାରେ। ନିକଟ ସମ୍ପର୍କୀୟମାନଙ୍କ ଉପରେ ଭରସାକରି କୌଣସି କାମ କରିପାରିବେ ନାହିଁ।

ବୃଷ

ଆପଣ ଯାହା ପାଇଁ କଷ୍ଟ ସ୍ୱୀକାରକରି ସାହାଯ୍ୟ କରିଥିଲେ ସେହି ବ୍ୟକ୍ତି ହିଁ ଆପଣଙ୍କ ଶତ୍ରୁ ସାଜିପାରେ। ବିନା କାରଣରେ ଘରର ସଦସ୍ୟମାନେ ଆପଣଙ୍କ ଉପରେ ବିରକ୍ତ ହୋଇପାରନ୍ତି। କର୍ମକ୍ଷେତ୍ରରେ ପ୍ରତ୍ୟେକ ପ୍ରତିବନ୍ଧକକୁ ଦୃଢ଼ତାର ସହ ସମ୍ମୁଖୀନ ହୋଇ କାମ କରିବେ। ସଙ୍କଟ ସ୍ଥିତିରେ ପଡ଼ୋଶୀ ସହାୟତା ଆଶା କରିପାରନ୍ତି।

ମିଥୁନ

ଉଚ୍ଚସ୍ଥ ରବିଙ୍କ କାରଣରୁ ରାଜକୀୟ ସମ୍ମାନ, ପ୍ରଶାସନିକ ଅଧିକାର ସାଙ୍ଗକୁ ବୁଦ୍ଧିଜୀବୀଙ୍କ ସାନ୍ନିଧ ଲାଭକରିବେ। କର୍ମକ୍ଷେତ୍ରରେ ସହକର୍ମୀମାନେ ଅତିଷ୍ଠହୋଇ ବିଭିନ୍ନ ସମସ୍ୟା ସୃଷ୍ଟି କରିପାରନ୍ତି। ବ୍ୟବସାୟରେ ଟଙ୍କା ପଇସାକୁ କେନ୍ଦ୍ରକରି କଳହ ଆଶଙ୍କା ରହିଛି। ପାରିବାରିକ ସମର୍ଥନରେ ନୂତନ ଯୋଜନାରମ୍ଭ କରିପାରନ୍ତି।

କର୍କଟ

ପାରିବାରିକ ଓ କର୍ମକ୍ଷେତ୍ରର ସମସ୍ୟା ବିଷୟ ଚିନ୍ତାକରି ମନରେ ଅସ୍ଥିରତା ସୃଷ୍ଟିହେବ। ନିଜେ ଅସୁବିଧାରେ ଚଳୁଥିଲେ ମଧ୍ୟ ବନ୍ଧୁଙ୍କ କାମରେ ଯଥାସାଧ୍ୟ ସାହାଯ୍ୟ କରିପାରନ୍ତି। ପରିବାର ସଦସ୍ୟଙ୍କ ସ୍ୱାସ୍ଥ୍ୟ ସମସ୍ୟା ଯୋଗୁ ମାନସିକ ସୁସ୍ଥତା ବ୍ୟାହତ ହେବ। କୌଣସି ଜିନିଷ କିଣିବା ପାଇଁ ଆପଣଙ୍କ ଇଚ୍ଛା ନ ଥାଇ ମଧ୍ୟ ବାଧ୍ୟହୋଇପାରନ୍ତି।

ସିଂହ

ପରିସ୍ଥିତିରେ ପଡ଼ି ଖର୍ଚ୍ଚାନ୍ତ ହେବେ ଏବଂ ବନ୍ଧୁଙ୍କ ଡାକରା ପାଇ ଯାତ୍ରା କରିବାକୁ ପଡ଼ିପାରେ। କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ଆଶ୍ୱସ୍ତି ସୂଚକ କଥା ଶୁଣି ମନ ହାଲୁକା ହୋଇଯିବ। ଅନ୍ୟକୁ ସାହାଯ୍ୟ କରିବାକୁ ଯାଇ ନିଜ କାମଟି ଅଟକି ରହିଯିବାରୁ ଘରୁ ଅଭିଯୋଗ ପାଇପାରନ୍ତି। ବାଣିଜ୍ୟ ସାଙ୍ଗକୁ କଚେରି ମାମଲା ଟେନ୍‌ସନଯୁକ୍ତ ରହିବ।

କନ୍ୟା

ବନ୍ଧୁ କୌଣସି ଜିନିଷ ଦେବା ପାଇଁ ପ୍ରତିଶ୍ରୁତି ଦେଇ ଶେଷରେ ମନା କରିଦେଇପାରନ୍ତି। ମୂଲ୍ୟବାନ୍ ଜିନିଷ କିଣିବା ସକାଶେ ଯୋଜନାକରି ଶେଷରେ ନିରାଶ ହୋଇପାରନ୍ତି। ସମସ୍ୟା ଥିବା ଘଟଣାରେ ମୁଣ୍ଡ ନ ପୂରାଇବା ଭଲ। ବ୍ୟବସାୟ, ପରିବହନ, ମାଲି ମକଦ୍ଦମା, ରାଜନୀତି, ସଙ୍ଗଠନରେ କ୍ରମଶଃ ଉନ୍ନତି କରିବେ।

ତୁଳା

ଆଜି କାମ ସହଜରେ ହାସଲ କରି ନ ପାରନ୍ତି। ଅନ୍ୟମାନଙ୍କ କାର୍ଯ୍ୟକଳାପ ମନକୁ ନ ପାଇଲେ ମଧ୍ୟ କିଛି କରିବାର ଉପାୟ ପାଇବେ ନାହିଁ। ଶିଳ୍ପ, ବାଣିଜ୍ୟ ଓ ପରିବହନରେ ସମସ୍ୟା ସମାଧାନ ହୋଇଯିବ। ସାମାଜିକ ସ୍ତରରେ ପରୋକ୍ଷ ଶତ୍ରୁତା କାମ ହାସଲ କରିବାରେ ସାମୟିକ ବାଧା ସୃଷ୍ଟି କରିପାରେ।

ବିଛା

ବନ୍ଧୁଙ୍କୁ ଦେଇଥିବା ଅର୍ଥକୁ ନେଇ ବିବାଦ ଲାଗିପାରେ। କୌଣସି ମନ୍ତବ୍ୟକୁ କେନ୍ଦ୍ରକରି ଅଭିଯୋଗର ସମ୍ମୁଖୀନ ହୋଇପାରନ୍ତି। ବିଭିନ୍ନ କୌଶଳ ଅବଲମ୍ବନକରି ଆଶା ପୂରଣ ଲାଗି ଚେଷ୍ଟା କରିବେ। ସାହିତ୍ୟ, ସଂଗୀତ, କ୍ରୀଡ଼ା ଓ ଚଳଚ୍ଚିତ୍ରରେ ସୁନାମ ଅର୍ଜନ କରିବେ। ବିଶ୍ୱାସର ସହ କାମ କଲେ ବନ୍ଧୁମାନଙ୍କ ସାହାଯ୍ୟ ସହଯୋଗର ଅଭାବ ରହିବ ନାହିଁ।

ଧନୁ

ଆପଣଙ୍କ କାର୍ଯ୍ୟଦକ୍ଷତା ଓ ସମୟାନୁବର୍ତ୍ତିତା ଯୋଗୁ କର୍ମକ୍ଷେତ୍ରରେ ପ୍ରଶଂସା ଓ ପ୍ରୋତ୍ସାହନ ପାଇ ମନୋବଳ ବୃଦ୍ଧିପାଇବ। ଆନୁଷ୍ଠାନିକ କାମର ପ୍ରସ୍ତୁତିରେ ବ୍ୟତିକ୍ରମ ଜନିତ ବିଚଳିତ ରହିବା ଆଶଙ୍କା ରହିଛି। ବିବାଦୀୟ ଘଟଣାରେ ନୀରବ ରହିଯିବା ଏକ ପ୍ରକାର ଭଲ ହେବ। ଅତୀତ କଥାକୁ କେନ୍ଦ୍ରକରି ନିଜ ନିଜ ଭିତରେ ଟଣାଓଟରା ଲାଗିପାରନ୍ତି।

ମକର

ସ୍ୱାସ୍ଥ୍ୟ ଖରାପ ନ ଥିଲେ ମଧ୍ୟ ପୁରୁଣା ରୋଗ ଦୁଶ୍ଚିନ୍ତାର କାରଣ ହେବ। କ୍ରୀଡ଼ା, ସଙ୍ଗୀତଚର୍ଚ୍ଚା, ସାହିତ୍ୟ, ସାମ୍ବାଦିକତା ଓ ଚଳଚ୍ଚିତ୍ର କ୍ଷେତ୍ରରେ ସମସ୍ୟା ସମାଧାନ ହୋଇଯିବ। ଭଲ କଥା କହିଲେ ମଧ୍ୟ ବନ୍ଧୁ ତାହାକୁ ଭୁଲ୍ ବୁଝି ଓଲଟି ଦୋଷାରୋପ କରିପାରନ୍ତି। ଭୁଲ୍ ବୁଝାମଣା ଯୋଗୁ ପରିବାର ଭିତରେ ଅଶାନ୍ତ ପରିସ୍ଥିତି ସୃଷ୍ଟିହେବ।

କୁମ୍ଭ

ମନ ଭଲ ନ ଥିଲେ ମଧ୍ୟ ହାତରେ ଥିବା କାମ କରିବାକୁ ବାଧ ହେବେ। ପାରିବାରିକ ଶୃଙ୍ଖଳା ରକ୍ଷା କରିବାକୁ ଯାଇ ବହୁ କଷ୍ଟ ସ୍ୱୀକାର କରିବାକୁ ପଡ଼ିପାରେ। ଆଲୋଚନା ପରିସରରେ କେତେକ କଥା ଜାଣିଶୁଣି ମଧ୍ୟ ନୀରବ ରହିବାକୁ ବାଧ୍ୟ ହୋଇପାରନ୍ତି। ଯାତ୍ରା ସମୟରେ କୌଣସି ବ୍ୟକ୍ତିଙ୍କ ସହାୟତାରୁ ଉପକୃତହେବା ସୂଚନା ରହିଛି।

ମୀନ

କର୍ମକ୍ଷେତ୍ରରେ ପ୍ରତିକୂଳ ପରିସ୍ଥି

ନାଇଟ୍ କ୍ଲବ୍ ବାଉନ୍ସରରୁ କାଥୋଲିକ୍ ଧର୍ମଗୁରୁ

ନୂଆଦିଲ୍ଲୀ,୨୧।୪

ଦୀର୍ଘଦିନ ହେଲା ଅସୁସ୍ଥ ଥିବା ପୋପ୍ ଫ୍ରାନ୍ସିସ୍‌ଙ୍କର ସୋମବାର ୮୮ ବର୍ଷ ବୟସରେ ପରଲୋକ ହୋଇଯାଇଛି। ପୋପ୍ ଭାବେ ଅଧିଷ୍ଠିତ ହେବା ଏବଂ ଫ୍ରାନ୍ସିସ୍ ନାମ ଗ୍ରହଣ କରିବା ପୂର୍ବରୁ ତାଙ୍କ ନାମ ଜର୍ଜ ମାରିଓ ବେର୍ଗୋଗ୍ଲିଓ ଥିଲା। ୧୯୩୬ ଡିସେମ୍ବର ୧୭ରେ ଆର୍ଜେଣ୍ଟିନାର ବୁଏନ୍ସ ଏୟାର୍ସରେ ତାଙ୍କର ଜନ୍ମ। ତାଙ୍କ ବାପା ମାରିଓ ଜୋସ୍ ବେର୍ଗୋଗ୍ଲିଓ ଇଟାଲୀର ଜଣେ ଆକାଉଣ୍ଟାଣ୍ଟ ହୋଇଥିବାବେଳେ ମାଆ ରେଗିନା ମାରିଆ ସିଭୋରି ଜଣେ ଇଟାଲୀୟ ପ୍ରବାସୀଙ୍କ ଝିଅ। କାଥୋଲିକ୍ ଚର୍ଚ୍ଚର ନେତୃତ୍ୱ ନେବାର ବହୁ ପୂର୍ବରୁ ଜର୍ଜ ମାରିଓ ବେର୍ଗୋଗ୍ଲିଓ ଏକ ନାଇଟ୍‌କ୍ଲବ୍‌ର ବାଉନ୍ସର ଭାବେ କାର୍ଯ୍ୟ କରିବା ସହ ଜଣେ ଚୌକିଦାର, କେମିକାଲ ଟେକ୍‌ନିସିଆନ୍ ଏବଂ ହାଇସ୍କୁଲ୍ ଶିକ୍ଷକ ଭାବେ କାର୍ଯ୍ୟ କରିଥିଲେ। ବାଉନ୍ସର ଭାବେ ସେ କେତେଦିନ କାର୍ଯ୍ୟ କରିଥିଲେ, ତାହା ଜଣାଇ ନ ଥିଲେ। ତେବେ ଭାଷା ଏବଂ ମନସ୍ତତ୍ତ୍ୱରେ ଶିକ୍ଷାଦାନ ତାଙ୍କୁ ଚର୍ଚ୍ଚର ଲୋକଙ୍କ ସମର୍ଥନ ହାସଲ କରିବାରେ ସହାୟକ ହୋଇଥିଲା ବୋଲି ଭାଟିକାନ୍‌ର ଏକ ଖବରକାଗଜ ରିପୋର୍ଟରୁ ଜଣାପଡ଼ିଛି। ପାଦ୍ରୀ ହେବା ପୂର୍ବରୁ ସେ ରସାୟନରେ ଶିକ୍ଷାଲାଭ କରିବା ସହ ପ୍ରଯୁକ୍ତି କ୍ଷେତ୍ରରେ ଡିପ୍ଲୋମା କରିଥିଲେ।


ପୋପ୍ ଫ୍ରାନ୍ସିସ

ହଠାତ୍ ତାଙ୍କ ହୃଦୟରେ ଏକ ପରିବର୍ତ୍ତନ ଆସିଥିଲା, ଯାହା ତାଙ୍କୁ ଆଧ୍ୟାତ୍ମିକତା ଆଡ଼କୁ ନେଇଯାଇଥିଲା। ଜଣେ ପାଦ୍ରୀଙ୍କୁ ଭେଟିବା ପରେ ତାଙ୍କ ଜୀବନରେ ଏହି ପରିବର୍ତ୍ତନ ଆସିଥିଲା ଏବଂ ପାଦ୍ରୀତ୍ୱ ଗ୍ରହଣ କରିବା ଲାଗି ତାଙ୍କୁ ଆହ୍ୱାନ ଆସୁଥିବା ସେ ଅନୁଭବ କରିଥିଲେ। ସେ ଆମେରିକାର ପ୍ରଥମ ପୋପ୍ ହେବା ସହ ଏହି ଭାର ଗ୍ରହଣ କରିବାରେ ଯିଶୁ ସୋସାଇଟିର ପ୍ରଥମ ସଦସ୍ୟ ଏବଂ ସେଣ୍ଟ ଫ୍ରାନ୍ସିସ୍ ଅଫ୍ ଆସିସିଙ୍କ ଦ୍ୱାରା ଅନୁପ୍ରାଣିତ ହୋଇ ଫ୍ରାନ୍ସିସ୍ ନାମ ଗ୍ରହଣ କରିବାରେ ପ୍ରଥମ।

୨୦୧୩ରେ ପୋପ୍ ଭାବେ ନିର୍ବାଚିତ ହେବା ପୂର୍ବରୁ ସେ ଆର୍କବିଶପ୍ ଅଫ୍ ବୁଏନ୍ସ ଏୟାର୍ସର କାର୍ଡିନାଲ ଭାବେ କାର୍ଯ୍ୟ କରୁଥିଲେ। ବହୁ ଶତାବ୍ଦୀ ପରେ ସେ ପ୍ରଥମ ଅଣୟୁରୋପୀୟ ପୋପ୍ ହୋଇଥିଲେ। ଏହା ପୂର୍ବରୁ ୭୩୧ରୁ ୭୪୧ ପର୍ଯ୍ୟନ୍ତ ସିରିଆର ଗ୍ରେଗୋରି ତୃତୀୟ ରୋମାନ କାଥୋଲିକ୍ ଚର୍ଚ୍ଚର ମୁଖ୍ୟ ରହିଥିଲେ।

କିପରି ହୁଏ ନୂଆ ପୋପ୍ ନିର୍ବାଚନ

୧୪୦ କୋଟି କାଥୋଲିକ୍‌ଙ୍କର ଧର୍ମୀୟ ମୁଖ୍ୟ ଥିବା ପୋପ୍ ଫ୍ରାନ୍ସିସଙ୍କ ପରଲୋକ ପରେ ଭାଟିକାନ୍ ନେତୃତ୍ୱବିହୀନ ହୋଇଛି। ନୂଆ ନେତା ନିର୍ବାଚନ ହେବା ପର୍ଯ୍ୟନ୍ତ ଏହା ଏକ ଅନ୍ତରାଳ ସମୟ ମଧ୍ୟରେ ଗତି କରିବ। କାମେରଲେଙ୍ଗୋ (ଭାଟିକାନ୍‌ର ସମ୍ପତ୍ତି ଓ ରାଜସ୍ୱ ପ୍ରଶାସକ) ପ୍ରଥମେ ତାଙ୍କ ମୃତ୍ୟୁକୁ ଯାଞ୍ଚ କରିବେ। ଏଥିପାଇଁ ସେ ପୋପ୍‌ଙ୍କ ନାମକୁ ୩ ଥର ଡାକିବେ। ଯଦି କୌଣସି ଉତ୍ତର ନ ଆସେ ତେବେ ସେ ମୃତ ବୋଲି ଘୋଷଣା କରାଯିବ। ପୋପ୍‌ଙ୍କ ମୃତ୍ୟୁ ପରେ ଏକ ଛୋଟ ରୁପା ହାତୁଡ଼ିରେ ତାଙ୍କ କପାଳରେ ମୃଦୁ ଆଘାତ ଦିଆଯାଉଥିଲା। ଏହି ପରମ୍ପରାକୁ ୧୯୬୩ରେ ଉଠାଇ ଦିଆଯାଇଥିଲା। ପୋପ୍ ମୃତ୍ୟୁ ଘୋଷିତ ହେବା ପରେ କାମେରଲେଙ୍ଗୋଙ୍କ ଦ୍ୱାରା ପାପାଲ ଆପାର୍ଟମେଣ୍ଟକୁ ବନ୍ଦ କରିଦିଆଯିବ। ଏହା ପରେ ଫିସରମ୍ୟାନ୍‌ଙ୍କ ରିଙ୍ଗ୍ ଏବଂ ପୋପ୍‌ଙ୍କ ସିଲ୍‌କୁ ଭଙ୍ଗାଯିବାର ଆୟୋଜନ ହେବ। ଏହା ପୋପ୍‌ଙ୍କ ଶାସନ ଅନ୍ତ ହେବାର ପ୍ରତୀକ। ପରଲୋକର ୪ରୁ ୬ ଦିନ ମଧ୍ୟରେ ପୋପ୍‌ଙ୍କ ଅନ୍ତ୍ୟେଷ୍ଟିକ୍ରିୟା ଅନୁଷ୍ଠିତ ହେବ। ଏହା ପରେ ତାଙ୍କ ମରଶରୀରକୁ ସେଣ୍ଟ ପିଟର୍ସ ବାସିଲିକା କିମ୍ବା ତାଙ୍କ ପୂର୍ବ ଇଚ୍ଛା ଅନୁଯାୟୀ ଅନ୍ୟତ୍ର ସମାଧି ଦିଆଯିବା ସହ ୯ ଦିନିଆ ଶୋକ ପାଳନ ହେବ।

ପୋପ୍‌ଙ୍କ ମୃତ୍ୟୁର ୧୫ରୁ ୨୦ ଦିନ ମଧ୍ୟରେ ପରବର୍ତ୍ତୀ ପୋପ୍ ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହେବ। ଏହି ଗୋପନ ପ୍ରକ୍ରିୟା ପାଇଁ ୮୦ ବର୍ଷରୁ କମ୍ ବୟସର କାର୍ଡିନାଲମାନେ ଭାଟିକାନ୍‌ରେ ଏକତ୍ର ହେବେ। ସେମାନଙ୍କୁ ସିଷ୍ଟାଇନ ଚାପେଲ୍‌ରେ ବନ୍ଦ କରି ରଖାଯିବା ସହ ବାହାର ଦୁନିଆ ସହ ଯୋଗାଯୋଗ ବିଚ୍ଛିନ୍ନ କରିଦିଆଯିବ। ନୂଆ ପୋପ୍ ନିର୍ବାଚନରେ ଭାରତରୁ ୪ ଜଣ କାର୍ଡିନାଲ ସାମିଲ ହେବେ। ସେମାନେ ହେଲେ ଜର୍ଜ ଜାକୋବ କୁଭାକାଡ୍, ଫିଲିପେ ନେରି ଆଣ୍ଟୋନିଓ ସେବାଷ୍ଟିଓ ଡୋ ରୋସାରିଓ ଫେରାଓ, ଆଣ୍ଟୋନୀ ପୁଲା ଏବଂ ବାସେଲିଓସ୍ କ୍ଲିମିସ୍ ଥୋଟ୍ଟୁଙ୍କଲ। ପ୍ରାର୍ଥୀ ଦୁଇତୃତୀୟଂଶ ସଂଖ୍ୟାଗରିଷ୍ଠତା ହାସଲ କରିବା ପର୍ଯ୍ୟନ୍ତ ସେମାନେ ଏକାଧିକ ଥର ଭୋଟ ଦେବେ। ପ୍ରତ୍ୟେକ ଭୋଟ ପରେ ବାଲଟକୁ ଜାଳିଦିଆଯିବ। ଭାଟିକାନ୍‌ରୁ କଳାଧୂଆଁ ଉଠିଲେ, ନିଷ୍ପତ୍ତି ହୋଇପାରି ନ ଥିବା ସଙ୍କେତ ମିଳିଥାଏ ଏବଂ ଧଳା ଧୂଆଁ ଉଠିଲେ ନୂଆ ପୋପ୍ ନିର୍ବାଚିତ ହୋଇଥିବା ଜଣାପଡ଼ିଥାଏ। ନିର୍ବାଚିତ ନୂଆ ନେତା ପୋପ୍ ପଦ ଗ୍ରହଣ କରିବାକୁ ଆନୁଷ୍ଠାନିକ ଭାବେ ରାଜି ହେବା ପରେ ନିଜ ପାଇଁ ନୂଆ ନାଁ ବାଛିବାକୁ କୁହାଯିବ। ଏହା ପରେ ସେଣ୍ଟ ପିଟର୍ସ ବାସିଲିକା ବାଲ୍‌କୋନିରୁ ବରିଷ୍ଠ କାର୍ଡିନାଲ ଡିକନ୍ ଲାଟିନ୍ ଭାଷାରେ 'ହାବେମସ୍ ପାପାମ୍' (ଆମେ ପୋପ୍ ପାଇଲୁ) ବୋଲି ଘୋଷଣା କରିବେ। ସେଣ୍ଟ ପିଟର୍ସ ସ୍କୋୟାରରେ ନୂଆ ପୋପ୍ ଲୋକମାନଙ୍କୁ ଅଭିନନ୍ଦନ ଜଣାଇବେ ଓ ପ୍ରଥମ ଆଶୀର୍ବାଦ ଦେବେ।

'ଘୃଣା ରାଜନୀତିରେ ବିଶ୍ୱାସ ରଖେନାହିଁ'

ନିଶିକାନ୍ତ ଦୁବେଙ୍କୁ ଜବାବ ଦେଲେ କୁରେଶୀ

ଏସ୍. ୱାଇ କୁରେଶୀ

ନୂଆଦିଲ୍ଲୀ, ୨୧।୪

ଭାଜପା ଏମ୍‌ପି ନିଶିକାନ୍ତ ଦୁବେ ସମ୍ପ୍ରତି ନିଜର ବିବାଦୀୟ ବୟାନକୁ ନେଇ ଚର୍ଚ୍ଚାରେ ରହିଛନ୍ତି। ରବିବାର ସେ ପୂର୍ବତନ ମୁଖ୍ୟ ନିର୍ବାଚନ କମିଶନର (ସିଇସି) ଏସ୍. ୱାଇ କୁରେଶୀଙ୍କୁ ଟାର୍ଗେଟ କରି କହିଥିଲେ, କୁରେଶୀ ନିର୍ବାଚନ କମିଶନର ନୁହେଁ ବରଂ ମୁସଲିମ କମିଶନର ଥିଲେ। ସୋମବାର କୁରେଶୀ ଏହି ଆକ୍ଷେପର ଜବାବ ରଖିଛନ୍ତି। ସେ ସୋସିଆଲ ମିଡିଆରେ ଏକ ପୋଷ୍ଟ ଶେୟାର କରି କହିଛନ୍ତି, ଭାରତରେ ସେ ଏପରି ବିଚାରକୁ ବିଶ୍ୱାସ କରନ୍ତି, ଯେଉଁଥିରେ କୌଣସି ବ୍ୟକ୍ତିଙ୍କୁ ତାଙ୍କ ଅବଦାନ ଦ୍ୱାରା ଚିହ୍ନଟ କରାଯାଇଥାଏ। ନିଶିକାନ୍ତଙ୍କୁ ଟାର୍ଗେଟ କରି ସେ କହିଛନ୍ତି, କିଛି ବ୍ୟକ୍ତି ନିଜ ଧାର୍ମିକ ପରିଚୟକୁ ବ୍ୟବହାର କରି ନିଜ ନିଜର ଘୃଣା ରାଜନୀତିକୁ ଚମକାଇବାରେ ବ୍ୟସ୍ତ ଅଛନ୍ତି। ଭାରତ ସବୁବେଳେ ନିଜର ସାମ୍ବିଧାନିକ ସଂସ୍ଥା ଓ ନୀତି ସହ ଠିଆ ହୋଇ ଆସିଛି ଏବଂ ଆଗକୁ ମଧ୍ୟ ଠିଆ ହୋଇରହିବ।

ସୁପ୍ରିମକୋର୍ଟଙ୍କ ମର୍ଯ୍ୟାଦା ରକ୍ଷା କରାଯାଉ

ଭାଜପା ଏମ୍‌ପିଙ୍କ ମନ୍ତବ୍ୟକୁ ନେଇ ଶୀର୍ଷ ଅଦାଲତଙ୍କ ଟିପ୍ପଣୀ

ନୂଆଦିଲ୍ଲୀ,୨୧।୪(ପି.ଟି.)

ଭାରତର ପ୍ରଧାନ ବିଚାରପତି (ସିଜେଆଇ)ଙ୍କ ବିରୋଧରେ ଭାଜପା ଏମ୍‌ପିଙ୍କ ମନ୍ତବ୍ୟକୁ ନେଇ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦିଷ୍ଟ ଶିଷ୍ଟାଚାର ଓ ମର୍ଯ୍ୟାଦା ବଜାୟ ରଖାଯାଉ ବୋଲି ସୋମବାର ସର୍ବୋଚ୍ଚ ଅଦାଲତ ଆହ୍ୱାନ ଦେଇଛନ୍ତି। ୱକ୍‌ଫ ସଂଶୋଧନ ଆଇନକୁ ନେଇ ପଶ୍ଚିମବଙ୍ଗ ମୁର୍ଶିଦାବାଦ ଜିଲାରେ ହିଂସାବେଳେ ଘୃଣିତ ବକ୍ତବ୍ୟ ଉପରେ ଆଇନଜୀବୀ ବିଶାଲ ତିୱାରୀ ଦାଏର କରିଥିବା ଜନସ୍ୱାର୍ଥ ମାମଲା (ପିଆଇଏଲ୍) ପ୍ରତ୍ୟାହାର କରିନେବାକୁ ଅନୁମତି ମାଗିବାରୁ ଜଷ୍ଟିସ୍ ସୂର୍ଯ୍ୟକାନ୍ତ ଏବଂ ଏନ୍. କୋଟିଶ୍ୱର ସିଂଙ୍କ ଖଣ୍ଡପୀଠ ଉପରୋକ୍ତ ଟିପ୍ପଣୀ ଦେଇଛନ୍ତି। ଯଦି ସର୍ବୋଚ୍ଚ ଅଦାଲତ ଆଇନ ପ୍ରଣୟନ କରନ୍ତି, ତେବେ ପାର୍ଲାମେଣ୍ଟ ଓ ରାଜ୍ୟ ବିଧାନସଭାଗୁଡ଼ିକ ବନ୍ଦ ହୋଇଯିବା ଆବଶ୍ୟକ ବୋଲି ଝାଡ଼ଖଣ୍ଡର ଭାଜପା ଏମ୍‌ପି ନିଶିକାନ୍ତ ଦୁବେ ମନ୍ତବ୍ୟ ଦେଇଥିଲେ। ଗୃହଯୁଦ୍ଧ ପାଇଁ ସେ ସିଜେଆଇ ସଞ୍ଜୀବ ଖାନ୍ନାଙ୍କୁ ଦାୟୀ କରିଥିଲେ। ଅଭିଯୋଗ ଆଣିବା ବେଳେ ଶୀର୍ଷ ଅଦାଲତଙ୍କ ଶିଷ୍ଟତା ଓ ମର୍ଯ୍ୟାଦା ବଜାୟ କରାଯିବା ଉଚିତ ବୋଲି ଖଣ୍ଡପୀଠ କହିଛନ୍ତି।

ପୂର୍ବତନ ଡିଜିପି ହତ୍ୟା ମାମଲାରେ ସ୍ତ୍ରୀ ଗିରଫ

ବେଙ୍ଗାଲୁରୁ,୨୧।୪

କର୍ଣ୍ଣାଟକର ପୂର୍ବତନ ପୋଲିସ ମହାନିର୍ଦ୍ଦେଶକ (ଡିଜିପି) ଓମ୍ ପ୍ରକାଶଙ୍କୁ ହତ୍ୟା ମାମଲାରେ ସୋମବାର ତାଙ୍କ ସ୍ତ୍ରୀ ପଲ୍ଲବୀ(୬୪)ଙ୍କୁ ଭାରତୀୟ ନ୍ୟାୟ ସଂହିତାର ବିଭିନ୍ନ ଦଫାରେ ଗିରଫ କରାଯାଇଛି। ଏହି ହାଇପ୍ରୋଫାଇଲ ହତ୍ୟାକାଣ୍ଡର ତଦନ୍ତ ଦାୟିତ୍ୱ ସେଣ୍ଟ୍ରାଲ କ୍ରାଇମବ୍ରାଞ୍ଚ୍‌କୁ ଦିଆଯାଇଛି। ୬୮ ବର୍ଷୀୟ ଆଇପିଏସ୍ ଅଫିସର ଓମ୍ ପ୍ରକାଶଙ୍କୁ ରବିବାର ସନ୍ଧ୍ୟାରେ ତାଙ୍କ ବାସଭବନରେ ଛୁରିଭୁସି ହତ୍ୟା କରାଯାଇଥିଲା। ପଲ୍ଲବୀ ଏହି ଘଟଣାରେ ମୁଖ୍ୟ ଅଭିଯୁକ୍ତ। ସେ ଓମ୍‌ପ୍ରକାଶଙ୍କୁ ମାରିବା ଲାଗି ପୂର୍ବରୁ ଧମକ ଦେଇଥିଲେ ବୋଲି ତାଙ୍କ ପୁଅ କାର୍ତ୍ତିକେଶ କହିଛନ୍ତି। ପଲ୍ଲବୀ ବିଭିନ୍ନ ପ୍ରକାର ମାନସିକ ବିକାରରେ ପୀଡ଼ିତ ଥିବା ଓ ଅନେକ ସମୟରେ ଓମ୍‌ପ୍ରକାଶଙ୍କ ସହ ମାରପିଟ କରୁଥିବା ତଦନ୍ତରୁ ଜଣାପଡ଼ିଛି। ରବିବାର ପଲ୍ଲବୀ ଓମ୍‌ପ୍ରକାଶଙ୍କ ଉପରକୁ ଲଙ୍କାଗୁଣ୍ଡ ପକାଇବା ପରେ ତାଙ୍କୁ ବାନ୍ଧିପକାଇଥିଲେ। ପରେ କାଚ ବୋତଲରେ ଆକ୍ରମଣ କରିବା ସହ ଏକାଧିକ ଥର ଛୁରିଭୁସି ହତ୍ୟା କରିଥିଲେ। ଅପରାଧ ସମ୍ପର୍କରେ ପଲ୍ଲବୀ ଅନ୍ୟ ଜଣେ ପୋଲିସଙ୍କ ସ୍ତ୍ରୀଙ୍କୁ କହିଥିବା ତଦନ୍ତରୁ ଜଣାପଡ଼ିଛି।

ମୋଦି–ଭାନ୍ସ ଆଲୋଚନାରେ ବାଣିଜ୍ୟକୁ ଗୁରୁତ୍ୱ

ନୂଆଦିଲ୍ଲୀ,୨୧।୪

ଆମେରିକା–ଚାଇନା ବାଣିଜ୍ୟ ଯୁଦ୍ଧକୁ ନେଇ ସାରା ବିଶ୍ୱ ଅନିଶ୍ଚିତତାର ସମ୍ମୁଖୀନ ହୋଇଥିବାବେଳେ ଚାରିଦିନିଆ ଭାରତ ଗସ୍ତରେ ଆସିଥିବା ଆମେରିକା ଉପରାଷ୍ଟ୍ରପତି ଜେ.ଡି. ଭାନ୍ସଙ୍କ ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କର ସୋମବାର ସନ୍ଧ୍ୟାରେ ରୁଦ୍ଧଦ୍ୱାର ବୈଠକ ଅନୁଷ୍ଠିତ ହୋଇଛି। ଭାରତୀୟ ସାମଗ୍ରୀ ଉପରେ ପୂର୍ବରୁ ଆମେରିକା ୧୦ ପ୍ରତିଶତ ଟାରିଫ୍ ଲଗାଇଥିବାବେଳେ ଏବେ ଡୋନାଲ୍ଡ ଟ୍ରମ୍ପ୍ ପ୍ରଶାସନ ଏହା ଉପରେ ୨୬ ପ୍ରତିଶତ ଜବାବୀ ଶୁଳ୍କ ଲଗାଇଥିଲା। ଏହାକୁ ୯୦ ଦିନ ସ୍ଥଗିତ ରଖାଯାଇଥିବାବେଳେ ସୋମବାର ଅନୁଷ୍ଠିତ ଦ୍ୱିପାକ୍ଷିକ ଆଲୋଚନାରେ ବାଣିଜ୍ୟକୁ ଗୁରୁତ୍ୱ ଦିଆଯାଇଛି। ବାଣିଜ୍ୟ ଚୁକ୍ତିନାମା ବୃତ୍ତାନ୍ତ କରିବା ଦିଗରେ ହୋଇଥିବା ଅଗ୍ରଗତିକୁ ଉଭୟ ନେତା ସ୍ୱାଗତ କରିଛନ୍ତି। ଏତଦ୍‌ବ୍ୟତୀତ ଶକ୍ତି, ପ୍ରତିରକ୍ଷା, ରଣନୈତିକ ପ୍ରଯୁକ୍ତି ଓ ଅନ୍ୟାନ୍ୟ କ୍ଷେତ୍ରରେ ସହଯୋଗ ବୃଦ୍ଧି ଦିଗରେ ଉଦ୍ୟମ ଜାରି ରହିବ ବୋଲି ସେମାନେ କହିଛନ୍ତି। ପାରସ୍ପରିକ ସ୍ୱାର୍ଥ ସହ ଜଡ଼ିତ ବିଭିନ୍ନ ଆଞ୍ଚଳିକ ଏବଂ ବୈଶ୍ୱିକ ପ୍ରସଙ୍ଗ ଉପରେ ମଧ୍ୟ ପ୍ରଧାନମନ୍ତ୍ରୀ ଓ ଆମେରିକା ଉପରାଷ୍ଟ୍ରପତି ମତ ବିନିମୟ କରିଥିଲେ। ଏକ ଆନନ୍ଦ ତଥା ଫଳପ୍ରଦ ଭାରତ ଗସ୍ତ ପାଇଁ ଭାନ୍ସ ଓ ତାଙ୍କ ସ୍ତ୍ରୀ ଏବଂ ପିଲାମାନଙ୍କୁ ମୋଦି ଶୁଭେଚ୍ଛା ଜଣାଇଥିଲେ। ଏଥିସହିତ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଉଦ୍ଦେଶ୍ୟରେ ପ୍ରଧାନମନ୍ତ୍ରୀ ଭବ୍ୟ ଅଭିନନ୍ଦନ ଜଣାଇବା ସହ ଚଳିତ ବର୍ଷ ଶେଷ ଭାଗରେ ସେ ଭାରତ ଗସ୍ତରେ ଆସିବାକୁ ଅପେକ୍ଷା ରହିଲା ବୋଲି କହିଥିଲେ। ଆଲୋଚନା ପରେ ଜେଡି ଭାନ୍ସ ଏବଂ ତାଙ୍କ ସ୍ତ୍ରୀ ତଥା ଭାରତୀୟ ବଂଶୋଦ୍ଭବ ସେକେଣ୍ଡ ଲେଡି ଉଷା ଭାନ୍ସଙ୍କ ସମ୍ମାନାର୍ଥେ ପ୍ରଧାନମନ୍ତ୍ରୀ ନୈଶଭୋଜିର ଆୟୋଜନ କରିଥିଲେ।

ଆମେରିକା ଉପରାଷ୍ଟ୍ରପତି ଜେ.ଡି. ଭାନ୍ସ ତାଙ୍କ ସ୍ତ୍ରୀ ଉଷା ଭାନ୍ସ ଓ ୩ ପିଲାଙ୍କ ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି।

ଆମେରିକା ସହ ବାଣିଜ୍ୟ ଚୁକ୍ତି କରୁଥିବା ଦେଶଗୁଡ଼ିକୁ ଚାଇନାର ଧମକ

ବେଜିଂ, ୨୧।୪

ଆମେରିକାର ବାଣିଜ୍ୟ ନୀତି ବିରୋଧରେ ଚାଇନା କଠୋର ଆଭିମୁଖ୍ୟ ଗ୍ରହଣ କରିଛି। ଚାଇନାର ସ୍ୱାର୍ଥ ବିରୋଧରେ ଯାଇ ଆମେରିକା ସହ ବାଣିଜ୍ୟ ଚୁକ୍ତି କରିବା ପାଇଁ ଚିନ୍ତା କରୁଥିବା ଦେଶଗୁଡ଼ିକୁ ଚାଇନା ଜବାବୀ କାର୍ଯ୍ୟାନୁଷ୍ଠାନର ଧମକ ଦେଇଛି। ଚାଇନା ବାଣିଜ୍ୟ ମନ୍ତ୍ରଣାଳୟର ଜଣେ ମୁଖପାତ୍ରଙ୍କ ପକ୍ଷରୁ ଏକ ବିବୃତି ଜାରି କରି କୁହାଯାଇଛି, ଅର୍ଥନୈତିକ କ୍ଷେତ୍ରରେ ପ୍ରାଧାନ୍ୟ ବିସ୍ତାର କରିବା ପାଇଁ ଆମେରିକା ଅନ୍ତର୍ଜାତୀୟ ନିୟମକୁ ଉଲ୍ଲଂଘନ କରୁଛି। ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଏନେଇ କରୁଥିବା ପ୍ରୟାସ ଆମେରିକା ପାଇଁ ଓଲଟା ପଡ଼ିବାକୁ ଯାଉଛି। ଚାଇନା ସହ ବାଣିଜ୍ୟ ହ୍ରାସ କରିବା ପାଇଁ ଆମେରିକା ପକ୍ଷରୁ ଅନେକ ଦେଶ ଉପରେ ଚାପ ପକାଯାଉଛି। ଯଦି କୌଣସି ଦେଶ ଚାଇନା ସ୍ୱାର୍ଥ ବିରୋଧରେ ଯାଇ ଆମେରିକା ସହ ବାଣିଜ୍ୟ ଚୁକ୍ତି କରନ୍ତି, ତେବେ ଏହାକୁ ବରଦାସ୍ତ କରାଯିବ ନାହିଁ ଏବଂ ଏହାର ପରିଣାମ ଗମ୍ଭିର ରହିବ। ପ୍ରକାଶ ଯେ, ଗତ କିଛିଦିନ ଧରି ଆମେରିକା ଏବଂ ଚାଇନା ମଧ୍ୟରେ ବାଣିଜ୍ୟ ଯୁଦ୍ଧ ଜାରି ରହିଛି। ଚାଇନାରୁ ଆମଦାନୀ ହେଉଥିବା ସାମଗ୍ରୀ ଉପରେ ଆମେରିକା ନିଜ ଟାରିଫକୁ ବଢ଼ାଇ ୨୪୫% କରିଥିବାବେଳେ ଚାଇନା ମଧ୍ୟ ଆମେରିକାରୁ ଆମଦାନୀ ହେଉଥିବା ସାମଗ୍ରୀ ଉପରେ ନିଜ ଟାରିଫକୁ ବଢ଼ାଇ ୧୨୫% କରିଛି।

ବିକଶିତ ରାଷ୍ଟ୍ର ହେବା ପାଇଁ ବର୍ଷକୁ ୮ ନିୟୁତ ନିଯୁକ୍ତି ସୃଷ୍ଟି ଆବଶ୍ୟକ: ସିଇଏ

ନୂଆଦିଲ୍ଲୀ,୨୧।୪

୨୦୪୭ ସୁଦ୍ଧା ଭାରତକୁ ବିକଶିତ ରାଷ୍ଟ୍ରରେ ପରିଣତ କରିବାର ଲକ୍ଷ୍ୟ ହାସଲ କରିବାକୁ ହେଲେ ବର୍ଷକୁ ୮ ନିୟୁତ ହିସାବରେ ଅନ୍ୟୂନ ପରବର୍ତ୍ତୀ ୧୦ରୁ ୧୨ ବର୍ଷ ପର୍ଯ୍ୟନ୍ତ ନିଯୁକ୍ତି ସୃଷ୍ଟି କରିବାକୁ ହେବ। ଏଥିସହିତ ମୋଟ ଘରୋଇ ଉତ୍ପାଦ (ଜିଡିପି)ରେ ଉତ୍ପାଦନ କ୍ଷେତ୍ରର ଶେୟାର ବଢ଼ାଇବାକୁ ପଡ଼ିବ ବୋଲି କେନ୍ଦ୍ର ସରକାରଙ୍କ ମୁଖ୍ୟ ଅର୍ଥନୈତିକ ଉପଦେଷ୍ଟା (ସିଇଏ) ଭି. ଅନନ୍ତ ନାଗେଶ୍ୱରନ୍ ପ୍ରସ୍ତାବ ଦେଇଛନ୍ତି। ଆଗାମୀ ୧୦ରୁ ୨୦ ବର୍ଷ ପାଇଁ ବାହ୍ୟ ପରିବେଶ ଏତେଟା ଉଦାର ହେବ ନାହିଁ ବୋଲି ସେ ସତର୍କ କରାଇ ଦେଇଛନ୍ତି। ଅନ୍ୟୂନ ୩୦ ବର୍ଷ ପୂର୍ବରୁ ଅର୍ଥାତ୍ ୧୯୯୦ରୁ ଉଦ୍ୟମ ଆରମ୍ଭ ହେବା ଆବଶ୍ୟକ ଥିଲା। ବିକଶିତ ରାଷ୍ଟ୍ର ନିଜର ବିକାଶ ଯାତ୍ରାରେ ବକାଶଶୀଳ ରାଷ୍ଟ୍ରଗୁଡ଼ିକ ଭଳି କୃତ୍ରିମ ବୁଦ୍ଧିମତ୍ତା (ଏଆଇ), ପ୍ରଯୁକ୍ତି ଓ ରୋବୋଟିକ୍ ଚ୍ୟାଲେଞ୍ଜଗୁଡ଼ିକର ସମ୍ମୁଖୀନ ହେବା ଉଚିତ ନୁହେଁ। ପ୍ରାରମ୍ଭିକ ସ୍ତରର ନିଯୁକ୍ତି କିମ୍ବା ନିମ୍ନ ସ୍ତରର ଆଇଟିଯୋଗ୍ୟ ସେବା ନିଯୁକ୍ତି ଛଡ଼ାଇ ନେବାରେ ଏଆଇର ବଡ଼ ଭୂମିକା ରହିପାରେ। ତେଣୁ ଶ୍ରମକେନ୍ଦ୍ରିକ ନୀତି ଏବଂ ପ୍ରଯୁକ୍ତି ମଧ୍ୟରେ ଉପଯୁକ୍ତ ସନ୍ତୁଳନ ବାହାର କରିବା ଗୁରୁତ୍ୱପୂର୍ଣ୍ଣ ବୋଲି ସିଇଏ କହିଛନ୍ତି।

ଭି. ଅନନ୍ତ ନାଗେଶ୍ୱରନ୍

ନିର୍ବାଚନ କମିଶନ ସାଲିସ୍ କରିଛନ୍ତି

- ଆମେରିକାରେ ରାହୁଲଙ୍କ ଅଭିଯୋଗ
- ଦେଶଦ୍ରୋହୀ କହିଲା ଭାଜପା

ବାଷ୍ଟନ/ନୂଆଦିଲ୍ଲୀ,୨୧।୪

ଆମେରିକା ଗସ୍ତରେ ଯାଇଥିବା କଂଗ୍ରେସ ନେତା ତଥା ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ସେଠାର ଏକ କାର୍ଯ୍ୟକ୍ରମରେ ଭାରତର ନିର୍ବାଚନ କମିଶନଙ୍କ ବିରୋଧରେ ଗୁରୁତର ଅଭିଯୋଗ ଆଣିଛନ୍ତି। ମହାରାଷ୍ଟ୍ର ନିର୍ବାଚନରେ ମତଦାନ ସଂଖ୍ୟାକୁ ନେଇ ସେ ପ୍ରଶ୍ନ ଉଠାଇବା ସହ ନିର୍ବାଚନ କମିଶନ ସାଲିସ୍ କରିଥିବା କହିଛନ୍ତି। ବିଦେଶ ମାଟିରେ ତାଙ୍କର ଏଭଳି ଅଭିଯୋଗକୁ ନେଇ ଭାଜପା ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିବା ସହ ତାଙ୍କୁ ଦେଶଦ୍ରୋହୀ କହିଛି।

ରବିବାର ବୋଷ୍ଟନ୍‌ରେ ଏକ କାର୍ଯ୍ୟକ୍ରମରେ ରାହୁଲ କହିଥିଲେ, ମହାରାଷ୍ଟ୍ର ବିଧାନସଭା ନିର୍ବାଚନରେ ଯେତିକି ଲୋକ ଭୋଟ ଦେଇଛନ୍ତି, ତାହା ରାଜ୍ୟର ବୟସ୍କମାନଙ୍କ ସଂଖ୍ୟାଠାରୁ ଅଧିକ। ନିର୍ବାଚନ ଦିନ ଅପରାହ୍ନ ୫ଟା ୩୦ ସୁଦ୍ଧା ୬୫ ଲକ୍ଷ ଭୋଟର ମତଦା

ବିଶ୍ୱବ୍ରହ୍ମାଣ୍ଡର ସୃଷ୍ଟି କ୍ରମରେ ମଣିଷ ଶେଷ ସୃଷ୍ଟି ନୁହେଁ। କ୍ରମବିକାଶ ଗତି କରି ଚାଲିଛି। ଏବଂ ମନୁଷ୍ୟକୁ ଅତିକ୍ରମ କରି ଏହା ଆଗକୁ ଆଗକୁ ଚାଲିବ। ବର୍ତ୍ତମାନ ପ୍ରତ୍ୟେକ ମଣିଷ ନିଜେ ସିଦ୍ଧାନ୍ତ ନେଉ ଯେ, ସେ ଏହି ନୂତନ ଜାତିର (ଅତିମାନବ) ଅଭ୍ୟୁଦୟ ପାଇଁ ଦୁଃସାହସିକ ଅଭିଯାନରେ ଭାଗ ନେବ କି ନାହିଁ। –ଶ୍ରୀମା

ଫ୍ରାନ୍ସିସ୍‌ଙ୍କ ଯୁଗ

୨୧ ଏପ୍ରିଲରେ ପୋପ୍ ଫ୍ରାନ୍ସିସଙ୍କର ୮୮ ବର୍ଷ ବୟସରେ ଦେହାନ୍ତ ହୋଇଛି। ରୋମାନ କାଥୋଲିକ ଚର୍ଚ୍ଚର ୨୦୦୦ ବର୍ଷ ପୁରୁଣା ପୋପ୍ ଇତିହାସରେ ଏକ ବିରଳ ବ୍ୟକ୍ତିତ୍ୱର ଅନ୍ତ ଘଟିଛି। ଫ୍ରାନ୍ସିସଙ୍କ ପରେ ଅନ୍ୟ ନଅ ଜଣ ବ୍ୟକ୍ତିଙ୍କର ନାମ ଏବେ ପରବର୍ତ୍ତୀ ପୋପ୍ ଭାବେ ଚର୍ଚ୍ଚାକୁ ଆସିଛି। ଫ୍ରାନ୍ସିସ୍‌ଙ୍କ ଜୀବନ ଇତିହାସକୁ ଦେଖିଲେ ଜନ୍ମଠାରୁ ଆରମ୍ଭ କରି କର୍ମ ଜୀବନର ଅବସାନ ଯାଏ ଥିଲା ଅତ୍ୟନ୍ତ ପ୍ରେରଣାଦାୟକ। ସେ ୧୭ ଡିସେମ୍ବର ୧୯୩୬ରେ ଆର୍ଜେଣ୍ଟିନାର ବୁଏନେସ୍‌ଆରିସରେ ଜନ୍ମଗ୍ରହଣ କରିଥିଲେ । ତାଙ୍କର ପ୍ରଥମ ନାମ ଥିଲା ଜର୍ଜ ମାରିଓ ବର୍ଗୋଗଲିଓ। ତାଙ୍କର ପିତା ମାରିଓ ଜୋସେ ବର୍ଗୋଗଲିଓ ଜଣେ ଇଟାଲୀୟ ଆକାଉଣ୍ଟାଣ୍ଟ ଥିବାବେଳେ ମା ରେଗିନା ମାରିଆ ସିଭୋରି ଥିଲେ ଜଣେ ଇଟାଲୀୟ ପ୍ରବାସୀଙ୍କ ଝିଅ। ପ୍ରଥମ ଲାଟିନ ଆମେରିକୀୟ ଓ ରୋମାନ କ୍ୟାଥୋଲିକ ଧର୍ମୀୟ ବ୍ୟବସ୍ଥାର ସଦସ୍ୟ ରୂପେ ସେ ପୋପ୍ ଭାବେ ନିର୍ବାଚିତ ହୋଇଥିଲେ। ଫ୍ରାନ୍ସିସ ଥିଲେ ଜେସୁଇଟି ଧାରାର ପାଦ୍ରୀ। ସେ ଏହି ଦାୟିତ୍ୱ ଗ୍ରହଣ କରିବା ପରେ ନିଜକୁ ଜଣେ ଭିନ୍ନ ବ୍ୟକ୍ତିତ୍ୱ ଭାବେ ପ୍ରତିପାଦନ କରିଥିଲେ। ଯେତେବେଳେ ପ୍ରଥମ ପୋପ୍ ହୋଇଥିଲେ ସେ ନିଜର ପଦବୀ ପରିବର୍ତ୍ତେ ଫ୍ରାନ୍ସିସ ଭାବେ ପରିଚିତ ହେବାକୁ ପସନ୍ଦ କରୁଥିଲେ। ସେ ଦାୟିତ୍ୱ ଗ୍ରହଣ କରିବା ପରେ ବିଶ୍ୱର ଦୃଷ୍ଟି ଆକର୍ଷଣ କରିଥିଲେ। ତାଙ୍କ ଦୃଷ୍ଟିକୋଣ ସମ୍ପୂର୍ଣ୍ଣ ନିଆରା ଥିଲା। ନୂଆ ବିଚାରଧାରାକୁ ସେ ଗୁରୁତ୍ୱ ଦେଉଥିଲେ ଏବଂ ସହଯୋଗୀ ଭାବନା ଥିଲା ତାଙ୍କ ଆନ୍ତରିକ ସିଦ୍ଧାନ୍ତ। ସେ ମାନବୀୟ ସଙ୍କଟ ଉପରେ ସ୍ୱର ଉଠାଇବାକୁ ପଛାଉ ନ ଥିଲେ। ବିଶ୍ୱରେ ଯୁଦ୍ଧ ସଙ୍କଟ ଟାଳିବାକୁ ଆହ୍ୱାନ ଦେବା ସହ ଜଳବାୟୁ ପରିବର୍ତ୍ତନର ମୁକାବିଲା କ୍ଷେତ୍ରରେ ସ୍ୱରକୁ ଶାଣିତ କରିଆସିଥିଲେ। ଯେତେବେଳେ ଚର୍ଚ୍ଚ ଉପରେ ଦୁର୍ନୀତି ଅଭିଯୋଗ ଉଠିଥିଲା ସେତେବେଳେ ସେ ଏହାର ପୁନର୍ଗଠନ କରିବାକୁ ଜୋର ଦେଇଥିଲେ ଓ ପ୍ରତିଷ୍ଠିତ ପାଦ୍ରୀ ଗୋଷ୍ଠୀର ସିଧାସଳଖ ମୁକାବିଲା କରିଥିଲେ। ଫ୍ରାନ୍ସିସ ମଧ୍ୟ ବିବାହ ବିଚ୍ଛେଦ ହୋଇଥିବା ଲୋକ ଏବଂ ସମଲିଙ୍ଗୀ କ୍ୟାଥୋଲିକଙ୍କ ପ୍ରତି ସମବେଦନା ତଥା ଦୟାଭାବ ପ୍ରଦର୍ଶନ କରିବା ଉପରେ ଗୁରୁତ୍ୱ ଦେଇଥିଲେ। ତାଙ୍କ ମତରେ ଚର୍ଚ୍ଚର ଦ୍ୱାର ସମସ୍ତଙ୍କ ପାଇଁ ଉନ୍ମୁକ୍ତ। ଦେଖିବାକୁ ଗଲେ ଏହା ତାଙ୍କ ପାଇଁ ସହଜ ନ ଥିଲା। କ୍ୟାଥୋଲିକ ସଂସ୍ଥାରେ ଚରମ ରକ୍ଷଣବାଦୀ ତତ୍ତ୍ୱମାନେ ତାଙ୍କ ନୂତନ ଦୃଷ୍ଟିକୋଣକୁ ଘୃଣା ଦୃଷ୍ଟିରେ ଦେଖୁଥିଲେ। କିନ୍ତୁ ସେ କୌଣସି ପ୍ରକାରେ ସେମାନଙ୍କ ସହ ସାଲିସ କରିନଥିଲେ କିମ୍ବା ସେମାନଙ୍କ କଥାକୁ ଭ୍ରୁକ୍ଷେପ କରୁ ନଥିଲେ। ବରଂ ଭାଟିକାନାରେ ଚାଲିଥିବା ଆର୍ଥିକ ଅନିୟମିତତାକୁ ଶେଷ କରିବା ପାଇଁ ସେ ଅନେକ ପଦକ୍ଷେପ ଗ୍ରହଣ କରିଥିଲେ। ଏହା ସହ ପାଦ୍ରୀମାନଙ୍କ ଯୌନ ନିର୍ଯାତନା ବିରୋଧରେ ଦୃଢ ଭାବେ ଲଢେଇ କରିଥିଲେ ଏବଂ ଉଚ୍ଚପଦବୀରେ ଥିବା ପାଦ୍ରୀମାନଙ୍କୁ ଉତ୍ତରଦାୟୀ କରିବା ଲାଗି ନୂତନ ଆଇନ ଆଣିଥିଲେ। କେବଳ ଏତିକି ନୁହେଁ ଫ୍ରାନ୍ସିସ ଭାଟିକାନାରେ କାର୍ଯ୍ୟରତ ମହିଳାଙ୍କୁ ଅଧିକ ଦାୟିତ୍ୱ ଦେବା ଲାଗି ପଦକ୍ଷେପ ନେଇଥିଲେ। ଏହା ବ୍ୟତୀତ ସମଲିଙ୍ଗୀ ଦମ୍ପତିଙ୍କୁ ଆଶୀର୍ବାଦ ଦେବା ପାଇଁ ପାଦ୍ରୀମାନଙ୍କୁ ଅଧିକାର ଦେଇଥିଲେ।

ବିଶ୍ୱରେ ଲାଗି ରହିଥିବା ଧର୍ମୀୟ ଯୁଦ୍ଧ ଓ ଏକଚ୍ଛତ୍ରବାଦୀମାନେ ବେପରୁଆ ଭାବେ ସୃଷ୍ଟି କରିଥିବା ଯୁଦ୍ଧ ପରିସ୍ଥିତିରେ ଫ୍ରାନ୍ସିସ ଜଣେ ଶାନ୍ତିଦୂତ ଭାବେ ଉଭା ହୋଇଥିଲେ। ୟୁକ୍ରେନ ଯୁଦ୍ଧ ଓ ମଧ୍ୟପ୍ରାଚ୍ୟ ସଂଘର୍ଷକୁ ବିରାମ ଦେବା ପାଇଁ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ଫ୍ରାନ୍ସିସ୍‌ଙ୍କ ସରଳ ଜୀବନଶୈଳୀ ତାଙ୍କ ମହାନ ଉଦାରତାର ପରିଚୟ ଦିଏ। ତାଙ୍କ ପୂର୍ବରୁ ପୋପ୍‌ମାନେ ଯେଭଳି ରାଜକୀୟ ପ୍ୟାଲେସ ଆପୋଷ୍ଟୋଲିକରେ ରହି ଜୀବନ ବିତାଉଥିଲେ ସେ ତାହାକୁ କେବେ ବି ଗ୍ରହଣ କରି ନଥିଲେ। ସେ ତାଙ୍କ ଚିନ୍ତାଧାରାର ଲୋକଙ୍କ ସହ ରହିବାକୁ ପସନ୍ଦ କରୁଥିଲେ। ଏହାଥିଲା ତାଙ୍କ ନେତୃତ୍ୱର ପରାକାଷ୍ଠା ଯେଉଁଥିପାଇଁ ସେ ପୂର୍ଣ୍ଣ ବହୁମତରେ ନିର୍ବାଚିତ ହୋଇଥିଲେ। ବହୁ ଆଧ୍ୟାତ୍ମିକ ଗୁଜବ ସହ ତାଙ୍କୁ ରୂଢ଼ିବାଦୀଙ୍କ ପକ୍ଷରୁ ତୀବ୍ର ସମାଲୋଚନାର ସମ୍ମୁଖୀନ ହେବାକୁ ପଡ଼ିଥିଲା। ତଥାପି ସେ ନିର୍ବିକାର ଚିତ୍ତରେ ସେସବୁର ସାମ୍ନା କରିଥିଲେ। ସେ ତାଙ୍କ ଅନ୍ତରଆତ୍ମାର ସ୍ୱରକୁ ଅନୁସରଣ କରି ଲକ୍ଷ୍ୟପଥରେ ଆଗେଇ ଚାଲିଥିଲେ, ଯାହା ତାଙ୍କୁ ବାସ୍ତବରେ ବିଶ୍ୱରେ ଜଣେ ସୁପରଷ୍ଟାର କରିପାରିଥିଲା। ଏଥିପାଇଁ ଫ୍ରାନ୍ସିସ ବିଶ୍ୱର ଯେଉଁ ଆଡ଼େ ଯାଉଥିଲେ ସେଠାରେ ପ୍ରବଳ ଜନସମାଗମ ହେଉଥିଲା। ସେ ସବୁ ଧର୍ମର ବିଶ୍ୱାସ, ଶାନ୍ତିକୁ ଉତ୍ସାହିତ କରୁଥିଲେ । ଫ୍ରାନ୍ସିସ ଅସହାୟ ବିଶେଷକରି ପ୍ରବାସୀଙ୍କ ଆଶାବାଡ଼ି ଥିଲେ। ଅନେକ କଠିନ ସମସ୍ୟାର ସମ୍ମୁଖୀନ ହୋଇ ସେ କ୍ୟାଥୋଲିକ ଚର୍ଚ୍ଚରେ ଶିଶୁ ଯୌନ ନିର୍ଯାତନାକୁ ରୋକି ପାରିଥିଲେ। ଏହା ସହ ଯେତେବେଳେ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ପ୍ରବାସୀଙ୍କ ବିରୋଧରେ କାର୍ଯ୍ୟନୁଷ୍ଠାନ ନେବା ଆରମ୍ଭ କଲେ ସେତେବେଳେ ପୋପ ନିରବଚ୍ଛିନ୍ନ ଭାବେ ଅସହାୟଙ୍କ ପାଇଁ ସ୍ୱର ଉଠାଇଥିଲେ। ଜାତୀୟତାବାଦ ତଥା ଏକଚ୍ଛତ୍ରବାଦ ବିରୋଧରେ ସେ ଦୃଢ଼ ଭାବେ ଠିଆ ହୋଇଛନ୍ତି। ଫ୍ରାନ୍ସିସ ହେଉଛନ୍ତି ଗରିବଙ୍କ ପୋପ ଓ ଏହା ହିଁ ତାଙ୍କ ପ୍ରତି ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି। ସେ ସାରା ଜୀବନ ସାଧାରଣ ଲୋକଙ୍କ ପାଇଁ କାମ କରିଛନ୍ତି ଓ ସାମାଜିକ ନ୍ୟାୟ ପାଇଁ ମଧ୍ୟ ସ୍ୱର ଉଠାଇଛନ୍ତି।

ଆପେ ବଞ୍ଚିଲେ ବାପର ନାଁ

ବିଚିତ୍ର ବିଶ୍ୱାଳ

ଗୋଟେ କଥା ଅଛି 'ଆପେ ବଞ୍ଚିଲେ ବାପର ନାଁ'। ଅନେକ ସମୟରେ ମଣିଷ ଯେତେବେଳେ ସ୍ୱାର୍ଥସର୍ବସ୍ୱ ହୁଅନ୍ତି, ସେତେବେଳେ ଏହି ଉକ୍ତିଟି ବ୍ୟବହାରକରି ନିଜ କାମର ଔଚିତ୍ୟ ପ୍ରଦର୍ଶନ କରିବାକୁ ଚେଷ୍ଟା କରିଥାନ୍ତି। କିନ୍ତୁ ଟିକେ ଭଲ ଭାବେ ଚିନ୍ତା କରନ୍ତୁ ତ, ସତରେ କ'ଣ କେବଳ ଆପେ ବଞ୍ଚିବା ବା ନିଜେ ବଞ୍ଚିବାଟା ହିଁ ଆମ ଜୀବନର ଦର୍ଶନ ହେବା ଉଚିତ! ମଣିଷ ଗୋଟେ ସାମାଜିକ ପ୍ରାଣୀ। ତେଣୁ କେବଳ ନିଜେ ବଞ୍ଚିବାକୁ ଚାହିଁଲେ ବି ମଣିଷ ବଞ୍ଚିପାରିବ ନାହିଁ। ଆମେ ସମସ୍ତେ ପରିବାର, ଗୋଷ୍ଠୀ, ଗାଁ ଓ ସମାଜ ହୋଇ ବଞ୍ଚିଥାଉ। ଜଣେ ଆଉ ଜଣକ ଉପରେ ଏକାନ୍ତ ଭାବେ ନିର୍ଭରଶୀଳ। ଏହି ନିର୍ଭରଶୀଳତା କେବଳ ମଣିଷ ମଧ୍ୟରେ ସୀମିତ ନାହିଁ। ସମଗ୍ର ଜୀବଜଗତ ପରସ୍ପରଙ୍କ ଉପରେ ନିର୍ଭରଶୀଳ। ଏହା ବ୍ୟତୀତ ମଣିଷ ବି ପ୍ରକୃତି ଓ ଅନେକ ନିର୍ଜୀବ ବସ୍ତୁ ଉପରେ ମଧ୍ୟ ନିର୍ଭରଶୀଳ। କୌଣସି ଗୋଟିଏ ବି ଉଣା ହୋଇଗଲେ ମଣିଷର ବଞ୍ଚିବା ସମ୍ଭବ ହେବ ନାହିଁ। ତା'ହେଲେ କିପରି ଆମେ କହିପାରିବା ଆପେ ବଞ୍ଚିଲେ ବାପର ନାଁ!

ସମାଜରେ ଯଦି ସନ୍ତୁଳନ ରହିବ ନାହିଁ, ଯଦି ଗୋଟିଏ ଗୋଷ୍ଠୀ ବହୁ ଉପରକୁ ଉଠିଯିବ ଓ ଆଉ ଗୋଟିଏ ଗୋଷ୍ଠୀ ନିର୍ଯାତିତ ହୋଇ ତଳେ ରହିବେ, ତା'ହେଲେ କ'ଣ ଆମେ ଶାନ୍ତିର ସହ ବଞ୍ଚିପାରିବା? ଏପରି ପରିସ୍ଥିତି ପରିଣାମରେ କିଛି ଲୋକଙ୍କୁ ପ୍ରତିକ୍ରିୟାଶୀଳ କରିବା ସହ ଅପରାଧପ୍ରବଣ କରିବ। ଗୋଟିଏ ଅପରାଧପ୍ରବଣ ଓ ସାମାଜିକ ସ୍ଥିରତା ନ ଥିବା ସମାଜରେ ଆମେ ଯେତେ ଚାହିଁଲେ କ'ଣ ଆପେ ବଞ୍ଚିବା ନ୍ୟାୟରେ ସୁଖ ଶାନ୍ତିରେ ରହିପାରିବା! ଯଦି ଆମ ଦେଶରେ ସ୍ୱେଚ୍ଛାଚାରିତା ଥିବ, ହିଂସା ଥିବ, ଥୋକେ ଲୋକ ଭୋକ ଉପାସରେ ରହିବାକୁ ବାଧ୍ୟ ହେଉଥିବେ, ତା'ହେଲେ ଆମେ କେମିତି ବଞ୍ଚିପାରିବା! ସମସ୍ତଙ୍କୁ ସମ୍ମାନର ସହ ବଞ୍ଚିରହିବା ପାଇଁ ଏକ ସନ୍ତୁଳିତ ଓ ନ୍ୟାୟପୂର୍ଣ୍ଣ ସମାଜ ଆବଶ୍ୟକ। ଯଦି ସମାଜ ଏହି ରାସ୍ତାରେ ଯାଉନାହିଁ, ତା'ହେଲେ ସେପରି ସମାଜକୁ ପରିବର୍ତ୍ତନ କରିବା ସମସ୍ତଙ୍କ କର୍ତ୍ତବ୍ୟ ହେବା ଉଚିତ। ନଚେତ୍ ତା'ର ପ୍ରଭାବ ସମସ୍ତଙ୍କ ଉପରେ ପଡ଼ିବାକୁ ବାଧ୍ୟ। ଆଜି ହୁଏତ କିଏ ଟିକିଏ ଭଲରେ ବଞ୍ଚିପାରେ, କିନ୍ତୁ ଆସନ୍ତାକାଲି ତାକୁ ପରିଣାମ ଭୋଗିବାକୁ ହିଁ ହେବ। ତେଣୁ ଆମ ଜୀବନର ଧ୍ୟେୟ 'ଆପେ ବଞ୍ଚିଲେ ବାପର ନାଁ' ନ ହୋଇ ସାମୂହିକ ସହଯୋଗ ଓ ସନ୍ତୁଳିତ ସମାଜ ହେବା ଉଚିତ। ସମାଜରେ ଏକ ବୃହତ୍ ଭାଗ ଲୋକଙ୍କ ପାଇଁ ଯଦି ଖାଦ୍ୟ, ଶିକ୍ଷା, ସ୍ୱାସ୍ଥ୍ୟ, ନିଯୁକ୍ତିର ସୁଯୋଗ ଆଦି ସମ୍ମାନର ସହ ପ୍ରାପ୍ତି ହେବନାହିଁ, ତା'ହେଲେ ଆମେ କିପରି ଭଲରେ ବଞ୍ଚିପାରିବା! ଏପରି ସ୍ଥଳେ ସମାଜକୁ

ସନ୍ତୁଳିତ କରିବା ପାଇଁ ତଥା ସମସ୍ତଙ୍କ ପାଇଁ ସର୍ବନିମ୍ନ ମୌଳିକ ଆବଶ୍ୟକତା ସମ୍ମାନର ସହ ଉପଲବ୍ଧ ହେବା ପାଇଁ ଆମ ସମସ୍ତଙ୍କର ପ୍ରୟାସ ହେବା ଉଚିତ। ଜାତି ଭିତ୍ତିକ ଭେଦଭାବ, ଧର୍ମଭିତ୍ତିକ ବିଦ୍ୱେଷ, ଧନୀ ଗରିବ ମଧ୍ୟରେ ବିରାଟ ପ୍ରଭେଦ ଥିବା ଗୋଟେ ସମାଜରେ ଜଣେ ଯେତେ ଚାହିଁଲେ ବି ଶାନ୍ତିରେ ବଞ୍ଚିପାରିବ ନାହିଁ। ଏସବୁର ପ୍ରଭାବ ତା' ଉପରେ ପଡ଼ିବ ନିଶ୍ଚିତ। ତେଣୁ କେବଳ ସ୍ୱାର୍ଥ ସର୍ବସ୍ୱ ହୋଇ ବଞ୍ଚିବାକୁ ଚାହିଁବା ଓ ସେଥିରେ ସଫଳ ହେବା କେବଳ ଏକ ଭ୍ରମ ଛଡ଼ା କିଛି ନୁହେଁ। ଆଜି ଯେପରି ଭାବେ ଚାଷୀ ଆତ୍ମହତ୍ୟା ବୃଦ୍ଧି ପାଉଛି, ନାରୀମାନଙ୍କ ଉପରେ ନିର୍ଯାତନା ସୀମା ଲଙ୍ଘୁଛି, ଗରିବ ଲୋକମାନଙ୍କ ଜୀବନ ଧାରଣ କ୍ରମାଗତ ଭାବେ ଦୁଃସହ ହୋଇଚାଲିଛି, ଉନ୍ନତମାନର ଶିକ୍ଷା ଓ ସ୍ୱାସ୍ଥ୍ୟ ସାଧାରଣ ଲୋକମାନଙ୍କର ହାତପାହାନ୍ତାର ବାହାରକୁ ଚାଲିଯାଉଛି, ସେତେବେଳେ ଆମେ କିପରି ନିଜର ସୁବିଧାକୁ ଦେଖି ଚୁପ୍‌ଚାପ ବସିଯାଇପାରିବା! ସମାଜରେ ଥିବା ବିଭିନ୍ନ ପ୍ରକାର ଅବ୍ୟବସ୍ଥାରେ ସୁଧାର ଆଣିବାର ପ୍ରୟାସ ହିଁ ପ୍ରତ୍ୟେକ ମଣିଷଙ୍କର ଲକ୍ଷ୍ୟ ହେବା ଉଚିତ। କାରଣ ଆପେ ବଞ୍ଚିଲେ ବାପର ନାଁ ହେବା ତ ଦୂରର କଥା, ବଞ୍ଚିବା ବି ସମ୍ଭବ ନୁହେଁ।

ଟିକିଏ ନିରିଖେଇ ଦେଖିଲେ ଆମେ ବୁଝିପାରିବା ଯେ, ଆମେ ବଞ୍ଚିବା ପାଇଁ ଖାଉଥିବା ଖାଦ୍ୟ, ଚାଲୁଥିବା ରାସ୍ତା, ପଢୁଥିବା ବିଦ୍ୟାଳୟ, ଟିକିତ୍ସା ହେଉଥିବା ଡାକ୍ତରଖାନା, ରହୁଥିବା ଘର ଆଦି ଆମ ପାଇଁ ଆଉ କିଏ ତିଆରି କରିଛି। ନିଃଶ୍ୱାସ ନେଉଥିବା ପବନ, ପିଉଥିବା ପାଣି, ଛାଇ ଦେଉଥିବା ଗଛ, ପାଦ ଥୋଉଥିବା ମାଟି ଆଦି ଆମକୁ ପ୍ରକୃତି ଦେଇଛି। କେବଳ ବିଭିନ୍ନ ଜିନିଷର ପ୍ରାପ୍ତି ପାଇଁ ନୁହେଁ, ମାନସିକ ଭାବେ ସୁସ୍ଥ ରହିବା ପାଇଁ ମଧ୍ୟ ମଣିଷ ପରସ୍ପର ଉପରେ ନିର୍ଭରଶୀଳ। ମନ କଥା କାହାକୁ କହିବା ପାଇଁ ଯଦି ଆମ ପାଖରେ କେହି ଲୋକ ନ ଥିବେ ତା'ହେଲେ ଆମେ କେବେ ବି ମାନସିକ ଭାବେ ସୁସ୍ଥ ରହିପାରିବା ନାହିଁ। ଆମେ ଏକୁଟିଆ ଚାହିଁଲେ ଗୋଟିଏ ମୁହୂର୍ତ୍ତ ବି ବଞ୍ଚିପାରିବା ନାହିଁ। ତା'ହେଲେ କାହିଁକି ବାରମ୍ବାର ଆମେ ଘୋଷି ହେବା, ଆପେ ବଞ୍ଚିଲେ ବାପର ନାଁ? ଏହା ଆଦୌ ବି ସତ୍ୟ ନୁହେଁ। ସମଗ୍ର ସଂସାର ଏକ ଶୃଙ୍ଖଳରେ ବନ୍ଧାହୋଇଛି। ଗୋଟିଏ ଛିଣ୍ଡିଗଲେ ଅନ୍ୟଟି ବି ଭୁଶୁଡ଼ିପଡ଼ିବ। ଏପରିକି ଗୋଟିଏ ଛୋଟ ପୋକର ବି ଜୀବନ ଶୃଙ୍ଖଳାରେ ସେତିକି ଭୂମିକା ଅଛି, ଯେତିକି ମଣିଷର ଅଛି। ଆମେ ଏବେ ନିଶ୍ଚୟ ଅନୁଭବ କରୁଥିବା ଯେ, ମଣିଷ ସ୍ୱାର୍ଥସର୍ବସ୍ୱ ହୋଇ ପ୍ରକୃତିକୁ ଯେତେ ଯେତେ କ୍ଷତି ପହଞ୍ଚାଇ ଚାଲୁଛି ତା'ର ୨ଗୁଣ କ୍ଷତି ନିଜେ ବି ସହୁଛି। ମଣିଷ ଯେଉଁ ହାରରେ ସୃଷ୍ଟିର ଅନ୍ୟ ଜୀବମାନଙ୍କ ଉପରେ ଦାଉ ସାଧୁଛି, ସେହି ହାରରେ ଭିନ୍ନ ଭିନ୍ନ ବାଟରେ ତା'ର ଫଳ ବି ଭୋଗୁଛି। ସେଇଥିପାଇଁ ତ କୁହାଯାଏ ବସୁଧୈବ କୁଟୁମ୍ବକମ୍। ତା'ହେଲେ ଏ ଆପେ ବଞ୍ଚିଲେ ବାପର ନାଁ ପରି ନ୍ୟୂନ ଚିନ୍ତାଧାରାକୁ ବୋହିବା କାହିଁକି?

ବିଭିନ୍ନ ପ୍ରକାର ସାମାଜିକ ଲକ୍ଷ୍ୟ ଯଥା ଜନସ୍ୱାସ୍ଥ୍ୟ, ଶିକ୍ଷା, ପରିବେଶ ସ୍ଥିରତା ଆଦି ଏକୁଟିଆ ବ୍ୟକ୍ତି ଦ୍ୱାରା ସମ୍ଭବ ନୁହେଁ। ଏଥିପାଇଁ ଭିନ୍ନ ଭିନ୍ନ ବର୍ଗଙ୍କ ମଧ୍ୟରେ ସହଯୋଗ ଏକାନ୍ତ କାମ୍ୟ। ଜଣେ ଲୋକ ଅପେକ୍ଷା ଗୋଷ୍ଠୀ ସବୁବେଳେ ଅଧିକ ପ୍ରଭାବଶାଳୀ। ପାରସ୍ପରିକ ସହଯୋଗ ତଥା ଗୋଷ୍ଠୀ ଦ୍ୱାରା ହିଁ ମଣିଷ ବିକାଶ ଦିଗରେ ଗତି କରିବାକୁ ସକ୍ଷମ ହୋଇଥାଏ। ସହଯୋଗ ଦ୍ୱାରା ଜୀବନ ସୁଗମ ହେବା ସହ ଉଭୟଙ୍କ ଭିତରେ ଥିବା ସୀମିତତା ଦୂରହୋଇ ଶକ୍ତିରେ ପରିଣତ ହୋଇଥାଏ। ପ୍ରତ୍ୟେକ ମଣିଷକୁ କେବେ ନା କେବେ ଇମୋସନାଲ ସହାୟତା ଆବଶ୍ୟକ ହୋଇଥାଏ। ସେହି ସମୟରେ ଆମକୁ ଆଉ ଜଣେ ମଣିଷ ନିହାତି ଆବଶ୍ୟକ ହୋଇଥାଏ। ସେଇଥିପାଇଁ ଆମ ସମାଜରେ ସମ୍ପର୍କର ମୂଲ୍ୟ ବହୁ ଅଧିକ। ମଣିଷ ଭିତରେ ସକାରାତ୍ମକ ସହ ନକାରାତ୍ମକ ଶକ୍ତି ଥାଏ। କେବଳ ପାରସ୍ପରିକ ସମ୍ପର୍କ ଓ ସହଯୋଗ ମଣିଷ ଭିତରୁ ନକାରାତ୍ମକତା ଦୂରକରିବାରେ ସହାୟକ ହୋଇଥାଏ।

ସାମ୍ପ୍ରତିକ ସମୟରେ ଆମ ସାମ୍ନାରେ ଯେପରି ଆହ୍ୱାନ ସବୁ ଠିଆହୋଇଛନ୍ତି, ତାହା ଜଳବାୟୁ ପରିବର୍ତ୍ତନଜନିତ ବିପର୍ଯ୍ୟୟ ହେଉ ବା ଦ୍ରୁତଗତିରେ ବଢୁଥିବା ଧନୀ ଗରିବ ମଧ୍ୟରେ ଅସମାନତା ହେଉ, ଏସବୁକୁ ସମାଧାନ କରିବା ପାଇଁ କେଉଁ ଗୋଟିଏ ମଣିଷ ତ ଛାଡ଼ ଗୋଟିଏ ଦେଶ ପାଇଁ ବି ସମ୍ଭବ ନୁହେଁ। ଏଥିପାଇଁ ସୀମାରେଖା ଡେଇଁ ରାଷ୍ଟ୍ର ଓ ରାଷ୍ଟ୍ର ମଧ୍ୟରେ ସହଯୋଗ ଓ ସମନ୍ୱୟ ଆବଶ୍ୟକ ବୋଲି ସମସ୍ତଙ୍କୁ ଅନୁଭବ ହେଲାଣି। ଗୋଟେ ସାମୂହିକ ପ୍ରୟାସରେ ହିଁ ବିଶ୍ୱକୁ ରକ୍ଷା କରାଯାଇପାରିବ। ସ୍ୱାର୍ଥ କେନ୍ଦ୍ରିକ ମାନସିକତାକୁ ମୁକୁଳି ସାମୂହିକ ଭଲ ଦିଗରେ କାର୍ଯ୍ୟରତ ହେବା ହିଁ ପ୍ରକୃତ ମଣିଷର ପରିଚୟ ଓ ଏହା ଦ୍ୱାରା ହିଁ ସମସ୍ତେ ଭଲରେ ଓ ଶାନ୍ତିରେ ବଞ୍ଚିପାରିବେ।

ଭିରଙ୍ଗ, ତିରଣ, ଜଗତ୍‌ସିଂହପୁର
ମୋ: ୯୪୩୮୪୬୮୪୭୪

ଉଦ୍‌ଘାଟନୀ ଉପକଥା

ଡ. ସୁବାସ ସାହୁ

ଗୋଟିଏ ଘଟଣା ବିଷୟରେ ଚିନ୍ତା କରାଯାଉ। ପରିବେଶ ସୁରକ୍ଷା ଉପରେ ରାଜ୍ୟସ୍ତରୀୟ କର୍ମଶାଳା ହେଉଥିବ। ଆବଦ୍ଧ ସଭାଗୃହ ମଧ୍ୟରେ ଭରି ରହିଥିବେ ଦର୍ଶକ। ସାଜସଜ୍ଜା ବେଶ୍ ମନଲୋଭା ହୋଇଥିବ। ରଙ୍ଗବେରଙ୍ଗର ଫୁଲରେ ସଜେଇ ହୋଇଥିବ ସଭାମଞ୍ଚ। ସମ୍ମିଳନୀ କକ୍ଷର ପରିବେଶକୁ ଶୀତଳ ରଖିବା ପାଇଁ ପ୍ରାୟ କୋଡ଼ିଏଟି ଶୀତତାପ ନିୟନ୍ତ୍ରଣ ଯନ୍ତ୍ର (ଏସି) ଚାଲିଥିବ। ଠିକ୍ ସମୟରେ ଅତିଥିମାନେ ସଭାମଞ୍ଚକୁ ଆସିବେ। ଆବହ ସଂଗୀତ ଗାନ ପରେ ସଂଯୋଜକ ଘୋଷଣା କରିବେ, କର୍ମଶାଳାକୁ ଉଦ୍‌ଘାଟନ କରିବା ପାଇଁ ମୁଁ ଅତିଥିମାନଙ୍କୁ ଅନୁରୋଧ ଜଣାଉଛି। ସଭାମଞ୍ଚର ଗୋଟିଏ ପାଖରେ ବୃହଦାକାର ଦୀପ ଷ୍ଟାଣ୍ଡ ରଖାଯାଇଥିବ। ଅତିଥିମାନେ ପ୍ରଦୀପ ନିକଟକୁ ଯାଇ ଦୀପ ପ୍ରଜ୍ୱଳନ କରି କର୍ମଶାଳାକୁ ଉଦ୍‌ଘାଟନ କରିବେ। ସୁରୁଖୁରୁରେ ସଭାକାର୍ଯ୍ୟ ଚାଲିବ। ପ୍ରାୟ ଦୁଇ ଘଣ୍ଟା ଧରି ପରିବେଶ ସୁରକ୍ଷା ଉପରେ ଆଲୋଚନା ହେବ। ବକ୍ତାମାନେ ପରିବେଶ ଉପରେ ଅନେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଉପସ୍ଥାପନ କରିବେ। ତଥାପି ଶେଷ ଯାଏ ଜଳୁଥିବ ପ୍ରଦୀପ। ସତେ ଯେମିତି ନିଜ ଜ୍ୟୋତି ଦ୍ୱାରା ସଭାଗୃହରେ ଜ୍ଞାନର ଆଲୋକ ବାଣ୍ଟି ଚାଲିଥିବ।

ଏହା ଏକ କାଳ୍ପନିକ ଘଟଣା ହୋଇପାରେ। କିନ୍ତୁ ଏମିତି ଦୃଷ୍ଟାନ୍ତର ଅଭାବ ନାହିଁ। ଆଜିକାଲି ଅନେକ ସ୍ଥାନରେ ଏହିଭଳି ଢଙ୍ଗରେ ସଭାକାର୍ଯ୍ୟ ଆରମ୍ଭ କରାଯାଉଛି। ଏସବୁ ସଭାରେ ବହୁ ବିଜ୍ଞ ବ୍ୟକ୍ତି ଉପସ୍ଥିତ ଥାଆନ୍ତି। ବିଜ୍ଞାନକୁ ଭଲ ଭାବେ ବୁଝିଥିବା ଲୋକମାନେ ଥାଆନ୍ତି। କିନ୍ତୁ କେହି ହେଲେ ଏ ବିଷୟରେ ଚିନ୍ତା କରନ୍ତି ନାହିଁ। ଏହି କାର୍ଯ୍ୟର ପ୍ରତିବାଦ ବି କରନ୍ତି ନାହିଁ। ଶୀତତାପ ନିୟନ୍ତ୍ରିତ ସଭାଗୃହ ମଧ୍ୟରେ ପ୍ରଦୀପ ପ୍ରଜ୍ୱଳନ କରିବା ଯେ କ୍ଷତିକାରକ, ଏକଥା କାହା ମନକୁ ଆସି ନ ଥାଏ।

କାର୍ଯ୍ୟକ୍ରମ ଆରମ

ହତ୍ୟାକରି ପାଇଖାନା ଟାଙ୍କିରେ ପକାଇଥିଲେ ମୃତଦେହ

ନାବାଳକ ଆଶୀର୍ବାଦ ନିଖୋଜ ଘଟଣା

ବୟସ ୧୧ ବର୍ଷ। କପଟ କ'ଣ ବୋଲି ତାଙ୍କ ମନରେ କିଛି ନ ଥିଲା। ହେଲେ ଅନ୍ୟ ଜଣଙ୍କ ପିଶାଚ ମନୋବୃତ୍ତିରୁ ଚାଲିଗଲା ଜୀବନ। ନିଖୋଜ ହେବାର ୬ଦିନ ପରେ ଘରଠାରୁ ୨୦୦ ମିଟର ଦୂରରେ ଥିବା ଏକ ପାଇଖାନା ଟାଙ୍କିରୁ ନାବାଳକ ଆଶୀର୍ବାଦ ସାହୁଙ୍କ ଗଳିତ ମୃତଦେହକୁ ପୋଲିସ ଜବତ କରିଛି। ଏଭଳି ଏକ ଘଟଣା ଘଟିଛି ପୁରୀ ଜିଲା ଡେଲାଙ୍ଗ ଥାନା ଅନ୍ତର୍ଗତ ରତନପୁର ଗ୍ରାମରେ। ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ନାବାଳକଙ୍କୁ ହତ୍ୟା ପରେ ପାଇଖାନା ଟାଙ୍କିରେ ପକାଇଦେଇଥିବା ଅଭିଯୋଗରେ ପୋଲିସ ସେହି ଗ୍ରାମର ପ୍ରଭାକର ସାହୁ ଓରଫ ବାପି(୩୪)ଙ୍କୁ ଗିରଫ କରି ଅଧିକ ତଦନ୍ତ ଜାରି ରଖିଛି।

ଅଭିଯୁକ୍ତ ପ୍ରଭାକର ସାହୁ

- ଶ୍ୱଶୁର ଘରୁ ଧରାପଡ଼ିଲେ ଅଭିଯୁକ୍ତ ପ୍ରଭାକର
- ପୂର୍ବ ଶତ୍ରୁତାରୁ ମାରିଦେଇଥିବା ସନ୍ଦେହ

ଡେଲାଙ୍ଗ/ପୁରୀ,୨୧।୪
(ରଶ୍ମିରଞ୍ଜନ ପ୍ରଧାନ/ ଅଜିତ ମହାନ୍ତି)

ଗତ ୧୫ତାରିଖରେ ରତନପୁର ଗ୍ରାମର ନାବାଳକ ଆଶୀର୍ବାଦ ନିଖୋଜ ହୋଇଯାଇଥିଲେ। ପୁଅର ନିଖୋଜ ସମ୍ପର୍କରେ ପରିବାର ଲୋକଙ୍କ ଅଭିଯୋଗ କ୍ରମେ ଡେଲାଙ୍ଗ ଥାନାରେ ଏକ ମାମଲା ରୁଜୁ ହୋଇଥିଲା। ପୋଲିସ ଏକ କେସ୍ (ନଂ. ୧୪୫/୨୫) ରୁଜୁ କରି ତଦନ୍ତ ଚଳାଇଥିଲା। ରବିବାର ବିଳମ୍ବିତ ରାତିରେ ଘରଠାରୁ ୨ଶହ ମିଟର ଦୂର ଏକ ପାଇଖାନା ଟାଙ୍କିରୁ ଆଶୀର୍ବାଦଙ୍କ ଗଳିତ ମୃତଦେହ ପୋଲିସ ଜବତ କରିଛି। ଏହି ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତ ପ୍ରଭାକରଙ୍କୁ ପୋଲିସ ଖୋର୍ଦ୍ଧା ଜିଲା ଟାଙ୍ଗୀ–ଚାନ୍ଦପୁରସ୍ଥିତ ତାଙ୍କ ଶ୍ୱଶୁର ଘରୁ ଗିରଫ କରିବା ସହ ପଚରାଉଚରା ପରେ ସେ ନାବାଳକଙ୍କୁ ହତ୍ୟା କରିବା ପରେ ପାଇଖାନା ଟାଙ୍କିରେ ପକାଇଥିବା ସ୍ୱୀକାର କରିଛନ୍ତି। ଉଲଗ୍ନ ଅବସ୍ଥାରେ ଗଳିତ ଶବ ପାଇଖାନା ଟାଙ୍କିରୁ ଉଦ୍ଧାର ହୋଇଥିବାବେଳେ ଏହାର ଗୁପ୍ତାଙ୍ଗରେ କ୍ଷତଚିହ୍ନ ଥିବା ଜଣାପଡ଼ିଛି। ତେଣୁ ଅପ୍ରାକୃତ ଯୌନ ସମ୍ପର୍କକୁ ବିରୋଧ କରିବାରୁ ଆଶୀର୍ବାଦଙ୍କୁ ହତ୍ୟା କରାଯାଇଥିବା ଅଞ୍ଚଳବାସୀ ସନ୍ଦେହ କରିଛନ୍ତି। ଏପରି କି ଅଭିଯୁକ୍ତ ଧରାପଡ଼ିବା ପରେ ତାଙ୍କ ଘର ଏବଂ ଆସବାବପତ୍ରକୁ ଲୋକେ ଭଙ୍ଗାରୁଜା କରିଥିବା ଦେଖିବାକୁ ମିଳିଥିଲା। ପୁରୀ ମେଡିକାଲରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ପୋଲିସ ସମସ୍ତ ଦିଗକୁ ନେଇ ତଦନ୍ତ ଜାରି ରଖିଥିବା ପୁରୀ ଏସ୍‌ପି ବିନିତ୍ ଅଗ୍ରୱାଲ ସୋମବାର ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

ସୂଚନାନୁସାରେ, ଅଭିଯୁକ୍ତ ପ୍ରଭାକର ମୃତ ଆଶୀର୍ବାଦଙ୍କ ସମ୍ପର୍କୀୟ ଦାଦା ଅଟନ୍ତି। ଛୋଟପିଲାମାନଙ୍କ ସାଙ୍ଗରେ ମିଳାମିଶା କରିବା ସହିତ ଖେଳିବା ଓ ଭୋଜି କରିବା ପ୍ରଭାକରଙ୍କ ଏକପ୍ରକାର ସଉକ ଥିଲା। ଗତ ୧୫ତାରିଖରେ ଆଶୀର୍ବାଦ ଗାଁ ପଡିଆରେ ପିଲାମାନଙ୍କ ସହିତ ଖେଳୁଥିଲେ। ଏହି ସମୟରେ ତାଙ୍କୁ ମା' ଖାଇବାକୁ ଡାକିଥିଲେ। ହେଲେ କାଳବୈଶାଖୀ ଆସିବାରୁ ମା' ତରବର ହୋଇ ଛାତ ଉପରକୁ ଲୁଗାପାଟା ଆଣିବାକୁ ଚାଲିଯାଇଥିଲେ। ତଳକୁ ଆସି ପୁଅକୁ ଖୋଜିବାରୁ ପାଇ ନ ଥିଲେ। ପରିବାରର ସମସ୍ତ ସଦସ୍ୟ ଏବଂ ସାହିପଡ଼ିଶା ଲୋକେ ଖୋଜାଖୋଜି କରିଥିଲେ ମଧ୍ୟ ଆଶୀର୍ବାଦଙ୍କ ପତ୍ତା ମିଳି ନ ଥିଲା। ପୁଅ ନିଖୋଜ ନେଇ ପରିବାର ଲୋକେ ପୋଲିସରେ ଅଭିଯୋଗ କରିଥିଲେ। ଖବରପାଇ ପୋଲିସ ବିଭିନ୍ନ ସ୍ଥାନ ଖୋଜାଖୋଜି କରିଥିଲେ ମଧ୍ୟ ରାତିରେ ପାଇ ନ ଥିଲା। ୧୬ ତାରିଖ ସକାଳୁ ଡେଲାଙ୍ଗ ପୋଲିସ ଓ ଅଗ୍ନିଶମ ବିଭାଗ କର୍ମଚାରୀ ନିଖୋଜ ନାବାଳକଙ୍କ ବାଡିପଟେ ଯାଇଥିବା ଲୁଣାନଦୀ, ଜଙ୍ଗଲିଆ ସ୍ଥାନ, ଗହୀର, ବାଉଁଶବଣ ଆଦି ସ୍ଥାନରେ ଖୋଜାଖୋଜି କରିଥିଲେ। ହେଲେ ଆଶୀର୍ବାଦଙ୍କ ସନ୍ଧାନ ପାଇବାରେ ବିଫଳ ହୋଇଥିଲେ। ଅନ୍ୟପଟେ ଅପହରଣକୁ ୫ଦିନ ବିତିଯିବା ପରେ ପିଲାକୁ କେହି ଗାଁ ଦାଣ୍ଡରୁ ଅପହରଣ କରିନେଇଥିବା ପୋଲିସ ସନ୍ଦେହ କରିବା ସହ ବିଭିନ୍ନ ସ୍ଥାନରେ ନାବାଳକଙ୍କ ପୋଷ୍ଟର ଲଗାଇ ଖବର ଦେବାକୁ ନିବେଦନ କରିଥିଲା। ନାବାଳକଙ୍କ କୌଣସି ପତ୍ତା ନ ମିଳିବାରୁ ପରିବାର ଏବଂ ସ୍ଥାନୀୟ ଲୋକେ ରବିବାର ରାସ୍ତା ଅବରୋଧ କରିବା ସହିତ କ୍ରାଇମବ୍ରାଞ୍ଚ ତଦନ୍ତ ଦାବି କରିଥିଲେ। ରବିବାର ବିଳମ୍ବିତ ରାତିରେ ପୋଲିସ ଅଭିଯୁକ୍ତ ପ୍ରଭାକରଙ୍କୁ ଗିରଫ କରିବା ପରେ ସେ ହତ୍ୟା କରିଥିବା ସ୍ୱୀକାର କରିଛନ୍ତି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ହତ୍ୟାର ପ୍ରକୃତ କାରଣ ଜଣାପଡ଼ିବ ବୋଲି ଅତିରିକ୍ତ ଏସ୍‌ପି ବିଷ୍ଣୁଚରଣ ପତି କହିଛନ୍ତି। ଅନ୍ୟପକ୍ଷରେ ମୃତ ନାବାଳକଙ୍କ ବାପା ମାନସ ସାହୁଙ୍କ ସହିତ ଅଭିଯୁକ୍ତ ପ୍ରଭାକରଙ୍କ ବ୍ୟବସାୟିକ ଏବଂ ଅନ୍ୟ କିଛି କାରଣକୁ ନେଇ ଶତ୍ରୁତା ରହିଥିଲା। ଏହି କାରଣରୁ ଆଶୀର୍ବାଦଙ୍କୁ ପ୍ରଭାକର ହତ୍ୟା କରିଥିବା ଜଣାପଡ଼ିଛି। ଅଭିଯୁକ୍ତ ପ୍ରଭାକରଙ୍କୁ ମଙ୍ଗଳବାର କୋର୍ଟ ଚାଲାଣ କରାଯିବ। ଏହି ହତ୍ୟାକାଣ୍ଡରେ ଆଉ କିଏ ସମ୍ପୃକ୍ତ ରହିଛନ୍ତି କି ନାହିଁ ତାର ସମସ୍ତ ଦିଗକୁ ନେଇ ତଦନ୍ତ କରାଯିବ ବୋଲି ଏସ୍‌ପି ବୋଲି ଏସ୍‌ପି ଅଗ୍ରୱାଲ କହିଛନ୍ତି।

ଗ୍ରାମରେ ଅନୁପସ୍ଥିତି ଅଭିଯୁକ୍ତଙ୍କୁ ଧରାପକାଇଲା: ଏସ୍‌ପି

ନାବାଳକ ଆଶୀର୍ବାଦ ସାହୁ ନିଖୋଜ ଘଟଣାରେ ପୁରୀ ଏସ୍‌ପି ବିନିତ ଅଗ୍ରୱାଲ ପରିବାର ସଦସ୍ୟଙ୍କୁ ଭେଟି ପଚରାଉଚରା କରିଥିଲେ। ପରିବାର ଲୋକଙ୍କଠାରୁ ସେମିତି କିଛି ସୁରାକ ପୋଲିସକୁ ମିଳିପାରି ନ ଥିଲା। ସାଇଣ୍ଟିଫିକ୍ ଟିମ୍ ସନ୍ଧାନୀ କୁକୁର ନେଇ ଖୋଜିବା ଆରମ୍ଭ କରିଥିଲା। ଅଭିଯୁକ୍ତ ପ୍ରଭାକର ସାହୁଙ୍କ ବାରି ଓ ଦାଣ୍ଡ ଦୁଆରେ ସନ୍ଧାନୀ କୁକୁର ପଇଁତରା ମାରିବା ସହିତ ଘର ଆଗରେ ଶୋଇ ରହିଥିଲା। ଘଟଣା ଦିନ ଅଭିଯୁକ୍ତ ପ୍ରଭାକର ଗାଁରେ ଥିବାବେଳେ ସନ୍ଧ୍ୟାରେ ଖୋର୍ଦ୍ଧା ଜିଲା ଟାଙ୍ଗୀ–ଚାନ୍ଦପୁରସ୍ଥିତ ଶ୍ୱଶୁର ଘରକୁ ଚାଲିଯାଇଥିଲେ। ଅଭିଯୁକ୍ତ ଗାଁରେ ନ ଥିବାରୁ ପୋଲିସର ସନ୍ଦେହ ଦୃଢୀଭୂତ ହୋଇଥିଲା। ସେପଟେ ଦାଣ୍ଡଦୁଆରେ ପୋଲିସ ପଇଁତରା ମାରିବା ଖବରପାଇ ପ୍ରଭାକର ଘରକୁ ଆସିଥିଲେ। ଗତ ୧୮ତାରିଖରେ ପ୍ରଭାକରଙ୍କୁ ପୋଲିସ ସ୍ଥାନୀୟ ଫାଣ୍ଡିରେ ଅଟକ ରଖି ପଚରାଉଚରା କରିଥିଲା। ହେଲେ ସେ ଏ ଘଟଣା ସମ୍ପର୍କରେ କିଛି ଜାଣି ନାହାନ୍ତି ବୋଲି କହିବାରୁ ପୋଲିସ ତାଙ୍କୁ ଛାଡ଼ି ଦେଇଥିଲା। ଫାଣ୍ଡିରୁ ବାହାରି ପ୍ରଭାକର ବଜାରରେ ଏକ ଦୋକାନରେ ଜଳଖିଆ ଖାଇ ଶ୍ୱଶୁର ଘରକୁ ପୁଣି ଚାଲିଯାଇଥିଲେ। ଅନ୍ୟପଟେ ପୋଲିସ ପ୍ରଭାକରଙ୍କୁ ସନ୍ଦେହଷ୍ଘେରରେ ରଖି ତାଙ୍କ ଉପରେ ତୀକ୍ଷ୍ଣ ନଜର ରଖିଥିଲା। ଘଟଣାର ୬ଦିନ ପର୍ଯ୍ୟନ୍ତ ଅଭିଯୁକ୍ତଙ୍କ ମୋବାଇଲ ଖୋଲାଥିବାବେଳେ ରବିବାର ପୋଲିସ ପୁନର୍ବାର ଡକାଇବାକୁ ଫୋନ କରିବାରୁ ତାଙ୍କ ନମ୍ବର ସୁଇଚ୍ ଅଫ୍ ଥିବା ଜଣାପଡ଼ିଥିଲା। ପୁରୀ ଏସ୍‌ପି ରବିବାର ସନ୍ଧ୍ୟା ୭ଟାରେ ଡେଲାଙ୍ଗ ଥାନାରେ ପହଞ୍ଚି ପିପିଲି ଏସ୍‌ଡିପିଓ ଦେବାଶିଷ ମିଶ୍ର, ଆଇଆଇସି ଶ୍ୟାମଘନ ବାରିକ ଓ ଫାଣ୍ଡି ଅଧିକାରୀ ରଶ୍ମିରଞ୍ଜନ ପୁଷ୍ଟିଙ୍କ ସହ ଘଟଣା ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ଏହାପରେ ଏସ୍‌ପିଙ୍କ ସମେତ ଏକ ସ୍ୱତନ୍ତ୍ର ଟିମ୍ ପ୍ରଭାକରଙ୍କୁ ଚାନ୍ଦପୁରସ୍ଥିତ ତାଙ୍କ ଶ୍ୱଶୁର ଘରୁ ଗିରଫ କରିଥିଲେ। ଅଭିଯୁକ୍ତ ଘଟଣାକୁ ସ୍ୱୀକାର କରିବା ସହ ନାବାଳକଙ୍କୁ ହତ୍ୟା କରି ପାଇଖାନା ଟାଙ୍କିରେ ପକାଇଥିବା କହିବା ପରେ ପୋଲିସ ମୃତଦେହ ଜବତ କରିଥିଲା।

ଅଭିଯୁକ୍ତଙ୍କ ଘର ଭାଙ୍ଗିଲେ ଲୋକେ

ପ୍ରଭାକରଙ୍କୁ ଫାଶୀ ଦିଲୁ: ଆଶୀର୍ବାଦଙ୍କ ମା'

ଜଣେ ଗ୍ରାମବାସୀ ଅଭିଯୁକ୍ତଙ୍କ ଘର ଭାଙ୍ଗୁଛନ୍ତି।

ଡେଲାଙ୍ଗ ଥାନା ଅନ୍ତର୍ଗତ ରତନପୁର ଗ୍ରାମର ନିଖୋଜ ନାବାଳକ ଆଶୀର୍ବାଦ ସାହୁଙ୍କ ଗଳିତ ମୃତଦେହ ପାଇଖାନା ଟାଙ୍କିରୁ ମିଳିବା ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଏହି ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତ ପ୍ରଭାକର ସାହୁଙ୍କୁ ପୋଲିସ ଗିରଫ କରିଛି। ପୁଅର ହତ୍ୟାକରୀଙ୍କୁ ଫାଶୀ ଦଣ୍ଡ ଦିଆଯାଉ ବୋଲି ମୃତକଙ୍କ ମା' କୋହଭରା କଣ୍ଠରେ ପ୍ରକାଶ କରିଛନ୍ତି। ସେହିପରି ଆଶୀର୍ବାଦଙ୍କ ପିତା ମାନସ ସାହୁଙ୍କ କହିବା ହେଲା ତାଙ୍କ ପୁଅକୁ ଅଭିଯୁକ୍ତ ପ୍ରଭାକର ହତ୍ୟା କରିବେ ବୋଲି ସେ କେବେ ଭାବି ନ ଥିଲେ। ପୁଅକୁ ଯେମିତି ନିର୍ଦ୍ଦୟ ଭାବେ ପ୍ରଭାକର ହତ୍ୟା କରିଛନ୍ତି, ଅଦାଲତ ତାଙ୍କୁ ଯେତେ ଦଣ୍ଡ ଦେଲେ ବି କମ୍ ହେବ ବୋଲି ମାନସ କହିଛନ୍ତି। ଅପରପକ୍ଷରେ ଏହି ଘଟଣାରେ ପ୍ରଭାକରଙ୍କ ସମ୍ପୃକ୍ତି ଥିବା ଜଣାପଡ଼ିବା ପରେ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା। ଅଭିଯୁକ୍ତଙ୍କ ଘର ଏବଂ ଆସବାବପତ୍ରକୁ ଲୋକମାନେ ଭଙ୍ଗାରୁଜା କରିଥିବା ଦେଖିବାକୁ ମିଳିଥିଲା।

ବାଲି ବ୍ୟବସାୟକୁ ନେଇ ହତ୍ୟାକାଣ୍ଡ, ୭ ଅଟକ

ଢେଙ୍କାନାଳ,୨୧।୪
(ରତନ ନାୟାର)

ଢେଙ୍କାନାଳ ସହର ଜୟଗୋପାଳ ସାହି ଓ କାରୀଗର ସାହିରେ ଥିବା ଏକ ସ୍କୁଲ ସମ୍ମୁଖରେ ରବିବାର ରାତି ପ୍ରାୟ ସାଢେ ୧୧ଟା ସମୟରେ କେତେଜଣ ଯୁବକ ମହେଶ୍ୱର ବେହେରା (୩୫) ଓରଫ୍ ଟିଟନଙ୍କୁ ପ୍ରଥମେ ଗୁଳିମାଡ଼ ଓ ପରେ ପଥରରେ ଛେଚି ହତ୍ୟା କରିଥିଲେ। ବାଲି ବ୍ୟବସାୟକୁ ନେଇ ଏହି ହତ୍ୟାକାଣ୍ଡ ହୋଇଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି। ଏହି ଘଟଣାରେ ପୋଲିସ ୭ଜଣଙ୍କୁ ଅଟକ ରଖି ପଚରାଉଚରା ଜାରି ରଖିଛି। ୨ ଜଣଙ୍କୁ ଢେଙ୍କାନାଳ ଜିଲା ସଦର ଥାନା ତରଭା ଅଞ୍ଚଳରୁ ଓ ଅନ୍ୟ ୫ ଜଣଙ୍କୁ ପୁରୀରୁ ପୋଲିସ ଧରିଥିବା ଅତିରିକ୍ତ ଏସ୍‌ପି ସୂର୍ଯ୍ୟମଣି ପ୍ରଧାନ କହିଛନ୍ତି। ଅପରପକ୍ଷରେ ସୋମବାର ଅପରାହ୍ନରେ ଟିଟନଙ୍କ ପରିବାରକୁ କ୍ଷତିପୂରଣ ପ୍ରଦାନ ସହିତ ଅଭିଯୁକ୍ତମାନଙ୍କୁ କଠୋର ଦଣ୍ଡ ଦାବିରେ ସହରର ପ୍ରମୁଖ ରାସ୍ତାରେ ମୃତଦେହ ରଖି ଅଞ୍ଚଳବାସୀ ରାସ୍ତାରୋକୋ କରିଥିଲେ।

ପ୍ରକାଶ ଯେ, ବାଲି ବ୍ୟବସାୟ ଅର୍ଥକୁ ନେଇ ଟିଟନ ଏବଂ ଅଭିଯୁକ୍ତମାନଙ୍କ ମଧ୍ୟରେ କିଛିଦିନ ହେବ ବିବାଦ ଲାଗି ରହିଥିଲା। ରବିବାର ରାତିରେ ଟିଟନ ଓ ଅଭିଯୁକ୍ତଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ପରେ ଟିଟନ ସେଠାରୁ କାରୀଗର ସାହିସ୍ଥିତ ତାଙ୍କ ଘରକୁ ପଳାଇ ଆସିଥିଲେ। ଅଭିଯୁକ୍ତଙ୍କ ସହ ତାଙ୍କର ପାଟିତୁଣ୍ଡ ହୋଇଥିବା ନେଇ ସେ ସ୍ତ୍ରୀଙ୍କୁ କହିଥିଲେ। ହେଲେ କିଛି ସମୟ ପରେ ପୁଣିଥରେ ସେ ଅଭିଯୁକ୍ତମାନଙ୍କ ନିକଟକୁ ଯାଇଥିଲେ। ଏଥିରେ ଉତ୍କ୍ଷିପ୍ତ ହୋଇ ଅଭିଯୁକ୍ତମାନେ ଟିଟନଙ୍କ ଦୁଇ ଗୋଡ଼କୁ ଦୁଇ ରାଉଣ୍ଡ ଗୁଳମାଡ଼ କରିଥିଲେ। ଗୁରୁତର ଅବସ୍ଥାରେ ଟିଟନ ଘର ଆଡ଼କୁ ଆସି ସ୍ତ୍ରୀଙ୍କୁ ଡାକ ପକାଇଥିଲେ। ଟିଟନଙ୍କ ପାଟି ଶୁଣି ସ୍ତ୍ରୀ ଘର ବାହାରକୁ ଆସିଥିଲେ। ଏହି ସମୟରେ ଅଭିଯୁକ୍ତମାନେ ଘର ସମ୍ମୁଖରେ ଟିଟନଙ୍କୁ ଘୋଷାରି ନେଇ ପଥରରେ ଛେଚି ଫେରାର ହୋଇଯାଇଥିଲେ।

ଗୁଳିମାଡ଼ ପରେ ପଥରରେ ଛେଚି ଯୁବକଙ୍କୁ ହତ୍ୟା ମାଗଲା

ମୃତ ମହେଶ୍ୱର ବେହେରା

ଗୁରୁତର ଅବସ୍ଥାରେ ଟିଟନଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସୋମବାର ସକାଳେ ସାଇଣ୍ଟିଫିକ୍ ଦଳ ସହ ପୋଲିସ ଘଟଣାସ୍ଥଳରେ ପହଞ୍ଚି ରକ୍ତଭିଜା ସ୍ଥାନରେ ତଦନ୍ତ କରିବା ସହ ଘଟଣା ସ୍ଥଳରୁ ଦୁଇଟି ଫୁଟାଗୁଳି ଜବତ କରିଥିଲା। ମୃତଦେହ ବ୍ୟବଚ୍ଛେଦ ପରେ ଅଞ୍ଚଳବାସୀ ଓ ସମ୍ପର୍କୀୟମାନେ ମୃତଦେହକୁ ଶାସନ ଛକଠାରେ ରଖି ଟାୟାର ଜାଳି ରାସ୍ତା ଅବରୋଧ କରିଥିଲେ। ଖବରପାଇ ସଦର ତହସିଲଦାର ସ୍ୱାଧୀନ ବେହେରା ଓ ଅତିରିକ୍ତ ଏସ୍‌ପି ସୂର୍ଯ୍ୟମଣି ପ୍ରଧାନ ପହଞ୍ଚି ବୁଝାଶୁଝା କରିବା ପରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା। ଟିଟନଙ୍କ ସ୍ତ୍ରୀ ପୂଜା ବେହେରାଙ୍କ ଅଭିଯୋଗ କ୍ରମେ ଟାଉନ ଥାନାରେ ବିଏନ୍‌ଏସ୍ ଦଫା ୧୯୧, ୧୦୩, ୧୧୧, ୧୯୦ ଏବଂ ୨୫ ଓ ୨୭ ଆର୍ମସ ଆକ୍ଟରେ ଏକ ମାମଲା(ନଂ.୨୪୭/୨୫) ରୁଜୁ କରାଯାଇଛି। ଘଟଣାରେ ୧୨ଜଣ ଅଭିଯୁକ୍ତ ରହିଥିବା ପୋଲିସ ସୂତ୍ରରୁ ଜଣାପଡିଛି। ରବିବାର ବିଳମ୍ବିତ ରାତିରେ ପୋଲିସ ଚଢ଼ାଉ କରି ଚନ୍ଦନ ବଜାର ଓ ବାଜିଚୌକ ଅଞ୍ଚଳରୁ ୨ ଜଣଙ୍କୁ ଧରିଥିବା ବେଳେ ଅନ୍ୟ ୫ଜଣଙ୍କୁ ପୁରୀରୁ ଧରଛି। ଏହି ଘଟଣାରେ ୧୨ଜଣ ଅଭିଯୁକ୍ତ ରହିଛନ୍ତି। ଅନ୍ୟମାନଙ୍କୁ ଧରିବା ପାଇଁ ସଦର ଏସ୍‌ଡିପିଓ ରମେଶ ଚନ୍ଦ୍ର ଦୋରା ଓ ଟାଉନ ଥାନା ଅଧିକାରୀ ପ୍ରଭାତ ସାହୁଙ୍କ ନେତୃତ୍ୱରେ ଦୁଇଟି ଟିମ୍ ଗଠନ କରାଯାଇଛି ବୋଲି ଅତିରିକ୍ତ ଏସ୍‌ପି ପ୍ରଧାନ କହିଛନ୍ତି।

ଖଟ ବାକ୍ସରୁ ମିଳିଲା ମହିଳାଙ୍କ ମୃତଦେହ

ସ୍ତ୍ରୀଙ୍କୁ ହତ୍ୟାକରି ସ୍ୱାମୀ ଫେରାର ଅଭିଯୋଗ

ଚନ୍ଦାହାଣ୍ଡି/ଉମରକୋଟ,୨୧।୪
(ଦିଲୀପ ଦାଶ/ସନ୍ତୋଷ ଶତପଥୀ)

ଖଟ ବାକ୍ସରୁ ମିଳିଛି ମହିଳାଙ୍କ ମୃତଦେହ। ସ୍ତ୍ରୀଙ୍କୁ ହତ୍ୟାକରି ମୃତଦେହକୁ ଖଟର ବାକ୍ସରେ ରଖି ସ୍ୱାମୀ ଫେରାର ହୋଇଯାଇଥିବା ଅଭିଯୋଗ ହୋଇଛି। ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ୍ ହଳଦୀ ଗ୍ରାମରୁ ଏହି ଘଟଣା ସୋମବାର ସାମ୍ନାକୁ ଆସିଛି। ମୃତକ ହେଲେ ହଳଦୀ ଗାଁର ଯୁଦ୍ଧାର ସିଂ ନାୟକଙ୍କ ସ୍ତ୍ରୀ ଅନୀତା। ନବରଙ୍ଗପୁରରୁ ସାଇଣ୍ଟିଫିକ୍ ଟିମ୍ ସୋମବାର ସନ୍ଧ୍ୟାରେ ପହଞ୍ଚି ଯାଞ୍ଚ କରୁଛି। ଚନ୍ଦାହାଣ୍ଡି ପୋଲିସ ମୃତ ମହିଳାଙ୍କ ଶ୍ୱଶୁରଙ୍କୁ ଅଟକ ରଖି ପଚରାଉଚରା କରୁଛି।

ପୋଲସ ସୂଚନାନୁଯାୟୀ ହଳଦୀ ଗ୍ରାମର ଯୁଦ୍ଧାର ସିଂ ନାୟକ ଛତିଶଗଡ଼ ଦେଭୋଗ ଥାନା ଭତରାବାହାଳୀ ଗ୍ରାମର କମଳାକାନ୍ତ ସୋରିଙ୍କ ଝିଅ ଅନୀତାଙ୍କୁ ପ୍ରାୟ ୩ ବର୍ଷ ତଳେ ବୈଦିକ ରୀତିରେ ବାହା ହୋଇଥିଲେ। ସେମାନଙ୍କର ଦେଢ଼ ବର୍ଷର ଝିଅଟିଏ ଅଛି। କିଛିଦିନ ତଳେ ଅନୀତା ଭତ୍ରାବାହାଳସ୍ଥିତ ବାପଘରକୁ ଯାଇଥିଲେ। ସେଠାରୁ ୪ ଦିନ ତଳେ ଯୁଦ୍ଧାର ତାଙ୍କୁ ଘରକୁ ଆଣିଥିଲେ। ତେବେ ଶନିବାରଠାରୁ ଉଭୟ ସ୍ୱାମୀ ସ୍ତ୍ରୀ ନିଖୋଜ ଥିବା ନେଇ ଯୁଦ୍ଧାରଙ୍କ ପରିବାର ଲୋକେ ଅନୀତାଙ୍କ ଘର ଲୋକଙ୍କୁ ଖବର ଦେଇଥିଲେ। ଅନୀତାଙ୍କ ପରିବାର ଲୋକେ ସବୁଠି ଖୋଜାଖୋଜି କରିଥିଲେ। ତାଙ୍କ ଘର ବାହାରପଟରୁ ତାଲା ପଡ଼ିଥିବାବେଳେ ଉଭୟଙ୍କ କୌଣସି ସନ୍ଧାନ ମିଳି ନ ଥିଲା। ବାଧ୍ୟହୋଇ ଅନୀତାଙ୍କ ଭାଇ ରବିବାର ଚନ୍ଦାହାଣ୍ଡି ଥାନାରେ ନିଖୋଜ ଅଭିଯୋଗ କରିଥିଲେ। ତେବେ ସୋମବାର ବନ୍ଦଘରୁ ଦୁର୍ଗନ୍ଧ ବାହାରିବାରୁ ପଡ଼ୋଶୀ ଲୋକେ ପୋଲିସକୁ ଏ ସମ୍ପର୍କରେ ଜଣାଇଥିଲେ। ଚନ୍ଦାହାଣ୍ଡି ପୋଲିସ ଘଟଣାସ୍ଥଳରେ ପହଞ୍ଚି ଘର ତାଲା ଭାଙ୍ଗିଥିଲେ। ଘରେ ତଦନ୍ତ କରିବାବେଳେ ମୃତଦେହ ଖଟ ବାକ୍ସରୁ ମିଳିଥିଲା। ଖବରପାଇ ଉମରକୋଟ ଏସ୍‌ଡିପିଓ ଶୁଭେନ୍ଦୁ ଶବର ପହଞ୍ଚି ଥିଲେ। ସାଇଣ୍ଟିଫିକ୍ ଟିମ୍‌ର ଯାଞ୍ଚ ସରିବା ପରେ ମୃତଦେହ ବାହାର କରାଯିବ। ହତ୍ୟାର କାରଣ ଏବେ ସୁଦ୍ଧା ସ୍ପଷ୍ଟ ହୋଇ ନ ଥିବା ପୋଲିସ ସୂଚନା ଦେଇଛନ୍ତି। ଶିଶୁ କନ୍ୟା ଜଣଙ୍କ ଏବେ ତାଙ୍କ ଜେଜେମା'ଙ୍କ ପାଖରେ ଅଛନ୍ତି। ଯୁଦ୍ଧାର ଅନୀତାଙ୍କୁ ହତ୍ୟା କରିଥିବା ନେଇ ମୃତକଙ୍କ ଭାଇ ସୋମବାର ଚନ୍ଦାହାଣ୍ଡି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ କେସ୍ ନଂ. ୫୯/୨୫ରେ ମାମଲା ରୁଜୁ କରିଛି। ଚନ୍ଦାହାଣ୍ଡି ଏସ୍‌ଆଇ ବିଜୁରାମ ବାଗ ଘଟଣାର ତଦନ୍ତ କରୁଛନ୍ତି।

ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

ପୋଥି ବାଇଗଣ
ବାଡ଼ି ବାଇଗଣ।

ପୋଥି ବାଇଗଣ ବା ଚିତ୍ର ବାଇଗଣରେ ପେଟ ପୂରି ନ ଥାଏ। ବହିରୁ ବାଇଗଣ ଚାଷ ଶିଖି କାମରେ ନ ଲଗାଇଲେ ଲାଭ ମିଳି ନ ଥାଏ। ଜ୍ଞାନ ତଥା ଅଭିଜ୍ଞତା ନ ଥିଲେ ଫଳ ମିଳି ନ ଥାଏ। ଚିତ୍ରଠାରୁ ବାସ୍ତବର ମୂଲ୍ୟ ଢେର୍ ଅଧିକ ବା ଶ୍ରେୟସ୍କର ହୋଇଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଫଟା ରସିକ
ପିକ ଖାଉ ଖାଉ ଗଲା ଓଳିକ।

ରସିକ ପଣକୁ ଠିକ୍ ମାତ୍ର ଦୃଷ୍ଟିକୋଣ ଖୁବ୍ ନିରସ। ରସିକିଆ ଟୋକାର ରଙ୍ଗଢଙ୍ଗ ପ୍ରତି ଏଭଳି ଉକ୍ତି ପ୍ରଦାନ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ–ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ

ପ୍ରଧାନ ଶିକ୍ଷୟିତ୍ରୀଙ୍କୁ କାରଣ ଦର୍ଶାଅ ନୋଟିସ ଜାରିକଲେ ଡିଇଓ

ପୁରୀ,(ଅଜିତ୍ କୁମାର ମହାନ୍ତି): ପୁରୀ ଜିଲା ଶିକ୍ଷାଧିକାରୀ ଦୀପକ କୁମାର ପାଢ଼ୀ ସୋମବାର ପିପିଲି ବ୍ଲକ୍‌ର ହାଟସାହି ପଞ୍ଚାୟତ ନୋଡାଲ ଉଚ୍ଚ ବିଦ୍ୟାଳୟ ବାଜୋପେଇକୁ ପରିଦର୍ଶନ କରିଥିଲେ। ଏହି ସମୟରେ ପାଢ଼ୀ ଦେଖିବାକୁ ପାଇଥିଲେ ଯେ, ଛାତ୍ରୀଛାତ୍ର ତଳେ ବସି ମଧ୍ୟାହ୍ନଭୋଜନ କରୁଛନ୍ତି। ସେହିପରି ବିଜ୍ଞାନାଗାର ନିୟମିତ ଖୋଲାଯାଉନି। ଶୌଚାଳୟ ପରିଷ୍କାର ପରିଚ୍ଛନ୍ନ ନାହିଁ। ଏସବୁ ଦେଖି ପାଢ଼ୀ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ତାଗିଦା କରିବା ସହ କାରଣ ଦର୍ଶାଅ ନୋଟିସ୍ ଜାରି କରିଛନ୍ତି। ସେହିପରି ବିଜ୍ଞାନ ଶିକ୍ଷୟିତ୍ରୀଙ୍କ ଗୋଟିଏ ଦିନର ଦରମା ବନ୍ଦ ପାଇଁ ନିର୍ଦ୍ଦେଶ ଦେଇଛନ୍ତି।

୨୧।୪।୨୦୨୫

୪,୯୬,୫୫୫ ଟଙ୍କା	
ସୁନା	୦୨୦ ମିଲିଗ୍ରାମ୍
ରୁପା	୩୧ ଗ୍ରାମ୍

ଟ୍ରକ୍ ଧକ୍କାରେ ଛାତ୍ରଙ୍କ ମୃତ୍ୟୁକୁ ନେଇ ୪ ଘଣ୍ଟା ରାସ୍ତାରୋକୋ

ଗୋପ,୨୧।୪(ଭାରତୀ ଭୂଷଣ ଉପାଧ୍ୟାୟ)

ଗୋପ-ଚାରିଛକ ରାସ୍ତାର ସମବାୟ ବ୍ୟାଙ୍କ ନିକଟରେ ଏକ ୧୨ ଚକିଆ ଟ୍ରକ୍ ଚକା ତଳେ ସୋମବାର ସକାଳ ୭ଟାରେ ଜଣେ ନବମ ଶ୍ରେଣୀ ଛାତ୍ରଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଗୋପ ବସ୍ତିର ରସିଦ ଖାନ୍‌ଙ୍କ ଏକମାତ୍ର ପୁତ୍ର ତଥା ଗୋପ ନିଗମାନନ୍ଦ ସ୍ମାର୍ଟ ସ୍କୁଲର ଛାତ୍ର ଜୁନେଦ ଖାନ (୧୪)। ଏହାକୁ ନେଇ ଅପରାହ୍ନରେ ଜୁନେଦଙ୍କ ପରିବାରବର୍ଗ ଓ ବସ୍ତିବାସିନ୍ଦା ତାଙ୍କ ପରିବାରକୁ କ୍ଷତିପୂରଣ ସହ ୩ ଗୋଟି ଦାବିରେ ରାସ୍ତା ଅବରୋଧ କରିଥିଲେ। ଗୋପ ତହସିଲଦାର ଅନିଲ କୁମାର ମହାନ୍ତି, ନିମାପଡ଼ା ଡିଏସ୍‌ପି ଜନାର୍ଦ୍ଦନ ପାଢ଼ୀ, ଗୋପ ଥାନା ଅଧିକାରୀ ପ୍ରଶାନ୍ତ କୁମାର ପଢ଼ିହାରୀ, ଏସ୍‌ଆଇ ଦେବସ୍ମିତା ସିଂ, ଏଏସ୍‌ଆଇ ଜହ୍ନୁରୁ ଖାଁଙ୍କ ସହ ଅନ୍ୟମାନେ ପହଞ୍ଚି ଉକ୍ତ ଲୋକଙ୍କୁ ବୁଝାଶୁଝା କରିବାରୁ ଅବରୋଧ ହଟିଥିଲା। ଏଥିସହ ମୃତକଙ୍କ ମାମୁ ମହମ୍ମଦ ଦିଦାରଙ୍କ ଅଭିଯୋଗକ୍ରମେ ଗୋପ ପୋଲିସ ଏକ ମାମଲା (ନଂ. ୧୨୩/୨୫) ରୁଜୁ କରି ଟ୍ରକ୍ ଚାଳକ ରାଜୁ ସାମଲଙ୍କୁ ଗିରଫ କରିଛି। ରେଡ୍‌କ୍ରସ୍ ପକ୍ଷରୁ ମୃତକଙ୍କ ପରିବାରକୁ ୨୦ ହଜାର ଟଙ୍କା ମିଳିଥିବାବେଳେ ମାନବିକତା ଦୃଷ୍ଟିକୋଣରୁ ଆଉ କେତେଜଣ ବଦାନ୍ୟ ବ୍ୟକ୍ତି ମଧ୍ୟ ଅର୍ଥ ଦେଇଥିଲେ।

ସ୍ଥାନୀୟ ବାସିନ୍ଦା ମୃତଦେହ ରଖି ରାସ୍ତାରୋକୋ କରିଛନ୍ତି ।

ପ୍ରକାଶ ଯେ, ସକାଳେ ଜୁନେଦ ତାଙ୍କ ଘର ଲୋକଙ୍କ ପାଇଁ ଗୋପ ବଜାରରୁ ଚା' ନେଇ ସାଇକେଲରେ ଘରକୁ ଫେରୁଥିଲେ। ସମବାୟ ବ୍ୟାଙ୍କ ନିକଟରେ ପଛରୁ ଆସୁଥିବା ୧୨ ଚକିଆ ଟ୍ରକ୍ (ଓଡି ୧୯ ଏଲ୍ ୭୬୪୪) ଧକ୍କା ଦେବାରୁ ତାଙ୍କ ଡାହାଣ ଗୋଡ଼ ଉପରେ ଚକା ଚଢ଼ି ଯାଇଥିଲା। ସ୍ଥାନୀୟ ଲୋକେ ହୋହଲ୍ଲା କରିବାରୁ ଚାଳକ ଗାଡ଼ି ବ୍ରେକ୍ ମାରିଥିଲେ।

ପରେ ଜୁନେଦଙ୍କୁ ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନିଆଯାଇଥିଲା। ସେଠାରେ ପ୍ରାଥମିକ ଚିକିତ୍ସା ପରେ ଭୁବନେଶ୍ୱର ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ମାତ୍ର ଦେଢ଼ ଘଣ୍ଟା ବିଳମ୍ବରେ ୧୦୮ ଆମ୍ବୁଲାନ୍ସ ପହଞ୍ଚିବା, ତା' ମଧ୍ୟରେ ରୋଗୀଙ୍କ ଲାଗି ଅକ୍ସିଜେନ ଓ ଅନ୍ୟାନ୍ୟ ସୁବିଧା ନ ଥିବାରୁ କିଛି ସମୟ ଅସନ୍ତୋଷ ଦେଖାଦେଇଥିଲା। ତେବେ ଜୁନେଦଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିବାର ଅଳ୍ପ ସମୟ ପରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବ୍ୟବଚ୍ଛେଦ ପରେ ଅପରାହ୍ନ ୪ଟାରେ ଗୋପରେ ମୃତଦେହ ପହଞ୍ଚିଥିଲା। ବସ୍ତିବାସିନ୍ଦା ରାସ୍ତା ଉପରେ ମୃତଦେହ ରଖି ପରିବାରକୁ କ୍ଷତିପୂରଣ, ଉକ୍ତ ରାସ୍ତାରେ ଯାଉଥିବା ଭାରିଯାନକୁ ସକାଳ ୬ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ନିଷେଧାଦେଶ, ଧକ୍କା ଦେଇଥିବା ଗାଡ଼ି ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଦାବିରେ ଟାୟାର ଜାଳି ରାସ୍ତା ଅବରୋଧ କରିଥିଲେ। ଫଳରେ ୪ ଘଣ୍ଟା ଉକ୍ତ ରାସ୍ତାରେ ଗାଡ଼ିମୋଟର ଚଳାଚଳ ବନ୍ଦ ରହିଥିଲା।

- ■ ଦେଢ଼ ଘଣ୍ଟା ବିଳମ୍ବରେ ପହଞ୍ଚିଲା ୧୦୮ ଆମ୍ବୁଲାନ୍ସ
- ■ ଆମ୍ବୁଲାନ୍ସରେ ଅକ୍ସିଜେନ ସମେତ ଅନ୍ୟାନ୍ୟ ଅସୁବିଧା ନେଇ ଅସନ୍ତୋଷ

ଜମାଣରେ ଗଣ୍ଡଗୋଳ, ୩ କୋର୍ଟଚାଲାଣ

ବଳଙ୍ଗା,୨୧।୪(କେଦାରେଶ୍ୱର ନନ୍ଦ)

ବଳଙ୍ଗା ଥାନା ଅନ୍ତର୍ଗତ କୋଠକୁସାଙ୍ଗ ମେଳଣ ଜମାଣ ସମୟରେ ଦୁଇ ଗୋଷ୍ଠୀଙ୍କ ମଧ୍ୟରେ ପାଟିତୁଣ୍ଡ ଏବଂ ଦୁଇ ନାବାଳକଙ୍କୁ ଖୁଣ୍ଟରେ ବାନ୍ଧି ବାଡ଼େଇବା ନେଇ ବଳଙ୍ଗା ଥାନାରେ ପୃଥକ୍ ପୃଥକ୍ ଦୁଇଟି ଅଭିଯୋଗ ହୋଇଛି। ଏହି ଘଟଣାରେ ବଳଙ୍ଗା ପୋଲିସ ସୋମବାର ଅପରାହ୍ନରେ ୩ ଜଣଙ୍କୁ କୋର୍ଟଚାଲାଣ କରିଥିବା ବେଳେ ବଳଙ୍ଗା ପ୍ରଧାନସାହିର ଜଣଙ୍କୁ ଅଟକ ରଖିଛି। ସେମାନେ ହେଲେ କୋଠକୁସାଙ୍ଗ ବେହେରା ସାହିର ସୋମନାଥ ଦାଶ, ଦୀପକ ଦାଶ, ଜଗା ଦାଶ।

ସୂଚନା ମୁତାବକ, କୋଠକୁସାଙ୍ଗ ଗ୍ରାମରେ ଶନିବାର ରାତିରେ ଜମାଣ ସମୟରେ ବଳଙ୍ଗା ପ୍ରଧାନସାହି ଓ ବେହେରାସାହି ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଫଳରେ କୋଠକୁସାଙ୍ଗ ଗ୍ରାମର ୨ଜଣ ଗୁରୁତର ହୋଇଥିଲେ। ବଳଙ୍ଗା ପୋଲିସ ଖବରପାଇ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ନିୟନ୍ତ୍ରଣ କରିଥିଲା। ପରେ ବଳଙ୍ଗା ବିରାଟସାହିର ୨ ନାବାଳକ ଜମାଣ ଦେଖିବା ପାଇଁ ଯାଇଥିବା ବେଳେ ସେମାନଙ୍କୁ ପ୍ରଧାନସାହି ପିଲା ଭାବି କୋଠକୁସାଙ୍ଗ ବେହେରାସାହିର ଲୋକମାନେ ନାବାଳକଙ୍କୁ ଖୁଣ୍ଟିରେ ବାନ୍ଧିବା ସହିତ ମାଡ଼ମାରି ସିଗାରେଟ ଚେଙ୍କ ଦେଇଥିଲେ। ଏଥିସହ ପରିସ୍ରା ପିଆଇବାକୁ ମଧ୍ୟ ପଛାଇ ନ ଥିଲେ। ବଳଙ୍ଗା ପୋଲିସ ଘଟଣାକୁ ଗୁରୁତ୍ୱର ସହ ନେଇ ୮୨/୨୫ରେ ଏକ ମାମଲା ରୁଜୁ କରି ୩ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି।

ମାସିକ କାର୍ଯ୍ୟ ସମୀକ୍ଷା କଲେ ମୁଖ୍ୟ ପ୍ରଶାସକ

-ଶ୍ରୀମନ୍ଦିର ପ୍ରଶାସନ ୟୁ ଟ୍ୟୁବ୍ ଚ୍ୟାନେଲର ଲୋଗୋ ଉନ୍ମୋଚିତ

ପୁରୀ,୨୧।୪(ଅଜିତ୍ କୁମାର ମହାନ୍ତି)

ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ ସୋମବାର ମାସିକ କାର୍ଯ୍ୟର ସମୀକ୍ଷା କରିଛନ୍ତି। ଗତ ମାସରେ ଅଧିକାରୀ ଓ କର୍ମଚାରୀଙ୍କୁ ଦିଆଯାଇଥିବା ନିର୍ଦ୍ଦିଷ୍ଟ ଦାୟିତ୍ୱର ଅଗ୍ରଗତି ସମୀକ୍ଷା କରିବା ସହ ଆଗାମୀ ଦିନ ପାଇଁ କାର୍ଯ୍ୟ ଖସଡ଼ା ପ୍ରସ୍ତୁତ ହୋଇଛି। ଏଥିସହିତ ମୁଖ୍ୟ ପ୍ରଶାସକ ଆଗାମୀ ରଥଯାତ୍ରା ଏବଂ ଅକ୍ଷୟ ତୃତୀୟା ପାଇଁ ମଧ୍ୟ ପ୍ରସ୍ତୁତି ସମୀକ୍ଷା କରିଛନ୍ତି। ରଥ ନିର୍ମାଣ ପାଇଁ ରଥ କାଠ, ରଥ ଦଉଡ଼ି, ରଥ କନା, ଝୁଣ୍ଡା, ଚନ୍ଦନ, ବାସୁଙ୍ଗା ପାଟ ସହିତ ଆନୁସଙ୍ଗିକ ଜିନିଷର ଉପଲବ୍ଧତା ନେଇ ଆଲୋଚନା କରିବା ସହ ଠିକଣା ସମୟରେ ସଂଗ୍ରହ କରାଯିବାକୁ ମୁଖ୍ୟ ପ୍ରଶାସକ ନିର୍ଦ୍ଦେଶ ଦେଇଥିଲେ। ସେହିପରି ମହାପ୍ରଭୁଙ୍କ ସେନାପଟା ଲାଗି ନୀତି ସକାଶେ ବଉଳ କାଠ ସଂଗ୍ରହ ନିମନ୍ତେ ରାଜ୍ୟର ଭକ୍ତମଣ୍ଡଳୀଙ୍କୁ ମୁଖ୍ୟ ପ୍ରଶାସକ ଅପିଲ କରିଛନ୍ତି। ଶ୍ରୀଗୁଣ୍ଡିଚା ମନ୍ଦିର ତଥା ବିଭିନ୍ନ ନିର୍ମାଣାଧୀନ ପ୍ରକଳ୍ପର ଅଗ୍ରଗତି ସମୀକ୍ଷା କରିବା ସହ ମୁଖ୍ୟ ପ୍ରଶାସକ ନିଜେ ବୁଲି ଦେଖିଛନ୍ତି। ସମୀକ୍ଷା ବୈଠକ ଅବସରରେ ଶ୍ରୀମନ୍ଦିର ପ୍ରଶାସନର ୟୁ ଟ୍ୟୁବ୍ ଚ୍ୟାନେଲର ମାଇକ ତଥା ଲୋଗୋ ଉନ୍ମୋଚନ ହୋଇଛି। ସମୀକ୍ଷା ସମୟରେ ମୁଖ୍ୟ ପ୍ରଶାସକ, ଅନ୍ୟ ବରିଷ୍ଠ ପ୍ରଶାସକ, ଶ୍ରୀମନ୍ଦିର ଅଧିକାରୀ ଏବଂ କର୍ମଚାରୀମାନେ ଉପସ୍ଥିତ ଥିଲେ।

ରାଇଡର୍ ଇଲେଭେନକୁ ହରାଇ ବିବିସିଏ ସେମିରେ

ରାଜ୍ୟସ୍ତରୀୟ କୋଣାର୍କ କପ୍ ଟି-୨୦ କ୍ରିକେଟ

କୋଣାର୍କ,୨୧।୪(ଜ୍ୟୋତିରାଜ ମହାନ୍ତି)

କୋଣାର୍କ ସ୍ପୋର୍ଟସ ଏକାଡେମୀ ପକ୍ଷରୁ କୋଣାର୍କ ଭଗବତୀ ମହାବିଦ୍ୟାଳୟ ଖେଳପଡ଼ିଆରେ ଆୟୋଜିତ ରାଜ୍ୟସ୍ତରୀୟ କୋଣାର୍କ କପ୍ ଟି-୨୦ କ୍ରିକେଟ ଟୁର୍ନାମେଣ୍ଟର ଦ୍ୱିତୀୟ କ୍ୱାର୍ଟର ଫାଇନାଲ୍‌ରେ ଭୁବନେଶ୍ୱର ରାଇଡର୍ ଇଲେଭେନ୍‌କୁ ୭ ୱିକେଟରେ ହରାଇ ଭାରତ ଭୂଷଣ କ୍ରିକେଟ ଏକାଡେମୀ ସେମିରେ ପ୍ରବେଶ କରିଛି।

ଟସ୍‌ଜିତି ପ୍ରଥମେ ବ୍ୟାଟିଂ କରି ରାଇଡର୍ ଇଲେଭେନ ନିର୍ଦ୍ଧାରିତ ୨୦ ଓଭରରୁ ୧୬.୫ ଓଭର ଖେଳି ସମସ୍ତ ୱିକେଟ ହରାଇ ମାତ୍ର ୭୯ ରନ୍ ସଂଗ୍ରହ କରିଥିଲା। ରାଇଡର୍ ଇଲେଭେନ ଦଳର ଶ୍ରେୟାଂସୁ ସୋହମ ଜ୍ୟୋତି ସର୍ବାଧିକ ୩୦ ବଲ୍‌ରେ ୩୩ ରନ୍ ସଂଗ୍ରହ କରିଥିଲେ। ବିବିସିଏ ଦଳର ଚିରାଗ ସୋନି ଓ ଆଶିଷ ରଥ ସର୍ବାଧିକ ୩ଟି ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ। ଏହାର ଜବାବରେ ବିବିସିଏ ଭୁବନେଶ୍ୱର ଟିମ୍ ୭.୩ ଓଭର ଖେଳି ୩ ୱିକେଟ ହରାଇ ବିଜୟ ଲାଭ କରିଥିଲେ। ବିବିସିଏର ସିଦ୍ଧାର୍ଥ ଜେନା ୩ ୱିକେଟ ନେବା ସହ ୧୫ଟି ବଲରୁ ୨୭ ରନ ସଂଗ୍ରହ କରି ମ୍ୟାନ୍ ଅଫ୍ ଦ ମ୍ୟାଚ୍ ଭାବେ ପୁରସ୍କୃତ ହୋଇଥିଲେ। ଦଳ ପକ୍ଷରୁ ଯୁବରାଜ କୁମାର ୧୩ଟି ବଲରୁ ୨୩ ରନ୍ ସଂଗ୍ରହ କରିଥିଲେ। ଶିଶିର ପଟ୍ଟନାୟକ ୯ଟି ବଲ୍‌ରୁ ୧୫ ରନ୍ ସଂଗ୍ରହ କରି ଅପରାଜିତ ଥିଲେ। ରାଇଡର୍ ଇଲେଭେନ୍ ପକ୍ଷରୁ ସୋଭମ ଜ୍ୟୋତି ୨ ୱିକେଟ ଅକ୍ତିଆର କରିଥିଲେ।

ଓସିଏ ପ୍ୟାନେଲ ଅମ୍ପାୟାର ସତ୍ୟବ୍ରତ ମହାପାତ୍ର, ରଣଜିତ୍ ମହାରଣା ମ୍ୟାଚ୍ ପରିଚାଳନା କରିଥିଲେ। ରାଜେନ୍ଦ୍ର ଦଳାଇ, ପ୍ରମୋଦ ସିହ୍ନା ସ୍କୋର ବୋର୍ଡ ଦାୟିତ୍ୱ ତୁଲାଇଥିଲେ। ପ୍ରଶାନ୍ତ ପାତ୍ର, ମନୋଜ ପାତ୍ର ଉଦ୍‌ଘୋଷକ ଭାବେ ଯୋଗ ଦେଇଥିଲେ।

ଅତିଥିମାନେ ଜଣେ ଖେଳାଳିଙ୍କୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରୁଛନ୍ତି ।

ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କୁ ଭେଟିଲେ ବାଣ ବିସ୍ଫୋରଣ ପୀଡ଼ିତ ପରିବାର

ପୁରୀ,୨୧।୪(ଅଜିତ୍ କୁମାର ମହାନ୍ତି)

ଗତବର୍ଷ ମହାପ୍ରଭୁଙ୍କ ଭଉଁରୀ ଯାତ୍ରା ବେଳେ ପୁରୀ ନରେନ୍ଦ୍ର ପୁଷ୍କରିଣୀ ନିକଟରେ ଘଟିଥିବା ବାଣ ବିସ୍ଫୋରଣ ଘଟଣାରେ ୧୮ଜଣଙ୍କ ଜୀବନ ଚାଲିଯାଇଥିଲା। ପୁରୀ ଜିଲାର ୧୭ଜଣ ଓ ଖୋର୍ଦ୍ଧାର ଜଣେ ଏହି ଅଘଟଣରେ ଆଖିବୁଜିଥିଲେ। ସେମାନଙ୍କ ମଧ୍ୟରେ କୋମଳମତି ଶିଶୁ ବି ରହିଥିଲେ। ଇତିମଧ୍ୟରେ ଘଟଣାକୁ ବର୍ଷେ ବିତିବାକୁ ବସିଲାଣି, କିନ୍ତୁ ଆଖିଦୃଶିଆ କାର୍ଯ୍ୟାନୁଷ୍ଠାନ ଶୂନ। ତେଣୁ ପୀଡ଼ିତ ପରିବାରଙ୍କ ମନରେ ଅସନ୍ତୋଷ ଦେଖାଯାଇଛି। ନ୍ୟାୟ ଦାବି କରି ପୂର୍ବରୁ ପୀଡ଼ିତ ପରିବାର ଜିଲାପାଳ, ଏସ୍‌ପିଙ୍କୁ ଭେଟିଥିଲେ। ଏପରିକି ମୁଖ୍ୟମନ୍ତ୍ରୀଙ୍କୁ ଭେଟି ନ୍ୟାୟ ଦାବି କରିଥିଲେ। ତେବେ ସୋମବାର ପୀଡିତ ପରିବାର ସଦସ୍ୟ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀଙ୍କୁ ଭେଟିଛନ୍ତି। ଏନେଇ ପାଢ଼ୀ କହିଛନ୍ତି, ସେମାନଙ୍କ ସହ ଜିଲାପାଳ ଆଲୋଚନା କରୁଛନ୍ତି। ବାଣ ବିସ୍ଫୋରଣ ସମ୍ପର୍କରେ ତଦନ୍ତ ହୋଇଛି। ତେଣୁ ସେ ସମ୍ପର୍କରେ ଅଧିକ କିଛି କହିବା ଠିକ୍ ହେବ ନାହିଁ।

ନିମାପଡ଼ା ଟାଉନ କ୍ଲବର ବାର୍ଷିକୋତ୍ସବ, ସମ୍ବର୍ଦ୍ଧନା ସମାରୋହ

ମଞ୍ଚାସୀନ ଅତିଥି ।

ନିମାପଡ଼ା,୨୦।୪(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ଟାଉନ କ୍ଲବର ପ୍ରଥମ ବାର୍ଷିକୋତ୍ସବ, ସମ୍ବର୍ଦ୍ଧନା ସମାରୋହ ଓ ସାଂସ୍କୃତିକ ଧମାକା ସ୍ଥାନୀୟ ରାସବାଡ଼ ମଠ ପଡ଼ିଆ ମଞ୍ଚରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଟାଉନ କ୍ଲବ ସଭାପତି ଅକ୍ଷୟ ବେହେରା ଅଧ୍ୟକ୍ଷତା କରି ସ୍ୱାଗତ ଭାଷଣ ଦେଇଥିଲେ। ଅତିଥି ଭାବେ କ୍ଲବ ଉପଦେଷ୍ଟା ପ୍ରତିଷ୍ଠିତ ବ୍ୟବସାୟୀ ସଚ୍ଚିଦାନନ୍ଦ ସାହୁ, ଗ୍ରାମ୍ୟ କମିଟି ସଭାପତି ପଦ୍ମଚରଣ ସାହୁ, ସମ୍ପାଦକ ସୁରେନ୍ଦ୍ରନାଥ ସାହୁ, ଟାଉନ କ୍ଲବ ସମ୍ପାଦକ ହରେରାମ ସାହୁ ପ୍ରମୁଖ ଯୋଗଦେଇ ଏହି କ୍ଲବ ନିମାପଡ଼ା ଅଞ୍ଚଳର ଏକ ନିଆରା ଅଗ୍ରଣୀ ଅନୁଷ୍ଠାନ। ଏହା ଅନେକ ଗୌରବର ଗାଥା ବହନ କରିଛି ବୋଲି କହିଥିଲେ। ମଞ୍ଚାସୀନ ଅତିଥିଙ୍କ ସମେତ ଖ୍ୟାତନାମା ନାଟ୍ୟ ନିର୍ଦ୍ଦେଶକ ଅରୁଣ ମହାପାତ୍ର, ଖବରଦାତା ବିଚିତ୍ରାନନ୍ଦ ସାହୁ ଓ ଚିତ୍ତରଞ୍ଜନ ମହାନ୍ତି, କ୍ଲବର ପୂର୍ବତନ ସମ୍ପାଦକ ଶରତ ଚନ୍ଦ୍ର ସାହୁ, କାଶୀନାଥ ବେହେରା, ଫଟୋଗ୍ରୋଫର ମନୋଜ ବାରିକ୍ ପ୍ରମୁଖ କୃତୀ ପ୍ରତିଭାଙ୍କୁ କ୍ଲବ ପକ୍ଷରୁ ମାନପତ୍ର, ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ପ୍ରତିଷ୍ଠିତ କଳାକାରଙ୍କ ଦ୍ୱାରା ସାଂସ୍କୃତିକ ଧମାକାରେ ନାଟ୍ୟକାର ମହାପାତ୍ରଙ୍କ ରଚିତ ଓ ନିର୍ଦ୍ଦେଶିତ ସଂସ୍କାରଧର୍ମୀ ନାଟକ 'ମୋ ପ୍ରେମରେ ଲାଗିଲା କାହା ନଜର' ଅତିଥିଙ୍କୁ ବିମୋହିତ କରିଥିଲା। କ୍ଲବର ସମସ୍ତ କର୍ମକର୍ତ୍ତା ଓ ସଦସ୍ୟ ଏହି ଉତ୍ସବର ସଂଯୋଜନା ଓ ପରିଚାଳନା କରିଥିଲେ।

ବ୍ୟବସାୟୀଙ୍କ ଗୃହ ନିର୍ମାଣ ପାଇଁ ଅର୍ଥ ମଞ୍ଜୁର ପ୍ରତିଶ୍ରୁତି ଦେଲେ ବିଧାୟକ

ଅସ୍ତରଙ୍ଗ,୨୧।୪(ପ୍ରଦୀପ୍ତ କୁମାର ଦୀକ୍ଷିତ)

ଅସ୍ତରଙ୍ଗ ବ୍ଲକ ପୀର ଜାହାନିଆଙ୍କ ନିକଟରେ ନୂତନ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ ପାଇଁ ବିଧାୟକ ଅର୍ଥ ମଞ୍ଜୁର ପାଇଁ ପ୍ରତିଶ୍ରୁତି ଦେଇଛନ୍ତି। ପୀରଜାହାନିଆ ପୀଠରେ ବେଳାଭୂମି ଉନ୍ନତୀକରଣ ସହ ପ୍ଲାଷ୍ଟିକ୍‌ମୁକ୍ତ କରିବା ପାଇଁ ରାସ୍ତା ପାର୍ଶ୍ୱରେ ଥିବା ଦୋକାନଗୃହକୁ ଉଚ୍ଛେଦ ପାଇଁ ବନ ବିଭାଗ ପକ୍ଷରୁ ନୋଟିସ ଦିଆଯାଇଥିଲା। ଦୋକାନ ଗୃହ ଉଚ୍ଛେଦ ପାଇଁ ବନ ବିଭାଗ ପକ୍ଷରୁ ଗତ ୧୬ରେ ସମସ୍ତ ବନ୍ଦୋବସ୍ତ ହୋଇଥିଲା। ସ୍ଥାନୀୟ ବିଧାୟକ ତୁଷାରକାନ୍ତି ବେହେରା, ପୁରୀ ଜିଲା ପରିଷଦ ଉପାଧ୍ୟକ୍ଷ ସ୍ୱାଧୀନ କୁମାର ନାୟକ ଓ ସରପଞ୍ଚ କ୍ଷୀରୋଦ କୁମାର କାଣ୍ଡିଙ୍କ ହସ୍ତକ୍ଷେପ ଫଳରେ ଉଚ୍ଛେଦ ପ୍ରକ୍ରିୟା ସ୍ଥଗିତ ରଖାଯାଇଥିଲା। ବନ ବିଭାଗ ଆସନ୍ତା ୧କୁ ଉଚ୍ଛେଦ କରିବା ପାଇଁ ମଧ୍ୟ ପୁନର୍ବାର ନୋଟିସ ଦେଇଛି। ଏହାକୁ ଗୁରୁତ୍ୱର ଭାବେ ନେଇ ତଥା ସ୍ଥାନୀୟ ବ୍ୟବସାୟୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ସୋମବାର ନୂଆ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ ପାଇଁ ସ୍ଥାନ ପରିଦର୍ଶନ କରିଥିଲେ। ଏହି ସମୟରେ ବ୍ଲକ ସହକାରୀ ଯନ୍ତ୍ରୀ ସନ୍ତୋଷ କୁମାର ସେଠୀ ଓ କନିଷ୍ଠ ଯନ୍ତ୍ରୀଙ୍କ ଉପସ୍ଥିତିରେ ୧୮ ବଖରା ନୂତନ ଗୃହ ନିର୍ମାଣ ପାଇଁ ଆଲୋଚନା କରିଥିଲେ ଓ ଅତି ଶୀଘ୍ର ତା'ର ସମସ୍ତ ପ୍ରକ୍ରିୟା ଶେଷ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ନୂତନ ଗୃହ ନିର୍ମାଣ ପାଇଁ ମଧ୍ୟ ପାଣ୍ଠି ଯୋଗାଇ ଦିଆଯିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ବ୍ୟବସାୟୀ ସଂଘ ସଭାପତି ବୃନ୍ଦାବନ ବିଶ୍ୱାଳଙ୍କ ନେତୃତ୍ୱରେ ସମସ୍ତ ବ୍ୟବସାୟୀ ଗୃହ ନିର୍ମାଣ ପର୍ଯ୍ୟନ୍ତ ଆମେ ପେଟ ପାଟଣା ପାଇଁ ଦୋକାନ ନ ଉଚ୍ଛେଦ କରି ସମୟ ଦିଆଯିବା ପାଇଁ ବିଧାୟକ ଓ ଉପାଧ୍ୟକ୍ଷଙ୍କ ନିକଟରେ ନିବେଦନ କରିଥିଲେ। ବ୍ୟବସାୟୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଜିଲାପାଳ ଓ ଜିଲା ବନଖଣ୍ଡ ଅଧିକାରୀଙ୍କ ସହିତ ଆଲୋଚନା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ବ୍ୟବସାୟୀଙ୍କ ସ୍ୱାର୍ଥକୁ ଗୁରୁତ୍ୱ ଦେଇଥିବାରୁ ବ୍ୟବସାୟୀ କୃତଜ୍ଞତା ଜଣାଇଥିଲେ। ଏହି ସମୟରେ ସଂଘ ସମ୍ପାଦକ ଅବଦୁଲ ଅଲିଶା, କୋଷାଧ୍ୟକ୍ଷ ଅଜୟ କୁମାର କାଣ୍ଡି, ସହସମ୍ପାଦକ ନିରଞ୍ଜନ ବିଶ୍ୱାଳ, ଉପସଭାପତି ସର୍ବେଶ୍ୱର ବିଶ୍ୱାଳ, ସଂଗ୍ରାମ ବିଶ୍ୱାଳ, ବାବୁନି ନାୟକ ଓ ଲିକୁ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

'ଯୋଜନା କାର୍ଯ୍ୟକାରିତାରେ ଲୋକପ୍ରତିନିଧିଙ୍କ ପରାମର୍ଶ ନିଅ'

ପାର୍ଲିଆମେଣ୍ଟାରୀ ଷ୍ଟାଣ୍ଡିଂ କମିଟିର ସମୀକ୍ଷା ବୈଠକ

ପୁରୀ,୨୧।୪(ଅଜିତ୍ କୁମାର ମହାନ୍ତି)

ବୈଠକରେ ପାର୍ଲିଆମେଣ୍ଟାରୀ ଷ୍ଟାଣ୍ଡିଂ କମିଟିର ଅଧ୍ୟକ୍ଷ ତଥା ଏମ୍‌ପି ସପ୍ତଗିରି ଉଲ୍ଲାକାଙ୍କ ସମେତ ଅନ୍ୟ ସଦସ୍ୟମାନେ ।

ସେଠାରେ

ବରିଷ୍ଠ ନାଗରିକଙ୍କୁ ଦୁର୍ବ୍ୟବହାର ଅଭିଯୋଗ

ପୁରୁଣା ଭୁବନେଶ୍ୱର,(ସୁବାସ ଚନ୍ଦ୍ର ପ୍ରଧାନ): ମୁକ୍ତେଶ୍ୱର-ପର୍ଶୁରାମେଶ୍ୱର ପାର୍କକୁ ସୋମବାର ସକାଳେ ଚାଲିବାକୁ ଯାଇଥିବା କେଦାରଗୌରୀ ବିହାରର ବରିଷ୍ଠ ନାଗରିକ ପ୍ରଯୁକ୍ତ କୁମାର ସାହୁଙ୍କୁ ଜଣେ ମନ୍ଦିର ପୂଜକ ଗାଳିଗୁଲଜ କରିବା ସହ ଦୁର୍ବ୍ୟବହାର କରିଛନ୍ତି। ଫଳରେ ପାର୍କରେ ପ୍ରାତଃ ଭ୍ରମଣ କରୁଥିବା ବରିଷ୍ଠ ନାଗରିକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଏନେଇ ପ୍ରଯୁକ୍ତଙ୍କ ସମେତ କେତେଜଣ ବରିଷ୍ଠ ନାଗରିକ ଲିଙ୍ଗରାଜ ଥାନାରେ ସମ୍ପୃକ୍ତ ମନ୍ଦିର ପୂଜକଙ୍କ ନାମରେ ଲିଖିତ ଅଭିଯୋଗ କରିଛନ୍ତି।

ଗାନ୍ଧୀ ବିଦ୍ୟାପୀଠରେ ଝାଡ଼ାବାନ୍ତି, ୬ ଛାତ୍ରୀ ଆକ୍ରାନ୍ତ

ସ୍ୱାସ୍ଥ୍ୟ ପରୀକ୍ଷା କଲା ସ୍ୱାସ୍ଥ୍ୟ ବିଭାଗ ଟିମ୍

ଭୁବନେଶ୍ୱର, ୨୧।୪ (ବନ୍ଦନା ସେଠୀ)

ସ୍ମାର୍ଟସିଟି ଭୁବନେଶ୍ୱର ପିଛା ଛାଡୁନି ଝାଡ଼ାବାନ୍ତି ସଂକ୍ରମଣ। ଗତ କିଛିଦିନ ତଳେ ୱାର୍ଡ ନଂ. ୧୩ ଅନ୍ତର୍ଗତ ନୀଳମାଧବ ନିବାସରେ ୧୮ଜଣ ଝାଡ଼ାବାନ୍ତିରେ ସଂକ୍ରମିତ ହୋଇଥିଲେ। ଏହି ଘଟଣା ମନରୁ ନ ଯାଉଣୁ ୱାର୍ଡ ନଂ. ୬୪ ଅନ୍ତର୍ଗତ ଡୁମୁଡୁମା ନୂଆସାହିସ୍ଥିତ ଗାନ୍ଧୀ ବିଦ୍ୟାପୀଠରେ ୬ଜଣ ଛାତ୍ରୀ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଛନ୍ତି। ଏପ୍ରିଲ ୧୯ରୁ ସୋମାନେ ଆକ୍ରାନ୍ତ ହୋଇଥିବାବେଳେ ଏବେ ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ଭଲ ରହିଥିବା ଅତିରିକ୍ତ ଜିଲା ସହରାଞ୍ଚଳ ଜନସ୍ୱାସ୍ଥ୍ୟ ଅଧିକାରୀ (ଏଡିୟୁପିଏଚ୍ଓ) ଡା. ନୀଳମଣୀ ସେନାପତି ସୂଚନା ଦେଇଛନ୍ତି। ସୋମବାର ଡା. ସେନାପତିଙ୍କ ନେତୃତ୍ୱରେ ସ୍ୱାସ୍ଥ୍ୟ ବିଭାଗର ଏକ ଟିମ୍ ଗାନ୍ଧୀ ବିଦ୍ୟାପୀଠକୁ ଯାଇ ସମ୍ପୃକ୍ତ ଛାତ୍ରୀଙ୍କ ସ୍ୱାସ୍ଥ୍ୟାବସ୍ଥା ପରୀକ୍ଷା କରିଥିଲେ। ଏଥିସହ ସେମାନେ ବ୍ୟବହାର କରିଥିବା ପାନୀୟ ଜଳର ସାମ୍ପଲ ଟେଷ୍ଟ କରାଯାଇଥିଲା। ପ୍ରଥମ ରିପୋର୍ଟରୁ ପାଣିରେ କ୍ଲୋରିନ୍‌ର ମାତ୍ରା କମ୍ ଥିବା ଜଣାପଡିଥିବାବେଳେ ତାହା ପ୍ରଦୂଷିତ ଜଳ କି ନୁହେଁ ତାହା ପରୀକ୍ଷା ପାଇଁ ପଠାଯାଇଛି। ଦିନେ ଦୁଇଦିନ ମଧ୍ୟରେ ରିପୋର୍ଟ ଆସିବା ପରେ ପାନୀୟ ଜଳର ଗୁଣବତ୍ତା ସମ୍ପର୍କରେ ଜଣାପଡିବ ବୋଲି ଡା. ସେନାପତି କହିଛନ୍ତି।

ମିଳିଥିବା ସୂଚନାନୁସାରେ, ବିଦ୍ୟାପୀଠ ପକ୍ଷରୁ ୧୮ତାରିଖରେ କେତେଜଣ ପିଲାଙ୍କୁ ନନ୍ଦନକାନନ, ପ୍ଲାନେଟୋରିୟମ୍ ଆଦି ବୁଲାଇବା ପାଇଁ ନିଆଯାଇଥିଲା। ସଂକ୍ରମିତ ହୋଇଥିବା ୬ଜଣଙ୍କ ଛାତ୍ରୀଙ୍କ ମଧ୍ୟରୁ ଜଣେ ବୁଲିବା ପାଇଁ ଯାଇଥିଲେ ଏବଂ ସେ ଅନ୍ୟ ୫ଜଣ ସାଙ୍ଗଙ୍କ ପାଇଁ ଦହିବରା ଆଲୁଦମ୍ ଆଣିଥିଲେ। ସ୍କୁଲକୁ ଫେରିବା ପରେ ସେମାନେ ସାଙ୍ଗହୋଇ ଦହିବରା ଖାଇଥିଲେ। ପରେ ସେମାନଙ୍କ ସ୍ୱାସ୍ଥ୍ୟ ଖରାପ ହୋଇଥିଲା। ତେଣୁ ବାହାରୁ ଅଣାଯାଇଥିବା ସେହି ଦହିବରା ଖାଇବା ପରେ ହିଁ ଝାଡ଼ାବାନ୍ତି ହୋଇଥିବା ଆଶଙ୍କା କରାଯାଉଛି ବୋଲି ଡା. ସେନାପତି କହିଛନ୍ତି।

ସହରର ଗଳିକନ୍ଦିରେ ଛତୁ ଫୁଟିଲା ଭଳି ଖାଦ୍ୟପାନୀୟ ବିକ୍ରି ହେଉଥିବାବେଳେ ଏହାର ଗୁଣବତ୍ତା ତଦାରଖ କରିବା ପାଇଁ କେହି ନାହାନ୍ତି। ରାସ୍ତାକଡ଼ରେ ଖୋଲାରେ ଏବଂ ଅସ୍ୱାସ୍ଥ୍ୟକର ପରିବେଶରେ ଅନେକ ରନ୍ଧାଖାଦ୍ୟ ବିକ୍ରି ହେଉଛି। ବିଏମ୍‌ସି ଏହା ଉପରେ କୌଣସି ଆକ୍ସନ ନେଉ ନ ଥିବାବେଳେ ଖାଦ୍ୟ ସୁରକ୍ଷା ବିଭାଗ ମଧ୍ୟ ନିଘୋଡ଼ ନିଦରେ ଶୋଇଛି। ଫଳରେ ବାସି ଓ ଅସ୍ୱାସ୍ଥ୍ୟକର ଖାଦ୍ୟଖାଇ ଲୋକମାନେ ଅସୁସ୍ଥ ହୋଇ ପଡୁଛନ୍ତି।

ଛିନ୍‌ତାଇ ମାମଲାରେ ୨ ଜଣଙ୍କୁ ଦୁଇବର୍ଷ ଲେଖାଏ ଜେଲ

ଭୁବନେଶ୍ୱର,୨୧।୪ (ସୂର୍ଯ୍ୟକାନ୍ତ ବେହେରା)

ଭୁବନେଶ୍ୱର ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ କୋର୍ଟ –୪ରେ ସୋମବାର ଏକ ଛିନ୍‌ତାଇ ମାମଲାର ରାୟ ପ୍ରକାଶ ପାଇଛି। ଗତ ୨୦୨୩ ମାର୍ଚ୍ଚରେ ବଡଗଡ ଥାନା ଅଞ୍ଚଳରେ ହୋଇଥିବା ଏକ ଛିନ୍‌ତାଇ ମାମଲାର ବିଚାର କରି ବିଚାରପତି ସୂର୍ଯ୍ୟନାରାୟଣ ମହାନ୍ତି ୨ ଆସାମୀ ଟିକି ଓରଫ ସର୍ବେଶ୍ୱର ଗୋଛାୟତ ଓ ଗୁଲୁ ଓରଫ ବୁଲୁ ନାୟକଙ୍କୁ ଦୋଷୀ ସାବ୍ୟସ୍ତ କରି ୨ ବର୍ଷ ଲେଖାଏ ଜେଲ ଦଣ୍ଡ ଶୁଣାଇଛନ୍ତି । ଏହାସହ ୫୦୦ ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦେୟ ଅଧିକ ୧୫ଦିନ ଜେଲ ଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ରାୟରେ ଶୁଣାଇଛନ୍ତି।

ଜନଶୁଣାଣି ଶିବିରରେ ୫୨୩ ଅଭିଯୋଗ

ବାଲିପାଟଣା,୨୧।୪(ଅଭିମନ୍ୟୁ ନାୟକ)

ଖୋର୍ଦ୍ଧା ଜିଲା ବାଲିପାଟଣା ବ୍ଲକ ଅନ୍ତର୍ଗତ ଆମଣାକୁଦ ପଞ୍ଚାୟତ କାର୍ଯ୍ୟାଳୟଠାରେ ସୋମବାର ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ଚଞ୍ଚଳ ରାଣା ଯୋଗଦେଇ ଲୋକଙ୍କ ଅଭିଯୋଗର ଶୁଣାଣି କରିଥିଲେ। ଶିବିରରେ ମୋଟ୍ ୫୨୩ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ଏଥିରୁ ୫ଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଛି। ୩୩ଟି ସାମୂହିକ ସମସ୍ୟା ରହିଥିବାରୁ ବିଚାର ପାଇଁ ବିଭାଗୀୟ ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଛି। ଜଣଙ୍କୁ ରେଡକ୍ରସ ପାଣ୍ଠିରୁ ୧୦ହଜାର ଏବଂ ଅନ୍ୟ ୫ଜଣଙ୍କୁ ୮୫ ହଜାର ଟଙ୍କା ସହାୟତା ପ୍ରଦାନ କରାଯାଇଛି। ଏଡିଏମ୍ ରୁଦ୍ରପ୍ରସାଦ ମହାନ୍ତି, ଉପଜିଲାପାଳ ମନୋରଞ୍ଜନ ସାହୁ, ଜିଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଜ୍ୟୋତି ଶଙ୍କର ସାହୁ, ବିଡିଓ ସ୍ମୃତିପ୍ରଜ୍ଞା ପ୍ରିୟଦର୍ଶିନୀ, ତହସିଲଦାର କଳ୍ପନା ଦାସ, ମେଡିକାଲ ଅଫିସର ଶ୍ରୀକାନ୍ତ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ବିଧାୟକ ନବକିଶୋର ମଲ୍ଲିକ ଶିବିର ପରିଦର୍ଶନ କରି ଲୋକଙ୍କ ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ। ଏହି ଅବସରରେ ଖୋଲାଯାଇଥିବା ବିଭିନ୍ନ ଷ୍ଟଲ୍‌କୁ ଜିଲାପାଳ ଏବଂ ବିଭିନ୍ନ ବିଭାଗୀୟ ଅଧିକାରୀ ବୁଲି ଦେଖିଥିଲେ।

୬ ରେଳ କର୍ମଚାରୀ ସମ୍ମାନିତ



ପୂର୍ବତଟ ରେଳପଥର ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲଙ୍କ ସହ ସମ୍ମାନିତ ରେଳ କର୍ମଚାରୀମାନେ।

ଭୁବନେଶ୍ୱର,୨୧।୪(ଅନୁରାଧା ମହାରଣା)

ପୂର୍ବତଟ ରେଳପଥର ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ ସୋମବାର ୬ଜଣ ରେଳକର୍ମଚାରୀଙ୍କୁସେମାନଙ୍କକର୍ତ୍ତବ୍ୟନିଷ୍ଠା, ସତର୍କତା ଏବଂ ତ୍ରୁଟି ସମୟରେ ତ୍ୱରିତ କାର୍ଯ୍ୟ ପାଇଁ ସମ୍ମାନିତ କରିଛନ୍ତି। ସେମାନେ ହେଲେ କାମାକ୍ଷାନଗରର ଟ୍ରେନ୍ ପଏଣ୍ଟସମ୍ୟାନ ଶକ୍ତି ପ୍ରସାଦ ସାହୁ, ସମ୍ବଲପୁର ଗୋଡ଼ଭାଗାର ଟ୍ରକ୍ ମେଣ୍ଟେନର ଦେବରାଜ ସୁନା, ଖୋର୍ଦ୍ଧା ରୋଡ଼ର ଗୁଡ୍‌ସ ଲୋକୋ ପାଇଲଟ ପୂର୍ଣ୍ଣଚନ୍ଦ୍ର ପଣ୍ଡା, ରାୟଗଡାର ସହାୟକ ଲୋକୋ ପାଇଲଟ ସୁରକତୁଲ୍ଲା ଶ୍ରୀଚରଣ ତେଜା ଓ ଟିଟିଲାଗଡ଼ ଟ୍ରାକ ମେଣ୍ଟେନର ପୂଜନ କୁମାର। ପୂର୍ବତଟ ରେଳପଥ ମୁଖ୍ୟାଳୟ ଭୁବନେଶ୍ୱରସ୍ଥିତ ରେଳ ସଦନଠାରେ ଆୟୋଜିତ ଏହି ସମ୍ବର୍ଦ୍ଧନା ସମାରୋହରେ ମହାପ୍ରବନ୍ଧକ ଫୁଙ୍କୱାଲ ସେମାନଙ୍କ ଉଲ୍ଲେଖନୀୟ ସତର୍କତା ଏବଂ ତ୍ୱରିତ କାର୍ଯ୍ୟ ପାଇଁ ପ୍ରଶଂସା କରିବା ସହ ଯାତ୍ରୀ ସୁରକ୍ଷା ଏବଂ ପରିଚାଳନାଗତ ଦକ୍ଷତା ସୁନିଶ୍ଚିତ କରିବାରେ ରେଳ କର୍ମଚାରୀଙ୍କ ସମର୍ପଣ ସହ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି ବୋଲି କହିଥିଲେ। କାର୍ଯ୍ୟକ୍ରମରେ ରେଳପଥର ଅତିରିକ୍ତ ମହାପ୍ରବନ୍ଧକ, ପ୍ରମୁଖ ମୁଖ୍ୟ ସୁରକ୍ଷା ଅଧିକାରୀଙ୍କ ସହ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

ପିଆରଏସ୍‌ଆଇ ପକ୍ଷରୁ ଜାତୀୟ ଜନସମ୍ପର୍କ ଦିବସ

ଭୁବନେଶ୍ୱର,୨୧।୪(ଅନୁରାଧା ମହାରଣା)

ପବ୍ଲିକ ରିଲେଶନ ସୋସିଇଟ୍ ଅଫ୍ ଇଣ୍ଡିଆ (ପିଆର୍‌ଏସ୍‌ଆଇ) ଡେରାଡୁନ୍ ପକ୍ଷରୁ ଜାତୀୟ ଜନସମ୍ପର୍କ ଦିବସ ପାଳନ କରାଯାଇଛି। ଏହି ଅବସରରେ 'କୃତ୍ରିମ ବୁଦ୍ଧିମତ୍ତାର ଦାୟିତ୍ୱପୂର୍ଣ୍ଣ ବ୍ୟବହାର: ଜନସମ୍ପର୍କର ଭୂମିକା' ଶୀର୍ଷକ ଆଲୋଚନାଚକ୍ରର ଆୟୋଜନ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ଯୋଗଦେଇ ସୂଚନା ମହାନିର୍ଦ୍ଦେଶକ ବଂଶୀଧର ତିୱାରୀ କହିଲେ, ଏଆଇ ଯୁଗରେ ମାନବିକତା ବଜାୟ ରଖିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏଥିପାଇଁ ଏଆଇକୁ ଠିକ ଭାବରେ ବ୍ୟବହାର କରିବା ଆମ ସମସ୍ତଙ୍କ ଦାୟିତ୍ୱ। ଯୁଗ୍ମ ନିର୍ଦ୍ଦେଶକ ନିତିନ ଉପାଧ୍ୟାୟ, ବିକେଟିସି ସିଇଓ ବିଜୟ ଥପଲିୟାଲ, ନ୍ୟୁଜ୍-୧୮ର ସମ୍ପାଦକ ଅନୁପମ ତ୍ରିବେଦୀ ମଧ୍ୟ ସେମାନଙ୍କ ମତ ଦେଇଥିଲେ। ବୈଷୟିକ ଦିଗଗୁଡିକ ଉପରେ ଆକାଶ ଶର୍ମା ସୂଚନା ଦେଇଥିଲେ। ଅନିଲ ବର୍ମା ଏହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଉତ୍ତରାଖଣ୍ଡ ସୂଚନା ବିଭାଗ ଉପନିର୍ଦ୍ଦେଶକ ରବି ବିଜରନିଆ, ପିଆରଏସ୍‌ଆଇ ଡେରାଡୁନ ସଚିବ ଅନିଲ କୁମାର ସତୀ, କୋଷାଧ୍ୟକ୍ଷ ସୁରେଶ ଚନ୍ଦ୍ର ଭଟ୍ଟଙ୍କ ସହ ସୁଧାକର ଭଟ୍ଟ, ବୈଭବ ଗୋୟଲ, ରାକେଶ ଡୋଭାଲ, ଅଜୟ ଡବରାଲ, ଦୀପକ ଶର୍ମା, ପ୍ରଶାନ୍ତ ରାୱତ, ଜ୍ୟୋତି ନେଗି, ଶିବାଙ୍ଗୀ, ମନମୋହନ ଭଟ୍ଟ, ସଞ୍ଜୟ ସିଂ ପ୍ରମୁଖ ଉପସ୍ଥିତ ଥିଲେ।

କିଟ୍‌ରେ ପଢୁଥିବା କିସ୍‌ର ଶହେ ଛାତ୍ରୀଛାତ୍ରଙ୍କୁ କ୍ୟାମ୍ପସ୍ ପ୍ଲେସ୍‌ମେଣ୍ଟ

ଭୁବନେଶ୍ୱର,୨୧।୪(ଅନୁରାଧା ମହାରଣା)

କିଟ୍‌ରେ ପଢୁଥିବା କିସ୍‌ର ୧୦୦ ଛାତ୍ରୀଛାତ୍ରଙ୍କୁ ବିଭିନ୍ନ କମ୍ପାନୀରେ କ୍ୟାମ୍ପସ ପ୍ଲେସ୍‌ମେଣ୍ଟ ମିଳିଛି। ଏହି ଛାତ୍ରୀଛାତ୍ରମାନେ ଆଇଟିଆଇ, ପଲିଟେକନିକ, ବି.ଟେକ, ରୁରାଲ ମ୍ୟାନେଜମେଣ୍ଟ ଆଦି ପାଠ୍ୟକ୍ରମରେ ଦକ୍ଷତା ହାସଲ କରିଛନ୍ତି। ଶକୁନ୍ତଳା ସୋରେନ ଜିଇ ହେଲ୍‌ଥକେୟାର କମ୍ପାନୀରେ ସର୍ବାଧିକ ୯.୫ ଲକ୍ଷ ଟଙ୍କା ବାର୍ଷିକ ପ୍ୟାକେଜରେ ଚାକିରି ପାଇଛନ୍ତି। ସେହିପରି ସର୍ବନିମ୍ନ ୪ଲକ୍ଷ ଟଙ୍କା ପ୍ୟାକେଜରେ ମଧ୍ୟ କେତେଜଣଙ୍କୁ ନିଯୁକ୍ତିପତ୍ର ଦିଆଯାଇଛି। ଏହି ଛାତ୍ରୀଛାତ୍ରଙ୍କ ବ୍ୟତୀତ କିସ୍‌ର ଆଉ କେତେଜଣ ଛାତ୍ରୀଛାତ୍ର ମଧ୍ୟ କ୍ୟାମ୍ପସ ପ୍ଲେସ୍‌ମେଣ୍ଟ ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି।

ସୂଚନାଥାଉକି, ପ୍ରତିବର୍ଷ କିସ୍‌ର ପ୍ରାୟ ୨ଶହ ମେଧାବୀ ଛାତ୍ରୀଛାତ୍ର କିଟ୍ ବିଶ୍ୱବିଦ୍ୟାଳୟର ବିଭିନ୍ନ ପାଠ୍ୟକ୍ରମରେ ବିନାଦେୟରେ ବୈଷୟିକ ଉଚ୍ଚ ଶିକ୍ଷା ଲାଭ କରିବାର ସୁଯୋଗ ପାଇଥାନ୍ତି। ଏହି ପିଲାମାନେ ପ୍ଲେସମେଣ୍ଟ କ୍ଷେତ୍ରରେ ମଧ୍ୟ ସଫଳତା ହାସଲ କରିଥାନ୍ତି। ଚଳିତବର୍ଷ ଏହି ସଫଳ ଛାତ୍ରୀଛାତ୍ରମାନେ ସୋମବାର କିଟ୍ ଓ କିସ୍ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଥିଲେ। ଡ. ସାମନ୍ତ କହିଛନ୍ତି, ଏହି ଛାତ୍ରୀଛାତ୍ର ସେମାନଙ୍କ ପରିବାରର ପ୍ରଥମ ଶିକ୍ଷାର୍ଥୀ ହୋଇଥିବାବେଳେ ଅନ୍ୟମାନଙ୍କ ପାଇଁ ପ୍ରେରଣା ସାଜିଛନ୍ତି। କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ ସିଂହ, କୁଳସଚିବ ପ୍ରଫେସର ଜ୍ଞାନରଞ୍ଜନ ମହାନ୍ତି, କିସ୍ ବିଶ୍ୱବିଦ୍ୟାଳୟ କୁଳସଚିବ ଡ. ପ୍ରଶାନ୍ତ କୁମାର ରାଉତରାୟ ଓ ଅତିରିକ୍ତ କୁଳସଚିବ ପ୍ରମୋଦ କୁମାର ପାତ୍ର ପ୍ରମୁଖ ଉପସ୍ଥିତ ରହି ଛାତ୍ରୀଛାତ୍ରଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

ଜେଇଇ ମେନ୍

ଶ୍ରୀଚୈତନ୍ୟ ଏକାଡେମୀର ୬ ଛାତ୍ରୀଛାତ୍ର କୃତକାର୍ଯ୍ୟ

ଭୁବନେଶ୍ୱର,୨୧।୪(ସୁଚିସ୍ମିତା ସାହୁ)

ଜେଇଇ ମେନ୍‌ରେ ଶ୍ରୀଚୈତନ୍ୟ ଏକାଡେମୀ ଭୁବନେଶ୍ୱରର ପ୍ରଥମ ବ୍ୟାଚ୍ ଛାତ୍ରୀଛାତ୍ର ଭଲ ପ୍ରଦର୍ଶନ କରିଛନ୍ତି। ୬ଜଣ ଛାତ୍ରୀଛାତ୍ର ଜେଇଇ ଆଡ୍‌ଭାନ୍ସ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ଏମାନଙ୍କ ମଧ୍ୟରୁ ସନ୍ଦୀପ କୁମାର ସାହୁ ୯୯.୯୪ ପ୍ରତିଶତ ପର୍ସେଣ୍ଟାଇଲ୍ ରଖି ଏକାଡେମିର ଗୌରବ ବଢ଼ାଇଛନ୍ତି। ଏଥିସହ ଦେଶସ୍ତରରେ ଏହି ଶିକ୍ଷାନୁଷ୍ଠାନର ୩୩ଜଣ ଛାତ୍ର ଟପ୍ ୧୦୦ ଜଣଙ୍କ ମଧ୍ୟରେ ସ୍ଥାନ ପାଇଛନ୍ତି। ସଂସ୍ଥାର ଭୁବନେଶ୍ୱର ଶାଖା ବିଜନେସ୍ ହେଡ୍ ରାକେଶ କୁମାର ଦାଶ କହିଛନ୍ତି, ଶ୍ରୀଚୈତନ୍ୟ ସବୁବେଳେ ଶିକ୍ଷାର ଗୁଣବତ୍ତାକୁ ପ୍ରାଧାନ୍ୟ ଦେଇଥାଏ। ଆମ ପ୍ରଥମ ବ୍ୟାଚର ସମସ୍ତ ଛାତ୍ର ଆଡ୍‌ଭାନ୍ସ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ଆଗାମୀ ଶିକ୍ଷାବର୍ଷଠାରୁ କମ୍ ଛାତ୍ରସଂଖ୍ୟାରେ କ୍ଲାସ ନେବାକୁ ଯୋଜନା କରିଛୁ। ଏହାଦ୍ୱାରା ପ୍ରତିଟି ଛାତ୍ରଙ୍କୁ ଧ୍ୟାନ ଦିଆଯାଇପାରିବ। ଭୁବନେଶ୍ୱର ସେଣ୍ଟର ହେଡ୍ ରଞ୍ଜିତ ରଞ୍ଜନ କହିଛନ୍ତି, ଆମର ଦକ୍ଷ ପ୍ରଶିକ୍ଷକ ଦଳ ଓ ପଠନ ପ୍ରଣାଳୀ ଜଣେ ଛାତ୍ରଙ୍କୁ ସଫଳତାର ବାଟ ଦେଖାଇବ।

ସାଇ ଇଣ୍ଟରନ୍ୟାଶନାଲର ସଫଳତା

ଭୁବନେଶ୍ୱର,୨୧।୪(ସୁଚିସ୍ମିତା ସାହୁ)

ଆୟୁଷ୍ମାନ ଦିବ୍ୟ ସିଂ ବେହେରା

ଶୁଭ୍ରମ୍ ଜ୍ୟୋତି ବେହେରା

ଜେଇଇ ମେନ୍‌ରେ ସାଇ ଇଣ୍ଟର ନ୍ୟାଶନାଲର ଛାତ୍ରୀଛାତ୍ର ଉଲ୍ଲେଖନୀୟ ସଫଳତା ହାସଲ କରି ସ୍କୁଲ ପାଇଁ ଗୌରବ ଆଣିଛନ୍ତି। ଆୟୁଷ୍ମାନ ଦିବ୍ୟ ସିଂ ବେହେରା ଏବଂ ଶୁଭ୍ରମ୍ ଜ୍ୟୋତି ବେହେରା ୯୯.୨ ପର୍ସେଣ୍ଟାଇଲ ରଖି ସ୍କୁଲ ଟପ୍ପର ହୋଇଛନ୍ତି। ସେହିପରି ବିଶ୍ୱଜିତ୍ ବାରିକ ୯୯.୮୩, ବୈଭବ ମହାରଣା ୯୯.୮୧, ଦିବ୍ୟାଂଶୁ ଶେଖର ସାହୁ ୯୯.୭୭ ପ୍ରତିଶତ ସ୍କୋର କରିଛନ୍ତି। ଏହାସହିତ ୧୬ଜଣ ୯୯ରୁ ଊର୍ଦ୍ଧ୍ୱ, ୧୦ଜଣ ୯୮ରୁ ଊର୍ଦ୍ଧ୍ୱ, ୬ଜଣ ୯୭ରୁ ଅଧିକ ପର୍ସେଣ୍ଟାଲ୍ ରଖିଥିବାବେଳେ ୯୫ ଓ ୯୪ ପର୍ସେଣ୍ଟାଇଲରେ ଜଣେ ଲେଖାଏ ରହିଥିଛନ୍ତି। ଆୟୁଷ୍ମାନ ନିଜ ଫଳାଫଳରେ ଖୁସିବ୍ୟକ୍ତ କରିବା ସହ ପରିବାର ଓ ଶିକ୍ଷକଙ୍କୁ କୃତଜ୍ଞତା ଜଣାଇଛନ୍ତି। ଜଣେ ଭଲ ଇଞ୍ଜିନିୟର ହେବାକୁ ଆଶା ରଖିଛି ବୋଲି ଆୟୁଷ୍ମାନ କହିଛନ୍ତି। ସେହିପରି ଶୁଭ୍ରମ୍ ଜ୍ୟୋତି କହିଛନ୍ତି ଏହି ସଫଳତା ମୋର କଠିନ ପରିଶ୍ରମ, ଶିକ୍ଷକ ଏବଂ ପରିବାରର ନିରନ୍ତର ପ୍ରୋତ୍ସାହନ ପାଇଁ ମିଳିଛି। ଜଣେ ଭଲ ଇଞ୍ଜିନିୟର ହେବାର ସ୍ୱପ୍ନକୁ ପୂରଣ କରିଛି ବୋଲି ସେ କହିଛନ୍ତି। ସାଇ ଇଣ୍ଟରନ୍ୟାଶନାଲ୍ ସ୍କୁଲର ଚେୟାରପର୍ସନ ଡ. ଶିଳ୍ପୀ ସାହୁ କହିଛନ୍ତି, ବିଦ୍ୟାଳୟ ପାଇଁ ଗୌରବ ଆଣିନାହିଁ ବରଂ ଏହି ସଫଳତା ସାରା ରାଜ୍ୟ ପାଇଁ ଗର୍ବର ବିଷୟ। ସେମାନଙ୍କ ଭବିଷ୍ୟତ ଉଦ୍ୟମ ପାଇଁ ଶୁଭକାମନା ଜଣାଉଛୁ ।

ସୋରିଆସିସ୍‌ର ଆୟୁର୍ବେଦିକ ଚିକିତ୍ସା ସମ୍ଭବ: ପତଞ୍ଜଳି

ଭୁବନେଶ୍ୱର,୨୧।୪(ଅନୁରାଧା ମହାରଣା)

ପତଞ୍ଜଳି ପକ୍ଷରୁ କରାଯାଇଥିବା ଏକ ଗୁରୁତ୍ୱପୂର୍ଣ୍ଣ ଗବେଷଣା ସମ୍ପର୍କରେ ବିଶ୍ୱସ୍ତରୀୟ ରିସର୍ଚ୍ଚ ଜର୍ନାଲ ଟେଲର ଆଣ୍ଡ୍ ଫ୍ରାନ୍ସିସ୍ ପ୍ରକାଶନୀର ଜର୍ନାଲ ଅଫ୍ ଇନ୍‌ଫ୍ଲାମେଶନ ରିସର୍ଚ୍ଚରେ ପ୍ରକାଶ ପାଇଛି। ଏହି ଗବେଷଣା ଅନୁସାରେ, ସୋରୋଗ୍ରିଟ୍ ଏବଂ ଦିବ୍ୟତୈଳ ଦ୍ୱାରା ସୋରିଆସିସ୍‌ର ଆୟୁର୍ବେଦିକ ଚିକିତ୍ସା ସମ୍ଭବ। ଏନେଇ ଆଚାର୍ଯ୍ୟ ବାଳକୃଷ୍ଣ କହିଛନ୍ତି, ପତଞ୍ଜଳିର ବୈଜ୍ଞାନିକମାନେ ଅନେକ ଗବେଷଣା କରି ସୋରୋଗ୍ରିଟ୍ ଏବଂ ଦିବ୍ୟତୈଳ ପ୍ରସ୍ତୁତ କରିଛନ୍ତି। ସୂଚନାଥାଉକି, ସୋରିଆସିସ୍ ଏକ ଏପରି କ୍ରୋନିକ୍ ଅବସ୍ଥା ଯାହାକି ଚର୍ମରେ ସଂକ୍ରମଣହେତୁ ରୁପେଲି ଚିକ୍କଣ ଏବଂ ଲାଲ ଦାଗ ସୃଷ୍ଟି କରିଥାଏ। ଏଲୋପାଥିକ ଚିକିତ୍ସାରେ ଏଥିରୁ ଆରୋଗ୍ୟ ହେବା ସହଜ ହେଉ ନ ଥିବାବେଳେ ପୀଡିତଙ୍କୁ ବହୁତ ଯନ୍ତ୍ରଣା ହୋଇଥାଏ। ମାତ୍ର ପତଞ୍ଜଳିର ଏହି ଉଦ୍ଭାବନ ସୋରିଆସିସ୍ ପୀଡ଼ିତଙ୍କ ପାଇଁ ବେଶ୍ ଉପଯୋଗୀ ହୋଇପାରିବ ବୋଲି ପତଞ୍ଜଳି ପକ୍ଷରୁ ଦାବି କରାଯାଇଛି। ମୂଷାଙ୍କଠାରେ ସୋରୋଗ୍ରିଟ୍ ଟାବଲେଟ୍ ଓ ଦିବ୍ୟତୈଳ ପରୀକ୍ଷଣ କରାଯାଇଥିବାବେଳେ ଏହା ସଫଳ ହୋଇଥିବା ସୂଚନା ଦିଆଯାଇଛି।

'କନେକ୍ସନ ୨୦୨୫'ରେ ଯୋଡ଼ିହେଲେ ଆଇଆଇଏମ୍‌ସି ଆଲୁମ୍‌ନି

ସମ୍ମିଳନୀରେ ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

ଭୁବନେଶ୍ୱର,୨୧।୪(ସୁଚିସ୍ମିତା ସାହୁ)

ଭାରତୀୟ ଜନସଞ୍ଚାର ସଂସ୍ଥାନ (ଆଇଆଇଏମ୍‌ସି) ଏବଂ ପୁରାତ

ପ୍ରାପ୍ୟ ପ୍ରଦାନ ଉପରେ ହାଇକୋର୍ଟଙ୍କ ଅଙ୍କୁଶ ବଳବତ୍ତର

କଟକ,(କାର୍ତ୍ତିକ ସାହୁ): କେନ୍ଦୁଝର ଜିଲା ଜାତୀୟ ରାଜପଥ-୬ ଅଧୀନ ସିଙ୍ଗରା-ବିଞ୍ଜବାହାଲ ୪ ଲେନ୍ ରାସ୍ତା ସମ୍ପ୍ରସାରଣରେ ଜମି ଅଧିଗ୍ରହଣ ପରେ ଜମି ହରାଇଥିବା ଦଳିତ ପରିବାରର ୨୮ କୋଟି ଟଙ୍କା କ୍ଷତିପୂରଣ ଅର୍ଥ ହଡ଼ପ ନେଇ ରୁଜୁ ମାମଲାର ଶୁଣାଣି ସୋମବାର ହାଇକୋର୍ଟରେ ହୋଇଛି। ବିଚାରପତି ଡ. ସଞ୍ଜୀବ କୁମାର ପାଣିଗ୍ରାହୀଙ୍କ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରି ବଳକା ପ୍ରାପ୍ୟ ପ୍ରଦାନ ଉପରେ ପୂର୍ବରୁ ଜାରି ହୋଇଯାଇଥିବା ଅଙ୍କୁଶକୁ ବଳବତ୍ତର ରଖିଛନ୍ତି। ଏପ୍ରିଲ ୨୩ରେ ମାମଲାର ପୂର୍ଣ୍ଣାଙ୍ଗ ଶୁଣାଣି କରିବାକୁ ହାଇକୋର୍ଟ ସମୟ ଧାର୍ଯ୍ୟ କରିଛନ୍ତି।

ସଂକ୍ଷେପରେ

ବିଧାୟକଙ୍କ ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟନ

କଟକ ସଦର,୨୧।୪(ସୁଶାନ୍ତ କୁମାର ଜେନା): କଟକ ସଦର ବ୍ଲକ ଅନ୍ତର୍ଗତ ବିଭିନ୍ନ ସ୍ଥାନରେ ନୂତନ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ ଯୋଗଦେଇ ଉଦ୍‌ଘାଟନ କରିଥିଲେ। କନ୍ଦରପୁର କଲେଜ ଅଧ୍ୟକ୍ଷଙ୍କ ନୂତନ ପ୍ରକୋଷ୍ଠ ଓ ବିରିବାଟୀ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ଅନ୍ତର୍ଭୁକ୍ତ ଅଟେ। ଆୟତ୍ତପୁର-କନ୍ଦରପୁର ୩ କି.ମି. ଗ୍ରାମ୍ୟ ଉନ୍ନୟନ ବିଭାଗ ରାସ୍ତାର ନବୀକରଣ କାର୍ଯ୍ୟର ଶିଳାନ୍ୟାସ ମଧ୍ୟ ବିଧାୟକ ସେଠୀ କରିଥିଲେ। ସମସ୍ତ କାର୍ଯ୍ୟକ୍ରମରେ କୃଷକ ମୋର୍ଚ୍ଚାର ଉପସଭାପତି ହୃଷୀକେଶ ଜେନା, କଲେଜ ଅଧ୍ୟକ୍ଷା ପ୍ରଣତି ପଟ୍ଟନାୟକ, ମଣ୍ଡଳ ସଭାପତି ନିରଞ୍ଜନ ରାଉଳ, ସଂଯୋଜକ ସୁରେଶ ଚନ୍ଦ୍ର ଜେନା, ଅକ୍ଷୟ ଜେନା, ଜ୍ଞାନ ବେହେରା, ନିମାଇଁଚରଣ ମହାପାତ୍ର, ଅଭୟ ସ୍ୱାଇଁ, ଯୋଗେନ୍ଦ୍ରନାଥ ଭୋଇ, ସରପଞ୍ଚ ସୁଭାସିନୀ ରାଉତ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

ଅନ୍ୟତମ ମୁଖ୍ୟ ଅଭିଯୁକ୍ତ, ସହଯୋଗୀ କୋର୍ଟ ଚାଲାଣ

ବେଆଇନ ଗୋରୁ ଚାଲାଣ ଘଟଣା

ତିଗିରିଆ,୨୧।୪(ଜାଫର ଖାଁ) ତିଗିରିଆ ଥାନା ଅନ୍ତର୍ଗତ କରଡ଼ାପଲ୍ଲୀ ଓ ପଙ୍କାଳ ଗ୍ରାମରେ ଦୀର୍ଘ ବର୍ଷ ଧରି ଚାଲିଆସିଥିବା ବେଆଇନ ଗୋରୁ ଓ ଗୋ ମାଂସ ଚାଲାଣର ଅନ୍ୟତମ ମୁଖ୍ୟ ଅଭିଯୁକ୍ତ ଓ ତାଙ୍କ ସହଯୋଗୀଙ୍କୁ ପୋଲିସ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ମହମ୍ମଦ ଖୁଦାବକ୍ସ ଓରଫ ପାଟ ଓ ସହଯୋଗୀ ମୋଜିଦ ଖାଁ ଓରଫ ରାଜା। ଏ ସମ୍ପର୍କରେ ତିଗିରିଆ ଥାନାରେ ଏକ ଖବରଦାତା ସମ୍ମିଳନୀ ମାଧ୍ୟମରେ ଏସ୍‌ଡିପିଓ ବିଶ୍ୱଜିତ ମହାନ୍ତି ସୂଚନା ଦେଇଛନ୍ତି। ତିଗିରିଆ ଥାନା ଅନ୍ତର୍ଗତ କରଡାପଲ୍ଲୀ ଓ ପଙ୍କାଳ ଗ୍ରାମରେ ଚାଲିଥିବା ବେଆଇନ ଗୋରୁ ଓ ଗୋମାଂସ ଚାଲାଣର ଅନ୍ୟତମ ମୁଖ୍ୟ ଅଭିଯୁକ୍ତ ପାଟଙ୍କୁ ଧରିବା ପାଇଁ ତିଗିରିଆ ପୋଲିସ ଦୀର୍ଘଦିନରୁ ପ୍ରୟାସ କରୁଥିଲେ ମଧ୍ୟ ସେ ପୋଲିସଙ୍କୁ ଚକମା ଦେଇ ଫେରାର ହୋଇଯାଉଥିଲେ। ବିଶେଷସୂତ୍ରରୁ ଖବରପାଇ ରବିବାର ଥାନା ଆଇଆଇସି ସମରେନ୍ଦ୍ର ପାଇକରାୟ,ଏସ୍‌ଆଇ ବିଶ୍ୱଜିତ ଜେନା,ଏସ୍‌ଆଇ ପ୍ରିୟଦର୍ଶିନୀ ଇପ୍ସିତାଙ୍କ ସମେତ ଅତିରିକ୍ତ ଫୋର୍ସ ବାରମାଣ ସଂରକ୍ଷିତ ଜଙ୍ଗଲରେ ଚଢ଼ାଉ କରି ପାଟ ଓ ରାଜାଙ୍କୁ ଗିରଫ କରିଛି। ପାଟଙ୍କଠାରୁ ଗୋଟିଏ ମୋବାଇଲ ଓ ବୁଲେଟ ଜବତ କରାଯାଇଛି। ପାଟଙ୍କ ନାମରେ ରାଜ୍ୟର ବିଭିନ୍ନ ଥାନାରେ ଗୋଚାଲାଣ ସହ ଡକାୟତି, ବୋମାମାଡ଼ ପରି ୧୬ରୁ ଊର୍ଦ୍ଧ୍ୱ ମାମଲା ରହିଛି ବୋଲି ଏସ୍‌ଡିପିଓ ମହାନ୍ତି ସୂଚନା ଦେଇଛନ୍ତି। ସେଥିମଧ୍ୟରୁ ତିଗିରିଆ ଥାନାରେ ୪, ଖୁଣ୍ଟୁଣି, ହିନ୍ଦୋଳ, ବୈଦେଶ୍ୱର ଓ ବଡ଼ମ୍ବା ଥାନାରେ ୨ଟିଲେଖାଏ ଏବଂ କାନପୁର,ନରସିଂହପୁର ଓ ବାଙ୍କୀ ଥାନାରେ ଗୋଟିଏ ଲେଖାଏ ମାମଲା ଥିବା ସୂଚନା ମିଳିଛି । ଏଥିସହିତ ରାଜ୍ୟର ଅନ୍ୟ କେଉଁ ଥାନାରେ ମାମଲା ରହିଛି ସେନେଇ ତଦନ୍ତ ଜାରି ରହିଛି ବୋଲି ମହାନ୍ତି ସୂଚନା ଦେଇଛନ୍ତି। ସେହିପରି ରାଜାଙ୍କ ନାମରେ ମଧ୍ୟ ବିଭିନ୍ନ ଥାନାରେ ମାମଲା ଥିବା ଜଣାପଡ଼ିଛି। ଗୋରୁ, ଗୋମାଂସ ଚାଲାଣର ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ତୟବ ଖାଁ ଓରଫ ଛୋଟା କାଲିଆଙ୍କୁ ଦୁଇଦିନ ତଳେ ବଡ଼ମ୍ବା ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲା।

ଡାକ୍ତର ଦେଖାଇ ନ ପାରି ଆଖିବୁଜିଲେ ରୋଗୀ

ଏସ୍‌ସିବି ମେଡିକାଲ ନନ୍‌ଟ୍ରମା କାଜୁଆଲ୍‌ଟି

- କାଉଣ୍ଟରରେ ଠିକ୍ ସମୟରେ ଗୁରୁତରଙ୍କୁ ମିଳୁନି ଟିକେଟ
- ରୋଗୀ ଓ ସମ୍ପର୍କୀୟଙ୍କୁ ସୁରକ୍ଷାକର୍ମୀଙ୍କ ଦୁର୍ବ୍ୟବହାର ଅଭିଯୋଗ

ଟିକେଟ କାଉଣ୍ଟର ସମ୍ମୁଖରେ ରୋଗୀଙ୍କ ଅପେକ୍ଷା।

କଟକ,୨୧।୪(ଶିଳ୍ପା ପ୍ରିୟଦର୍ଶିନୀ):

ଶ୍ରୀରାମଚନ୍ଦ୍ର ଭଞ୍ଜ (ଏସ୍‌ସିବି) ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲର ନନ୍‌ଟ୍ରମା କାଜୁଆଲ୍‌ଟିରେ ଅବ୍ୟବସ୍ଥା ଦେଖିବାକୁ ମିଳିଛି। ନନ୍‌ଟ୍ରମା କାଜୁଆଲ୍‌ଟିକୁ ଆସୁଥିବା ଗୁରୁତର ରୋଗୀଙ୍କୁ ଡାକ୍ତର ଦେଖାଇବା ପାଇଁ ଠିକ୍ ସମୟରେ ଟିକେଟ କାଉଣ୍ଟରରୁ ଟିକେଟ ମିଳିପାରୁନାହିଁ। ଫଳରେ ରୋଗୀଙ୍କ ଅବସ୍ଥା ସଙ୍କଟାପନ୍ନ ହୋଇପଡ଼ିବା ସହ ଜୀବନ ମଧ୍ୟ ଯାଉଛି। ଏଭଳି ଏକ ଘଟଣା ରବିବାର ସନ୍ଧ୍ୟାରେ ଘଟିଛି।

ସୂଚନାନୁଯାୟୀ, ଜଗତ୍‌ସିଂହପୁର ଅଞ୍ଚଳର ଜଣେ ରୋଗୀ ଗୁରୁତର ଅବସ୍ଥାରେ ରବିବାର ସନ୍ଧ୍ୟାରେ ଏସ୍‌ସିବିର ନନ୍‌ଟ୍ରମା କାଜୁଆଲ୍‌ଟିକୁ ଆସିଥିବାବେଳେ ତାଙ୍କ ସମ୍ପର୍କୀୟ ଟିକେଟ ପାଇଁ କାଉଣ୍ଟରକୁ ଯାଇଥିଲେ। ତେବେ ସେଠାରେ ବିଳମ୍ବ ହେବାରୁ ଉକ୍ତ କାଜୁଆଲ୍‌ଟି ପରିସରରେ ଥିବା ଜଣେ କର୍ମଚାରୀଙ୍କ ସାହାଯ୍ୟ ଲୋଡ଼ିଥିଲେ। ସମ୍ପୃକ୍ତ କର୍ମଚାରୀ ବହୁ ସମୟ ଛିଡ଼ା ହୋଇ ରହିଥିଲେ ମଧ୍ୟ କାଉଣ୍ଟରରୁ ତୁରନ୍ତ ଟିକେଟ ପାଇ ନ ଥିଲେ। ଫଳରେ ରୋଗୀ ଜଣକ ଡାକ୍ତର ଦେଖାଇ ପାରି ନ ଥିଲେ ଏବଂ ପ୍ରାୟ ଅଧଘଣ୍ଟା ମଧ୍ୟରେ ତାଙ୍କର ମୃତ୍ୟୁ ଘଟିଥିଲା। ପରେ ଏହି ଘଟଣାକୁ ନେଇ ମୃତକଙ୍କ ସମ୍ପର୍କୀୟଙ୍କୁ ସହାୟତାର ହାତ ବଢାଇଥିବା କର୍ମଚାରୀ ଜଣକ ଟିକେଟ କାଉଣ୍ଟର କର୍ମଚାରୀଙ୍କୁ ବିଳମ୍ବ ସମ୍ପର୍କରେ ପଚାରିବାରୁ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ଘଟଣା ସମ୍ପର୍କରେ କର୍ମଚାରୀ ଜଣକ ନନ୍‌ଟ୍ରମା କାଜୁଆଲ୍‌ଟି ଦାୟିତ୍ୱରେ ଥିବା ଡାକ୍ତରଙ୍କୁ ଅଭିଯୋଗ କରିଥିବା ଜଣାପଡ଼ିଛି। ସେହିପରି ଉକ୍ତ କାଜୁଆଲ୍‌ଟିକୁ ସୋମବାର ଯାଜପୁରରୁ ନିର୍ମଳ ଚନ୍ଦ୍ର ଧଳ ଆସିଥିବାବେଳେ ତାଙ୍କ ସମ୍ପର୍କୀୟଙ୍କୁ ମଧ୍ୟ ବିଳମ୍ବରେ ଟିକେଟ ମିଳିଥିଲା। ଏହାକୁ ନେଇ କାଉଣ୍ଟର କର୍ମଚାରୀଙ୍କ ସହ ନିର୍ମଳଙ୍କର ବଚସା ହୋଇଥିଲା। ଏଠାରେ କେବଳ ଟିକେଟ ସମସ୍ୟା ନୁହେଁ, ରୋଗୀଙ୍କୁ ଅନ୍ୟ ୱାର୍ଡକୁ ସ୍ଥାନାନ୍ତର କରିବା ମାତ୍ରେ ହିଁ ବାହାରକୁ ତଡ଼ି ଦିଆଯାଉଛି। ବାଲେଶ୍ୱର ଅଞ୍ଚଳର ମନୋଜ ବିଶ୍ୱାଳ ଉକ୍ତ କାଜୁଆଲ୍‌ଟିକୁ ରବିବାର ବିଳମ୍ବିତ ରାତିରେ ଚିକିତ୍ସା ପାଇଁ ଆସିଥିବାବେଳେ ତାଙ୍କୁ ସୋମବାର ସକାଳୁ ବିଭିନ୍ନ ପରୀକ୍ଷା ପାଇଁ କୁହାଯାଇଥିଲା। ଏପରି କି ପରୀକ୍ଷା କରାଇବା ପରେ ଟିବି ୱାର୍ଡରେ ଭର୍ତ୍ତି ହେବାକୁ ଡାକ୍ତର କହିଥିଲେ। ରୋଗୀ ଜଣକ ପରୀକ୍ଷା କରାଇବା ପରେ ଉକ୍ତ ନନ୍‌ଟ୍ରମାକୁ ଫେରିଥିଲେ। ତେବେ ସେଠାରେ ଥିବା ସୁରକ୍ଷାକର୍ମୀ ମନୋଜଙ୍କ ସମସ୍ତ ସାମଗ୍ରୀ କାଜୁଆଲ୍‌ଟିରୁ ବାହାର କରିଦେଇଥିଲେ। ପରୀକ୍ଷା ରିପୋର୍ଟ ଆସିବା ପରେ ୱାର୍ଡକୁ ଯିବୁ ବୋଲି ରୋଗୀଙ୍କ ସମ୍ପର୍କୀୟ କହିବା ସତ୍ତ୍ୱେ ସୁରକ୍ଷାକର୍ମୀ ଗାଳିଗୁଲଜ କରି ତାଙ୍କୁ ବିଦା କରିଦେଇଥିଲେ। ଏ ନେଇ ମନୋଜଙ୍କ ସ୍ତ୍ରୀ ଚୁମ୍‌କି ବିଶ୍ୱାଳ ଅଭିଯୋଗ କରିଛନ୍ତି ଯେ, ରୋଗୀଙ୍କ ପରୀକ୍ଷା ରିପୋର୍ଟ ଆସି ନ ଥିଲା, କିନ୍ତୁ ଏଠାରେ ସୁରକ୍ଷାକର୍ମୀ ଧକ୍କା ମାରି ବିଦା କରିବାକୁ ଧମକ୍ ଦେଲେ। ଯେତେ ଅନୁରୋଧ କଲେ ମଧ୍ୟ ଶୁଣିଲେ ନାହିଁ। ରୋଗୀ ଓ ତାଙ୍କ ସମ୍ପର୍କୀୟଙ୍କୁ କର୍ମଚାରୀମାନେ ଉତ୍ତମ ବ୍ୟବହାର କରିବା ନିମନ୍ତେ ମେଡିକାଲ କର୍ତ୍ତୃପକ୍ଷ ନିର୍ଦ୍ଦେଶ ଦେବା ଆବଶ୍ୟକ। ସେହିପରି ନିର୍ମଳଙ୍କ ସମ୍ପର୍କୀୟ ଅଭିଯୋଗ କରିଛନ୍ତି ଯେ, ଟିକେଟ ଦେବା ପାଇଁ ୨୦ ମିନିଟ୍ ଅପେକ୍ଷା କରାଇଲେ ଓ ବିଭିନ୍ନ ତଥ୍ୟ ପଚାରିଲେ। ଏହାପରେ ଟିକେଟ ଦିଆଯିବ ନାହିଁ କହି ଫେରାଇଦେଲେ। ମେଡିକାଲରେ କର୍ମଚାରୀଙ୍କ ଗୁଣ୍ଡାରାଜ ଚାଲିଛି। କର୍ମଚାରୀଙ୍କୁ କର୍ତ୍ତୃପକ୍ଷ ବ୍ୟବହାର ଶିଖାଇବା ଆବଶ୍ୟକ। ଅନ୍ୟପକ୍ଷରେ ଏ ସମ୍ପର୍କରେ ମେଡିକାଲ୍‌ର କୁଳସଚିବ ସୁବାସ ରାୟ କହିଛନ୍ତି, ଆମ ନିକଟକୁ ଏଭଳି କୌଣସି ଅଭିଯୋଗ ଆସିନାହିଁ। ଅଭିଯୋଗ ଆସିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ତେବେ ସମସ୍ତ କର୍ମଚାରୀଙ୍କୁ ରୋଗୀସେବା ଉପରେ ଗୁରୁତ୍ୱ ଦେବାକୁ କୁହାଯାଇଛି ବୋଲି ରାୟ ପ୍ରକାଶ କରିଛନ୍ତି। ସୂଚନାଥାଉ କି, ଗତ ଡିସେମ୍ବର ୩୧ରେ ମେଡିକାଲରେ ନନ୍‌ଟ୍ରମା କାଜୁଆଲ୍‌ଟି ନୂତନ ଭାବେ କାର୍ଯ୍ୟକ୍ଷମ କରାଯାଇଥିଲା। ଏଠାରେ ଦିବାରାତ୍ର ଟିକେଟ କାଉଣ୍ଟର ବ୍ୟବସ୍ଥା ହୋଇଥିଲା।

ଶ୍ରୀରାମଚନ୍ଦ୍ର ଭବନରେ ସୋମବାର ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ସାରସ୍ୱତ ସାଧକ ପଦ୍ମଶ୍ରୀ ରଜତ କୁମାର କରଙ୍କ ତୈଳଚିତ୍ର ଉନ୍ମୋଚନ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିବୃନ୍ଦ। (ଫଟୋ- ରାଜକିଶୋର ମହାନ୍ତି)

ପୌରପାଳିକା ବୈଠକରେ ସହର ସୌନ୍ଦର୍ଯ୍ୟକରଣକୁ ଗୁରୁତ୍ୱ

ଚୌଦ୍ୱାର,୨୧।୪(ଆଶୁତୋଷ ଦାସ)

ଚୌଦ୍ୱାର ପୌରପାଳିକାର ଚଳିତ ମାସର ସାଧାରଣ ଅଧିବେଶନ ସୋମବାର ପୌରସଭା ଗୃହରେ ଅନୁଷ୍ଠିତ ହୋଇଯାଇଛି। ପୌର ଉପାଧ୍ୟକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ ଏଥିରେ ଅଧ୍ୟକ୍ଷତା କରିଥିଲେ। ବୈଠକରେ ନିର୍ବାହୀ ଅଧିକାରୀ ସୌମ୍ୟରଞ୍ଜନ ମିଶ୍ର, ଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲ, ପୌରଯନ୍ତ୍ରୀ ପତିତପାବନ ପଟ୍ଟନାୟକଙ୍କ ସମେତ ସମସ୍ତ କାଉନସିଲର, ପୌର କର୍ମଚାରୀ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ବୈଠକ ପ୍ରାରମ୍ଭରେ ମାର୍ଚ୍ଚ ମାସରେ ପାରିତ ହୋଇଥିବା ବିଭିନ୍ନ ପ୍ରସ୍ତାବ ଉପରେ ଆଲୋଚନା କରାଯିବା ସହ ତହିଁର ଦୃଢୀକରଣ କରାଯାଇଥିଲା। ୨୦୨୫-୨୬ ଆର୍ଥିକ ବର୍ଷର ଆନୁଆଲ ଆକ୍ସନ ପ୍ଲାନ ସମ୍ବନ୍ଧରେ ଆଲୋଚନା ଓ ନିଷ୍ପତ୍ତି ଗ୍ରହଣ ହୋଇଥିଲା। ଚୌଦ୍ୱାର ସହରରେ ଏକ ଗୋଶାଳା ନିର୍ମାଣ, ୨ନଂ. ୱାର୍ଡରେ ଥିବା ମିନି ଷ୍ଟାଡିୟମ୍‌ର ନବୀକରଣ, ମାଗୁରା ବୋଟିଂ କମ୍ପ୍ଲେକ୍ସ ଓ ବିରୂପା ନଦୀ କୂଳରେ ଥିବା ବିଜୁ ପଟ୍ଟନାୟକ ପାର୍କର ସୌନ୍ଦର୍ଯ୍ୟକରଣ କାର୍ଯ୍ୟକୁ ଅଗ୍ରାଧିକାର ଭିତ୍ତିରେ କରାଯିବାକୁ ନିଷ୍ପତ୍ତି ଗ୍ରହଣ ହୋଇଥିଲା। ବିରୂପା ନଦୀ କୂଳ ନିକଟରେ କରାଯାଇଥିବା ସ୍ୱାଗତ ତୋରଣ ଆଖିଦୃଶିଆ ହୋଇ ନ ଥିବା ନେଇ ୧ନଂ. ଓ ୪ନଂ. ୱାର୍ଡର କାଉନସିଲର କ୍ଷୋଭ ପ୍ରକାଶ କରି ଏହାର ଆହୁରି ସୌନ୍ଦର୍ଯ୍ୟକରଣ କରିବାକୁ ଦାବି କରିଥିଲେ। ସେହିପରି ଚୌଦ୍ୱାର ସହରର ୪ଟି ଜାଗାରେ ନୂତନ ସ୍ୱାଗତ ତୋରଣ ନିର୍ମାଣ ପାଇଁ କାଉନସିଲରଙ୍କ ପକ୍ଷରୁ ପ୍ରସ୍ତାବ ଆଗତ କରାଯାଇଥିଲା। ଅଙ୍ଗନୱାଡି ଗୃହ ନିର୍ମାଣରେ ଉପୁଜୁଥିବା ସମସ୍ୟା ଉପରେ କନିଷ୍ଠ ଯନ୍ତ୍ରୀଙ୍କୁ ଉପାଧ୍ୟକ୍ଷ ପ୍ରଶ୍ନ କରିବାରେ, ଯେଉଁଠାରେ ସରକାରୀ ଜାଗାରେ ସ୍ଥାନୀୟ ଲୋକେ ବିରୋଧ କରୁଛନ୍ତି, ସ୍ଥାନୀୟ ପୋଲିସ ସହାୟତାରେ କାର୍ଯ୍ୟ ତ୍ୱରାନ୍ୱିତ କରାଯିବ ବୋଲି ନିର୍ବାହୀ ଅଧିକାରୀ କନିଷ୍ଠ ଯନ୍ତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ସରକାରୀ ଜାଗା ଚିହ୍ନଟ କରି ସେ ସବୁକୁ ତାରବାଡ଼ ବୁଲାଇ ଆବଦ୍ଧ କରିବାକୁ ୨୦୨୩ ମସିହାରୁ ୨୦ ଲକ୍ଷ ଟଙ୍କା ମହଜୁଦ ଥିଲେ ମଧ୍ୟ ତାହା କାର୍ଯ୍ୟକାରୀ ହୋଇପାରୁନାହିଁ। ଫଳରେ ସରକାରୀ ଜାଗା ଧୀରେ ଧୀରେ ଜବରଦଖଲକାରୀଙ୍କ ହାତକୁ ଚାଲିଯାଉଛି। ତେଣୁ ବିଭିନ୍ନ ୱାର୍ଡରେ ଥିବା ସରକାରୀ ଜାଗାକୁ ତୁରନ୍ତ ଚିହ୍ନଟ କରି ତାକୁ ଆବଦ୍ଧ କରିବାକୁ ପୌରଯନ୍ତ୍ରୀମାନଙ୍କୁ ନିର୍ବାହୀ ଅଧିକାରୀ ମିଶ୍ର ପରାମର୍ଶ ଦେଇଥିଲେ। ପୌରାଧ୍ୟକ୍ଷା ଧନ୍ୟବାଦ ଦେଇଥିଲେ।

ଡ୍ରିମ୍ସ ବିଦ୍ୟାର୍ଥୀଙ୍କ ସମ୍ବର୍ଦ୍ଧନା ପର୍ବ 'ଅଲ୍‌ବିଦା'ରେ ଛାତ୍ରୀ ଖୁସି ଧାଓ୍ୱନଙ୍କୁ 'ମିସ୍ ଫେୟାରଓ୍ୱେଲ' ଏବଂ ଛାତ୍ର ତୁଷାର ରଞ୍ଜନ ପରିଡ଼ାଙ୍କୁ 'ମିଷ୍ଟର ଫେୟାରଓ୍ୱେଲ' ଆଖ୍ୟା ପ୍ରଦାନ କରାଯାଉଛି।

କଟକ ରନ୍ଧନ ବିଶେଷଜ୍ଞଙ୍କୁ 'ରୁଚି' ପକ୍ଷରୁ ସମ୍ବର୍ଦ୍ଧନା

କଟକ,୨୧।୪(କାର୍ତ୍ତିକ ସାହୁ)

ସୁସ୍ଥ ଓଡ଼ିଶା ଗଠନ ପାଇଁ 'ରୁଚି' ଫୁଡ୍‌ଲାଇନ୍'ର ପ୍ରୟାସ ଜାରି ରହିବ। ଏଥିପାଇଁ ଆମେ ସମସ୍ତେ ନିରୋଗୀ ରହିବା ଉଚିତ ବୋଲି 'ରୁଚି'ର ନିର୍ଦ୍ଦେଶକ ଅରବିନ୍ଦ ସାହୁ କହିଛନ୍ତି। ସୋମବାର ପୂର୍ବାହ୍ନରେ ଡ୍ରିଶ୍ଚୁଲିଆଠାରେ କଟକ କ୍ୟାଟେରିଂ ଆସୋସିଏଶନ୍‌ପକ୍ଷରୁ 'ରୁଚି' ସହଯୋଗରେ ଆୟୋଜିତ ବନ୍ଧୁମିଳନ କାର୍ଯ୍ୟକ୍ରମରେ କଟକ ଜିଲାର ରନ୍ଧନ ବିଶେଷଜ୍ଞମାନେ ଯୋଗଦେଇଥିଲେ। ଏହି ଅବସରରେ ସଂଗଠନର ମୁଖ୍ୟ ପୃଷ୍ଠପୋଷକ ବୃନ୍ଦାବନ ସ୍ୱାଇଁ, ସଭାପତି ଶ୍ରୀକାନ୍ତ କୁମାର ସ୍ୱାଇଁ, କାର୍ଯ୍ୟକାରୀ ସଭାପତି ସୁନିଲ କୁମାର ସାହୁ, ସାଧାରଣ ସମ୍ପାଦକ ରଘୁନାଥ ପାତ୍ର, କାର୍ଯ୍ୟକାରୀ ସମ୍ପାଦକ ଧବଳ କୁମାର ସାହୁ, କୋଷାଧ୍ୟକ୍ଷ ନଗେନ ସାମଲଙ୍କୁ ଅଙ୍ଗବସ୍ତ୍ର ଓ ଉପଢୌକନ ସହ ସମ୍ବର୍ଦ୍ଧିତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ରନ୍ଧନ ବିଶେଷଜ୍ଞ ସୁଜିତ କୁମାର ଜେନା, ନାରାୟଣ ଆଶ୍, ରାମଚନ୍ଦ୍ର ଗୋଛି, ପ୍ରକାଶ କୁମାର ସାହୁ, ଅରବିନ୍ଦ ମୁଦୁଲି, ଇଲିୟାସ୍ ଖାଁ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରି ରୁଚି ମସଲାର ଗୁଣବତ୍ତା ଓ ଶୁଦ୍ଧତା ପାଇଁ ଏହା ଓଡ଼ିଶାର ଏକନମ୍ବର ବ୍ରାଣ୍ଡ୍ ଭାବେ ପରିଚୟ ଅର୍ଜନ କରିଛି ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସେଲ୍‌ସ ବିଭାଗ ମୁଖ୍ୟ ଦିଲୀପ ସାହୁ, କ୍ୱାଲିଟି ବିଭାଗ ମୁଖ୍ୟ ଅଶୋକ କୁମାର ନାୟକ ଏବଂ କର୍ପୋରେଟ ସେଲ୍ସ ମୁଖ୍ୟ ସାଇସଂବିତା ନାୟକ ପ୍ରମୁଖ ରନ୍ଧନ ବିଶେଷଜ୍ଞମାନଙ୍କ ସହଯୋଗ ଓ ସହଭାଗିତା ପାଇଁ କୃତଜ୍ଞତା ଜଣାଇଥିଲେ। ଲୋକସମ୍ପର୍କ ବିଭାଗ ମୁଖ୍ୟ ଶୁଭେନ୍ଦୁ କୁମାର ଭୂୟାଁ ଆଗାମୀ ସୁବର୍ଣ୍ଣ ଜୟନ୍ତୀ ବର୍ଷର କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋକପାତ କରିଥିଲେ। ମାର୍କେଟିଂ ବିଭାଗର ଅଧିକାରୀ ପ୍ରଶାନ୍ତ କୁମାର ପାତ୍ର, ସୋନାଲି ସାହୁ, ଶୁଭାଶିଷ ଜେନା ପ୍ରମୁଖ ସହଯୋଗ କରିଥିଲେ। ଆସୋସିଏଶନ୍‌ର ସଦସ୍ୟ ସତ୍ୟନାରାୟଣ ବେହେରା ଧନ୍ୟବାଦ ଦେଇଥିଲେ।

୪ ନାବାଳକଙ୍କୁ ଉଦ୍ଧାର କଲା ଆର୍‌ପିଏଫ୍

କଟକ,୨୧।୪(କାର୍ତ୍ତିକ ସାହୁ):

କଟକ ରେଳଷ୍ଟେଶନରେ ପାଟ୍ରୋଲିଂ ବେଳେ ଆର୍‌ପିଏଫ୍ କର୍ମଚାରୀମାନେ ୪ଜଣ ନାବାଳକଙ୍କୁ ଉଦ୍ଧାର କରିଛନ୍ତି। ନାବାଳକମାନେ ବିହାରର ବୋଲି ଜଣାପଡ଼ିଛି। ଆର୍‌ପିଏଫ୍‌ର 'ନନ୍ହେ ଫରିସ୍ତା' କାର୍ଯ୍ୟକ୍ରମ ମାଧ୍ୟମରେ ସେମାନଙ୍କୁ ଉଦ୍ଧାର କରାଯାଇଛି।

ସୂଚନା ଅନୁଯାୟୀ, ଆର୍‌ପିଏଫ୍ କର୍ମଚାରୀମାନେ କଟକ ରେଳଷ୍ଟେଶନର ପ୍ଲାଟଫର୍ମ ନଂ ୩ରେ ସୋମବାର ସକାଳ ପ୍ରାୟ ୬ଟା ସମୟରେ ପାଟ୍ରୋଲିଂ କରୁଥିଲେ। ୪ ଜଣ ନାବାଳକ ପ୍ଲାଟଫର୍ମ ଶେଷମୁଣ୍ଡରେ ବସିଥିବା ସେମାନେ ଦେଖିବାକୁ ପାଇଥିଲେ। ସେମାନଙ୍କୁ ପଚରାଉଚରା କରିବାରୁ ବିହାର ରାଜ୍ୟର ବୋଲି ଜଣାପଡ଼ିଥିଲା। ସେମାନଙ୍କ ମଧ୍ୟରୁ ଖଗରିଆ ଜିଲାର ବେଲଦୌର ଥାନା ଅଞ୍ଚଳର ୨ଜଣ, ଗୌରୀ ଥାନା ଅଞ୍ଚଳର ଜଣେ ଓ ଜମଲପୁର ଥାନା ଅଞ୍ଚଳର ଆଉ ଜଣେ ବୋଲି ସେମାନେ କହିଥିଲେ। ସେମାନେ କଟକ ରେଳଷ୍ଟେଶନକୁ କେମିତି ଓ କାହିଁକି ଆସିଲେ ବୋଲି ପଚାରିବାରୁ କୌଣସି ସନ୍ତୋଷଜନକ ଉତ୍ତର ଦେଇପାରିନଥିଲେ। ଅପରପକ୍ଷରେ କଟକରେ ଥିବା ଏକ ଇସ୍‌ଲାମ ମଦ୍ରାସାକୁ ସେମାନେ ପଢ଼ିବାକୁ ଆସିଥିବା କହିଥିଲେ। ଜଣେ ମୌଲବୀ ସେମାନଙ୍କୁ କଟକ ଷ୍ଟେଶନରୁ ନେବାକୁ ଆସିବାର ଥିଲା। ମାତ୍ର କେହି ଆସି ନ ଥିବାରୁ ସେମାନେ ଷ୍ଟେଶନରେ ବସିଥିବା କହିଥିଲେ। ଏ ସଂକ୍ରାନ୍ତରେ ଚାଇଲ୍ଡ ହେଲ୍ପଲାଇନ, ଜିଆର୍‌ପି ଓ ଷ୍

ବିଶ୍ୱଶାନ୍ତି ମହାଯଜ୍ଞ ଉଦ୍‌ଯାପିତ

ବାଘମାରୀ,(ମିହିର ରଞ୍ଜନ ମହାପାତ୍ର): ପୋଡାଡ଼ିହ ପଞ୍ଚାୟତ ଅନ୍ତର୍ଗତ ତଳଗଡ଼ ଗ୍ରାମବାସୀଙ୍କ ଉଦ୍ୟମରେ ଲୋକନାଥ ଦେବଙ୍କ ପୀଠରେ ତିନିଦିନ ଧରି ଚାଲିଥିବା ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞର ଅନ୍ତିମ ଦିବସରେ ଠାକୁରଙ୍କ ନୂତନ ବିଗ୍ରହ ପ୍ରତିଷ୍ଠା କରାଯାଇ ଯଜ୍ଞର ପୂର୍ଣ୍ଣାହୁତି କରାଯାଇଥିଲା। ଯଜ୍ଞ ଆଚାର୍ଯ୍ୟ ସତ୍ୟପ୍ରିୟ ମିଶ୍ର ଏବଂ ବ୍ରହ୍ମଚାରୀ ପ୍ରବୀର କୁମାର ଦାସଙ୍କ ଦ୍ୱାରା ପ୍ରଥମେ ସୂର୍ଯ୍ୟ ପୂଜା, ଗୋପୂଜା, ଉପଚାର ପୂଜା ପରେ ପୂର୍ଣ୍ଣାହୁତି ଆରମ୍ଭ ହୋଇଥିଲା। ପରେ ପୁଷ୍ପାଞ୍ଜଳି ପ୍ରଦାନ କରାଯାଇଥିଲା। କଂଗ୍ରେସ ନେତା ତାରାପ୍ରସାଦ ପଟ୍ଟନାୟକ ଏବଂ ଜୟଶ୍ରୀ ପଟ୍ଟନାୟକ ଯୋଗଦେଇ ଠାକୁରଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ। ତଳଗଡ଼ ଗ୍ରାମବାସୀ ସହଯୋଗ କରିଥିଲେ।

ସଂକ୍ଷେପରେ

ଦୁର୍ଘଟଣାରେ ବାଇକ୍ ଆରୋହୀ ଗୁରୁତର

ବୋଲଗଡ଼,୨୧।୪(ଦେବବ୍ରତ ହୋତା)

ବୋଲଗଡ଼ ବ୍ଲକ ସାନପଦର ସାନନାଳିଆ ପୋଲ ଉପରେ ସୋମବାର ଦୁର୍ଘଟଣାରେ ଜଣେ ବାଇକ୍ ଆରୋହୀ ଗୁରୁତର ଆହତ ହୋଇଛନ୍ତି। ସେ ହେଲେ ବେଗୁନିଆ ବ୍ଲକ କୋଟପଲ୍ଲା ଗ୍ରାମର କାଳୁ ନାୟକ। ଚିକିତ୍ସା ପାଇଁ ତାଙ୍କୁ ଖୋର୍ଦ୍ଧା ମେଡିକାଲରେ ଭର୍ତ୍ତି କରାଯାଇଛି। ସୂଚନା ମୁତାବକ, କୋଟପଲ୍ଲା ଗ୍ରାମର କାଳୁ ବାଇକ୍‌ରେ ଶ୍ୱଶୁର ଘରକୁ ଯାଉଥିଲେ। ସାନପଦର ସାନନାଳିଆ ପୋଲ ଉପରେ କୌଣସି କାରଣରୁ ବାଇକଟି ରସ୍ତା ଉପରେ ପ୍ରାୟ ୨୦ମିଟର ଘୋଷାଡି ହୋଇଯାଇଥିଲା। ଫଳରେ କାଳୁ ଗୁରୁତର ଆହତ ହୋଇଥିଲେ। ଉକ୍ତ ସମୟରେ ରାସ୍ତାରେ ଯାଉଥିବା ଗୋପାଳପୁର ସରପଞ୍ଚ ପ୍ରଦୀପ ବାରିକ ଓ ସାନପଦରର ପୂର୍ବତନ ସମିତିସଭ୍ୟ ଅର୍ଜୁନ ପଟ୍ଟନାୟକ ତୁରନ୍ତ ଏକ ଗାଡ଼ି ବ୍ୟବସ୍ଥା କରି ଗୁରୁତର କାଳୁଙ୍କୁ ଉଦ୍ଧାର କରି ଖୋର୍ଦ୍ଧା ମେଡିକାଲକୁ ପଠାଇଥିଲେ।

ମଦ ଜବତ, ୨ ଗିରଫ

ବେଗୁନିଆ,୨୧।୪(ସନ୍ଧ୍ୟାରାଣୀ ମିଶ୍ର)

ଖୋର୍ଦ୍ଧା ଜିଲା ଅବକାରୀ ବିଭାଗ ଅଧୀକ୍ଷିକା ସୁମତି ତ୍ରିପାଠୀଙ୍କ ନିର୍ଦ୍ଦେଶକ୍ରମେ ସଦର ରେଞ୍ଜ ଅଧିକାରୀ ରାଧାକାନ୍ତ ଭୋଇଙ୍କ ତତ୍ତ୍ୱାବଧାନ ଏବଂ ବେଗୁନିଆ ଅବକାରୀ ଥାନା ସହଯୋଗରେ ସୋମବାର ଦୁଇଟି ସ୍ଥାନରେ ଚଢ଼ାଉ କରାଯାଇ ୧୭ ଲିଟର ଦେଶୀମଦ ଜବତ କରାଯିବା ସହିତ ଦୁଇ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି। ଦଦରାକାଛ ଗ୍ରାମର ବୈକୁଣ୍ଠ ନାୟକଙ୍କ ଠାରୁ ୯ ଲିଟର ଓ ଚଟୁଆ ଗ୍ରାମର ରୁପା ସାହୁଙ୍କଠାରୁ ୮ ଲିଟର ଦେଶୀ ମଦ ଜବତ ପରେ ଉଭୟ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିଲା ବୋଲି ବେଗୁନିଆ ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ରାଜେନ୍ଦ୍ର କୁମାର ଖେସ କହିଛନ୍ତି ।

ପରିବେଶବିତ୍ ଦୁର୍ଯ୍ୟୋଧନଙ୍କ ଶ୍ରାଦ୍ଧବାର୍ଷିକୀ

ଯାଁଳା,୨୧।୪(ବୁଲା ବାରିକ)

ପରିବେଶବିତ୍ ଦୁର୍ଯ୍ୟୋଧନ ମଙ୍ଗରାଜଙ୍କ ୨୧ତମ ଶ୍ରାଦ୍ଧଦିବସ ପାଳିତ ହୋଇଯାଇଛି। ସୁଶ୍ରୀ ସୌମ୍ୟା ମଙ୍ଗରାଜ ଉଦ୍‌ଘାଟନ ଅଭିବ୍ୟକ୍ତ ରଖିଥିଲେ। ଅତିଥିମାନେ ସ୍ୱର୍ଗତ ମଙ୍ଗରାଜଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିଥିଲେ। ସାମ୍ପ୍ରତିକ ପରିସ୍ଥିତିରେ ପରିବେଶ ସୁରକ୍ଷା ଦିଗରେ ସାମାଜିକ ଦାୟିତ୍ୱ ବୋଧତା ବିଷୟରେ ଅତିଥିମାନେ ଆଲୋକପାତ କରିଥିଲେ। ମୁଖ୍ୟ ଅତିଥି ଭକ୍ତବନ୍ଧୁ ଦାସ, ସମ୍ମାନିତ ଅତିଥିଭାବେ ପ୍ରଦୀପ ପଟ୍ଟନାୟକ, କାନନବାସୀ ସାମନ୍ତରାୟ ପ୍ରମୁଖ ଯୋଗଦେଇ ଦୁର୍ଯ୍ୟୋଧନଙ୍କ ସ୍ମୃତିଚାରଣ କରିଥିଲେ। ଚଳିତ ବର୍ଷର ଦୁର୍ଯ୍ୟୋଧନ ମଙ୍ଗରାଜ ସ୍ମୃତି ସମ୍ମାନ ଅଧିବକ୍ତା ନୀଳମଣି ପ୍ରହରାଜ ଏବଂ ପ୍ରକୃତିପ୍ରେମୀ କାମିନୀକାନ୍ତ ଦାଶଙ୍କୁ ପ୍ରଦାନ କରାଯାଇଥିଲା। ରମାକାନ୍ତ ଦାସ, ସତ୍ୟବ୍ରତ ନାୟକ ଉପସ୍ଥିତ ଥିଲେ। ବିକ୍ରମ ମଙ୍ଗରାଜ ଧନ୍ୟବାଦ ଦେଇଥିଲେ।

ଜାନକୀ ବଲ୍ଲଭଙ୍କ ଅବଦାନ ଅତୁଳନୀୟ

ବେଗୁନିଆ,୨୧।୪(ହର ପ୍ରସନ୍ନ ପଣ୍ଡା)

ବେଗୁନିଆ ଜାନକୀବଲ୍ଲଭ ସ୍ମୃତି ସଂସଦ ଆନୁକୂଲ୍ୟରେ ସ୍ଥାନୀୟ ଆଦର୍ଶ କ୍ଲବ ପରିସରରେ ସୋମବାର ପୂର୍ବତନ ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ଦଶମ ଶ୍ରାଦ୍ଧବାର୍ଷିକୀ ପାଳିତ ହୋଇଯାଇଛି। ଏଥିରେ ସ୍ମୃତି ସଂସଦର ସଭାପତି ହାଡୁବନ୍ଧୁ ମହାପାତ୍ର ଅଧ୍ୟକ୍ଷତା କରିଥିଲେ। ପ୍ରାରମ୍ଭରେ ଦିବଙ୍ଗତଙ୍କ ତୈଳଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା। ପଣ୍ଡିତ ବିନୋଦ ଦାଶ ବେଦପାଠ, ବସନ୍ତ ଦାସ ମଙ୍ଗଳା ଚରଣ ପାଠ କରିଥିବା ବେଳେ ମୌଲାନା ମହେଫୁଜ ଅଲ୍ଲୀ କୋରାନ ପାଠ କରିଥିଲେ। କବୟିତ୍ରୀ ମାନସି ଦାସ ଶ୍ରଦ୍ଧାଞ୍ଜଳି ସଙ୍ଗୀତ ଗାନ କରିଥିଲେ। କାର୍ଯ୍ୟକ୍ରମ ଆବାହକ ପ୍ରଫେସର ରବୀନ୍ଦ୍ର ନାଥ ପାଣିଗ୍ରାହୀ କାର୍ଯ୍ୟକ୍ରମ ସମ୍ବନ୍ଧୀୟ ସୂଚନା ଦେବା ସହ ସ୍ୱର୍ଗତ ପଟ୍ଟନାୟକଙ୍କ ନିଜ କର୍ମଭୂମି ବେଗୁନିଆ ବୋଲଗଡ ପ୍ରତି ଥିବା ଅତୁଳନୀୟ ଅବଦାନର ଅବତାରଣା କରିଥିଲେ। ପ୍ରାଧାପକ ଡ. ଅଖିଳେଶ ପ୍ରସାଦ ପଣ୍ଡା ମୁଖ୍ୟ ଅତିଥି ଏବଂ ପୂର୍ବତନ ପ୍ରଶାସନିକ ଅଧିକାରୀ ସୁଧାକର ସାମନ୍ତରାୟ ମୁଖ୍ୟ ବକ୍ତାଭାବେ ଯୋଗଦେଇ ମତବ୍ୟକ୍ତ କରିଥିଲେ। ମଧୁସୂଦନ ସୁବୁଦ୍ଧି, ବ୍ରଜବନ୍ଧୁ ପଣ୍ଡା, ପ୍ରଶାନ୍ତ ବାରିକ, ବଂଶୀଧର ପାଣିଗ୍ରାହୀ, ଅଶ୍ୱିନୀ ପଟ୍ଟନାୟକ, ପଞ୍ଚାନନ ନାୟକ, ବଂଶୀଧର ଦଳାଇ, ପତିତପାବନ ବଳବନ୍ତରାୟ, ଦୀନବନ୍ଧୁ ଦାଶ, ହରେକୃଷ୍ଣ ପଣ୍ଡା, ରାମଚନ୍ଦ୍ର ବେହେରା ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ହରିହର ମହାପାତ୍ର ଅନ୍ତିମ ସଙ୍ଗୀତ ଗାନ କରିଥିବା ବେଳେ ବେଗୁନିଆ ବ୍ଲକ କଂଗ୍ରେସ କମିଟି ସଭାପତି କାଳନ୍ଦୀ ଚରଣ ମହାପାତ୍ର ଧନ୍ୟବାଦ ଦେଇଥିଲେ।

ପଞ୍ଚ ପାଇକ ପୀଠ ଅବହେଳିତ

ଖୋର୍ଦ୍ଧା,୨୧।୪(ପ୍ରଭାତ ପାଣିଗ୍ରାହୀ)

ବୀରତ୍ୱର ମାଟି ଖୋର୍ଦ୍ଧା। ବ୍ରିଟିଶ ବିରୋଧରେ ପ୍ରଥମ ଆନ୍ଦୋଳନର ସ୍ୱର ଏଠାରୁ ଉଠିଥିଲା। ପରବର୍ତ୍ତୀ ପର୍ଯ୍ୟାୟରେ ଭାରତର ବିଭିନ୍ନ କୋଣ ଅନୁକୋଣକୁ ବ୍ୟାପିଥିଲା। ପାଇକଙ୍କ ବୀରତ୍ୱ ଆଗରେ ମଥା ନୁଆଁଇଥିଲା ବ୍ରିଟିଶ ସରକାର। ଦେଶ ପ୍ରତି ଜାତୀୟତା, ରାଷ୍ଟ୍ରୀୟତା ଏବଂ ଦେଶପ୍ରେମର ପରିଚୟ ବହନ କରେ ପାଇକ ବିଦ୍ରୋହ। ପାଇକ ବୀରଙ୍କ ତ୍ୟାଗ ଓ ବଳିଦାନ ଲାଗି ଖୋର୍ଦ୍ଧା ମାଟିର ସ୍ୱତନ୍ତ୍ରତା ରହିଛି। ବ୍ରିଟିଶ ବିରୋଧରେ ସଶସ୍ତ୍ର ସଂଗ୍ରାମ କରି ବଳିଦାନ ଦେଇଥିବା ପାଇକଙ୍କ ଅବଦାନ ଅବିସ୍ମରଣୀୟ। ଜୟୀ ରାଜଗୁରୁ, ବକ୍ସି ଜଗବନ୍ଧୁ, ତାପଙ୍ଗ ଦଳବେହେରା, ପିଣ୍ଡିକି ବାହୁବଳେନ୍ଦ୍ର ଓ କୃତିବାସ ପାଟ୍ଟଶାଣୀଙ୍କ ସମେତ ବହୁ ପାଇକ ମାଟିର ସୁରକ୍ଷା ପାଇଁ ନିଜ ଜୀବନକୁ ଉତ୍ସର୍ଗୀକୃତ କରିଥିଲେ। ତେବେ ଦେଶମାତୃକା ପାଇଁ ବଳିଦାନ ଦେଇଥିବା ଏ ମାଟିର ଗୌରବ ପଞ୍ଚ ପାଇକଙ୍କ ପୀଠ ଅବହେଳିତ ଅବସ୍ଥାରେ ରହିଛି। ଗଡ଼ଖୋର୍ଦ୍ଧା ଛକରୁ ଅନତି ଦୂରରେ ପଞ୍ଚ ପାଇକଙ୍କ ପ୍ରତିମୂର୍ତ୍ତିକୁ ସ୍ଥାନାନ୍ତର କରାଯାଇଛି। ଚାରିପଟେ ପାଚେରି ନିର୍ମାଣ କରାଯାଇଛି। ଜିଲା ପ୍ରଶାସନ ପକ୍ଷରୁ ସ୍ଥାନାନ୍ତର ପରେ ସୌନ୍ଦର୍ଯ୍ୟକରଣ ପ୍ରତି ଗୁରୁତ୍ୱ ଦିଆଯାଉନାହିଁ। ପଛପଟ ମାଟି ଧସି ପାଚେରି ଭୁଶୁଡ଼ିଲାଣି। ଏଠାରେ ଆଲୋକୀକରଣ ବ୍ୟବସ୍ଥା ନ ଥିବାରୁ ପଞ୍ଚ ପାଇକ ଅନ୍ଧାରରେ ରହୁଛନ୍ତି। ତୁରନ୍ତ ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେବା ସହ ରହିଥିବା ସମସ୍ୟାର ସମାଧାନ ପାଇଁ ଦାବି ହେଉଛି।

ପ୍ରକାଶ ଯେ, ପାଇକ ବୀରଙ୍କ ସ୍ମୃତିକୁ ଉଜ୍ଜୀବିତ ଉଦ୍ଦେଶ୍ୟରେ ୧୯୯୯ ଡିସେମ୍ବର ୬ରେ ୧୬ନଂ. ଜାତୀୟ ରାଜପଥର ଗଡ଼ଖୋର୍ଦ୍ଧା ଛକ ପାର୍ଶ୍ୱରେ ସଂସ୍କାର ଭାରତୀ ଖୋର୍ଦ୍ଧା ଶାଖା ଆନୁକୂଲ୍ୟରେ ପଞ୍ଚ ପାଇକଙ୍କ ପ୍ରତମୂର୍ତ୍ତି ସ୍ଥାପନ ହୋଇଥିଲା। ଜାତୀୟ ରାଜପଥ ସମ୍ପ୍ରସାରଣ ଯୋଗୁ ଦୀର୍ଘ ବର୍ଷ ଧରି ରାଜପଥ କଡରେ ପରିତ୍ୟକ୍ତ ଅବସ୍ଥାରେ ରହିଥିବା ପଞ୍ଚ ପାଇକଙ୍କ ପ୍ରତିମୂର୍ତ୍ତିକୁ ବହୁ ବାଦ ବିବାଦ ପରେ ସ୍ଥାନାନ୍ତର କରାଯାଇଥିଲା। ତେବେ ସ୍ଥାନାନ୍ତର ହୋଇଥିବା ସ୍ଥାନକୁ ସୌନ୍ଦର୍ଯ୍ୟକରଣ କରାଗଲା ନାହିଁ। ଏପରିକି ଦୀର୍ଘଦିନ ପରେ ନାମଫଳକ ଲଗାଗଲା।

■ ସୌନ୍ଦର୍ଯ୍ୟକରଣ ପ୍ରତି ଗୁରୁତ୍ୱ ଦିଆଯାଉନି

■ ଜିଲା ପ୍ରଶାସନ ଦୃଷ୍ଟି ଦେବାକୁ ଦାବି

ଏନେଇ ବିଭିନ୍ନ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ପାଇକ ସଙ୍ଗଠନ, ବୁଦ୍ଧିଜୀବୀ, ଶିକ୍ଷାବିତ୍‌ମାନେ କ୍ଷୋଭ ପ୍ରକାଶ କରିବା ସହ ପ୍ରଶାସନିକ ଅବହେଳାକୁ ଦାୟୀ କରିଛନ୍ତି। ପ୍ରଥମେ ସୌନ୍ଦର୍ଯ୍ୟକରଣ ନ କରାଯାଇ କାହିଁକି ସ୍ଥାନାନ୍ତର କରାଗଲା ବୋଲି ପ୍ରଶ୍ନ ଉଠାଇଛନ୍ତି। ଏ ସମ୍ପର୍କରେ ସାମାଜିକ କର୍ମୀ ଗୋପାଳ ଦାସ କହିଛନ୍ତି, ପାଇକମାନଙ୍କ ବୀରତ୍ୱ, ଏ ଜାତିର ସ୍ୱାଭିମାନର ପରିଚୟ। ଯେଉଁଭଳି ପଞ୍ଚ ପାଇକଙ୍କ ପ୍ରତିମୂର୍ତ୍ତି ଖୋଲାଆକାଶ ତଳେ ପଡ଼ିରହିଛି। ଯାହାଙ୍କ ଲାଗି ଏ ପରିଚୟ, ବର୍ତ୍ତମାନ ସେମାନଙ୍କ ପ୍ରତିମୂର୍ତ୍ତି ଅବହେଳିତ ଅବସ୍ଥାରେ ରହିଛି। ବରିଷ୍ଠ ସାହିତ୍ୟିକ ଜ୍ଞାନରଞ୍ଜନ ଦାଶ କୁହନ୍ତି, ଏ ଦେଶ ପାଇଁ ପାଇକଙ୍କ ଅବଦାନ ଅତୁଳନୀୟ। ପୂଜ୍ୟପୂଜାକୁ ସମ୍ମାନ ଦେବା ଆମ ନୈତିକ ଦାୟିତ୍ୱ। ଯେଉଁ ଜାତିର ଅସ୍ତିତ୍ୱ ବିଲୁପ୍ତ ହୋଇଯାଏ, ସେହି ଜାତି ଧୀରେ ଧୀରେ ଶୀଥିଳ, ଘନ ଅନ୍ଧକାର ମଧ୍ୟରେ ହଜିଯାଏ। ତେଣୁ ଏଥିଲାଗି ସମସ୍ତଙ୍କ ଦାୟିତ୍ୱ ରହିଛି। ପଞ୍ଚ ପାଇକ ଖୋର୍ଦ୍ଧାର ପଞ୍ଚ ରତ୍ନ। ଏହାର ପୁନରୁଦ୍ଧାର ଜରୁରୀ ବୋଲି ପ୍ରଭାତ ବଲିୟାରସିଂ କହିଛନ୍ତି।

ମରଣାନ୍ତକ ଆକ୍ରମଣ ମାମଲା: ୨ ଅଭିଯୁକ୍ତଙ୍କୁ ଜେଲ ଦଣ୍ଡାଦେଶ

ବାଲୁଗାଁ,୨୧।୪(ସଂଗ୍ରାମ ପାଇକରାୟ)

ପୂର୍ବ ବିବାଦକୁ କେନ୍ଦ୍ରକରି ମରଣାନ୍ତକ ଆକ୍ରମଣ ମାମଲାର ବିଚାର କରି ଚିଲିକା ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଦାଲତ ବିଚାରପତି ଯୁଧିଷ୍ଠିର ଦଳେଇ ସୋମବାର ୨ ଅଭିଯୁକ୍ତଙ୍କୁ ଭାରତୀୟ ନ୍ୟାୟ ସଂହିତା ଧାରା ୩୨୩ ଏବଂ ୩୨୫ରେ ଦୋଷୀ ସାବ୍ୟସ୍ତ କରି ଦୁଇ ବର୍ଷ ଜେଲ ଓ ୫ ହଜାର ଟଙ୍କା ଲେଖାଏ ଜରିମାନା ଦଣ୍ଡାଦେଶ ଶୁଣାଇଛନ୍ତି। ଅଭିଯୁକ୍ତମାନେ ହେଲେ ଟାଙ୍ଗୀ ଥାନା ଜରିପଡ଼ା ଗ୍ରାମର ଦିଲୀପ ବେହେରା ଏବଂ ମନ ବେହେରା। ଜରିମାନା ଆଦାୟ ଅର୍ଥ ୧୦ହଜାର ଟଙ୍କାରୁ କ୍ଷତିପୂରଣ ବାବଦରେ ୫ ହଜାର ଟଙ୍କା ଆହତ ଏତଲାକାରୀଙ୍କୁ ଦେବା ନିମନ୍ତେ ଦଣ୍ଡାଦେଶରେ ନିର୍ଦ୍ଦେଶ ରହିଛି ।

ପ୍ରକାଶ ଯେ, ୨୦୨୩ ମାର୍ଚ୍ଚ ୧ରେ ଜରିପଡା ଗ୍ରାମସ୍ଥିତ ରାମେଶ୍ୱର ଦେବଙ୍କ ପୀଠରେ ଚାଲିଥିବା ଯଜ୍ଞକାର୍ଯ୍ୟ ପୂର୍ଣ୍ଣାହୁତି ପରେ ବିଳମ୍ବିତ ରାତିରେ ଉକ୍ତ ଗ୍ରାମର କାହ୍ନୁ ବେହେରା ପ୍ରସାଦ ସେବନ କରି ବିଶ୍ରାମ ନେଉଥିଲେ। ଏହି ସମୟରେ ପୂର୍ବ ଯୋଜନା ମୁତାବକ ୨ ଅଭିଯୁକ୍ତ ହଠାତ୍ ପହଞ୍ଚି ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ମରଣାନ୍ତକ ଆକ୍ରମଣ କରି କାହ୍ନୁଙ୍କ ଡାହାଣ ହାତ ଭାଙ୍ଗି ଦେଇଥିଲେ। ଖବର ପାଇ ତାଙ୍କ ସ୍ତ୍ରୀ ପହଞ୍ଚିଯିବାରୁ ସେ ମଧ୍ୟ ଆକ୍ରମଣର ଶିକାର ହୋଇଥିଲେ। ପରେ କାହ୍ନୁ ଏବଂ ତାଙ୍କ ସ୍ତ୍ରୀଙ୍କୁ ଚିକିତ୍ସା ପାଇଁ ପ୍ରଥମେ ଟାଙ୍ଗୀ ଏବଂ ପରେ ଖୋର୍ଦ୍ଧା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ଏନେଇ ଟାଙ୍ଗୀ ଥାନାରେ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା ରୁଜୁ କରିଥିଲା। ପରବର୍ତ୍ତୀ ସମୟରେ ମାମଲାଟି ଚିଲିକା କୋର୍ଟରେ ବିଚାରାଧୀନ ଥିଲା। ବିଚାରପତି ଦଳେଇ ଏହି ମାମଲାରେ ସମସ୍ତ ସାକ୍ଷ୍ୟ ପ୍ରମାଣକୁ ଭିତ୍ତିକରି ଉପରୋକ୍ତ ଦଣ୍ଡାଦେଶ ଶୁଣାଇଛନ୍ତି । ସରକାରଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ କୈଳାସ ଚନ୍ଦ୍ର ନାଥ ଏହି ମାମଲା ପରିଚାଳନା କରିଥିଲେ।

୧୦ବର୍ଷ ଧରି ପରିବାର ପୋଷୁଛି ଖବରକାଗଜ

ଖୋର୍ଦ୍ଧା,୨୧।୪(ପ୍ରଭାତ ପାଣିଗ୍ରାହୀ)

ଡମ୍ବରୁଧର ନାୟକ।

ଖୋର୍ଦ୍ଧା ଭାଲିଆବାଡ଼ିର ଡମ୍ବରୁଧର ନାୟକ(୩୫)। ୧୦ବର୍ଷରୁ ଊର୍ଦ୍ଧ୍ୱ ହେବ ଖୋର୍ଦ୍ଧାରେ ଖବରକାଗଜ ବିତରକ ଭାବେ କାର୍ଯ୍ୟ କରୁଛନ୍ତି। ଦୈନିକ ୧୦ରୁ ୧୫କିମି ସାଇକଲରେ ଯାତ୍ରା କରି ଲୋକଙ୍କ ନିକଟରେ ଖବରକାଗଜ ପହଞ୍ଚାଇଥାନ୍ତି। ଭୋର ୪ଟାରୁ ତାଙ୍କ ଦିନଚର୍ଯ୍ୟା ଆରମ୍ଭ ହୋଇଥାଏ। ଖବରକାଗଜ ପହଞ୍ଚିବା ପୂର୍ବରୁ ସେ ପେପର ପଏଣ୍ଟରେ ପହଞ୍ଚିଯାଆନ୍ତି। ପରେ ବିଭିନ୍ନ ଖବରକାଗଜ ଧରି ବାହାରିପଡ଼ନ୍ତି। ନୟାଗଡ ରୋଡ୍‌ଠାରୁ ଆରମ୍ଭ କରି ମେଡିକାଲ ଦେଇ ନୂଆବସ୍‌ଷ୍ଟାଣ୍ଡ, ପଲ୍ଲା, ତୋଟାପଡ଼ା, ବେରୁଆଁ, ହଳଦୀପଡ଼ା, ଭାଲିଆବାଡ଼ି, ଖୋର୍ଦ୍ଧା ସହରର ବିଭିନ୍ନ ସ୍ଥାନରେ ଲୋକଙ୍କ ନିକଟରେ ଖବରକାଗଜ ପହଞ୍ଚାଇଥାନ୍ତି। ଖବରକାଗଜ ଖୋଜିବା ପୂର୍ବରୁ ଡମ୍ବରୁ ଗ୍ରାହକଙ୍କ ନିକଟରେ ପହଞ୍ଚିଯାଇଥାନ୍ତି। ଏନେଇ ଡମ୍ବରୁଧର କହିଛନ୍ତି, ବରିଷ୍ଠ ଖବରକାଗଜ ବିତରକ ପ୍ରେମ ବାହାଦୁରଙ୍କ ସଂସ୍ପର୍ଶରେ ଆସିବା ପରେ ଏହି ଲାଇନକୁ ଆସିଥିଲି। ସେତେବେଳେ ୫୦ଟି ଖବରକାଗଜ ଆରମ୍ଭ କରି ଏବେ ୩୦୦ରୁ ଊର୍ଦ୍ଧ୍ୱ ଖବରକାଗଜ ବିକ୍ରି କରୁଛି। ସକାଳେ ଲୋକଙ୍କ ନିକଟରେ ଖବରକାଗଜ ପହଞ୍ଚାଇଦେଲେ ସେମାନଙ୍କ ମୁଖରୁ ଦୁଇପଦ ଖୁସିର କଥା ଶୁଣିଲେ ଆନନ୍ଦ ଲାଗେ। କରୋନା ସମୟରେ ଦୁଇ ବର୍ଷ ଖବରକାଗଜ ଚାହିଦା କମିଯାଇଥିଲା। ଲୋକେ ସଂକ୍ରମଣ ଆଶଙ୍କା ପେପର ନ ରଖି ଇ-ପେପର ଉପରେ ନିର୍ଭର କରୁଥିଲେ। ପୂର୍ବରୁ ମନା କରୁଥିବା ଲୋକେ ପୁଣି ଥରେ ଖବରକାଗଜ ରଖିବା ଆରମ୍ଭ କରିଛନ୍ତି। ଇଣ୍ଟରନେଟ, ଏଆଇ ଯୁଗରେ ମଧ୍ୟ ଖବରକାଗଜର ଚାହିଦା ରହିଛି ବୋଲି ସେ କହିଛନ୍ତି।

ଲୋକଙ୍କ ଅଭିଯୋଗ ଶୁଣିଲେ ଜିଲାପାଳ

ଶିବିରରେ ଜିଲାପାଳ ଚଞ୍ଚଳ ରାଣା ଏବଂ ଅଧିକାରୀମାନେ ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି।

ବାଲିପାଟଣା,୨୧।୪(ଅଭିମନ୍ୟୁ ନାୟକ)

ଖୋର୍ଦ୍ଧା ଜିଲା ବାଲିପାଟଣା ବ୍ଲକ ଅନ୍ତର୍ଗତ ଆମଣାକୁଦ ପଞ୍ଚାୟତ କାର୍ଯ୍ୟାଳୟଠାରେ ସୋମବାର ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ଚଞ୍ଚଳ ରାଣା ଯୋଗଦେଇ ଲୋକଙ୍କ ଅଭିଯୋଗର ଶୁଣାଣି କରିଥିଲେ। ଶିବିରରେ ମୋଟ୍ ୫୨୩ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ଏଥିରୁ ୫ଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଛି। ୩୩ଟି ସାମୂହିକ ସମସ୍ୟା ରହିଥିବାରୁ ବିଚାର ପାଇଁ ବିଭାଗୀୟ ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଛି। ଜଣଙ୍କୁ ରେଡକ୍ରସ ପାଣ୍ଠିରୁ ୧୦ହଜାର ଏବଂ ଅନ୍ୟ ୫ଜଣଙ୍କୁ ୮୫ ହଜାର ଟଙ୍କା ସହାୟତା ପ୍ରଦାନ କରାଯାଇଛି। ଏଡିଏମ୍ ରୁଦ୍ରପ୍ରସାଦ ମହାନ୍ତି, ଉପଜିଲାପାଳ ମନୋରଞ୍ଜନ ସାହୁ, ଜିଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଜ୍ୟୋତି ଶଙ୍କର ସାହୁ, ବିଡିଓ ସ୍ମୃତିପ୍ରଜ୍ଞା ପ୍ରିୟଦର୍ଶିନୀ, ତହସିଲଦାର କଳ୍ପନା ଦାସ, ମେଡିକାଲ ଅଫିସର ଶ୍ରୀକାନ୍ତ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ବିଧାୟକ ନବକିଶୋର ମଲ୍ଲିକ ଶିବିର ପରିଦର୍ଶନ କରି ଲୋକଙ୍କ ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ। ଏହି ଅବସରରେ ଖୋଲାଯାଇଥିବା ବିଭିନ୍ନ ଷ୍ଟଲ୍‌କୁ ଜିଲାପାଳ ଏବଂ ବିଭିନ୍ନ ବିଭାଗୀୟ ଅଧିକାରୀ ବୁଲି ଦେଖିଥିଲେ।

୬ ରେଳ କର୍ମଚାରୀ ସମ୍ମାନିତ

ଭୁବନେଶ୍ୱର,୨୧।୪(ଅନୁରାଧା ମହାରଣା)

ପୂର୍ବତଟ ରେଳପଥର ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ ସୋମବାର ୬ଜଣ ରେଳ କର୍ମଚାରୀଙ୍କୁ ସେମାନଙ୍କ କର୍ତ୍ତବ୍ୟନିଷ୍ଠା, ସତର୍କତା ଏବଂ ଡ୍ୟୁଟି ସମୟରେ ତ୍ୱରିତ କାର୍ଯ୍ୟ ପାଇଁ ସମ୍ମାନିତ କରିଛନ୍ତି। ସେମାନେ ହେଲେ କାମାକ୍ଷାନଗରର ଟ୍ରେନ୍ ପଏଣ୍ଟସମ୍ୟାନ ଶକ୍ତି ପ୍ରସାଦ ସାହୁ, ସମ୍ବଲପୁର ଗୋଡ଼ଭାଗାର ଟ୍ରକ୍ ମେଣ୍ଟେନର ଦେବରାଜ ସୁନା, ଖୋର୍ଦ୍ଧା ରୋଡ଼ର ଗୁଡ୍‌ସ ଲୋକୋ ପାଇଲଟ ପୂର୍ଣ୍ଣଚନ୍ଦ୍ର ପଣ୍ଡା, ରାୟଗଡାର ସହାୟକ ଲୋକୋ ପାଇଲଟ ସୁରକତୁଲ୍ଲା ଶ୍ରୀଚରଣ ତେଜା ଓ ଚିଲିଗାଡ଼ ଟ୍ରାକ ମେଣ୍ଟେନର ପୂଜନ କୁମାର। ପୂର୍ବତଟ ରେଳପଥ ମୁଖ୍ୟାଳୟ ଭୁବନେଶ୍ୱରସ୍ଥିତ ରେଳ ସଦନଠାରେ ଆୟୋଜିତ ଏହି ସମ୍ବର୍ଦ୍ଧନା ସମ

ଆଦିବାସୀଙ୍କ ଭିତରେ ଦେଶପ୍ରେମର ବହ୍ନି ପ୍ରଜ୍ୱଳନ କରିଥିଲେ ସଦାଶିବ

ଭୁବନେଶ୍ୱର, ୨୧।୪(ସୌମ୍ୟରଞ୍ଜନ ରାଉତ)

ଶବରୀ ସାଂସ୍କୃତିକ ସଂସଦ ଏବଂ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ସ୍ୱାଧୀନତା ସଂଗ୍ରାମୀ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ଡ. ସଦାଶିବ ତ୍ରିପାଠୀଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଉତ୍ସବ ସୋମବାର ସୂଚନା ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଯୋଗଦେଇ ଯାଜପୁର ଏମ୍‌ପି ଡ. ରବୀନ୍ଦ୍ର ନାରାୟଣ ବେହେରା କହିଲେ, ସଦାଶିବ ଗାନ୍ଧିଜୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ସ୍ୱାଧୀନତା ସଂଗ୍ରାମରେ ଯୋଗଦେଇଥିଲେ। ଆଦିବାସୀଙ୍କ ମଧ୍ୟରେ ସେ ଦେଶପ୍ରେମର ବହ୍ନି ପ୍ରଜ୍ୱଳନ କରିଥିଲେ। ମୁଖ୍ୟବକ୍ତା ଭାବେ ଓଡ଼ିଶାର ପୂର୍ବତନ ପ୍ରଧାନ ମୁଖ୍ୟ ଆୟକର ଆୟୁକ୍ତ ମନୋରଞ୍ଜନ ପାଣିଗ୍ରାହୀ ଯୋଗଦେଇ କହିଲେ, ଶିକ୍ଷକ ଯେବେ ଶାସନର ହାତ ଧରେ, ସେତେବେଳେ ସମାଜରେ ଏକ ପରିବର୍ତ୍ତନ ଆସେ। ଇଂରେଜ ଶାସନର ବିରୋଧ କରି ମହାତ୍ମା ଗାନ୍ଧୀ ଓ ଗୋପବନ୍ଧୁଙ୍କ ଆହ୍ୱାନକ୍ରମେ ସଦାଶିବ ସ୍ୱାଧୀନତା ସଂଗ୍ରାମରେ ଯୋଗ ଦେଇଥିଲେ। ଜମିଦାରି ଉଚ୍ଛେଦ ଏବଂ ଓଡ଼ିଶା ଭୂସଂସ୍କାର ଆଇନ ତାଙ୍କ ରାଜସ୍ୱ ମନ୍ତ୍ରୀ ସମୟର ଏକ ଐତିହାସିକ ପଦକ୍ଷେପ। ଭୂସଂସ୍କାର ଆଇନ ପ୍ରଣୟନବେଳେ ନିଜ ପୈତୃକ ବଳକା ଜମିକୁ ଭୂମିହୀନଙ୍କ ମଧ୍ୟରେ ପ୍ରଥମେ ବାଣ୍ଟି ସେ ଉଦାହରଣ ସୃଷ୍ଟି କରିଥିଲେ। ଶିକ୍ଷା, ଭିତ୍ତିଭୂମି, ଶିଳ୍ପ ବିକାଶ କ୍ଷେତ୍ରରେ ତାଙ୍କର ଉଲ୍ଲେଖନୀୟ ଅବଦାନ ପାଇଁ ସେ ଓଡ଼ିଶାବାସୀଙ୍କ ହୃଦୟରେ ଚିର ଅମର ହୋଇ ରହିବେ। ସମ୍ମାନିତ ଅତିଥି ଭାବେ ଭାଜପା ନେତା ଗୋଲକ ପ୍ରସାଦ ମହାପାତ୍ର ଯୋଗଦେଇ କହିଲେ, ସେବା ମନୋବୃତ୍ତି ନେଇ ଉତ୍ସର୍ଗୀକୃତ ଭାବରେ ନିଜ ସୁଖସୁବିଧାକୁ ଜଳାଞ୍ଜଳି ଦେଇ ରାଜନୀତି କରିବାକୁ ଗୋଡ଼ କାଢ଼ିଥିବା ସଦାଶିବ ଓଡ଼ିଶାର ରାଜନୈତିକ ଇତିହାସରେ ଏକ ଗୌରବୋଜ୍ଜ୍ୱଳ ପରମ୍ପରା ସୃଷ୍ଟି କରିଛନ୍ତି। ଏହି ଅବସରରେ ତରଙ୍ଗ ଅନୁଷ୍ଠାନର କଣ୍ଠଶିଳ୍ପୀଙ୍କ ଦ୍ୱାରା ସଂଗୀତ, ଭଜନ ଓ ଦେଶାତ୍ମବୋଧକ ସଙ୍ଗୀତ ପରିବେଷଣ କରାଯାଇଥିଲା। ସୂଚନା ଓ ଲୋକସମ୍ପର୍କ ବିଭାଗର ଅତିରିକ୍ତ ନିର୍ଦ୍ଦେଶକ ସନ୍ତୋଷ କୁମାର ଦାସ, ଉପନିର୍ଦ୍ଦେଶକ ସୁଚେତା ପ୍ରିୟଦର୍ଶିନୀ, ସୂଚନା ଭବନର ଉପନିର୍ଦ୍ଦେଶକ ଦୀପ୍ତିମୟୀ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ।

ରାଜ୍ୟସ୍ତରୀୟ ଜୟନ୍ତୀ ଉତ୍ସବରେ ଯାଜପୁର ଏମ୍‌ପି ରବୀନ୍ଦ୍ର ନାରାୟଣ ବେହେରାଙ୍କ ସହ ଅନ୍ୟ ଅତିଥି।

ଅନ୍‌ଲାଇନ ଗେମ୍ ନେଲା ଜୀବନ

୧୭ଲକ୍ଷ ହରାଇଥିଲେ ଯୁବକ

ନିରାକାରପୁର,୨୧।୪(ମାନସ ଚନ୍ଦ୍ର ପଟ୍ଟନାୟକ)

ଖୋର୍ଦ୍ଧା ଜିଲା ଜଙ୍କିଆ ଥାନା ଅଧୀନ ମଳିପଡ଼ା ମଝିସାହି ଅଞ୍ଚଳରେ ସୋମବାର ଏକ ଦୁଃଖଦ ଘଟଣା ଘଟିଛି। ଅନ୍‌ଲାଇନ ଗେମ୍‌ରେ ଲକ୍ଷାଧିକ ଟଙ୍କା ହରାଇ ଜଣେ ଯୁବକ ଜୀବନ ହାରିଛନ୍ତି। ସେ ହେଲେ ସଞ୍ଜୟ କୁମାର ମହାରଥୀ ଓରଫ ଡୁଡୁ (୨୭)। ସେ ଏକ ପ୍ରାଇଭେଟ କମ୍ପାନୀରେ ମ୍ୟାନେଜର ଭାବେ କାର୍ଯ୍ୟରତ ଥିବା ବେଳେ ଏକ ଅନଲାଇନ ଗେମ୍ ଆପ୍‌ରେ ପ୍ରାୟ ୧୭ଲକ୍ଷ ଟଙ୍କା ହରାଇବାରୁ ମାନସିକ ଚିନ୍ତାରେ ପଡ଼ି ଏଭଳି ନିଷ୍ପତ୍ତି ନେଇଛନ୍ତି ବୋଲି ତାଙ୍କ ସମ୍ପର୍କୀୟଙ୍କ ସୂତ୍ରରୁ ଜଣାପଡ଼ିଛି। ଖବରପାଇ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏନେଇ ଥାନାରେ ଏକ ମାମଲା ରୁଜୁ ହୋଇଛି। ତେବେ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ଥାନା ଅଧିକାରୀ ସୁଶାନ୍ତ କୁମାର ବେହେରା କହିଛନ୍ତି।



ରୋମାନ୍ କ୍ୟାଥୋଲିକ୍ ଚର୍ଚ୍ଚର ସର୍ବୋଚ୍ଚ ଧର୍ମଗୁରୁ ପୋପ୍ ଫ୍ରାନ୍ସିସ୍‌ଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇ ବାଲୁକା ଶିଳ୍ପୀ ସୁଦର୍ଶନ ପଟ୍ଟନାୟକ ପୁରୀ ବେଳାଭୂମିରେ ପ୍ରସ୍ତୁତ କରିଥିବା ବାଲୁକାକଳା।

ଦେଶ ସେବା ପାଇଁ ଛାତ୍ରୀଛାତ୍ର ସଂକଳ୍ପ ନିଅନ୍ତୁ: ରାଜ୍ୟପାଳ

ସୈନିକ ସ୍କୁଲର ପୁରସ୍କାର ବିତରଣ ସମାରୋହ

ଭୁବନେଶ୍ୱର,୨୧।୪(ସୁଚିସ୍ମିତା ସାହୁ)

ଛାତ୍ରୀଛାତ୍ରମାନେ ସେବା, କର୍ତ୍ତବ୍ୟ, ଜ୍ଞାନ ଏବଂ ସାହସ ଦ୍ୱାରା ପରିଚାଳିତ ହୋଇ ଦେଶର ସେବା କରିବା ନିମନ୍ତେ ସଂକଳ୍ପ ନେବାକୁ ରାଜ୍ୟପାଳ ଡ. ହରି ବାବୁ କମ୍ଭମ୍‌ପାଟି ଆହ୍ୱାନ ଦେଇଛନ୍ତି। ସୋମବାର ସୈନିକ ସ୍କୁଲର ବାର୍ଷିକ ପୁରସ୍କାର ବିତରଣ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟପାଳ କହିଲେ, ଉତ୍କର୍ଷ ହାସଲ କରିଥିବା ଛାତ୍ରୀଛାତ୍ର ଆମ ଦେଶର ଭବିଷ୍ୟତ ଗଢୁଥିବା ସ୍କୁଲ ପାଇଁ ଗର୍ବ। ସଶସ୍ତ୍ର ବାହିନୀରେ କ୍ୟାରିୟର ପାଇଁ ଯୁବପିଢ଼ିଙ୍କୁ ପ୍ରସ୍ତୁତ କରିବା ଏବଂ ସେମାନଙ୍କ ମଧ୍ୟରେ ଦେଶପ୍ରେମ, ଆତ୍ମ-ଅନୁଶାସନ ଏବଂ ନେତୃତ୍ୱର ମୂଲ୍ୟବୋଧ ସୃଷ୍ଟି କରିବା ପାଇଁ ସୈନିକ ସ୍କୁଲଗୁଡ଼ିକ ସ୍ଥାପନ କରାଯାଇଥିଲା। ଦଶନ୍ଧି ଧରି ଏହି ଅନୁଷ୍ଠାନ ଗୌରବମୟ ଇତିହାସ, ପରମ୍ପରା, ଗର୍ବ ଏବଂ ଉତ୍କର୍ଷତା ବଜାୟ ରଖିଛି। ଅନେକ ପ୍ରତିଷ୍ଠିତ ଅଧିକାରୀ, ସରକାରୀ କର୍ମଚାରୀ, ଦାୟିତ୍ୱବାନ୍ ନାଗରିକଙ୍କୁ ସୃଷ୍ଟି କରିଛି। ଶିକ୍ଷା ସହିତ ଶାରୀରିକ ସୁସ୍ଥତା ଏବଂ ନାଗରିକ ଚେତନା ଗୁରୁତ୍ୱପୂର୍ଣ୍ଣ। ଜଳବାୟୁ ପରିବର୍ତ୍ତନ, ଡିଜିଟାଲ ଦାୟିତ୍ୱବୋଧ, ଜାତୀୟ ସୁରକ୍ଷା, ଲିଙ୍ଗଗତ ସମାନତା ଏବଂ ସାମାଜିକ ନ୍ୟାୟ ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗଗୁଡ଼ିକ ବିଷୟରେ ବିଦ୍ୟାର୍ଥୀଙ୍କୁ ସଚେତନ କରିବା ଅତ୍ୟନ୍ତ ଜରୁରୀ ବୋଲି ରାଜ୍ୟପାଳ କହିଛନ୍ତି। ଏକ ଉନ୍ନତ ବିଶ୍ୱ ଗଠନ ପାଇଁ ପ୍ରତିବଦ୍ଧ ହେବା ସହିତ ବଡ଼ ସ୍ୱପ୍ନ ଦେଖିବା, କଠିନ ପରିଶ୍ରମ କରିବା, ଦୃଢ଼ ରହିବା ଏବଂ ଉତ୍କର୍ଷ ହାସଲ କରିବା ନିମନ୍ତେ ପ୍ରଚେଷ୍ଟା ଜାରି ରଖିବାକୁ ସେ ଆହ୍ୱାନ ଜଣାଇଥିଲେ।

ରାଜ୍ୟପାଳ ହରି ବାବୁ କମ୍ଭମ୍‌ପାଟି ଜଣେ ଛାତ୍ରୀଙ୍କୁ ପୁରସ୍କୃତ କରୁଛନ୍ତି।

ସମ୍ମାନନିତ ଅତିଥି ଭାବେ ରାଜ୍ୟ ମୁଖ୍ୟ ନିର୍ବାଚନ କମିଶନର ମଧୁସୂଦନ ପାଢ଼ୀ ଯୋଗଦେଇ ସୈନିକ ସ୍କୁଲ ଭୁବନେଶ୍ୱରର ଗରିମା ତଥା ସଫଳତା ସମ୍ପର୍କରେ କହିଥିଲେ। ଅବସରପ୍ରାପ୍ତ ମେଜର ଜେନେରାଲ ସୁଧାକର ଜୀ ଭିଏସ୍‌ଏସ୍, ନିରଞ୍ଜନ ଖୁଣ୍ଟିଆ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିବା ବେଳେ ସୈନିକ ସ୍କୁଲ ଅଧ୍ୟକ୍ଷ କର୍ଣ୍ଣେଲ ବାଲୁ ଭାରଥ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ବିତରଣ କରାଯିବା ସହ ଏକ ସ୍ମରଣିକା ଉନ୍ମୋଚିତ ହୋଇଥିଲା।

ମହାପ୍ରଭୁଙ୍କର ହେଲା ବଡ଼ମହାସ୍ନାନ

ପୁରୀ,୨୧।୪(ଅଜିତ୍ କୁମାର ମହାନ୍ତି)

ଶ୍ରୀମନ୍ଦିରରେ ସୋମବାର ମହାପ୍ରଭୁଙ୍କର ବଡ଼ମହାସ୍ନାନ ନୀତି ଅନୁଷ୍ଠିତ ହୋଇଛି। ଏଥିଯୋଗୁ ଅନ୍ୟାନ୍ୟ ନୀତି ବିଳମ୍ବ ହୋଇଥିବା ବେଳେ ଚତୁର୍ଦ୍ଧାମୂର୍ତ୍ତିଙ୍କ ଦର୍ଶନ ପାଇଁ ଭକ୍ତଙ୍କୁ ଦୀର୍ଘ ସମୟ ଧରି ଧାଡ଼ିରେ ଅପେକ୍ଷା କରିବାକୁ ପଡ଼ିଥିଲା। ସକାଳ ପ୍ରାୟ ୮ଟାରେ ଶ୍ରୀବିଗ୍ରହଙ୍କ ଅବକାଶ ପୂଜା ଶେଷ ହୋଇ ମଇଲମ ନୀତି ଅନୁଷ୍ଠିତ ହୋଇଥିଲା। ଏହି ସମୟରେ ବାହାରକାଠ ନିକଟରେ ଜଣେ ଓଏସ୍‌ଏପି ଯବାନଙ୍କ ପାଦରେ କାଚ ପଶିଯାଇ ରକ୍ତ ବୋହିଥିଲା। ସେଠାରେ ରକ୍ତ ପଡ଼ିଥିବା ଦେଖିବାକୁ ମିଳିବା ପରେ ତୁରନ୍ତ ନୀତି ବନ୍ଦ ରଖାଯିବା ସହ ଭକ୍ତଙ୍କ ଦର୍ଶନ ବନ୍ଦ କରାଯାଇଥିଲା। ପରେ ବଡ଼ମହାସ୍ନାନ ନୀତି ଆରମ୍ଭ ହୋଇଥିଲା।

ଶ୍ରୀନିବାସ ମିଶ୍ରଙ୍କ ପରଲୋକ

ଭୁବନେଶ୍ୱର, ୨୧।୪
(ସୌମ୍ୟ ରଞ୍ଜନ ରାଉତ)

ଭାରତୀୟ ସୂଚନା ସେବା (ଆଇଆଇଏସ୍)ର ସେବାନିବୃତ୍ତ ବରିଷ୍ଠ ଅଧିକାରୀ ତଥା ଭୁବନେଶ୍ୱର ଦୂରଦର୍ଶନ ସମାଚାର ବିଭାଗର ପୂର୍ବତନ ବାର୍ତ୍ତା ସମ୍ପାଦକ ଶ୍ରୀନିବାସ ମିଶ୍ରଙ୍କର ସୋମବାର ଭୁବନେଶ୍ୱରସ୍ଥିତ ବାସଭବନରେ ପରଲୋକ ଘଟିଛି। ତାଙ୍କୁ ୭୫ ବର୍ଷ ବୟସ ହୋଇଥିଲା। ଗତ କିଛି ଦିନ ହେଲା ଅସୁସ୍ଥ ଥିଲେ। ସେ ଦୂରଦର୍ଶନ, ଆକାଶବାଣୀ ଏବଂ ପିଆଇବିର ବିଭିନ୍ନ ପଦପଦବୀରେ ରହିଆସିଥିଲେ। ମୃତ୍ୟୁଶଯ୍ୟା ନିକଟରେ ପତ୍ନୀ, ପୁତ୍ର ଓ କନ୍ୟା ଉପସ୍ଥିତ ଥିଲେ। ବିଭିନ୍ନ କ୍ରୀଡ଼ାରେ ଧୁରନ୍ଧର ଶ୍ରୀନିବାସ ବିଶେଷକରି ଫୁଟବଲ କ୍ରୀଡ଼ାର ବିକାଶ ପାଇଁ ଚେଷ୍ଟିତ ଥିଲେ। ଅବହେଳିତ ବର୍ଗର ତରୁଣମାନଙ୍କୁ ଫୁଟବଲ କ୍ରୀଡ଼ା ପାଇଁ ସେ ବିନାମୂଲ୍ୟରେ ତାଲିମ ଦେବା ସହ ପ୍ରୋତ୍ସାହିତ କରୁଥିଲେ। ସେ ବିଶିଷ୍ଟ ଚଳଚ୍ଚିତ୍ର ନିର୍ଦ୍ଦେଶକ ଶିଶିର ମିଶ୍ରଙ୍କ ସାନ ଭାଇ ଥିଲେ।

Government of Odisha "e" procurement Notice
OFFICE OF THE SUPERINTENDING ENGINEER, KORAPUT (R&B) DIVISION, KORAPUT
Bid Identification No. S.E (R&B)KPT - 02/2025-26
No.B-36

1. Name of the work	:	Building works (Site Development)
2. Total No. of works	:	01 No.
3. Estimated cost	:	Rs. 53.22 Lakhs
4. Period of completion	:	03 (Three) months
5. Date & Time of availability of bid document in the portal	:	From 22.04.2025 at 11.00 hours to 07.05.2025 upto 17.00 hours
6. Last date / Time for receipt of bids in the portal	:	07.05.2025 upto 17.00 hours
7. Date of opening of Tender	:	08.05.2025 at 12.00 hours
8. Name and address of the Officer Inviting Bid	:	Superintending Engineer, Koraput (R&B) Division

Further details can be seen from the e-procurement portal https://tendersorissa.gov.in
Sd./- Superintending Engineer Koraput (R&B) Division
OIPR-34096/11/0019/2526

GOVERNMENT OF ODISHA
OFFICE OF PANCHAYAT SAMITI, SADAR KEONJHAR
NOTICE INVITING TENDER (e-Procurement)
Online Bid ID No. TCN No.01-KjrSadar/2025-2026
No.i-38 : The Block Development Officer, Sadar, Keonjhar on behalf of Odisha invites online percentage rate tender through "e" procurement to be received in online mode for the works as detailed in the Annexure to this bid notice.

Name of Work	Civil Construction works
No. of Works	04 (Four) Nos.
Estimated Cost put to Tender	Rs. 53,69,646/-
Tender Paper Cost	Mentioned in Column No.6 of Tender call notice
Period of completion	04 (Four) Calendar Months
Availability of Bid Documents	From 28.04.2025 to 07.05.2025 during office hours in Website (www.tendersodisha.gov.in)
Period of receipt of Bid through online	From 28.04.2025 to 07.05.2025 through online
Date of Opening of Technical Bid	At 11.00 A.M. on 08.05.2025 in the office chamber of the BDO, Sadar, Keonjhar
Date of Lottery of Technical Bid	At 11.00 A.M. on 09.05.2025 in the office chamber of the BDO, Sadar, Keonjhar
Digital Signature Certificate of Bidder	The bidder must possess compatible Digital Signature Certificate (DSC) of Class-III or Class-IV
Name and Address of the OIT	Office of the Panchayat Samiti, Sadar, Collectorate Campus, At/PO-Keonjhar, Dist-Keonjhar

Pin-758001, E-Mail ID : ori-bkeonjhar@nic.in
Further Details can be seen from the website : www.tendersodisha.gov.in
Sd./- (Sri Binod Chandra Panda) Block Development Officer Sadar, Keonjhar
OIPR-19123/11/0006/2526

idco | ODISHA NEW OPPORTUNITIES
ODISHA INDUSTRIAL INFRASTRUCTURE DEVELOPMENT CORPORATION
(A Government of Odisha Undertaking)
IDCO, IDCO Towers, Janpath, Bhubaneswar-751022, Odisha, India
+91-0674-2541525, 2540820 | Fax:2542956/2541982
cgmpc@idco.in | Website:www.idco.in
File No.IDCO/H.O/FD/773/2024-25/11057 Date:17.04.25
BID IDENTIFICATION NO. P&C/EST/E-05/2025-26
NOTICE INVITING REQUEST FOR PROPOSAL THROUGH E-PROCUREMENT PORTAL OF GOVT. OF ODISHA
No.CAD-185: Odisha Industrial Infrastructure Development Corporation (IDCO) invites technical and financial proposals from "Chartered Accountant Firms for Routine Financial and Accounting Services of IDCO". The detailed Request for Proposal (RFP) document can be downloaded from e-procurement portal of Govt. of Odisha from 05.00 PM of 24.04.2025. The last date of receipt of technical and financial bids through e-procurement portal of Govt. of Odisha is 01.05.2025 till 05.00 PM. The technical bids will be opened online on 02.05.2025 at 12.30 PM. IDCO has the right to accept or reject the Notice/RFP without assigning any reasons thereof.
OIPR-14003/11/0140/2526 Sd./-Chief General Manager (P&C)

ZILLA SWASTHYA SAMITI, BALANGIR
(Department of Health & FW, Govt. of Odisha)
Advt. No :21 Date : 19.04.25
No.E-36 : Sealed tenders in prescribed format are invited from the registered firms / agencies/Suppliers for supply of Drugs & Consumables/Equipment & Instrument/ Lab Reagent for Balangir district for the year 2025-26. Interested Firms/Agencies having valid GST/Drug License/PAN No. may apply to the undersigned on or before 17.05.25 up to 1.00 P.M. through registered post/ speed post/courier only. For details regarding terms, conditions & specifications log on to www.balangir.nic.in The undersigned reserves the right to accept or reject all or any of the tenders without assigning any reason thereof.
OIPR-10019/11/0015/2526 Sd./-CDM&PHO, Balangir

OFFICE OF THE ENGINEER-IN-CHIEF (CIVIL), ODISHA NIRMAN SOUDHA, UNIT-V, BHUBANESWAR
No.B-39
E-mail ID : cebuildings_orissa@yahoo.co.in, Tel. - (0674)-2391523
INVITATIONS FOR BIDS (IFB)
File No. B-I-Home-17/2025 No. 15926 Dt. 19th April, 2025
Invitation for Bids
Bid Identification No. C.E.(B) - 03/2025-26

1	The Chief Engineer (Buildings-II), Odisha, Bhubaneswar on behalf of Works Deptt., Govt. of Odisha invites percentage rate bids in double cover system in ONLINE MODE only		
2	Nature of Work	:	Supply, installation, testing and commissioning of Audio, Video System 1 No. of Mini Class Room, 1 No. of Large Class Room at 4th Floor, Judicial Academy, Cuttack
3	No. of Work	:	01 No.
4	Bid Cost	:	₹ 10,000/-
5	Class of Contractor	:	MV/HT/Specialized agency with associate electrical contractor having valid license from ELBO/OEM having joint venture with electrical contractor having valid license from ELBO
6	Availability of Bid Documents in the Website	:	From dt. 25.04.2025 to 17.00 Hours of dt. 08.05.2025
7	Date of Opening of Bid	:	Dt. 09.05.2025 at 11:30 A.M.
8	The Bidders have to participate in ONLINE bidding only. Further details can be seen from the website : https://tendersodisha.gov.in. Any addendum / corrigendum / cancellation of tender can also be seen in the said website. The authority reserves the right to reject any or all bids without assigning any reason thereof.		

Sd./- Chief Engineer (Buildings-II), Odisha, Bhubaneswar
OIPR-34117/11/0082/2526

ODISHA TOURISM DEVELOPMENT CORPORATION LIMITED
(A GOVT. OF ODISHA UNDERTAKING)
PANTHANIVAS (OLD BLOCK): LEWIS ROAD: BHUBANESWAR-14
Letter No. INVITATIONS FOR BIDS (IFB) Date:17.04.2025
No.CAD-189: NOTICE INVITATION FOR BIDS (NIFB)
E-Procurement Notice No.BP-I/04/2025-26 dt.15.04.2025
1.Nature of Work: Hard Landscaping and Soft Landscaping and Miscellaneous Work. 2. Total No. of Works: 01 No., 3. Value of Works: Rs.78.47 lakhs. 4. Bid Security: As per NIT., 5. Class of Contractor: As per NIT., 6. Period of Completion: 05 (Five) Months., 7. Other details as follows:

Procurement Officer	Bid Identification No.	Availability of Bid Online		Date, Time & Place of Opening of Tender
		From	To	
Superintending Engineer, OTDC Ltd., Bhubaneswar	BP-I/05/2025-26 Dt.17.04.2025	23.04.2025	02.05.2025	11.30 Hours of dt.03.05.2025 in the office of the Superintending Engineer, OTDC Ltd., Bhubaneswar

Further details can be seen from the Govt. Website www.etenderodisha.gov.in
OIPR-37002/11/0060/2526 Sd./- Superintending Engineer, O.T.D.C. Ltd., BBSR

ODISHA TOURISM DEVELOPMENT CORPORATION LIMITED
(A GOVT. OF ODISHA UNDERTAKING)
PANTHANIVAS (OLD BLOCK): LEWIS ROAD: BHUBANESWAR-14
Letter No. INVITATIONS FOR BIDS (IFB) Date:15.04.2025
No.CAD-190: NOTICE INVITATION FOR BIDS (NIFB)
E-Procurement Notice No.BP-I/04/2025-26 dt.15.04.2025
1.Nature of Work: Repair and Renovation, Construction of Board walk & Repair and Renovation and Upgradation. 2. Total No. of Works: 03 Nos., 3. Value of Works: Rs.141.24 lakhs to 180.00 lakhs., 4. Bid Security: As per NIT., 5. Class of Contractor: As per NIT., 6. Period of Completion: 05 (Five) Months., 7. Other details as follows:

Procurement Officer	Bid Identification No.	Availability of Bid Online		Date, Time & Place of Opening of Tender
		From	To	
Superintending Engineer, OTDC Ltd., Bhubaneswar	BP-I/04/2025-26 Dt.15.04.2025	22.04.2025	06.05.2025	11.30 Hours of dt.07.05.2025 in the office of the Superintending Engineer, OTDC Ltd., Bhubaneswar

Further details can be seen from the Govt. Website www.etenderodisha.gov.in
OIPR-37002/11/0062/2526 Sd./- Superintending Engineer, O.T.D.C. Ltd., BBSR

GOVERNMENT OF ODISHA
OFFICE OF THE SUPERINTENDING ENGINEER, RURAL WORKS DIVISION-II, MALKANGIRI
E-mail-ruralworksdivisioniimalkangiri@yahoo.in
INVITATION FOR BIDS
NATIONAL COMPETITIVE BIDDING
Bid Identification No: RWDSE_MKG_II_ONLINE_01/2025-26
No.O-71:The Superintending Engineer, Rural Works Division-II, Malkangiri on behalf of Governor of Odisha invites from bidders of eligible class registered with the State Government and bidders of equivalent Grade/Class registered with Central Government/MES/Railways according to the norm of "e" Procurement system in online mode for the works detailed in the table below on turnkey basis.
1. Name of the Work: Building Work. 2. No. of Works: 01 No. 3. Estimated Cost: Rs.58.83 Lakhs. 4. Tender Paper Cost: Rs.10,000/-. 5. Class of Contractor: Estimated cost upto Rs.20.00 Lakhs 'D'. Estimated Cost upto Rs.40.00 Lakhs 'C'. Estimated Cost more than Rs.20.00 lakhs & within Rs.300.00 lakhs 'B'. 6. Period of Completion: 09 (Nine) Calendar Months. 7. Critical Dates:

Procurement Officer	Bid Identification No.	Availability of Tender Online for Bidding		Last Date & Time of Seeking Tender Clarification	Date of Opening of Tender	
		From	To		Technical Bid	Financial Bid
Superintending Engineer, Rural Works Division-II, Malkangiri	RWDSE_MKG_II_ONLINE_20 of 2024-25	25.04.2025 at 11.00 A.M.	02.05.2025 upto 05.30 PM	01.05.2025 upto 3.00 PM	03.05.2025 at 11.00 A.M.	To be intimated Separately

❖Further details can be seen in the bidding documents, which is available in the e-procurement portal https://www.tendersorissa.gov.in. ❖Subsequent corrigendum if required shall be appeared in the website. ❖Authority reserves the right to reject any or all tenders without assigning any reason thereof.
OIPR-25079/11/0022/2526 Sd./- Superintending Engineer, Rural Works Division-II, Malkangiri

ସେଲ୍‌ଫି କର୍ନର ଧରିତ୍ରୀ DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com

@ ଗାୟତ୍ରୀ

@ ବାବୁ

@ ଜୟନ୍ତ

@ କୁମାର

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

ওয়ুজনবাড় ও খড়ড় ও দুঠঙ় দ্বয়ঙ্গা, ভাজ্ঞেনগা

দ্বয়াঙ্গঙ্গ ভাগ-II-ঙ্গাগা-শ-ঙ্গঙ্গাগা (II)

ভগম গাঙ্গাঙ্গম্ম ঙ্গঙ্গদ্বয় (ঙ্গঁগাঁঙ্গ)

ঙ্কুঙ্গ

জুলফেন্দ, ৭৩ গাঙ্, ৩০৪৯

ভগমগ দ্বাগম ঙ্গাগম ঙ্গাগ 20A দ্বাঙ্গাগ্গ ঙ্গাগ্গ গঙ্গ ঙ্গঙ্গ গঙ্গ ঙ্গঙ্গাগম

ঙ্গ্বঘ্ন ৪১৫৮

No.XXVII-01: জা.ঙ্গা ৭৩৩ (E)- ভগমগ (ঙ'ভাঙ্গাঙ) দ্বাঙ্গ, ৭৫৮/৮৩ (৩৪/৮৩) ৩৬০৫ ৩৬৫ ৬৬ ৪ ৩৫-ঙ্গাগ 20A ৪ ৩৫-ঙ্গাগ (1) ঘ্বাগ ঙ্গাগ ৩৬৫ঙ্গাগ্গ ঙ্গাগ্গ ৩৭৬৫ ৩৬৫ ৩৬৫ ৩

ଇଡି ଅଭିଯୋଗଫର୍ଦ୍ଦ ଅସତ୍ୟ, ଭିତ୍ତିହୀନ: ଭୂପେଶ

ମହାନଦୀ ଉତ୍ତର ମୁଖ୍ୟମନ୍ତ୍ରୀ ଦିଅନ୍ତୁ

ଭୁବନେଶ୍ୱର,୨୧।୪(ରବିନାରାୟଣ ଜେନା)

କଂଗ୍ରେସ ଭବନଠାରେ ଖବରଦାତା ସମ୍ମିଳନୀରେ ସୋମବାର ଛତିଶଗଡ଼ର ପୂର୍ବତନ ମୁଖ୍ୟମନ୍ତ୍ରୀ ଭୂପେଶ ବାଘେଲ ଓ ଅନ୍ୟ ବରିଷ୍ଠ ନେତାମାନେ।

ମିଛ କଥାଟା ବଡ଼ପାଟିକରି କହିଲେ ତାହା ସତ୍ୟ ହୋଇପାରିବ ନାହିଁ ଓ ଅସତ୍ୟ କହିବା ଭାଜପାର ଏକ ଅଭ୍ୟାସଗତ ବ୍ୟାଧି ବୋଲି ଛତିଶଗଡ଼ର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତା ଭୂପେଶ ବାଘେଲ କହିଛନ୍ତି। ସୋମବାର କଂଗ୍ରେସ ଭବନରେ ଖବରଦାତା ସମ୍ମିଳନୀରେ ସେ କହିଛନ୍ତି, ଭାରତରେ କଂଗ୍ରେସ ଗରିବ ଜନସାଧାରଣ ବିଶେଷକରି ପଛୁଆବର୍ଗ, ଅତି ପଛୁଆବର୍ଗ, ଆଦିବାସୀ ଓ ଅନୁସୂଚିତ ଜାତିର ଜନସାଧାରଣଙ୍କ ପାଇଁ ବାରମ୍ବାର ସ୍ୱର ଉତ୍ତୋଳନ କରିଆସିଛି। ଏହାସହିତ ଜାତି ଜନଗଣନା କରିବାପାଇଁ ଦାବି କରିବା ଏବଂ ବିଶେଷକରି ସଂସଦ ଭିତରେ ଓ ବାହାରେ ନରେନ୍ଦ୍ର ମୋଦି ଓ ଆଦାନୀଙ୍କ ମଧ୍ୟରେ କି ସମ୍ପର୍କ ରହିଛି ସେନେଇ ବାରମ୍ବାର ପ୍ରଶ୍ନ କରିବାରୁ ଭାଜପା ରାଜନୈତିକ ଆକ୍ରୋଶ ରଖି ଗାନ୍ଧୀ ପରିବାରଙ୍କୁ ନିନ୍ଦିତ କରିବାପାଇଁ 'ଇଡି' ମାଧ୍ୟମରେ ନ୍ୟାଶନାଲ ହେରାଲ୍ଡ ଭଳି ମିଥ୍ୟା ଓ ଭିତ୍ତିହୀନ ମାମଲା ଉଠାଇଛି ବୋଲି ବାଘେଲ କହିଛନ୍ତି।

ସବୁଠାରୁ ଆଶ୍ଚର୍ଯ୍ୟର କଥା ୨୦୧୨ରେ ଭାଜପା ଦଳର ନେତା ସୁବ୍ରମଣ୍ୟମ ସ୍ୱାମୀ ନିର୍ବାଚନ ଆୟୋଗଙ୍କ ପାଖରେ ଅଭିଯୋଗ ଦାଖଲ କରିବା ସହିତ ଏହି ମାମଲାକୁ ନେଇ କୋର୍ଟକୁ ଯାଇଥିଲେ। ୨୦୧୫ରେ କୋର୍ଟ ଏହି ମାମଲାକୁ ଅଗ୍ରାହ୍ୟ କରିବା ସହିତ କ୍ଲୋଜର ନୋଟିସ ଦେଇଛି ଓ ନିର୍ବାଚନ ଆୟୋଗ ମଧ୍ୟ ଏହି ଅଭିଯୋଗକୁ ଖାରଜ କରିଛନ୍ତି ବୋଲି ବାଘେଲ କହିଛନ୍ତି। ଦେଖିବାକୁ ଗଲେ ଜାତୀୟ କଂଗ୍ରେସ ନ୍ୟାଶନାଲ ହେରାଲ୍ଡକୁ ଆର୍ଥିକ ଦୁର୍ଗତିରୁ ରକ୍ଷା କରିବାପାଇଁ ୯୦.୨୫ କୋଟି ଟଙ୍କା ଋଣ ଆକାରରେ ପ୍ରଦାନ କରିଥିଲା। ଏ ସମ୍ପତ୍ତି ୟଙ୍ଗ ଇଣ୍ଡିଆ ନାମରେ ନାହିଁ। କିନ୍ତୁ ଆଶ୍ଚର୍ଯ୍ୟର କଥା ୟଙ୍ଗ ଇଣ୍ଡିଆ କମ୍ପାନୀର ନିର୍ଦ୍ଦେଶକମାନଙ୍କୁ କୌଣସି ଦରମା ବା ଲାଭାଂଶ ମିଳେନାହିଁ। ଯଦି କୌଣସି ଅର୍ଥ ଏ କମ୍ପାନୀରୁ ଉଠାଯାଇ ପାରିବ ନାହିଁ, ଜମିବାଡ଼ି କିଣାବିକା ମଧ୍ୟ କରାଯାଇପାରିବ ନାହିଁ। ତା'ହେଲେ ଏଥିରେ କିପରି ମନିଲଣ୍ଡରିଂ ହେଲା ଅର୍ଥାତ୍ କିଭଳି ଭାବରେ ଅର୍ଥ ହେରଫେର ହେଲା ବୋଲି ଭୂପେଶ ପ୍ରଶ୍ନ କରିଛନ୍ତି।

ସେ କହିଛନ୍ତି, ଏନେଇ ଇନ୍‌କମ୍ ଟ୍ୟାକ୍ସ ବିଭାଗରେ ଅଭିଯୋଗ କରାଯାଇ ସେଥିରେ ୪୦୦ କୋଟି ଟଙ୍କାର ସମ୍ପତ୍ତି ହେରଫେର କଥା କୁହାଯାଇଛି। କିନ୍ତୁ ପ୍ରକୃତରେ ଏହା ୩୬୯ କୋଟି ବୋଲି ଆୟକର ରିଟର୍ନ ଫାଇଲରେ ଦର୍ଶାଯାଇଛି। ସାରା ଦେଶରେ ଭାଜପାର ନେତୃବର୍ଗ ଓ ମୁଖପାତ୍ରମାନେ ୫,୦୦୦ କୋଟି ଟଙ୍କାର ସମ୍ପତ୍ତି ହେରଫେର କଥା କହୁଛନ୍ତି। କାହା କଥା ସତ। ମୋଦିଙ୍କ ଶାସନକାଳରେ ୧୬ ଲକ୍ଷ କୋଟି ଟଙ୍କା ବଡ଼ ବଡ଼ ପୁଞ୍ଜିପତିମାନେ ବ୍ୟାଙ୍କରୁ ଲୁଟ୍ କଲେ ଓ ସେମାନଙ୍କୁ ଋଣଛାଡ଼ କରିଦିଆଗଲା। ସେହିପରି ଆର୍ଥିକ ଅସମାନତାରେ ଦେଶ ଶୀର୍ଷସ୍ଥାନରେ ପହଞ୍ଚିଛି। ଏ ସବୁ ପ୍ରଶ୍ନର ଉତ୍ତର ରାହୁଲ ଗାନ୍ଧୀଙ୍କୁ ଦେବା ପରିବର୍ତ୍ତେ ମିଛ ମାମଲାରେ ବଦ୍‌ନାମ କରାଯାଉଛି। କଂଗ୍ରେସ ଡରିଯିବା ଦଳ ନୁହଁ। ଇଡି, ସିବିଆଇ ଓ ଆଇଟିର ଭୟ ଦେଖାଇ ବିରୋଧୀ ଦଳର ନେତାମାନଙ୍କୁ ଭୟଭୀତ କରାଯାଉଛି। ଯେଉଁମାନେ ଡରି ଯାଉଛନ୍ତି ତାଙ୍କ ଶରଣରେ ପଶୁଛନ୍ତି। କଂଗ୍ରେସ ଦଳର ନେତୃବର୍ଗ ତାଙ୍କୁ ଡରୁ ନାହିଁ ବୋଲି ବାଘେଲ କହିଛନ୍ତି।

ମହାନଦୀ ସମ୍ପର୍କିତ ଖବରଦାତାଙ୍କ ପ୍ରଶ୍ନର ଉତ୍ତରରେ ବାଘେଲ କହିଛନ୍ତି, ଏବେ ଟ୍ରିପଲ ଇଞ୍ଜିନ ସରକାର ଚାଲିଛି। ଛତିଶଗଡ଼, ଓଡ଼ିଶାରେ ଭାଜପାର ସରକାର ଥିବାବେଳେ କେନ୍ଦ୍ରରେ ବି ରହିଛି। ମହାନଦୀ ସମସ୍ୟାର ଶୀଘ୍ର ସମାଧାନ ହେବା କଥା। ହେଲେ କାହିଁକି ହେଉ ନାହିଁ, ଏ ପ୍ରଶ୍ନର ଉତ୍ତର ମୁଖ୍ୟମନ୍ତ୍ରୀ ଦିଅନ୍ତୁ। ସେହିପରି ନିର୍ବାଚନ ଆୟୋଗ ସମ୍ପର୍କିତ ଏକ ପ୍ରଶ୍ନର ଉତ୍ତରରେ ସେ କହିଲେ, ନିର୍ବାଚନ ଆୟୋଗ ସମ୍ପୂର୍ଣ୍ଣ ରୂପେ ମୋଦି ଓ ଶାହାଙ୍କର ହାତବାରିସି ସାଜିଛି। ମହାରାଷ୍ଟ୍ର ନିର୍ବାଚନରେ ୫ ମାସ ମଧ୍ୟରେ ୫୯ ଲକ୍ଷ ନୂଆ ଭୋଟର କିପରି ସାମିଲ ହେଲେ, ଏହାର ଉତ୍ତର ନିର୍ବାଚନ ଆୟୋଗ କିମ୍ବା ମୋଦି ସରକାର ଦିଅନ୍ତୁ। ତାମିଲନାଡୁର ରାଜ୍ୟପାଳଙ୍କ ପ୍ରତିକ୍ରିୟା ଉପରେ ଉତ୍ତର ରଖି ସେ କହିଛନ୍ତି, ଏବେ ଭାଜପାର ସାଂସଦମାନେ ସୁପ୍ରିମକୋର୍ଟର ମୁଖ୍ୟ ବିଚାରପତିଙ୍କୁ ସିଧାସଳଖ ଧମକାଉଛନ୍ତି। ଏଭଳି ଆଚରଣ ଓ ଉଚ୍ଚାରଣ ଆମ ଗଣତନ୍ତ୍ର ପ୍ରତି ଅତ୍ୟନ୍ତ ବିପଦପୂର୍ଣ୍ଣ ବୋଲି ବାଘେଲ କହିଛନ୍ତି। ଏହି ସମ୍ମିଳନୀରେ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ ଓ ଅନ୍ୟ ନେତାମାନେ ପ୍ରମୁଖ ଉପସ୍ଥିତ ଥିଲେ।

ନିର୍ଦ୍ଦିଷ୍ଟ ବରିଷ୍ଠ ନେତାଙ୍କୁ ଜାଣିକି ଦଳରୁ ଦୂରାଅନି

ଭୁବନେଶ୍ୱର, ୨୧।୪(ସୁନିତ୍ ମିଶ୍ର)

ନବୀନଙ୍କୁ ପରାମର୍ଶ

ବିଜେଡି ସଭାପତି ଭାବେ ନବୀନ ପଟ୍ଟନାୟକ ୯ମ ଥର ଲାଗି ଦାୟିତ୍ୱ ନେବା ପରେ ଦଳର ରାଜ୍ୟ କମିଟିଗୁଡ଼ିକର ରୂପରେଖ କିପରି ହେବ ତାକୁ ନେଇ ଚର୍ଚ୍ଚା ଜୋର୍ ଧରିଛି। କିଛିଦିନ ହେବ ନବୀନଙ୍କୁ ଦଳର ଅନେକ ବରିଷ୍ଠ ନେତା ୱକ୍‌ଫ ବିଲ୍ ପ୍ରସଙ୍ଗରେ ଟାର୍ଗେଟ କରିଆସୁଥିଲେ। ଗଣମାଧ୍ୟମରେ ବାରମ୍ବାର ବରିଷ୍ଠ ନେତାଙ୍କ ଖୋଲାଖୋଲି ଅଭିଯୋଗ ପରେ ନବୀନ ପରୋକ୍ଷରେ ସେମାନଙ୍କୁ ପାଟି ବନ୍ଦ ରଖିବାକୁ କହିଥିଲେ। ହେଲେ ଏ କଥାକୁ ଅନେକ ନେତା ଖାତିର ନ କରି ଅଧିକ ପ୍ରତିକ୍ରିୟାଶୀଳ ହୋଇଥିଲେ। ଏହାପରେ ନବୀନଙ୍କ ସଭାପତି ପଦ ଗ୍ରହଣ ସମୟରେ ବହୁ ବରିଷ୍ଠ ନେତା ଉକ୍ତ କାର୍ଯ୍ୟକ୍ରମରେ ଦେଖିବାକୁ ମିଳି ନ ଥିଲେ। ଗଣମାଧ୍ୟମରେ ପ୍ରତିକ୍ରିୟା ରଖିଥିବା ନେତାଙ୍କୁ ଦଳଠାରୁ ଦୂରେଇ ରଖିବାକୁ ନବୀନ ନିବାସରୁ କୁଆଡେ ଯୋଜନା କରାଯାଇଥିଲା ବୋଲି ଶୁଣିବାକୁ ମିଳିଥିଲା। ହେଲେ ଏପରି ନ କରିବାକୁ ଦଳର କେତେଜଣ ବରିଷ୍ଠ ନେତା ସୋମବାର ନବୀନ ନିବାସରେ ପହଞ୍ଚି ଜଣାଇଥିବା ଜଣାପଡିଛି।

ୱକ୍‌ଫ ବିଲ୍ ପ୍ରସଙ୍ଗରେ ଦଳର ବ୍ୟାପକ କ୍ଷତି ହୋଇଥିବା ବେଳେ ବହୁ କଷ୍ଟରେ ଏକଥା ବନ୍ଦ ହୋଇଛି। ଏହି ପ୍ରସଙ୍ଗରେ ମୁହଁ ଖୋଲିଥିବା ନେତାମାନଙ୍କୁ ବର୍ତ୍ତମାନ ସ୍ଥିତିରେ ଦଳ ଠାରୁ ଦୂରେଇ ରଖିଲେ ଅଧିକ କ୍ଷତି ହେବାର ସମ୍ଭାବନା ରହିଛି। ତେଣୁ ଦଳ ଯେଉଁ ରାଜ୍ୟ କମିଟି କରିବାକୁ ଯାଉଛି, ସେଥିରେ ସମସ୍ତଙ୍କୁ ସ୍ଥାନ ଦିଆଗଲେ ଭଲ ହେବ। ଏହାଦ୍ୱାରା ବହୁ ନେତାଙ୍କ ଠୁଣ୍ଡ ବି ବନ୍ଦ ହୋଇଯିବ। ନଚେତ୍ ପ୍ରତ୍ୟେକ ଦିନ ବରିଷ୍ଠ ନେତାମାନେ ଗଣମାଧ୍ୟମ ଆଗରେ ଗପିବା ଯୋଗୁ ତଳସ୍ତରରେ କର୍ମୀମାନଙ୍କ ଭରସା ନବୀନଙ୍କ ଉପରୁ ଉଠିଯାଉଛି। ତେଣୁ ଏବକାର ସ୍ଥିତିରେ ନିର୍ଦ୍ଦିଷ୍ଟ ବରିଷ୍ଠ ନେତାମାନଙ୍କୁ ସାଙ୍ଗରେ ନେଇ ଯିବା ଲାଗି ସୋମବାର ବରିଷ୍ଠ ନେତା ତଥା ବିଧାୟକ ଅରୁଣ କୁମାର ସାହୁ, ପ୍ରତାପ ଦେବ, ପୂର୍ବତନ ବିଧାୟକ ସଞ୍ଜୟ କୁମାର ଦାସବର୍ମା, ଦେବୀ ମିଶ୍ର, ଅତନୁ ସବ୍ୟସାଚୀ ନାଏକ, ପ୍ରଣବ ପ୍ରକାଶ ଦାସ ପ୍ରମୁଖ ନବୀନ ନିବାସ ଯାଇ ଦଳର ସଭାପତିଙ୍କ ସହିତ ଆଲୋଚନା କରିଛନ୍ତି। ଗୋଷ୍ଠୀ ହୋଇ ନବୀନ ନିବାସ ଯାଇଥିବା ନେତାମାନଙ୍କ ମଧ୍ୟରୁ ଜଣେ ଏହି ସୂଚନା ଦେଇଛନ୍ତି।

ତେବେ ଆସନ୍ତା ୩୦ ଭିତରେ ବିଜେଡିର ରାଜ୍ୟ କମିଟି ଘୋଷଣା ହୋଇଯାଇପାରେ। ତେଣୁ ପର୍ଯ୍ୟାୟକ୍ରମେ ଏହାରି ଭିତରେ ଦଳର ଛାତ୍ର, ଯୁବ ଓ ମହିଳା ସଭାପତିଙ୍କ ନାଁ ମଧ୍ୟ ଦଳ ଘୋଷଣା କରିଦେଇପାରେ। କାରଣ ଦଳର ନିର୍ବାଚନ ପ୍ରକ୍ରିୟାର ରିପୋର୍ଟ ଆସନ୍ତା ୩୦ ତାରିଖ ସୁଦ୍ଧା ରାଜ୍ୟ ନିର୍ବାଚନ କମିଶନଙ୍କ ନିକଟରେ ଦାଖଲ କରାଯିବ। ତେଣୁ ଏହା ପୂର୍ବରୁ ଦଳକୁ ନିହାତି କମିଟିଗୁଡ଼ିକ ଘୋଷଣା କରିବାକୁ ପଡ଼ିବ। ଯେପରି ଦଳର ନିର୍ବାଚନ ପ୍ରକ୍ରିୟା ଅନୁଯାୟୀ ରାଜ୍ୟ ସଭାପତି ପଦର ନିର୍ବାଚନ ପୂର୍ବରୁ ୧୭ଟି ଜିଲାର ସଭାପତି ନିହାତି ନିର୍ବାଚିତ ହୋଇସାରିଥିବା ଗୁରୁତ୍ୱପୂର୍ଣ୍ଣ। ସେଥିଲାଗି ଦଳ ପକ୍ଷରୁ ତରବରିଆ ଭାବେ ୧୮ ଜିଲାର ସଭାପତିଙ୍କ ନାଁ ଘୋଷଣା କରିଦିଆଗଲା। ଅନ୍ୟ ୧୫ ସାଙ୍ଗଠନିକ ଜିଲାରେ ସଭାପତି ଚୟନ ନେଇ ଭାଗ ଛିଣ୍ଡିପାରୁ ନ ଥିବାରୁ ଏପର୍ଯ୍ୟନ୍ତ ତାହା ଘୋଷଣା ହୋଇପାରୁ ନାହିଁ ବୋଲି ଜଣେ ବରିଷ୍ଠ ନେତା ସୂଚନା ଦେଇଛନ୍ତି।

ରାୟଗଡ଼ା: ବିଜେଡି ଜିଲା ସଭାପତି ଦୌଡ଼ରେ ୪

ରାୟଗଡ଼ା,୨୧।୪(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ଜିଲାରେ ବିଜେଡି ଜିଲା ସଭାପତି ପଦକୁ ନେଇ ତତ୍‌ପରତା ଦେଖିବାକୁ ମିଳିଛି। ଏଥିପାଇଁ ୪ ଜଣ ଦାବିଦାର ରହିଥିବା ଆଲୋଚନା ହେଉଛି। ସେମାନଙ୍କ ମଧ୍ୟରେ ଅଛନ୍ତି ପୂର୍ବତନ ରାଜ୍ୟ ସମ୍ପାଦକ ଅମୀୟ ସ୍ୱାଇଁ। ଏକଦା କଂଗ୍ରେସ ଦୁର୍ଗ ଭାବେ ପରିଚିତ ରାୟଗଡ଼ା ଜିଲାକୁ ପୂର୍ବତନ ଏମ୍‌ପି ଭାସ୍କର ରାଓ, ପୂର୍ବତନ ମନ୍ତ୍ରୀ ଲାଲ ବିହାରୀ ହିମିରିକାଙ୍କ ସହ ମିଶି ସେ ବିଜେଡି ଗଢ଼ରେ ପରିଣତ କରିଥିଲେ ବୋଲି କୁହାଯାଉଛି। ଏଭଳିକି ଜିଲାର ୩ ବିଧାନସଭା ଆସନର ଯୁବ ନେତା ଓ କର୍ମୀଙ୍କ ସମେତ ଦଳରେ ଅସନ୍ତୁଷ୍ଟ ରହିଥିବା ଗୋଷ୍ଠୀ ଅମୀୟ ଜିଲା ସଭାପତି ହେବା ନେଇ ଆଶା ପ୍ରକଟ କରିଛନ୍ତି। ସେହିପରି ଜିଲା ସଭାପତି ଦୌଡ଼ରେ ରହିଛନ୍ତି ବିଷମକଟକ ନିର୍ବାଚନମଣ୍ଡଳୀର ଅନ୍ୟତମ ଟାଣୁଆ ନେତା ତଥା ବରିଷ୍ଠ ଆଇନଜୀବୀ ଏସ୍.ବାବୁରାଓ ପଟ୍ଟନାୟକ। ବାବୁରାଓ ୧୯୯୦ରୁ ବିଜୁ ପଟ୍ଟନାୟକଙ୍କ ସହିତ ଜଡ଼ିତ ରହି ଢେର ଲୋକସମ୍ପର୍କ ବଜାୟ ରଖିଆସିଛନ୍ତି। ଜିଲା ସଭାପତି ଦୌଡ଼ରେ ପୂର୍ବତନ ମନ୍ତ୍ରୀ ଲାଲ ବିହାରୀ ହିମିରିକା ଓ ଜଗନ୍ନାଥ ସାରକା ମଧ୍ୟ ରହିଛନ୍ତି। ପୂର୍ବତନ ମନ୍ତ୍ରୀ ହିମିରିକା ୩ ଥର ବିଧାୟକ ରହିଥିବା ବେଳେ ଦୁଇ ଥର ମନ୍ତ୍ରୀ ଓ ଉପବାଚସ୍ପତି ରହିଥିଲେ। ୨୦୨୪ ନିର୍ବାଚନରେ ହିମିରିକାଙ୍କୁ ଦଳ ଟିକେଟ ଦେଇଥିଲେ ବିଜେଡି ପରାଜିତ ହୋଇ ନ ଥାନ୍ତା ବୋଲି କର୍ମୀ ମହଲରେ ଆଲୋଚନା ଜାରି ରହିଛି। ଅନୁରୂପ ଭାପେ ପୂର୍ବତନ ମନ୍ତ୍ରୀ ଜଗନ୍ନାଥ ସାରକା ମଧ୍ୟ ଜିଲା ସଭାପତି ଦୌଡ଼ରେ ଅଛନ୍ତି। ସେ ଦୁଇ ଥର ବିଧାୟକ ହେବା ସହିତ ମନ୍ତ୍ରୀ ରହିଥିଲେ। ତେବେ ଗତ ନିର୍ବାଚନରେ ବିଷମକଟକ ଆସନରୁ ପୁଣି ଥରେ ପ୍ରାର୍ଥୀ ହୋଇଥିଲେ ମଧ୍ୟ ଜନମତ କଂଗ୍ରେସ ସପକ୍ଷରେ ଯାଇଥିଲା। ବର୍ତ୍ତମାନ ନବମ ଥର ରାଜ୍ୟ ସଭାପତି ହୋଇଥିବା ନବୀନ ପଟ୍ଟନାୟକ ଜିଲାରେ କାହାକୁ ନେତୃତ୍ୱ ଦେଉଛନ୍ତି ତାହା ଦେଖିବାକୁ ବାକି ରହିଲା।

ପୂର୍ବ ପୃଷ୍ଠାର ଅବଶିଷ୍ଟାଂଶ...

ପୀଡ଼ିତାଙ୍କୁ ନ୍ୟାୟ ନ ମିଳିବା ପର୍ଯ୍ୟନ୍ତ ଲଢ଼ିବୁ: କଂଗ୍ରେସ

ଢେଙ୍କାନାଳ,୨୧।୪(ରତନ ନାୟାର)

କଂଗ୍ରେସ ପ୍ରତିନିଧି ଦଳର ସଦସ୍ୟମାନେ ଜିଲାପାଳଙ୍କ ସହ ଆଲୋଚନା କରୁଛନ୍ତି।

ଢେଙ୍କାନାଳ ଜିଲା ହିନ୍ଦୋଳ ଥାନା ଅଞ୍ଚଳରେ ଶନିବାର ସନ୍ଧ୍ୟାରେ ଜଣେ ୭ ବର୍ଷର ଶିଶୁକନ୍ୟାଙ୍କୁ ନିଶାସକ୍ତ ହୋଇ ଶିବ ସାହୁ (୩୨) ନାମକ ଯୁବକ ବଳାତ୍କାର କରିଥିଲେ । ପୋଲିସ ଅଭିଯୁକ୍ତ ଶିବ ସାହୁଙ୍କୁ ଗିରଫ କରିଛି। ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସଙ୍କ ନିର୍ଦ୍ଦେଶରେ ସୋମବାର ପୂର୍ବତନ ମନ୍ତ୍ରୀ ନଗେନ୍ଦ୍ର ପ୍ରଧାନଙ୍କ ଅଧ୍ୟକ୍ଷତାରେ ବାରବାଟୀ ବିଧାୟିକା ସୋଫିଆ ଫିରଦୋଶ୍, ବରିଷ୍ଠ ନେତ୍ରୀ ସସ୍ମିତା ବେହେରା, ବିଶ୍ୱଜିତ ଦାସ, ଗିରିବାଳା ବେହେରା, ଜିଲା ସଭାପତି ସୁନୀଲ କୁମାର ଦାଶ, ବେଣୁଧର ସାହୁ, ହିନ୍ଦୋଳର କଂଗ୍ରେସ ନେତା ଗୋବର୍ଦ୍ଧନ ଶେଖର ନାୟକ, ଛବିରାଜ ବିଶ୍ୱାଳ, ରତିକାନ୍ତ ଗଡ଼ନାୟକ, ସୁବାସ ପାଳ, ପୂର୍ବତନ ବିଧାୟକ ମହେଶ୍ୱର ନାୟକ ପ୍ରମୁଖ ପୀଡିତାଙ୍କ ସମ୍ପର୍କୀୟମାନଙ୍କ ସହ ଆଲୋଚନା କରିଛନ୍ତି। ପରେ ସେମାନେ ପୋଲିସ ଓ ଢେଙ୍କାନାଳ ଜିଲାପାଳ ସୋମେଶ କୁମାର ଉପାଧ୍ୟାୟଙ୍କ ସହ କଥାବାର୍ତ୍ତା କରି ପୀଡିତାଙ୍କ ପରିବାରକୁ ୧୫ଲକ୍ଷ ଟଙ୍କା କ୍ଷତିପୂରଣ ସପ୍ତାହକ ମଧ୍ୟରେ ଦେବା ଓ ଶିଶୁକନ୍ୟାଟି କିପରି ଭଲ ସ୍କୁଲରେ ପାଠ ପଢିବେ ଓ ସମ୍ମାନର ସହ ବଞ୍ଚିବେ ସେ ନେଇ ଜିଲାପାଳଙ୍କୁ କହିଥିବା କହିଛନ୍ତି। ପୀଡ଼ିତାଙ୍କୁ ନ୍ୟାୟ ନ ମିଳିବା ପର୍ଯ୍ୟନ୍ତ କଂଗ୍ରେସ ଲଢ଼େଇ ଜାରି ରଖିବ ବୋଲି ନେତାମାନେ କହିଛନ୍ତି।

ହତ୍ୟା ନିତିଦିନିଆ ଘଟଣାରେ ପରିଣତ ହେଲାଣି: ଅରୁଣ

ବିରୋଧୀ ଅଧିକ ଚିନ୍ତିତ ହୁଅନ୍ତୁ ନାହିଁ: ମନ୍ତ୍ରୀ ପୃଥ୍ୱୀରାଜ

ଭୁବନେଶ୍ୱର,୨୧।୪(ସୁନିତ୍ ମିଶ୍ର)

ରାଜ୍ୟରେ ହତ୍ୟା ବ୍ୟାପକ ମାତ୍ରାରେ ବଢ଼ିଚାଲିଛି। କେଉଁଠିକାହାର ମୁଣ୍ଡଗଣ୍ଡିଅଲଗା କରିଦିଆଗଲାଣି, କେଉଁଠି ଜେସିବି ଲଗାଇ, ଆଉ କେଉଁଠି ଗୁଳିକରି ଲୋକଙ୍କୁ ହତ୍ୟା କରାଯାଉଛି। ହତ୍ୟା ଗୋଟିଏ ନିତିଦିନିଆ ଘଟଣାରେ ପରିଣତ ହେଲାଣି। ଏହା କ'ଣ ଡବଲ ଇଞ୍ଜିନ ସରକାରର ସବୁଠାରୁ ବଡ଼ ଉପହାର କି ବୋଲି ବିଜେଡିର ବରିଷ୍ଠ ନେତା ତଥା ବିଧାୟକ ଅରୁଣ ସାହୁ ପ୍ରଶ୍ନ କରିଛନ୍ତି।

ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ଅରୁଣ କହିଛନ୍ତି, କ୍ରିମିନାଲମାନେ ଯେତେବେଳେ ଜାଣିବେ ରାଜ୍ୟରେ ଏକ ଦୁର୍ବଳ ସରକାର ଚାଲିଛି, ତା'ପରେ ସେମାନେ ଏଭଳି ଦୌରାତ୍ମ୍ୟ ଆରମ୍ଭ କରିବେ। ଏ ସରକାରକୁ କେହି ଡରୁନାହାନ୍ତି। ଏଭଳି ଏକ ଖବର ତଳସ୍ତରରେ ପହଞ୍ଚିଛି, ଇଏ ହେଉଛି ସବୁଠାରୁ ଦନ୍ତହୀନ ଦୁର୍ବଳ ସରକାର। ଏ ସରକାର ଯେଉଁ ଖେଳକୁଦ, ଯାତ୍ରାଯାତ୍ରା, ପୂଜାପର୍ବ ସବୁଥିରେ ମାତିଛି, ତା' ସହିତ ସରକାରୀ କାର୍ଯ୍ୟକୁ ଗୁରୁତ୍ୱ ଦେବା ଦରକାର। ସରକାରକୁ ଅନୁରୋଧ, ତୁରନ୍ତ ରାଜ୍ୟର ଆଇନଶୃଙ୍ଖଳା ପରିସ୍ଥିତି ସୁଧାରନ୍ତୁ ବୋଲି ଅରୁଣ କହିଛନ୍ତି।

ଅରୁଣଙ୍କ ମନ୍ତବ୍ୟ ଉପରେ ପ୍ରତିକ୍ରିୟା ରଖି ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି, ଅତୀତରେ ବି ଅପରାଧ ହେଉଥିଲା, ସରକାରରେ ନାହାନ୍ତି ବୋଲି ନିଶା ଛାଡୁନି। ପୂର୍ବ ସରକାରରେ ଆଇନ ତା' ବାଟରେ ଯିବ ବୋଲି କହୁଥିଲେ। ୧୦ ମାସରେ ଯେତିକି ଅପରାଧ ହୋଇଛି, ୭୨ ଘଣ୍ଟାରେ ଆକ୍ସନ ନିଆଯାଉଛି। ଗିରଫ, କୋର୍ଟଚାଲାଣି ସହିତ ଦରକାର ପଡ଼ିଲେ ଏନକାଉଣ୍ଟର କରାଯାଉଛି। କୌଣସି ଅପରାଧୀଙ୍କୁ ୧% ବି ସୁରକ୍ଷା ଦିଆଯାଉନି। ତେଣୁ ବିରୋଧୀ ଅଧିକ ଚିନ୍ତିତ ହୁଅନ୍ତୁ ନାହିଁ ବୋଲି ପୃଥ୍ୱୀରାଜ କହିଛନ୍ତି।

କ୍ରମିକ ନଂ	ଗାଁର ନାମ	ଖାତା ନଂ	ଖସରା / ପ୍ଲଟ୍ ନମ୍ବର	ମୋଟ କ୍ଷେତ୍ରଫଳ (ଏକରରେ)	ଅଧିଗ୍ରହଣିତ ଅଞ୍ଚଳ (ଏକରରେ)	ଜମିର କିସମ୍	ଜମି ପ୍ରକାର
1	2	3	4	5	6	7	8
366	ଟିଗଲ	26	1463	1.297	0.281	ଧାନ ଦୁଇ	ନିଜସ୍ୱ
367	ଟିଗଲ	34	1473	1.643	1.497	ଧାନ ଦୁଇ	ନିଜସ୍ୱ
368	ଟିଗଲ	303	1467	1.000	0.226	ଧାନ ଦୁଇ	ନିଜସ୍ୱ
369	ଟିଗଲ	303	1468	0.790	0.682	ଧାନ ଦୁଇ	ନିଜସ୍ୱ
370	ଟିଗଲ	239	1466	0.889	0.107	ଧାନ ଦୁଇ	ନିଜସ୍ୱ
371	ଟିଗଲ	308	1469	1.309	0.469	ଧାନ ଦୁଇ	ନିଜସ୍ୱ
372	ଟିଗଲ	386	4339	0.790	0.042	ଧାନ ଦୁଇ	ନିଜସ୍ୱ
373	ଟିଗଲ	477	1840	0.170	0.170	ଧାନ ଦୁଇ	ନିଜସ୍ୱ
374	ଟିଗଲ	460	1819	0.864	0.092	ଧାନ ଦୁଇ	ନିଜସ୍ୱ
375	ଟିଗଲ	460	1814	0.370	0.357	ଧାନ ଦୁଇ	ନିଜସ୍ୱ
376	ଟିଗଲ	219	1813	1.704	1.651	ଧାନ ଦୁଇ	ନିଜସ୍ୱ
377	ଟିଗଲ	225	1812	1.729	1.767	ଧାନ ଦୁଇ	ନିଜସ୍ୱ
378	ଟିଗଲ	402	1811	1.000	0.667	ଧାନ ଦୁଇ	ନିଜସ୍ୱ
379	ଟିଗଲ	307	1806	0.148	0.029	ଧାନ ଦୁଇ	ନିଜସ୍ୱ
380	ଟିଗଲ	23	2533	0.716	0.561	ଡଙ୍ଗର ଏକ	ନିଜସ୍ୱ
381	ଟିଗଲ	230	2172	0.741	0.012	ଧାନ ଦୁଇ	ନିଜସ୍ୱ
382	ଟିଗଲ	338	2176	3.953	0.813	ଧାନ ଦୁଇ	ନିଜସ୍ୱ
383	ଟିଗଲ	287	2157	0.531	0.067	ଧାନ ଦୁଇ	ନିଜସ୍ୱ
384	ଟିଗଲ	133	2191	2.915	0.629	ଧାନ ଦୁଇ	ନିଜସ୍ୱ
385	ଟିଗଲ	287	2192	3.039	0.624	ଧାନ ଦୁଇ	ନିଜସ୍ୱ
386	ଟିଗଲ	189	2199	3.150	0.677	ଧାନ ଦୁଇ	ନିଜସ୍ୱ
387	ଟିଗଲ	426	2200	1.383	0.416	ଧାନ ଦୁଇ	ନିଜସ୍ୱ
388	ଟିଗଲ	400	2201	0.691	0.182	ଧାନ ଦୁଇ	ନିଜସ୍ୱ
389	ଟିଗଲ	403	2203	0.345	0.185	ଧାନ ଦୁଇ	ନିଜସ୍ୱ
390	ଟିଗଲ	403	2205	1.062	0.285	ଧାନ ଦୁଇ	ନିଜସ୍ୱ
391	ଟିଗଲ	247	2207	0.815	0.111

ଜନ୍ମଦିନର ଶୁଭେଚ୍ଛା

ନାମ: .....
ବୟସ:.....
ଜନ୍ମ ତାରିଖ: .....

ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ । ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ ।

ଭୁବନେଶ୍ୱରରେ ଲକ୍ଷେ ପାଖାପାଖି ସୁନା ଦର

ଭୁବନେଶ୍ୱର,୨୧।୪: (ଅଭୟ ଦାଶ)

କ୍ରମାଗତ ଭାବେ ସୁନା ଓ ରୁପା ଦର ବୃଦ୍ଧି ପାଇ ଚାଲିଛି। ଏପରିକି ଭୁବନେଶ୍ୱର ବଜାରରେ ସୁନା ଦର ଲକ୍ଷେ ପାଖାପାଖି ହୋଇଥିଲାବେଳେ ରୁପା ମୂଲ୍ୟ ୧,୧୧,୦୦୦ ଟଙ୍କାରେ ପହଞ୍ଚିଛି/କାରବାର ହେଉଛି। ଗୋଟିଏ ପଟରେ ଆମେରିକାର ରାଷ୍ଟ୍ରପତିଙ୍କ ନୂଆ ବାଣିଜ୍ୟ ନୀତି ଓ ଟାରିଫ ଦରର ପ୍ରଭାବ ବଜାରରେ ଅସ୍ଥିରତା ସୃଷ୍ଟି କରୁଥିବାବେଳେ ଅପରପକ୍ଷରେ ଉତ୍ପାଦନ ଓ ବୈଶ୍ୱିକସ୍ତରରେ ଭୂ- ରାଜନୈତିକ ଏବଂ ଯୁଦ୍ଧର ବାତାବରଣ ଭାରତୀୟ ବଜାରର କାରବାର ଉପରେ ପଡୁଛି। ସେହିଭଳି ଭାରତୀୟ ବଜାରରେ ଶୁଭକାର୍ଯ୍ୟ ଓ ବିବାହ ଋତୁ ଆରମ୍ଭ ହୋଇଯାଇଥିଲାବେଳେ ସୁନା ଦର ଉଭୟ ବ୍ୟବସାୟ ଓ ଗ୍ରାହକଙ୍କୁ ଅତିରିକ୍ତ ଖର୍ଚ୍ଚନ୍ତା କରୁଥିବା ବଜାର ବିଶେଷଜ୍ଞମାନେ କହିଛନ୍ତି। ଏପରିକି ଦର ବୃଦ୍ଧି ଯୋଗୁ ଗ୍ରାହକ ଆଶାଠାରୁ କମ କ୍ରୟ କରିଥିବାବେଳେ ବ୍ୟବସାୟୀମାନେ ମଧ୍ୟ ଆଶାଜନକ କାରବାର ବିବାହ ସିଜନରେ କରିପାରୁନାହାନ୍ତି ବୋଲି ବଜାର ବିଶେଷଜ୍ଞମାନେ ଆକଳନ କରିଛନ୍ତି। ଉଲ୍ଲେଖଯୋଗ୍ୟ, ସୋମବାର ଭୁବନେଶ୍ୱରରେ ୨୪ କ୍ୟାରେଟ ସୁନାର ଦର ପ୍ରତି ୧୦ ଗ୍ରାମ ପିଛା ୯୮,୨୫୦ ଟଙ୍କା ଥିଲାବେଳେବେଳେ ୨୨ କ୍ୟାରେଟ ସୁନାର ଦର ପ୍ରତି ୧୦ ଗ୍ରାମ ପିଛା ୯୦,୧୫୦ ଟଙ୍କାରେ ପହଞ୍ଚିଛି। ସେହିପରି

୧୮ କ୍ୟାରେଟ ସୁନାର ଦର ପ୍ରତି ୧୦ ଗ୍ରାମ ପିଛା ୭୩, ୭୬୦ ଟଙ୍କାରେ କାରବାର ହେଉଥିଲାବେଳେ ଘରୋଇ ବଜାରରେ ରୁପା ମୂଲ୍ୟ ପ୍ରତି କିଲୋଗ୍ରାମ (କେ.ଜି) ପିଛା ୧,୧୧,୦୦୦ ଟଙ୍କା ରହିଛି। ଏପରିକି ଓଡିଶାର ପ୍ରମୁଖ କଟକ, ବାଲେଶ୍ୱର, ଝାରସୁଗୁଡା, କେନ୍ଦୁଝର, ରାଉଲକେଲା, ସମ୍ବଲପୁର, ଅନୁଗୋଳ, ବ୍ରହ୍ମପୁର, ପୁରୀ, ଭଦ୍ରକ, ଢେଙ୍କାନାଳ, କୋରାପୁଟ ଓ ବଲାଙ୍ଗୀର ଭଳି ବଜାରରେ ସୁନା ଦର ୭୫୦୦୦ରୁ ୯୮,୫୦୦ ଟଙ୍କା ଥିଲାବେଳେ ରୁପା ମୂଲ୍ୟ ୧,୧୧,୦୦୦ରୁ ୧,୧୨,୦୦୦ ଟଙ୍କାରେ କାରବାର ହେଉଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ ସୁନାର ଦର ପ୍ରତି ୧୦ ଗ୍ରାମ ପିଛା ୯୬,୮୫୦ ଟଙ୍କା ଥିଲାବେଳେବେଳେ ୨୨ କ୍ୟାରେଟ ସୁନାର ଦର ପ୍ରତି ୧୦ ଗ୍ରାମ ପିଛା ୮୮,୭୭୯ ଟଙ୍କାରେ ପହଞ୍ଚିଛି। ସେହିପରି ୧୮ କ୍ୟାରେଟ ସୁନାର ଦର ପ୍ରତି ୧୦ ଗ୍ରାମ ପିଛା ୭୧, ୭୫୦ ଟଙ୍କାରେ କାରବାର ହେଉଥିଲାବେଳେ ଘରୋଇ ବଜାରରେ ରୁପା ମୂଲ୍ୟ ପ୍ରତି କିଲୋଗ୍ରାମ (କେ.ଜି) ପିଛା ୯୬,୫୦୦ ଟଙ୍କା ରହିଛି।

ବିଓବିର ଜୋନାଲ କାର୍ଯ୍ୟାଳୟ ଉଦ୍‌ଘାଟିତ

ଭୁବନେଶ୍ୱରରେ ବିଓବିର ନୂତନ ଜୋନାଲ କାର୍ଯ୍ୟାଳୟକୁ କେନ୍ଦ୍ର ଅର୍ଥ ସଚିବ ଏମ୍. ନାଗାରାଜୁ ଉଦ୍‌ଘାଟନ କରୁଛନ୍ତି। ଏହି ଅବସରରେ ବିଓବିର ବରିଷ୍ଠ ଅଧିକାରୀ ଓ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

ଭୁବନେଶ୍ୱର,୨୧।୪

ବ୍ୟାଙ୍କ ଅଫ୍ ବରୋଦା (ବିଓବି)ର ନୂତନ ଜୋନାଲ କାର୍ଯ୍ୟାଳୟ (ଅଫିସ ପରିସର) ଭୁବନେଶ୍ୱରଠାରେ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ଭାରତ ସରକାରଙ୍କ ଅର୍ଥ ମନ୍ତ୍ରଣାଳୟର ଆର୍ଥିକ ସେବା ବିଭାଗ ସଚିବ ଏମ୍. ନାଗାରାଜୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଓବିର ଏମ୍‌ଡି ତଥା ସିଇଓ ଦେବଦତ୍ତ ଚାନ୍ଦ ଏବଂ ନିର୍ଦ୍ଦେଶକ (ଆର୍‌ବିଆଇ ନୋମିନି) ମନୋରଞ୍ଜନ ମିଶ୍ରଙ୍କ ସମେତ ବ୍ୟାଙ୍କର ବରିଷ୍ଠ ଅଧିକାରୀ ଓ ମୂଲ୍ୟବାନ ଗ୍ରାହକ ଉପସ୍ଥିତ ଥିଲେ।

ଏ ସମ୍ପର୍କରେ ବିଓବିର ଏମ୍‌ଡି ତଥା ସିଇଓ ଦେବଦତ୍ତ ଚାନ୍ଦ କହିଛନ୍ତି, ଆମେ ସମଗ୍ର ଦେଶରେ ଉଦୀୟମାନ ଅଞ୍ଚଳ ଏବଂ ଉଚ୍ଚ ସମ୍ଭାବ୍ୟ ଭୌଗୋଳିକ କ୍ଷେତ୍ରରେ ବ୍ୟାଙ୍କିଙ୍ଗ୍ ସେବାର ସମ୍ପ୍ରସାରଣ ପାଇଁ ପ୍ରତିଶ୍ରୁତିବଦ୍ଧ ରହିଛୁ। ଭୁବନେଶ୍ୱର ଜୋନ୍‌ରେ ନୂତନ ଜୋନାଲ କାର୍ଯ୍ୟାଳୟର ଶୁଭାରମ୍ଭ ବ୍ୟାଙ୍କ ପାଇଁ ଓଡ଼ିଶା ଓ ଝାଡ଼ଖଣ୍ଡର ରଣନୈତିକ ଗୁରୁତ୍ୱକୁ ପ୍ରତିଫଳିତ କରୁଛି।

ଇଡିଆଇଆଇର ୪୩ତମ ପ୍ରତିଷ୍ଠା ଦିବସ

ଭୁବନେଶ୍ୱର,୨୧।୪

ଭାରତୀୟ ଉଦ୍ୟୋଗିତା ବିକାଶ ପ୍ରତିଷ୍ଠାନ (ଏଣ୍ଟରପ୍ରେନ୍ୟୁରଶିପ ଡେଭଲପମେଣ୍ଟ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଇଣ୍ଡିଆ ବା ଇଡିଆଇଆଇ)ର ୪୩ ତମ ପ୍ରତିଷ୍ଠା ଦିବସ ନିକଟରେ ପାଳିତ ହୋଇଯାଇଛି। ଏହି ଅବସରରେ ଗୋଆ ମୁଖ୍ୟମନ୍ତ୍ରୀ ଡ. ପ୍ରମୋଦ ସାୱନ୍ତ ସମ୍ମାନିତ ଅତିଥି ଭାବେ (ଭର୍ଚୁଆଲ) ଯୋଗଦେଇ ସଭାକୁ ସମ୍ବୋଧିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କନସଲ ଜେନେରାଲ ଦକ୍ଷିଣ କୋରିଆ (ଗୁଜରାଟ) ଏବଂ ରସନା ଗ୍ରୁପର ଅଧ୍ୟକ୍ଷ ପିଲୁଜ ଖାମ୍ବାଟା, ଗୋଆର ଶିଳ୍ପ ସଚିବ ସୁନୀଲ ଆଞ୍ଚିପାକା, ଇଡିସି ଲିଃ.ର ଏମ୍‌ଡିବି.ଏସ ପାଇ ଆଙ୍ଗେଲ, ଆଇଡିବିଆଇ ବ୍ୟାଙ୍କ ଲିଃ.ର ମୁଖ୍ୟ ମହାପ୍ରବନ୍ଧକ ଓ ଜେନେରାଲ ମୁଖ୍ୟ (ଅହମଦାବାଦ ଜୋନ) ଦୀନେଶ ସିଂହ ରାଓତ ପ୍ରମୁଖ ଯୋଗ ଦେଇ ଷ୍ଟାର୍ଟଅପ ଓ ନବସୃଜନ ଦେଶର ଅଭିବୃଦ୍ଧି ଉପରେ କିପରି ପ୍ରଭାବ ପକାଉଛି ତାହା ଉପରେ ବିସ୍ତୃତ ଆଲୋଚନା କରିଥିଲେ।

ମିନାକ୍ଷୀ ରାମରାଜ କଟନର ବ୍ରାଣ୍ଡ୍ ଆମ୍ବାସାଡାର

ମ୍ରିଥୁ ଟାଓ୍ୱେଲର ଅନାବରଣ

ଭୁବନେଶ୍ୱର,୨୧।୪

ଦେଶର ପ୍ରମୁଖ ପ୍ରିମିୟମ କଟନ ବ୍ରାଣ୍ଡ୍ 'ରାମରାଜ କଟନ'ର ନୂତନ ଟାଓ୍ୱେଲ ରେଞ୍ଜ 'ମ୍ରିଥୁ ଟାଓ୍ୱେଲ'ର ଅନାବରଣ ନିକଟରେ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଅଭିନେତ୍ରୀ ମିନାକ୍ଷୀ ଚୌଧାରୀ ରାମରାଜ କଟନ (ମ୍ରିଥୁ ଟାଓ୍ୱେଲ)ର ବ୍ରାଣ୍ଡ୍ ଆମ୍ବାସାଡାର ଭାବେ ନିଯୁକ୍ତ ହୋଇଛନ୍ତି। ଅପରପକ୍ଷରେ ବ୍ରାଣ୍ଡର ଏହି ନୂତନ ଉତ୍ପାଦ/ ରେଞ୍ଜର ଗୁଣାବତ୍ତା, ଲକ୍‌ଜୁରି, କମ୍ଫର୍ଟ ଏବଂ ଡିଜାଇନ ସବୁ ବର୍ଗର ଗ୍ରାହକଙ୍କୁ ସୁହାଇବ। ଏପରିକି ଏହା ଶତ ପ୍ରତିଶତ କଟନ ଏବଂ ବାମ୍ବ ଫାଇବରର ଉତ୍ପାଦ ହୋଇଥିଲାବେଳେ ବଜାରରେ ଏହା ପସନ୍ଦର ଉତ୍ପାଦ ହେବ ବୋଲି କମ୍ପାନୀ ପକ୍ଷରୁ ଆକଳନ କରାଯାଇଛି।

ଏ ସମ୍ପର୍କରେ ରାମରାଜ କଟନର ଏମ୍‌ଡି ଅରୁଣ ଈଶ୍ୱର କହିଥିଲେ, ଆମେ ଆମର ନୂତନ ଉତ୍ପାଦ ରେଞ୍ଜକୁ ଆନୁଷ୍ଠାନିକ ଭାବେ ଅନାବରଣ ସହ ବଜାର ପ୍ରବେଶ କରାଇ ବେଶ୍ ଉତ୍ସାହିତ ଅଛୁ।

ରାମରାଜ କଟନର ନୂତନ ଉତ୍ପାଦ ରେଞ୍ଜ 'ମ୍ରିଥୁ ଟାଓ୍ୱେଲ'କୁ ଅଭିନେତ୍ରୀ ତଥା ବ୍ରାଣ୍ଡ୍ ଆମ୍ବାସାଡାର ମିନାକ୍ଷୀ ଚୌଧାରୀ ଅନାବରଣ କରୁଛନ୍ତି। ଏହି ଅବସରରେ ରାମରାଜ କଟନର ଏମ୍‌ଡି ଅରୁଣ ଈଶ୍ୱର ଉପସ୍ଥିତ ଅଛନ୍ତି।

ଏପରିକି ମିନାକ୍ଷୀ ଚୌଧାରୀଙ୍କ ଭଳି ଲୋକପ୍ରିୟ ଅଭିନେତ୍ରୀଙ୍କୁ ମ୍ରିଥୁ ଟାଓ୍ୱେଲର ବ୍ରାଣ୍ଡ୍ ଆମ୍ବାସାଡାର ଭାବେ ଚୟନ କରି ବେଶ୍ ଆଶବାଦୀ ରହିଛୁ। ଆମେ ସବୁବେଳେ ଗ୍ରାହକଙ୍କ ଆବଶ୍ୟକତା ଓ ବଜାର ଚାହିଦା ଅନୁଯାୟୀ ଉତ୍ପାଦର ବଜାର ପ୍ରବେଶ ସାଙ୍ଗକୁ ଗୁଣବତ୍ତା ଓ ଡିଜାଇନକୁ ପ୍ରାଥମିକତା ଦେଇଥାଉ।

ସେହିଭଳି ମିନାକ୍ଷୀ ଚୌଧାରୀ କହିଥିଲେ, ମୁଁ ରାମରାଜ କଟନର ନୂତନ ଉତ୍ପାଦ ରେଞ୍ଜ 'ମ୍ରିଥୁ ଟାଓ୍ୱେଲ'ର ବ୍ରାଣ୍ଡ୍ ଆମ୍ବାସାଡାର ଭାବେ ମନୋନୀତ ହୋଇଥିବାରୁ ବେଶ୍ ଆନନ୍ଦିତ ଅଛି। ବ୍ରାଣ୍ଡ୍ ଓ ଉତ୍ପାଦର ପ୍ରଚାରପ୍ରସାର ସହିତ 'ମ୍ରିଥୁ ଟାଓ୍ୱେଲ'କୁ ସବୁ ବର୍ଗର ଗ୍ରାହକଙ୍କ ନିକଟତର କରାଇବାକୁ ପ୍ରୟାସ କରିବି ବୋଲି ସେ ମତପ୍ରକାଶ କରିଥିଲେ।

ଜୟଆଲୁକ୍କାସ୍‌ର ସ୍ୱର୍ଣ୍ଣ ସମୃଦ୍ଧି ଅଭିଯାନ

ଭୁବନେଶ୍ୱର,୨୧।୪

ଜୟଆଲୁକ୍କାସ୍‌ର ବହୁ ପ୍ରତୀକ୍ଷିତ ଅକ୍ଷୟତୃତୀୟ ଅଫର ତଥା ସ୍ୱର୍ଣ୍ଣ ସମୃଦ୍ଧି ଅଭିଯାନର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏହି ସ୍ୱତନ୍ତ୍ର ଅଫର ଓ ଅଭିଯାନ ୨୦୨୫ ମେ' ୧ ପର୍ଯ୍ୟନ୍ତ ଉପଲବ୍ଧ। ସେହିଭଳି ଅଳଙ୍କାର କ୍ରେତାମାନେ ଅତୁଳନୀୟ ମୂଲ୍ୟ ସହିତ ପ୍ରତ୍ୟେକ କ୍ରୟ ଉପରେ ଅଧିକ ଲାଇ ପାଇଁ ଆକର୍ଷଣୀୟ ଅଫର ସହିତ ଉତ୍କୃଷ୍ଟ ଅଳଙ୍କାର କିଣିବାର ଆନନ୍ଦ ଅନୁଭବ କରିପାରିବେ। ଏହି ଉତ୍ସବମୟ ଅବସରରେ ଜୟଆଲୁକ୍କାସ ଗ୍ରାହକମାନଙ୍କୁ ୭୫,୦୦୦ ଟଙ୍କା ଏବଂ ତଦୂର୍ଦ୍ଧ୍ୱ ମୂଲ୍ୟର ହୀରା ଏବଂ ଅନକଟ ଡାଇମଣ୍ଡ ଏବଂ ପ୍ଲାଟିନମ୍ ଅଳଙ୍କାରର କ୍ରୟ ଉପରେ ୫୦୦ ମିଗ୍ରା ୨୪କେ ସୁନା ବାର୍ ମାଗଣାରେ ପ୍ରଦାନ କରୁଛି। ଯେଉଁମାନେ ଆହୁରି ବିଳାସପୂର୍ଣ୍ଣ ଗହଣା ଦ୍ୱାରା ନିବେଶ କରିବାକୁ ଚାହୁଁଛନ୍ତି, ସେମାନଙ୍କ ପାଇଁ ୧,୫୦,୦୦୦ ଟଙ୍କା ମୂଲ୍ୟର ହୀରା ଏବଂ ଅନକଟ୍ ଡାଇମଣ୍ଡ ଓ ପ୍ଲାଟିନମ୍ ଅଳଙ୍କାର କ୍ରୟ ଉପରେ ଗୋଟିଏ ୧ ଗ୍ରାମ୍‌ର ୨୪କେ ସୁନା ବାର୍ କିମ୍ବା ଲକ୍ଷ୍ମୀମୂର୍ତ୍ତି ସମ୍ପୂର୍ଣ୍ଣ ମାଗଣାରେ ଉପଲବ୍ଧ ରହିଛି। ଏହାସହିତ ଯେଉଁ ଗ୍ରାହକମାନେ ୨୦୨୫ ଏପ୍ରିଲ ୩୦ରେ ଜୟଆଲୁକ୍କାସ ପରିଦର୍ଶନ କରିବେ

Joyalukkas
World's favourite jeweller

ସେମାନେ ଏକ ସ୍ୱତନ୍ତ୍ର ଓ ସୀମିତ ଅବଧି ଅଫରର ଲାଭ ଉଠାଇ ୭୫,୦୦୦ ଟଙ୍କା ଏବଂ ତଦୂର୍ଦ୍ଧ୍ୱ ମୂଲ୍ୟର ସୁନା ଅଳଙ୍କାର କ୍ରୟ ସହିତ ୨୦୦ ମିଗ୍ରା (୨୨କେ) ସ୍ୱର୍ଣ୍ଣମୁଦ୍ରା ମାଗଣାରେ ପାଇପାରିବେ। ୧୦,୦୦୦ ଟଙ୍କା ଏବଂ ତଦୂର୍ଦ୍ଧ୍ୱ ମୂଲ୍ୟର ରୁପା ଅଳଙ୍କାର କ୍ରୟ ଉପରେ ୫ ଗ୍ରାମ ରୁପାମୁଦ୍ରା ମାଗଣାରେ ମିଳିବ। ଜୟଆଲୁକ୍କାସ ୧୦% ଅଗ୍ରିମ ପ୍ରି-ବୁକ୍ ଅଫର ମଧ୍ୟ ପ୍ରଦାନ କରୁଛି, ଯାହା ଅଧୀନରେ ଆଜିର ସୁନା ଦରରେ ୨୦୨୫ ଏପ୍ରିଲ ୩୦ ପର୍ଯ୍ୟନ୍ତ ଗ୍ରାହକମାନଙ୍କ ପାଇଁ ସୁନାଦରର ସୁନିଶ୍ଚିତ ସୁରକ୍ଷା ପ୍ରଦାନ କରିଥାଏ। ଏପରିକି ଗ୍ରାହକମାନେ ପୁରୁଣା ସୁନା ବିନିମୟରେ ୦% କାର୍‌ର ଲାଭ ମଧ୍ୟ ପାଇପାରିବେ।

ଏ ସମ୍ପର୍କରେ ଜୟଆଲୁକ୍କାସ ଗ୍ରୁପ୍‌ର ଅଧ୍ୟକ୍ଷ ଜୟ ଆଲୁକ୍କାସ କହିଛନ୍ତି, ସ୍ୱର୍ଣ୍ଣ ସମୃଦ୍ଧି ଅଭିଯାନ ମାଧ୍ୟମରେ ଆମେ ଆମ ଗ୍ରାହକମାନଙ୍କ ସହ ଅକ୍ଷୟତୃତୀୟା ପାଳନ କରିବାକୁ ଯାଉଛୁ। ଏପରିକି ଏହା ପରିବାରଗୁଡିକ ପାଇଁ ଏକାଠି ହୋଇ ସୁନାରେ ନିବେଶ କରିବାର ଏକ ବିଶେଷ ସମୟ ଏବଂ ଆମେ ସେହି ଉପଭୋଗ୍ୟ ବେଳାକୁ ଯଥାସମ୍ଭବ ଫଳପ୍ରଦ କରିବାକୁ ଚାହୁଁଛୁ।

ଶେୟାର ବଜାରରେ ଉତ୍ସାହ

ମୁମ୍ବାଇ,୨୧।୪

କ୍ରମାଗତ ପଞ୍ଚମ ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ବୃଦ୍ଧି ଘଟିଛି। ଏପରିକି ଚଳିତ ସପ୍ତାହର ପ୍ରଥମ କାର୍ଯ୍ୟ ଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାର କାରବାରରେ ଉତ୍ସାହ ସହ ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବଢ଼ାଇପାରିଛନ୍ତି। ବିଶେଷକରି ସୋମବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନସେକ୍ସ ୮୫୫ (୮୫୫.୩୦) ପଏଣ୍ଟ ବୃଦ୍ଧି ଘଟି ୭୯,୪୦୮ (୭୯,୪୦୮.୫୦) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ରେ ମଧ୍ୟ ୨୭୪ (୨୭୩.୯୦) ପଏଣ୍ଟ ବଢି ୨୪,୧୨୫ (୨୪,୧୨୫.୫୫) ଅଙ୍କରେ କାରବାର ଶେଷ ହୋଇଥିଲା। ଅପରପକ୍ଷରେ ବିଏସଇ ସେନସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡିକର ଇଣ୍ଡେକ୍ସ ସହିତ ଏନ୍‌ଏସଇ ନିଫ୍ଟି ମିଡକ୍ୟାପ, ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡିକର କାରବାରରେ ମଧ୍ୟ ପରିବର୍ତ୍ତନ ହୋଇଛି।

ଗ୍ରୀଷ୍ମକାଳୀନ ସାମଗ୍ରୀର ବ୍ୟାପକ କଲେକ୍ସନ

ନୂଆଦିଲ୍ଲୀ, ୨୧।୪

ପ୍ରତି ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଆମାଜନର ବହୁ ପ୍ରତୀକ୍ଷିତ ତଥା ଗ୍ରୀଷ୍ମକାଳୀନ ସାମଗ୍ରୀର ବ୍ୟାପକ କଲେକ୍ସନକୁ ନିକଟରେ ଶୁଭାରମ୍ଭ କରାଯାଇଛି। ଏପରିକି ଗ୍ରାହକଙ୍କୁ ଥଣ୍ଡା ଓ ଆରାମଦାୟକ ରହିବାରେ ସାହାଯ୍ୟ କରିବା ପାଇଁ ସତେଜ ପାନୀୟଠାରୁ ଆରମ୍ଭ କରି ଶକ୍ତି ବୁଷ୍ଟର, ଗୃହପାଳିତ ପଶୁ ଗ୍ରୁମିଂ ଅତ୍ୟାବଶ୍ୟକ ସାମଗ୍ରୀ ଏବଂ ଶିଶୁ ଯତ୍ନ ଉତ୍ପାଦ ସାମିଲ ରହିଛି। ଏହି ୱାନ୍ ଷ୍ଟପ୍ ଗନ୍ତବ୍ୟସ୍ଥଳରେ ଦ୍ରୁତ ଏବଂ ବିଶ୍ୱସନୀୟ ଡେଲିଭରି ସୁବିଧା ସହିତ ଅନେକ ପ୍ରକାରର ଗ୍ରୀଷ୍ମକାଳୀନ ଅତ୍ୟାବଶ୍ୟକ ସାମଗ୍ରୀ ଉପଲବ୍ଧ ରହିଛି। ସେହିଭଳି ଗ୍ରାହକମାନେ ଆମାଜନ ପେ ବ୍ୟବହାର କରି ଅତିରିକ୍ତ ସଞ୍ଚୟ ଏବଂ ସୁବିଧା ମଧ୍ୟ ଉପଭୋଗ କରିପାରିବେ। ପ୍ରାଇମ ମେମ୍ବରମାନେ ୧୦ଲକ୍ଷରୁ ଅଧିକ ପ୍ରଡକ୍ଟ ଉପରେ ସମାନ ଦିନର ଡେଲିଭରି ଉପଭୋଗ କରୁଛନ୍ତି। ଲିକ୍ୱିଡ୍ ଆଇ.ଭି. ଦ୍ୱାରା ପରିଚାଳିତ ହେଉଥିବା ଏହି ସେଲରେ ଗ୍ରାହକମାନେ ସ୍ଲିପ ଆଉଲ, ଗୁଜନ୍-ଡି, ହିମାଲୟା, ବାମ୍ବୋ ନେଚର, ପେଟଭିଟ୍ ଏବଂ ଗୁଫି ଟେଲ୍ସ ଭଳି ଶୀର୍ଷ ବ୍ରାଣ୍ଡରେ ଗ୍ରୀଷ୍ମକାଳୀନ ଅତ୍ୟାବଶ୍ୟକ ସାମଗ୍ରୀର ବ୍ୟାପକ ଚୟନ ଉପରେ ଅତୁଳନୀୟ ମୂଲ୍ୟ ଉପଭୋଗ କରିପାରିବେ ।

Classified Everyday

0674-2580101, 9692975378

REAL ESTATE

SALE

Duplex sale with gated Society near Aiims Hospital, Bhubaneswar. 9777433701. D-76256

Book 3BHK, 4BHK flat Jharapada, near Jagannath Avenue, Canal Road, Bhubaneswar with amenities. Contact: 7978584549. D-76811

ଭୁବନେଶ୍ୱର- ପିପିଲି **Toll Gate Puri road** ନିକଟରେ **Gharabari Plot** ଏବଂ ନଖରାରେ **3/4 BHK Duplex** ବିକ୍ରିହେବା **8327785834.** D-76261

13720sqft Commercial Land with boundary wall sale at NH- 57, Pitapalli Square, Bhubaneswar. 7008634668. D-76259

ହଂସପାଳରୁ 11K.M. ସିଙ୍ଗଡ଼ାସାହି ଛକ ପାଖରେ 1300sqft 3,12,000/- ପ୍ଲଟ୍ ବିକ୍ରିହେବ। 9114705579. D-76258

Ready to move 1/2 BHK flat for sale @13/24 Lakh at Sundarpada and Gudiapokhari, Bhubaneswar. Call- 9861642492. D-200

Bhubaneswar ତ୍ରିନାଥବଜାର, ଫୁଲନଖରା, ସମ୍ ହସ୍ପିଟାଲ୍-୨ ନିକଟରେ ଘରବାରୀ ପ୍ଲଟ୍ **1250/sqft.** ରେ ବିକ୍ରୟ କରାଯାଉଛି। **Whatsapp: 9437011506, 6371462496.** D-238

2 Office space- 1000sqft. in 3rd floor & 750sqft. in 2nd floor fully furnished office at 5- Janpath, Unit- 3, Kharvelnagar behind Kalsi Petrol Pump, Bhubaneswar, Odisha- 751001. Readily available to operate. Contact: 9437001845, 7504050186. D-76813

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

Full body massage by odia therapist in homely Atmosphere. 9556498382. D-75380

Full body massage by experiencetherapistwith homely atmosphere. 9114559860. D-76910

Positivelyhealthbenefited SPA by expert female therapist, Bapujinagar. 8328803811. D-76909

AFFIDAVIT

By virtue of an affidavit before Executive Magistrate, Bhubaneswar, dated- 21.04.2025, I, Hemant Nayak, Address: At- Jitikarsualo, P.O.- Bhatapatna, Bhingarpur, Khordha, Odisha- 752115 declare that I have changed my son's name from Ankity Nayak to Ankit Nayak. Henceforth, he shall be known as Ankit Nayak for all purposes.
Hemanta Nayak
D-247

ମୁଁ, ଯୁଗେ ବେଟକାର, ପି- ଚମାର ବେଟକାର, ନି- କଳାପାଣି (ବୁଦେଲପାଲି), ଥା/ତ/ଜିଲ୍ଲା- ବରଗଡ଼ର ବାସିନ୍ଦା ଅଟେ । ବରଗଡ଼ ସଦରମହକୁମା ସ୍ଥିତ ନୋଟାରି ଶ୍ରୀ ପି.ସି. ଦାଶଙ୍କ ନିକଟରେ ସତ୍ୟପାଠ କ୍ରମିକ ସଂଖ୍ୟା ୧୦୧ ତା ୦୮।୦୪।୨୦୨୫ରେ ସତ୍ୟାପନ କରିଅଛୁ ଯେ, ମୋର ସ୍ୱର୍ଗତ ପତ୍ନୀ ତପ ବେଟକାରଙ୍କ ଗତ ୦୧।୦୩।୨୦୨୫ରେ ପରଲୋକ ହୋଇଛି। ତାଙ୍କର ଆଧାର କାର୍ଡରେ ତପ ବେଟକାର ଭାବେ ଉଲ୍ଲେଖ ଅଛି, ବ୍ୟାଙ୍କ୍ ପାସ୍‌ବୁକ୍‌ରେ ତପସ୍ୱିନୀ ବେଣ୍ଟକାର ଭାବେ ନାମରେ ଅଛି। ଏଣୁ ଏହି ସତ୍ୟପାଠ ଜରିଆରେ ଘୋଷଣା କରୁଅଛି ଯେ ତପ ବେଟକାର ଓ ତପସ୍ୱିନୀ ବେଣ୍ଟକାର ସମାନ ଅଟନ୍ତି। ସତ୍ୟପାଠକାରୀ ଯୁଗେ ବେଟକାର। ଧ-୨୪୮

I, Manishabala Pradhan, D/o- Biswambar Pradhan, resident of Chandmari Padia, Sahadev Khunta, Dist.- Baleswar, PIN- 756001, declare by this affidavit No.- 15334, dtd- 16.04.2025. That now onwards I shall be known as MANISHA MOHANTY for all future purposes. D-245

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com

By virtue of an affidavit sworn before The Executive Magistrate, Dharmasala, dated- 19.04.2025, I, Duryodhan Das, At- Jaleswarpur, P.O.- Kundapatna, P.S.- Dharmasala, Dist.- Jajpur, Odisha- 755008, declare that I have changed my son's name from SERKANTA DAS to SRIKANTA DAS. Henceforth, he shall be known as SRIKANTA DAS for all future purposes. D-246

By affidavit No.- 01/ date- 05.04.2024, before Executive Magistrate, Jatni, I, Madhusmita Nayak, W/o- Priya Madhab Swain, At- Ogarsuan, P.O.- Janla, P.S.- Jatni, Khordha declare that my son's name in Aadhaar recorded as

ଘର ଦିଶିବ ସୁନ୍ଦର

ଘରକୁ ସୁନ୍ଦର କରି ସଜାଇବା ହେଉଛି ଏକ କଳା। ତେବେ ୟୁନିକ୍ ଷ୍ଟାଇଲରେ ଘର ସଜାଇ ନିଜର ଏହି କଳା ପ୍ରଦର୍ଶନ କରିବାକୁ ଚାହୁଁଥିଲେ ଜାଣିରଖନ୍ତୁ କିଛି କଥା...

■ ଘରକୁ ଯଦି ଏକ ୟୁନିକ୍ ଲୁକ୍ ଦେବାକୁ ଚାହୁଁଛନ୍ତି ତେବେ ସର୍ବପ୍ରଥମେ ଘରେ କେଉଁ କେଉଁ କଲର ଦେବେ ତାହା ସ୍ଥିର କରନ୍ତୁ।

■ ଘର କାନ୍ଥର ରଙ୍ଗ ଓ ଘରେ ଥିବା ଫର୍ନିଚରର ରଙ୍ଗ ଆକର୍ଷଣୀୟ ହେବା ଦରକାର। ଏହା ସହ ଘରକୁ ଯାହା ବି ଡେକୋରେଟିଭ୍ ସାମଗ୍ରୀ ଆଣୁଛନ୍ତି ସେସବୁର ରଙ୍ଗ ଦେଖି ଆଣନ୍ତୁ। ସୁନ୍ଦର ଓ ୟୁନିକ୍ କଲର କମ୍ବିନେଶନ ଉପରେ ଅଧିକ ଧ୍ୟାନ ଦିଅନ୍ତୁ।

■ ଘରର ପରଦା, ବେଡ୍‌ସିଟ୍ ଆପଣଙ୍କ ବେଡ୍‌ରୁମ୍ କଲର ସହ ମ୍ୟାଚ୍ କରି କିମ୍ବା କଣ୍ଟ୍ରାଷ୍ଟ କରିବେ ପ୍ରଥମେ ସ୍ଥିର କରିଦିଅନ୍ତୁ।

■ ଘରକୁ ସଫାସୁତରା ବି ରଖିବା ଦରକାର। ନଚେତ୍ ସାଜସଜ୍ଜା ଯେତେ ଅଧିକ ହୋଇଥିଲେ ବି ଘର ଅପରିଷ୍କାର ଲାଗିବ।

■ ଘରେ ସବୁ ଜିନିଷକୁ ଠିକ୍ ସ୍ଥାନରେ ରଖିବା ଓ ଖାଲି ସ୍ଥାନର ଠିକ୍ ବ୍ୟବହାର କରିବା ବି ଏକ ସୁନ୍ଦର କଳା।

■ ଘରେ ରୁମ୍ ସବୁ ଛୋଟ ହୋଇଥିଲେ ଛୋଟ ଫର୍ନିଚର ରଖନ୍ତୁ। ଘରେ ଡେକୋରେଟିଭ୍ ସାମଗ୍ରୀ ଅଧିକ ରଖନ୍ତୁ ନାହିଁ।

■ ବାଲ୍‌କୋନିରେ ବିଭିନ୍ନ ପ୍ରକାର ଇନ୍‌ଡୋର ପ୍ଲାଣ୍ଟ ଲଗାଇ ଘରକୁ ଗ୍ରୀନ୍ ଲୁକ୍ ଦେଇପାରିବେ।

ପିଲା ମିଛ କହୁଥିଲେ...

ଭୟରେ ହେଉ ଅବା ଅନ୍ୟ କିଛି କାରଣ ପାଇଁ ପିଲାମାନେ ବେଳେବେଳେ ମିଛ କହି ଦିଅନ୍ତି। ତେବେ ଛୋଟବେଳରୁ ସେମାନଙ୍କର ଏହି ଅଭ୍ୟାସ ବଦଳାଇବା ଦରକାର। ଏଥିପାଇଁ ଅଭିଭାବକଙ୍କ ପ୍ରୟାସ ଜରୁରୀ...

ଖୋଲା ପରିବେଶ: ପିଲାମାନେ ଗୁରୁଜନଙ୍କ ସ୍ନେହ ପାଇବା ପାଇଁ ବେଳେବେଳେ ମିଛ କଥା କହିଦିଅନ୍ତି। ଏଭଳି କ୍ଷେତ୍ରରେ ଅଭିଭାବକମାନେ ପିଲାଙ୍କୁ ଅନୁଭବ କରିବାକୁ ଦିଅନ୍ତୁ କି ସେମାନଙ୍କ ପାଇଁ ନିଃସର୍ତ୍ତ ଭଲପାଇବା ରହିଛି। କିନ୍ତୁ ମିଛ କହିଲେ ଆପଣଙ୍କ ଅନୁଭବ କେତେ କଷ୍ଟଦାୟକ ସେ ସମ୍ପର୍କରେ ପିଲାଙ୍କ ସହ ଖୋଲାଖୋଲି କଥା ହୁଅନ୍ତୁ।

ରାଗରେ ନୁହେଁ: ପିଲାଙ୍କୁ ସବୁବେଳେ ସ୍ନେହ ପ୍ରେମରେ ଭଲ କଥା କହି ବୁଝାନ୍ତୁ। ରାଗରେ କିମ୍ବା ମାଡ଼ ମାରି କହିଲେ ପିଲା ଅଧିକ ଜିଦିଆ ହୋଇଯାନ୍ତି। ତେଣୁ ସେମାନଙ୍କୁ ବୁଝାଇ କହିଲେ ହୁଏତ ମନକଥା କହିବା ପାଇଁ ସେମାନେ ପ୍ରସ୍ତୁତ ହୋଇପାରନ୍ତି।

ଖରାପ ପ୍ରଭାବ କୁହନ୍ତୁ: ପିଲାମାନେ ଯଦି ଭୁଲ୍ କାମ କରୁଛନ୍ତି କିମ୍ବା ମିଛ କହୁଛନ୍ତି ତା'ର ପରିମାଣ କିପରି ଭବିଷ୍ୟତକୁ ନଷ୍ଟ କରିପାରେ ସେ ସମ୍ପର୍କରେ କୁହନ୍ତୁ। ଏଥିପାଇଁ ବିଭିନ୍ନ ପ୍ରକାର ଗପ କିମ୍ବା ଉଦାହରଣକୁ ମାଧ୍ୟମ କରିପାରନ୍ତି।

ନିଜେ ସବୁବେଳେ ସତ କୁହନ୍ତୁ: ପିଲାମାନେ ପ୍ରଥମେ ଘର ପରିବେଶରୁ ହିଁ ବ୍ୟବହାର ଶିଖନ୍ତି। ତେଣୁ ଅଭିଭାବକମାନେ ନିଜେ ପ୍ରଥମେ ସତ କହିବା ଓ ଭଲ ବ୍ୟବହାର କରନ୍ତୁ। ଫଳରେ ପିଲାମାନେ ସେମାନଙ୍କ କାର୍ଯ୍ୟକଳାପ ଦେଖି ପ୍ରଭାବିତ ହୋଇପାରିବେ।

ସ୍ଲୋ ମର୍ନିଂ

ଉଠିବା ମାତ୍ରେ କାମ । କାହା ପରେ କ'ଣ କରିବାକୁ ହେବା ସେହି ଅନୁସାରେ ଗୋଟିଏ ପରେ ଗୋଟିଏ କାମରେ ଲାଗିପଡ଼ନ୍ତି ଗୃହିଣୀମାନେ। ଏଥିପାଇଁ ଅନେକଙ୍କୁ ରାତିରେ ଭଲ ନିଦ ବି ହୁଏ ନାହିଁ। ତେବେ କିଛିଦିନ ଏପରି କଟିବା ଫଳରେ ଦେଖାଯାଏ ଅନେକ ସମସ୍ୟା। ଉଭୟ ମନ ଓ ଶରୀର ଉପରେ ପ୍ରଭାବ ପଡ଼େ। ଏଥିରୁ ମୁକୁଳିବାକୁ ହେଲେ ସ୍ଲୋ ମର୍ନିଂ ଲାଇଫ୍ ଷ୍ଟାଇଲ୍ ଆପଣାଇନେବା ଦରକାର।

କଥାରେ ଅଛି ମର୍ନିଂ ସୋଜ୍ ଦି ଡେ। ଅର୍ଥାତ୍ କୌଣସି କାମ ଆରମ୍ଭରୁ ହିଁ ଜଣାପଡ଼ିଥାଏ ଏହାର ଭବିଷ୍ୟତ। ଠିକ୍ ସେହିପରି ଆମ ଜୀବନଶୈଳୀ। ପ୍ରତି ସକାଳ ହିଁ କହିଥାଏ ଆମର ଭବିଷ୍ୟତ ଜୀବନ କିଭଳି ହେବ। ହେଲେ ଏଥିପ୍ରତି ଦୃଷ୍ଟି ନ ଥାଏ ମହିଳାଙ୍କର। କିନ୍ତୁ ଏକ ସମୟରେ ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟ ଭଲ ରଖିବାକୁ ହେଲେ ସକାଳର ଜୀବନଶୈଳୀ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ସକାଳୁ ଉଠିବା ମାତ୍ରେ ଯେଉଁମାନେ କାମର ଚାପକୁ ଅନୁଭବକରି ଦିନ ଆରମ୍ଭ କରନ୍ତି ସେମାନେ ନିଜ ପାଇଁ କିଛି ଭିନ୍ନ କାମ କରିବାକୁ ସମୟ ପାଆନ୍ତି ନାହିଁ।

ପୂରା ଦିନ ଶକ୍ତି ମିଳିବ

ସକାଳୁ ଉଠି ପୂରା ଦିନ ଆମକୁ କାମ କରିବାକୁ ହେବ। ତେଣୁ ସେହି ଅନୁସାରେ ଆମେ ନିଜକୁ ପ୍ରସ୍ତୁତ କରିବା ପାଇଁ ହେଲେ ସ୍ଲୋ ମର୍ନିଂ ଲାଇଫ୍ ଷ୍ଟାଇଲ୍ ଆପଣାଇବା ଦରକାର। କାରଣ ବ୍ରାହ୍ମମୁହୂର୍ତ୍ତରୁ ଉଠି ଧୀର ମନରେ ଚାପ ବିନା କୌଣସି କାମ ଆରମ୍ଭ କଲେ ଏହା ଆମ ମନ ଉପରେ ସକାରାତ୍ମକ ପ୍ରଭାବ ପକାଇଥାଏ। ଫଳରେ ପୂରା ଦିନ ଉର୍ଜାର ସହ କାମ କରିବା ପାଇଁ ଆମକୁ ପ୍ରେରଣା ମିଳିପାରିବ। ସକାଳୁ ଉଠି ସ୍ଥିର ଚିତ୍ତରେ ଧ୍ୟାନ, ଯୋଗ ମାଧ୍ୟମରେ ମନକୁ ନିୟନ୍ତ୍ରଣ କରାଯାଇପାରେ। କିଛି ସମୟ ନିଜର ସ୍ୱାସ୍ଥ୍ୟ ପାଇଁ ଚିନ୍ତାକରି ଯୋଗ ଧ୍ୟାନ ଆଦି କରିବା ଭଲ ଅଭ୍ୟାସ। ବିପରୀତରେ ଆମେ ଯଦି ଉଠିବା ମାତ୍ରେ ଅତ୍ୟଧିକ ବ୍ୟସ୍ତ ହୋଇ ତରବରରେ କାମ ଆରମ୍ଭ କରିବା ତା'ର ନକାରାତ୍ମକ ପ୍ରଭାବ ପଡ଼ିବ ଆମ ମନ ଓ ଶରୀର ଉପରେ। କିଛିଦିନ ଏଭଳି ଲାଇଫ୍ ଷ୍ଟାଇଲ ଆପଣାଇଲେ ଷ୍ଟ୍ରେସ୍ ଲେଭଲ ବହୁ ଅଧିକ ହୋଇଯିବ। କିଛି ଘଣ୍ଟା ପରେ କାମ କରିବାକୁ ଆଦୌ ଇଚ୍ଛା ହେବ ନାହିଁ। ଆଙ୍ଗ୍‌ଜାଇଟି ବଢ଼ିବା ସହ ଡିପ୍ରେସନ ଓ ସାଇକୋସୋମାଟିକ୍ ଡିଜଅର୍ଡର ଭଳି ସମସ୍ୟା ମଧ୍ୟ ଦେଖାଦେବ। ଫଳରେ ଚିଡ଼ିଚିଡ଼ାପଣ, ବିରକ୍ତିଭାବ ଭଳି ବିଭିନ୍ନ ଲକ୍ଷଣ ଦେଖାଦେବ। ଏହା ପରେ ଧୀରେ ଧୀରେ କାର୍ଯ୍ୟଦକ୍ଷତା ବି କମ୍ ହୋଇଯିବ। ତେଣୁ ଦୀର୍ଘକାଳୀନ ଭାବେ ବିଚାର କଲେ ସକାଳୁ ଶାନ୍ତ ମନରେ କାମ ଆରମ୍ଭ କରିବା ଉଚିତ।

– ଡା. ସତ୍ୟସ୍ମିତା ଜେନା
ଆସୋସିଏଟ୍ ପ୍ରଫେସର, ପ୍ରସୂତି ତନ୍ତ୍ର ଏବଂ ସ୍ତ୍ରୀରୋଗ ବିଶେଷଜ୍ଞ
ଶ୍ରୀ ଶ୍ରୀ ୟୁନିଭର୍ସିଟି, ତ୍ରିଶୂଳିଆ, ଭୁବନେଶ୍ୱର

ଏମାନେ କ'ଣ କରନ୍ତି

ଆରାମରେ କାମ କରେ

ସକାଳୁ ଉଠିଲେ କାମ କରିବା ପାଇଁ ଏବେ ଆଦୌ ବ୍ୟସ୍ତ ହେଉନି। କାହିଁକିନା ପୁଅ ବଡ଼ ହୋଇଗଲାଣି। ସେ ନିଜେ ତା' କାମ ସବୁ କରୁଛି। ତେଣୁ ନିଜ ପାଇଁ କିଛି ସମୟ ବାହାରକରି ମେଡିଟେଶନ ଓ ଯୋଗ କରୁଛି। ତା'ପରେ ନିତ୍ୟକର୍ମ ସାରି ନିଜ ଇଚ୍ଛାରେ ଆରାମରେ ରୋଷେଇ ଓ ଘରକାମ ସବୁ କରୁଛି। ବାକି ଘରକାମରେ ସହଯୋଗ କରିବା ପାଇଁ ମେଡ୍ ବି ଅଛି। ତେଣୁ ପ୍ରଥମେ ନିଜ ସ୍ୱାସ୍ଥ୍ୟ ପାଇଁ କିଛି ସମୟ ଦେବା ପରେ ହିଁ ଅନ୍ୟ କାମ କରେ। ଘରେ କିଏ କ'ଣ ଖାଇବେ, ସଫାସୁତୁରା କାମ ଓ ମେଡ୍ କ'ଣ କରିବ ସେସବୁ ଦେଖିବା ପରେ ଅଫିସ୍ ଯାଏ।

– **ମହାଶ୍ୱେତା ତ୍ରିପାଠୀ**, କର୍ମଜୀବୀ, କିଟ୍ ୟୁନିଭର୍ସିଟି, ଭୁବନେଶ୍ୱର

ଖରାବେଳେ ରେଷ୍ଟ

ସକାଳୁ ତ ସବୁ କାମ। ସେଥିପାଇଁ ଉଠିବା ମାତ୍ରେ କାମରେ ଲାଗିଯାଏ। ଘରର କାମ, ପିଲାମାନେ ସ୍କୁଲ ଯିବେ, ଜଳଖିଆ, ରୋଷେଇ ଇତ୍ୟାଦି ଏମିତି ସବୁ ସବୁ ଭାବି ତରବରରେ କାମ ଆରମ୍ଭ କରେ। ତେଣୁ ଶୀଘ୍ର ଉଠି ସବୁ କାମ କରେ। ଯଦି ଉଠିବା ଡେରି ହୁଏ ତା'ହେଲେ ବିଭିନ୍ନ ସମସ୍ୟା ଦେଖାଦିଏ। ଅବଶ୍ୟ ଖରାବେଳକୁ ମୋର କାମ ପ୍ରାୟ ସରିଯାଏ। ତେଣୁ ସେତେବେଳକୁ ରେଷ୍ଟ ନିଏ।

– **ସ୍ମିତାଞ୍ଜଳି ବେହେରା**, ଗୃହିଣୀ, ନଖରା, କଟକ

ବରଂ ଘରର ସବୁ କାମ ସମସ୍ତଙ୍କ ପାଇଁ କ'ଣ ସବୁ କରିବାକୁ ହେବ ଏଥିପାଇଁ ମେଶିନ ଭଳି ଲାଗିପଡ଼ନ୍ତି। ଅନ୍ୟପଟେ ଯେଉଁମାନେ ସ୍ଲୋ ମର୍ନିଂ ଷ୍ଟାଇଲ୍ ଫଲୋ କରନ୍ତି ସେମାନେ ସକାଳୁ ପ୍ରଥମେ ନିଜ ପାଇଁ କିଛି ସମୟ ବାହାର କରନ୍ତି ଓ ଘରର କାମ ଲାଗି ଅତ୍ୟଧିକ ବ୍ୟସ୍ତ ହୁଅନ୍ତି ନାହିଁ। ଫଳରେ ସେମାନେ ପ୍ରଥମେ ଯୋଗ, ଧ୍ୟାନ କିମ୍ବା ବିଚାର ଯତ୍ନ ଭଳି ବିଭିନ୍ନ କାମ କରିଥାନ୍ତି।

ମାଧ୍ୟମ: ସ୍ଲୋ ମର୍ନିଂ ଲାଇଫଷ୍ଟାଇଲ୍ ଆପଣାଉଥିବା ମହିଳା ସକାଳୁ ଉଠି କାମ ଆରମ୍ଭ କରନ୍ତି କିନ୍ତୁ ବାଧ୍ୟବାଧକତା କିମ୍ବା ଅତ୍ୟଧିକ ବ୍ୟସ୍ତ ବିବ୍ରତ ହୋଇ କିଛି କରନ୍ତି ନାହିଁ। ବରଂ ସେମାନେ ଧୀରେ ଧୀରେ ନିଜ ଲାଗି ଆବଶ୍ୟକ କାମ ସାରିବା ପରେ ଅନ୍ୟ ସବୁ କାମ ଆରମ୍ଭ କରନ୍ତି। ତେଣୁ ନିଜ ନିଜର ଆବଶ୍ୟକତା ଅନୁସାରେ ସେମାନେ ଯୋଗ, ଧ୍ୟାନ କିମ୍ବା ଏକ୍ସରସାଇଜ୍ ଆଦି କରନ୍ତି। କିଛି ସମୟ ପରେ ଘରକାମ ଆରମ୍ଭ କରନ୍ତି।

ଆଡ୍‌ଜଷ୍ଟ: ଘରର କାମ କରିବା ଲାଗି ଏକ ଠିକ୍ ପ୍ଲାନିଂ କରିପାରିଲେ ସ୍ଲୋ ମର୍ନିଂ ଲାଇଫଷ୍ଟାଇଲ୍‌କୁ ମହିଳାମାନେ ଆପଣାଇ ପାରିବେ। ଅର୍ଥାତ୍ ସକାଳୁ ତରବର ହୋଇ କିଛି କରିବା ବଦଳରେ ପୂର୍ବ ରାତିରୁ କିଛି କାମ ସାରିଦେବା, ଜଳଖିଆ ସବୁଦିନ ନିଜେ କରିବା ବଦଳରେ କେବେକେବେ ବିକଳ୍ପ ବ୍ୟବସ୍ଥା କରିହେବ। ଏଥିପାଇଁ ସ୍ନାଉଟ୍, ଛତୁଆ, ଫଳ ଆଦି ରେଡିମେଡ୍ ଖାଦ୍ୟକୁ ମଧ୍ୟ ବିକଳ୍ପଭାବେ ନେଇପାରିବେ। ଏହା ସ୍ୱାସ୍ଥ୍ୟକର ହେବା ସହ ସମୟ ବଞ୍ଚାଇଥାଏ। ତେଣୁ ସକାଳୁ ଏସବୁ କାମ ପାଇଁ ତରବର ହେବାକୁ ପଡି ନ ଥାଏ।

କମ୍ କରିବା: ସବୁ କାମର ଦାୟିତ୍ୱ ନିଜେ ନେବା ଫଳରେ ଚାପ ଅଧିକ ରହିବ। ତେଣୁ ଘରର କିଛି କାମ ସାମର୍ଥ୍ୟ ଅନୁସାରେ ଅନ୍ୟମାନଙ୍କ ସହ ବାଣ୍ଟିବା ଦରକାର। ଏପରି କଲେ ନିଜେ କିଛି ପରିମାଣରେ ଚାପମୁକ୍ତ ହେବା ସହ ଘରର ଅନ୍ୟମାନେ ବି ଦାୟିତ୍ୱସମ୍ପନ୍ନ ହୋଇପାରିବେ। ବିଶେଷକରି କର୍ମଜୀବୀମାନେ ଏଭଳି ମ୍ୟାନେଜମେଣ୍ଟ ଶୈଳୀ ଉପରେ ଅଧିକ ଗୁରୁତ୍ୱଦେବା ଦରକାର। ଏହା ଫଳରେ ସେମାନଙ୍କ ଉପରେ କାମର ବୋଝ ମଧ୍ୟ କମ୍ ରହିବ।

ସୌନ୍ଦର୍ଯ୍ୟ

ସୁନ୍ଦର କରିବ କିସ୍‌ମିସ୍

ଡ୍ରାଏଫ୍ରୁଟ୍‌ଭାବେ କିସ୍‌ମିସ୍ ବ୍ୟବହାର କରାଯାଏ। କିନ୍ତୁ ତ୍ୱଚାକୁ ସୁନ୍ଦର ଓ ଅଧିକ ଗ୍ଲୋ କରିବା ପାଇଁ ମଧ୍ୟ ଏହାକୁ ବ୍ୟବହାର କରିହେବ। ଏଥିପାଇଁ ଜାଣିରଖନ୍ତୁ ଉପାୟ....

▶▶ ପ୍ରଥମେ ରାତିରେ ୧ କପ୍ କିସ୍‌ମିସ୍‌କୁ ୧ ଗ୍ଲାସ୍ ପାଣିରେ ଭିଜାଇ ଦିଅନ୍ତୁ। ରାତି ସାରା ଭିଜିବା ପରେ ସକାଳେ ସେଥିରୁ କିସ୍‌ମିସ୍ ସବୁ ବାହାରକରି ଦିଅନ୍ତୁ।

▶▶ କିସ୍‌ମିସ୍ ପାଣିରେ ୧ଚାମଚ ଚାଉଳଗୁଣ୍ଡ ସହ ୧ ଚାମଚ ମହୁ ମିଶାନ୍ତୁ। ଏହାକୁ ଭଲଭାବେ ଗୋଳାଇ ଏକ ପେଷ୍ଟ ତିଆରି କରନ୍ତୁ। ଏହାକୁ ମୁହଁରେ ଲଗାଇ ୧୫ ରୁ ୨୦ ମିନିଟ୍ ରଖି ଉଷୁମ ପାଣିରେ ଧୋଇଦିଅନ୍ତୁ।

▶▶ ଅଧା ଗ୍ଲାସ୍ କିସ୍‌ମିସ୍ ପାଣିରେ ଅଧା ଭାଗ ଗୋଲାପ ଜଳ ମିଶାନ୍ତୁ। ଏଥିରେ କିଛି ଲେମ୍ବୁରସ ମିଶାନ୍ତୁ। ଏବେ ଏହି ମିଶ୍ରଣରେ ଅଳ୍ପ ଲେମ୍ବୁରସ ମିଶାଇ ଟୋନର ଭଳି ଲଗାନ୍ତୁ। କିଛିଦିନ ପରେ ତ୍ୱଚା ବହୁତ ସୁନ୍ଦର ଦେଖାଯିବ।

▶▶ କିସ୍‌ମିସ୍‌ରେ ସ୍କ୍ରବ୍ ତିଆରିକରି ଲଗାନ୍ତୁ। ଏଥିପାଇଁ କସ୍‌ମିସ୍‌କୁ ଗ୍ରାଇଣ୍ଡିଂ କରି ଏଥିରେ କିଛି ଅଲିଭ୍ ଅଏଲ ମିଶାଇ ସ୍କ୍ରବ୍ ଭଳି ସପ୍ତାହକୁ ଥରେ ଲଗାନ୍ତୁ। କିଛିଦିନ ପରେ ତ୍ୱଚା ଅଧିକ ଉଜ୍ଜ୍ୱଳ ଦେଖାଯିବ।

▶▶ କିସ୍‌ମିସ୍ ପାଣିରେ ଆଇରନ, ଭିଟାମିନ୍ ଓ ମିନେରାଲ ରହିଛି। ତେଣୁ ଏହାର ପାଣିକୁ କେଶ ମୂଳରେ ଲଗାଇଲେ କେଶ ଝଡ଼ିବା ବନ୍ଦ ହେବା ସହ ଉଜ୍ଜ୍ୱଳତା ବଢ଼ିପାରିବ ଓ ଏହା ଶୀଘ୍ର ଧଳା ହେବ ନାହିଁ।

▶▶ ସ୍କିନ୍ ସୁନ୍ଦର କରିବା ପାଇଁ ଏଥିରେ ଆପଣ ଫେସ୍‌ପ୍ୟାକ୍ ବି ତିଆରି କରିପାରିବେ। ଏଥିପାଇଁ ୪ ଚାମଚ କିସ୍‌ମିସ୍ ରାତିରେ ପାଣିରେ ଭିଜାଇ ଦିଅନ୍ତୁ। ସକାଳୁ ଏହାକୁ ଗ୍ରାଇଣ୍ଡିଂ କରି ପେଷ୍ଟ ତିଆରି କରନ୍ତୁ। ଏଥିରେ ମହୁ ଓ ଅଳ୍ପ କିସ୍‌ମିସ୍ ପାଣି ମିଶାନ୍ତୁ। ଏହି ମିଶ୍ରଣକୁ ମୁହଁରେ ଲଗାଇ ୨୦ ମିନିଟ୍ ପର୍ଯ୍ୟନ୍ତ ଛାଡ଼ି ଦିଅନ୍ତୁ। ଏହାପରେ ମୁହଁକୁ ଧୋଇ ଦିଅନ୍ତୁ। ଏହି ପ୍ୟାକ୍ ଲଗାଇଲେ ମୁହଁରେ ବ୍ରଣ ସମସ୍ୟା ଦେଖାଦେଇ ନ ଥାଏ।

▶▶ ସ୍କିନ୍‌ର ସବୁ ସମସ୍ୟା ଓ ଇନ୍‌ଫେକ୍‌ଶନ ଦୂରକରିବା ପାଇଁ ଏଥିରୁ ଜେଲ୍ ପ୍ରସ୍ତୁତ କରିପାରିବେ। ଏଥିପାଇଁ ୬ ଚାମଚ କିସମିସ୍‌କୁ ରାତିରୁ ପାଣିରେ ଭିଜାଇ ଦିଅନ୍ତୁ। ସକାଳୁ ଏହାକୁ ଛାଣି ପେଷ୍ଟ ତିଆରି କରନ୍ତୁ। ଏବେ ଏଥିରେ ଆଲୋଭେରା ଜେଲ୍ ଓ ଭିଟାମିନ୍-ଇ କ୍ୟାପ୍‌ସୁଲ ମିଶାନ୍ତୁ। ମିଶ୍ରଣକୁ ପତଳା କରିବା ପାଇଁ ଭିଜା ହୋଇଥିବା କିସ୍‌ମିସ୍ ପାଣି ମଧ୍ୟ ବ୍ୟବହାର କରିପାରିବେ। ଏସବୁକୁ ଭଲଭାବେ ମିଶାଇ ଡବାରେ ଭର୍ତ୍ତିକରି ରଖନ୍ତୁ। ପ୍ରତିଦିନ ଏହି ଜେଲ୍ ଲଗାଇବା ଫଳରେ ସ୍କିନ୍‌ରେ ଥିବା ଇନ୍‌ଫେକଶନ ଦୂରହୋଇଥାଏ ଓ ସ୍କିନ୍ ସୁନ୍ଦର ହୋଇଥାଏ।

ଖାଦ୍ୟରୁଚି

ମ୍ୟାଙ୍ଗୋ କୁଲ୍‌ଫି

ଆବଶ୍ୟକ ସାମଗ୍ରୀ: ପାଚିଲା ଆମ୍ବ-୨ଟି, କ୍ଷୀର- ୧ ଲିଟର, ଚିନି- ଅଧା କପ୍, କଣ୍ଡେନ୍‌ସଡ୍ ମିଲ୍କ- ଅଧା କପ୍, କାଜୁ ଓ ପିସ୍ତା ବାଦାମ- ୪ ବଡ଼ ଚାମଚ, ଗୁଜୁରାତି ଗୁଣ୍ଡ- ୧ଛୋଟ ଚାମଚ।

ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ ଆମ୍ବରୁ ରସ ବାହାରକରି ଗ୍ରାଇଣ୍ଡିଂକରି ରଖନ୍ତୁ। ଏହାପରେ କ୍ଷୀରକୁ ଚୁଲିରେ ବସାଇ ସିଝାନ୍ତୁ। କୁଲ୍‌ଫି ତିଆରି ପାଇଁ ସବୁବେଳେ କ୍ଷୀରକୁ ଅଧିକ ସମୟ ସିଝାଇ ଗାଢ଼ା କରିବେ। ସିଝିବାବେଳେ କ୍ଷୀର ଯେତେବେଳେ ଅଧା ହୋଇଆସିବ ସେଥିରେ ଚିନି ଓ କଣ୍ଡେନ୍‌ସଡ୍ ମିଲ୍କ ମିଶାନ୍ତୁ। ଏହାକୁ ଲଗାତର କିଛି ସମୟ ଗୋଳାନ୍ତୁ। ବହଳିଆ ହୋଇ ଆସିଲେ ସେଥିରେ ଗ୍ରାଇଣ୍ଡିଂ ହୋଇଥିବା ଆମ୍ବରସ ମିଶାନ୍ତୁ। ଏହା ପରେ ଗୁଜୁରାତି ଗୁଣ୍ଡ ପକାନ୍ତୁ। ଶେଷରେ ଏଥିରେ କାଜୁ ଓ ପିସ୍ତା ବାଦାମକୁ ଛୋଟ ଛୋଟ କରି କାଟି ପକାନ୍ତୁ। କିଛି ସମୟ ଗୋଳାଇବା ପରେ ଗ୍ୟାସ୍ ବନ୍ଦ କରିଦେଇ ମିଶ୍ରଣକୁ ଥଣ୍ଡା ହେବା ପାଇଁ ଛାଡ଼ି ଦିଅନ୍ତୁ। ଥଣ୍ଡା ହୋଇଗଲେ ଏହି ମିଶ୍ରଣକୁ କୁଲ୍‌ଫି ମୋଲ୍ଡ କିମ୍ବା ଛୋଟ ପାତ୍ରରେ ଭର୍ତ୍ତିକରି ଫ୍ରିଜରରେ ରଖିଦିଅନ୍ତୁ। ପ୍ରାୟ ୮-୯ ଘଣ୍ଟା ପରେ ଏହା ବରଫ ହୋଇଯାଇଥିବ। ତେଣୁ ଫ୍ରିଜରରୁ ବାହାରକରି ଖାଇବାକୁ ଦିଅନ୍ତୁ ପ୍ରସ୍ତୁତ ହୋଇଥିବା କୁଲ୍‌ଫି। ଖରାଦିନେ ଏହା ବେଶ୍ ସ୍ୱାଦିଷ୍ଟ ଲାଗିବ।

ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୨ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ମଙ୍ଗଳବାର, ଏପ୍ରିଲ ୨୨/୨୦୨୫ Bhubaneswar, Tuesday, April 22/ 2025

ପିଆଷ୍ଟ୍ରି ଜିତିଲେ ସାଉଦି ଆରବିଆନ ଗ୍ରାଁ ପ୍ରି

ଜେଦାହ, ୨୧।୪ (ଏପି): ଓସ୍କାର ପିଆଷ୍ଟ୍ରି ସାଉଦି ଆରବିଆନ ଫର୍ମୁଲା ୱାନ ମୋଟର ରେସ୍ ଜିତିଛନ୍ତି। ଏଥିସହିତ ସେ ଓଭରଅଲ ଅଗ୍ରଣୀ ଲାଭ କରିଛନ୍ତି। ବର୍ଷରେ ଏହା ହେଉଛି ତାଙ୍କର ତୃତୀୟ ବିଜୟ। ରେଡ୍‌ବୁଲର ମାକ୍ସ ଭର୍ଷ୍ଟାପେନ୍‌ଙ୍କୁ ଏକ ପେନାଲ୍‌ଟି ହେବାରୁ ପିଆଷ୍ଟ୍ରିଙ୍କୁ ଏଥିରୁ ଫାଇଦା ମିଳିଥିଲା। ଭର୍ଷ୍ଟାପେନ୍ ପ୍ରଥମ କର୍ନରରେ ଟ୍ରାକ୍ ବାହାରକୁ ଯାଇ ବେଆଇନ ଭାବେ ପିଆଷ୍ଟ୍ରିଙ୍କୁ ଅତିକ୍ରମ କରି ଅଗ୍ରଣୀ ହେବାକୁ ଉଦ୍ୟମ କରିଥିବାରୁ ତାଙ୍କୁ ୫ସେକେଣ୍ଡ ପେନାଲ୍ଟି ହୋଇଥିଲା। କ୍ୱାଲିଫାଇଂରେ ଦୁର୍ଘଟଣା ପରେ ୧୦ମ ସ୍ଥାନରୁ ରେସ୍ ଆରମ୍ଭ କରିଥିବା ମ୍ୟାକ୍‌ଲରେନର ଲାଣ୍ଡୋ ନୋରିସ ଫେରାରିର ଚାର୍ଲ୍ସ ଲେକ୍‌ରେକ୍‌ଙ୍କ ପଛରେ ଚତୁର୍ଥ ସ୍ଥାନ ଅଧିକାର କରିଥିଲେ। ଚଳିତ ସିଜନରେ ଏପର୍ଯ୍ୟନ୍ତ ଶେଷ ହୋଇଥିବା ୫ଟି ରେସ୍ ମଧ୍ୟରୁ ପିଆଷ୍ଟ୍ରି ୩ଟିରେ ବିଜୟ ଲାଭ କରିପାରିଛନ୍ତି। ଫଳରେ ଏହି ଅଷ୍ଟ୍ରେଲୀୟ ଡ୍ରାଇଭର ଚାମ୍ପିୟନଶିପ୍ ଟେବୁଲରେ ନୋରିସଙ୍କଠାରୁ ୧୦ ପଏଣ୍ଟ ଆଗରେ ପ୍ରଥମ ସ୍ଥାନରେ ରହିଛନ୍ତି।

ଆଇପିଏଲ୍ କାର୍ଯ୍ୟସୂଚୀ

(ଆଜିର ମ୍ୟାଚ)

ଲକ୍ଷ୍ନୌ ବନାମ ଦିଲ୍ଲୀ

ସ୍ଥାନ: ଲକ୍ଷ୍ନୌ

ସମୟ: ସନ୍ଧ୍ୟା ୭.୩୦

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

ଗୋଆ-ପଞ୍ଜାବ କ୍ୱାର୍ଟର ଫାଇନାଲ

ଓଡ଼ିଶା ଏଫ୍‌ସି ଓ ପଞ୍ଜାବ ଏଫ୍‌ସି ମଧ୍ୟରେ ଅନୁଷ୍ଠିତ ସୁପର କପ୍ ଫୁଟବଲ ମ୍ୟାଚ। (ଫଟୋ: ବିକାଶ ନାୟକ)

ଭୁବନେଶ୍ୱର, ୨୧।୪ (ତପନ ସ୍ୱାଇଁ)

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା କଳିଙ୍ଗ ସୁପର କପ୍‌ରୁ ଓଡ଼ିଶା ଏଫ୍‌ସି ଅଭିଯାନ ଶେଷ ହୋଇଛି। ସୋମବାର ରାତି ୮ଟାରେ ଅନୁଷ୍ଠିତ ପ୍ରି-କ୍ୱାର୍ଟର ଫାଇନାଲରେ ଘରୋଇ ଦଳ ୦-୩ ଗୋଲରେ ପଞ୍ଜାବ ଏଫ୍‌ସି ନିକଟରୁ ହାରି ଯାଇଛି। ଆରମ୍ଭରୁ ଆଧିପତ୍ୟ ବିସ୍ତାର କରି ଖେଳିଥିବା ପଞ୍ଜାବ ଏଫ୍‌ସି ପକ୍ଷରୁ ଅସ୍ମିର ସୁଲିଜିକ୍ ୧୪ଶ ମିନିଟରେ ଏକ ଗୋଲ ଦେଇ ପ୍ରଥମାର୍ଦ୍ଧ ଶେଷସୁଦ୍ଧା ଦଳକୁ ୧-୦ରେ ଅଗ୍ରଣୀ କରିଥିଲେ। ପରେ ୬୯ତମ ମିନିଟରେ ପୁଲ୍‌ଗା ଭିଦାଲ ଓ ୯୦ତମ ମିନିଟରେ ନିହାଲ ସୁଦେଶ ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ। ପଞ୍ଜାବ ଏଫ୍‌ସି ଆସନ୍ତା ୨୬ରେ କ୍ୱାର୍ଟର ଫାଇନାଲରେ ଏଫ୍‌ସି ଗୋଆକୁ ଭେଟିବ। ପୂର୍ବରୁ ଅପରାହ୍ନରେ ଅନୁଷ୍ଠିତ ମ୍ୟାଚରେ ଗୋଆ ଦଳ ୩-୦ ଗୋଲରେ ଗୋକୁଲମ୍ କେରଳ ଏଫ୍‌ସିକୁ ପରାସ୍ତ କରିଛି। ଇକର ଗୁଆରୋକ୍ସେନା ଭାଲେଜୋ ହ୍ୟାଟ୍ରିକ ଗୋଲ ଦେଇ ଗୋଆକୁ କ୍ୱାର୍ଟର ଫାଇନାଲକୁ ନେଇଛନ୍ତି। ମ୍ୟାଚରେ ଭାଲେଜୋ ଫଳାଫଳରେ ଫରକ ଆଣିଥିଲେ। ସେ ମ୍ୟାଚର ୨୩

କଳିଙ୍ଗ ସୁପର କପ୍‌ରୁ ଓଡ଼ିଶା ଏଫ୍‌ସି ଅଭିଯାନ ଶେଷ

ଓ ୩୫ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇ ପ୍ରଥମାର୍ଦ୍ଧ ଶେଷସୁଦ୍ଧା ଦଳକୁ ୨-୦ରେ ଅଗ୍ରଣୀ କରିଥିଲେ। ପରେ ଦ୍ୱିତୀୟାର୍ଦ୍ଧରେ ଅର୍ଥାତ୍ ୭୧ତମ ମିନିଟରେ ଆଉ ଏକ ଗୋଲ ଦେଇ ହ୍ୟାଟ୍ରିକ ପୂରଣ କରିଥିଲେ। ୫୧ତମ ମିନିଟରେ ଗୋକୁଲମ୍‌ର ମାର୍ଟିନ ନିକୋଲାସ ଚାଭେସ ଗାର୍ସିଆ ବିପଜ୍ଜନକ ପ୍ରଦର୍ଶନ ପାଇଁ ୟେଲୋ କାର୍ଡ ପାଇବା ଥିଲା ମ୍ୟାଚର ଅନ୍ୟତମ ଉଲ୍ଲେଖନୀୟ ଘଟଣା। ମ୍ୟାଚ ବିଜୟୀ ପ୍ରଦର୍ଶନ ପାଇଁ ଭାଲେଜୋଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଛି। ଅନ୍ୟପକ୍ଷରେ ଅନ୍ୟପକ୍ଷରେ ପରାଜୟ ସହ ଆଇ-ଲିଗ୍ ଟିମ୍ ଗୋକୁଲମ୍‌ର ଅଭିଯାନ ଶେଷ ହୋଇଛି। କ୍ରୀଡ଼ା ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର ଅତିଥିଭାବେ ଯୋଗଦେଇ ଖେଳାଳିଙ୍କ ସହ ପରିଚିତ ହୋଇଥିଲେ।

ସୁନ୍ଦରଗଡ଼ ସ୍ପୋର୍ଟ୍ସ ହଷ୍ଟେଲ ଚାମ୍ପିୟନ

ପୁରସ୍କାର ସହ ଖେଳାଳିମାନେ ଅତିଥିଙ୍କ ଗହଣରେ।

ଝାରସୁଗୁଡ଼ା, ୨୧।୪

(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ଜିଲା ହକି ସଂଘ ଆନୁକୂଲ୍ୟରେ ଗତ ୩ ଦିନ ଧରି ଚାଲିଥିବା ୧୭ ବର୍ଷରୁ କମ୍ ଆନ୍ତଃ ରାଜ୍ୟ ବାଳିକା ୫-ଏ ସାଇଡ୍ ହକି ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ୍‌ରେ ସୁନ୍ଦରଗଡ଼ ସ୍ପୋର୍ଟ୍ସ ହଷ୍ଟେଲ ୫-୩ ଗୋଲରେ ସାଇ ହଷ୍ଟେଲ ସୁନ୍ଦରଗଡ଼କୁ ହରାଇ ଚାମ୍ପିୟନ ହୋଇଛି। ଚାମ୍ପିୟନ ଦଳକୁ ମୁଖ୍ୟଅତିଥି ଝାରସୁଗୁଡା ବିଧାୟକ ଟଙ୍କଧର ତ୍ରିପାଠୀ ଟ୍ରଫି ସହ ୫୦ ହଜାର ଟଙ୍କା ପୁରସ୍କାର ରାଶି ପ୍ରଦାନ କରିଥିଲେ। ରନର ଅପ୍ ସାଇ ହଷ୍ଟେଲ ସୁନ୍ଦରଗଡକୁ ଟ୍ରଫି ସହ ୩୦ ହଜାର ଟଙ୍କା ପୁରସ୍କାର ରାଶି ବେଦାନ୍ତ ପାୱାର ପ୍ଲାଣ୍ଟ ମୁଖ୍ୟ ଅଜୟ ପାଣ୍ଡେ ପ୍ରଦାନ କରିଥିଲେ। ଏହି ପ୍ରତିଯୋଗିତା ସଫଳ ପାଇଁ ଝାରସୁଗୁଡା ବେଦାନ୍ତ ଆଲୁମିନିୟମ ପକ୍ଷରୁ ସମସ୍ତ ପ୍ରକାର ସାହାଯ୍ୟ ଏବଂ ସହଯୋଗ ପ୍ରଦାନ କରାଯାଇଥିଲା।

ଡୁପ୍ଲାଣ୍ଟିସ୍, ବାଇଲ୍ସଙ୍କୁ ଲୌରିଅସ ପୁରସ୍କାର

ମାଡ୍ରିଡ୍, ୨୧।୪ (ପି.ଟି.)

ଲୌରିଅସ୍ ବିଶ୍ୱ କ୍ରୀଡ଼ା ପୁରସ୍କାର ସମାରୋହ ଏଠାରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଷ୍ଟାର ପୋଲ୍‌ଭଲ୍ଟର ମୋଣ୍ଡୋ ଡୁପ୍ଲାଣ୍ଟିସ ସ୍ପୋର୍ଟ୍ସ ମ୍ୟାନ ଅଫ୍ ଦି ଇୟର ପୁରସ୍କାରରେ ସମ୍ମାନିତ ହୋଇଥିବା ବେଳେ ଆମେରିକାନ୍ ଜିମ୍ନାଷ୍ଟ ସିମୋନ ବାଇଲ୍ସ ସ୍ପୋର୍ଟ୍ସ ଓମ୍ୟାନ ଅଫ୍ ଦି ଇୟର ପୁରସ୍କାର ଲାଭ କରିଛନ୍ତି। ୨୫ବର୍ଷୀୟ ଡୁପ୍ଲାଣ୍ଟିସଙ୍କୁ ସର୍ବକାଳୀନ ମହାନ ପୋଲ୍‌ଭଲ୍ଟର ଭାବେ ବିବେଚନା କରାଯାଇଥାଏ। ଏହି ପୁରସ୍କାର ପାଇଁ ସେ ଗତ ୩ବର୍ଷ ହେଲା ତାଙ୍କ ନାମ ସୁପାରିସ ହୋଇ ଆସୁଥିଲା। ୪ର୍ଥ ଥର ସେ ଭାଗ୍ୟଶାଳୀ ବିବେଚିତ ହୋଇ ପୁରସ୍କାର ଜିତିପାରିଛନ୍ତି। ଫଳରେ ସେ ଉସେନ ବୋଲ୍ଟଙ୍କ ପରେ ଦ୍ୱିତୀୟ ଦୌଡ଼କୁଦ ଆଥ୍‌ଲେଟଭାବେ ଏହି ମର୍ଯ୍ୟାଦାପୂର୍ଣ୍ଣ ପୁରସ୍କାର ହାସଲ କରିବାର ଗୌରବ ଅର୍ଜନ କରିଛନ୍ତି। ବୋଲ୍ଟ ଏହି ପୁରସ୍କାର ୪ଥର ଜିତିବାରେ ସୌଭାଗ୍ୟ ଅର୍ଜନ କରିଛନ୍ତି।

ଡୁପ୍ଲାଣ୍ଟିସ ମାର୍ଚ୍ଚରେ ତାଙ୍କ ଦ୍ୱିତୀୟ ୱାର୍ଲ୍ଡ ଇନ୍‌ଡୋର ଚାମ୍ପିୟନଶିପ୍ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ସେ ଆହୁରି ମଧ୍ୟ ପ୍ୟାରିସ ଅଲିମ୍ପିକ୍ସ ସ୍ୱର୍ଣ୍ଣ ଜିତିବା ପୂର୍ବରୁ ୨୦୨୪ରେ ୯ଥର ତାଙ୍କ ବିଶ୍ୱ ରେକର୍ଡ ଭଙ୍ଗ କରିଥିଲେ। ଏହି ସ୍ୱିଡି-ଆମେରିକାନ ସ୍ପେନର କାର୍ଲୋସ ଅଲ୍‌କରାଜ (ଟେନିସ), ଫ୍ରାନ୍ସର ଲିଅନ ମର୍ଚାଣ୍ଡ (ସୁଇମିଂ), ସ୍ଲୋଭେନିଆର ଟାଜେଡ ପୋଗାକାର (ସାଇକ୍ଲିଂ) ଓ ନେଦରଲାଣ୍ଡର ମାକ୍ସ ଭର୍ଷ୍ଟାପେନ୍ (ମୋଟର ସ୍ପୋର୍ଟ୍ସ)ଙ୍କୁ ଭୋଟ୍‌ରେ ପଛରେ ପକାଇ ଦେଇଥିଲେ। ଟେନିସ ଷ୍ଟାର ରାଫେଲ ନାଡାଲ ସ୍ପୋର୍ଟିଂ ଆଇକନ ପୁରସ୍କାର ଲାଭ କରିଛନ୍ତି।

ଗୁଜରାଟର ସହଜ ବିଜୟ

କୋଲକାତା, ୨୧।୪

ଶୁବମନ ଗିଲ ଓ ସାଇ ସୁଦର୍ଶନଙ୍କ ଅର୍ଦ୍ଧଶତକ ପାଳି ବଳରେ ଗୁଜରାଟ ଟାଇଟନ୍ସ (ଜିଟି) ୩୯ ରନରେ କୋଲକାତା ନାଇଟ୍ ରାଇଡର୍ସ (କେକେଆର)କୁ ପରାସ୍ତ କରିଛି। ଏହା ଗୁଜରାଟର ଷଷ୍ଠ ବିଜୟ ହୋଇଥିବା ବେଳେ କୋଲକାତା ଲାଗି ପଞ୍ଚମ ପରାଜୟ।

ଆମନ୍ତ୍ରଣ ପାଇ ପ୍ରଥମେ ବ୍ୟାଟିଂ କରିଥିବା ଗୁଜରାଟ ନିର୍ଦ୍ଧାରିତ ୨୦ ଓଭରରେ ୩ ଉଇକେଟ ହରାଇ ୧୯୮ ରନ କରିଥିଲା। ଦଳ ପାଇଁ ଅଧିନାୟକ ଶୁବମନ ଗିଲ ଓ ସାଇ ସୁଦର୍ଶନଙ୍କ ଓପନିଂ ଯୋଡ଼ି ୧୧୪ ରନ କରିଥିଲା। ସୁଦର୍ଶନ ୩୬ ବଲରେ ୫୨(୬ଟି ଚୌକା ଓ ଗୋଟିଏ ଛକା) ଓ ଗିଲ ୫୫ ବଲରେ ୯୦ (୧୦ ଚୌକା ଓ ୩ ଛକା) ରନ କରି ପାଭିଲିଅନ ଫେରିଥିଲେ। ଶେଷ ଆଡ଼କୁ ବଟଲର ୨୩ ବଲରେ ଅପରାଜିତ ୪୧ (୮ ଚୌକା) ରନ କରିଥିଲେ। ଜବାବରେ ଆରମ୍ଭରୁ କ୍ରମାଗତ ବ୍ୟବଧାନରେ ଉଇକେଟ ହରାଇଥିବା କେକେଆର୍ ନିର୍ଦ୍ଧାରିତ ୨୦ ଓଭରରେ ୮ ଉଇକେଟ ହରାଇ ୧୫୯ ରନ କରିବାକୁ ସକ୍ଷମ ହୋଇଥିଲା। ଅଧିନାୟକ ଅଜିଙ୍କ୍ୟ ରାହାନେ ୩୬ ବଲରେ ୫୦ (୫ ଚୌକା ଓ ୧ ଛକା), ଅଙ୍ଗକ୍ରିଶ ରଘୁବଂଶୀ ୧୩ ବଲରେ ୨୭ ଓ ଆନ୍ଦ୍ରେ ରସେଲ ୨୧ ରନ କରିଥିବା ବେଳେ ଅନ୍ୟମାନେ ବିଫଳ ହୋଇଥିଲେ। ଗୁଜରାଟ ପକ୍ଷରୁ ରଶିଦ ଖାନ ଓ ପ୍ରସିଦ୍ଧ କ୍ରୀଷ୍ଣା ଦୁଇଟି ଲେଖାଏ ଉଇକେଟ ନେଇଥିଲେ।

ଶଟ୍ ଖେଳିବା ଅବସରରେ ଶୁବମନ ଗିଲ୍।

ସଂକ୍ଷିପ୍ତ ସ୍କୋର

ଗୁଜରାଟ ଟାଇଟନ୍ସ: ୨୦ ଓଭରରେ ୧୯୮/୩ (ଶୁବମନ ଗିଲ-୯୦, ସାଇ ସୁଦର୍ଶନ-୫୨, ଜୋସ ବଟଲର-୪୧*, ଆନ୍ଦ୍ରେ ରସେଲ-୧/୧୩)।

କୋଲକାତା ନାଇଟ୍ ରାଇଡର୍ସ: ୨୦ ଓଭରରେ ୧୫୯/୮ (ଅଜିଙ୍କ୍ୟ ରାହାନେ-୫୦, ଅଙ୍ଗକ୍ରିଶ ରଘୁବଂଶୀ-୨୭*, ଆନ୍ଦ୍ରେ ରସେଲ-୨୧, ରଶିଦ ଖାନ-୨/୨୫, ପ୍ରସିଦ୍ଧ କ୍ରିଷ୍ଣା-୨/୨୫)।

ଆଇପିଏଲ୍ ପଏଣ୍ଟ ଟେବୁଲ

ଦଳ	ମ୍ୟାଚ	ବିଜୟ	ପରାଜୟ	ପଏଣ୍ଟ	ରନ ହାର
ଗୁଜରାଟ ଟାଇଟନ୍ସ	୮	୬	୨	୧୨	+୧.୧୦୪
ଦିଲ୍ଲୀ କ୍ୟାପିଟାଲ୍ସ	୭	୫	୨	୧୦	+୦.୫୮୯
ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ	୮	୫	୩	୧୦	+୦.୪୭୨
ପଞ୍ଜାବ କିଙ୍ଗ୍ସ	୮	୫	୩	୧୦	+୦.୧୭୭
ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ	୮	୫	୩	୧୦	+୦.୦୮୮
ମୁମ୍ବାଇ ଇଣ୍ଡିଆନ୍ସ	୮	୪	୪	୮	+୦.୪୮୩
କୋଲକାତା ନାଇଟ ରାଇଡର୍ସ	୮	୩	୫	୬	+୦.୨୧୨
ରାଜସ୍ଥାନ ରୟାଲ୍ସ	୮	୨	୬	୪	-୦.୬୩୩
ସନ୍‌ରାଇଜର୍ସ ହାଇଦ୍ରାବାଦ	୭	୨	୫	୪	-୧.୨୧୭
ଚେନ୍ନାଇ ସୁପର କିଙ୍ଗ୍ସ	୮	୨	୬	୪	-୧.୩୯୨

ଏସିଆନ କପ୍ ଯୋଗ୍ୟତା

ଭାରତୀୟ ଦଳରେ କିସ୍‌ର ୨ ଖେଳାଳି

ଭୁବନେଶ୍ୱର, ୨୧।୪ (ତପନ ସ୍ୱାଇଁ)

ଥାଇଲାଣ୍ଡର ବ୍ୟାଙ୍କକ୍‌ଠାରେ ମହିଳା ବେସ୍‌ବଲ ଏସିଆନ କପ୍ ଯୋଗ୍ୟତା ପର୍ଯ୍ୟାୟ ଟୁର୍ନାମେଣ୍ଟ ଚଳିତ ମାସ ୨୩ରୁ ୨୯ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏଥିପାଇଁ ମନୋନୀତ ଭାରତୀୟ ଦଳରେ କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ ଅଫ୍ ସୋସିଆଲ ସାଇନ୍ସେସ (କିସ୍)ର ୨ ଖେଳାଳି ସାମିଲ ହୋଇଛନ୍ତି। ସେମାନେ ହେଲେ ଦୀପା ମାଝି ଓ ଧରିତ୍ରୀ ସିଂ। ପଞ୍ଜାବର ସଙ୍ଗୁରଠାରେ ଗତ ୨ରୁ ୨୦ ପର୍ଯ୍ୟନ୍ତ କୋଚିଂ କ୍ୟାମ୍ପ ପରେ ଭାରତୀୟ ଦଳ ଚୟନ ହୋଇଛି। ଗ୍ରୁପ୍ ପର୍ଯ୍ୟାୟରେ ଭାରତ ୨୩ରେ ପାକିସ୍ତାନ, ୨୪ରେ ଶ୍ରୀଲଙ୍କା ଓ ୨୫ରେ ଇରାନକୁ ଭେଟିବ। ଗ୍ରୁପ୍ 'ବି'ରେ କାମ୍ବୋଡ଼ିଆ, ଇଣ୍ଡୋନେସିଆ, ମାଲେସିଆ ଓ ଥାଇଲାଣ୍ଡ ସ୍ଥାନ ପାଇଛି। କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ, ଓଡ଼ିଶା ବେସ୍‌ବଲ ଆସୋସିଏଶନ ସମ୍ପାଦକ ଶିବାନନ୍ଦ ପ୍ରଧାନ, ପୂର୍ବତନ ସଭାପତି ପଙ୍କଜ ଲୋଚନ ମହାନ୍ତି ପ୍ରମୁଖ ଉଭୟ ଖେଳାଳିଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

ଅନିମେଶଙ୍କୁ ରୌପ୍ୟ ପଦକ

ଭୁବନେଶ୍ୱର, ୨୧।୪ (ତପନ ସ୍ୱାଇଁ)

ନ୍ୟାଶନାଲ ଫେଡେରେଶନ ଆଥ୍‌ଲେଟିକ୍ସ

କେରଳର କୋଚିଠାରେ ୨୮ତମ ନ୍ୟାଶନାଲ ଫେଡେରେଶନ ସିନିୟର ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍ ଆରମ୍ଭ ହୋଇଛି। ଏଥିରେ ଓଡ଼ିଶାରୁ ମୋଟ ୧୬ ଆଥ୍‌ଲେଟ ଅଂଶଗ୍ରହଣ କରିଛନ୍ତି। ପ୍ରଥମ ଦିବସରେ ପ୍ରତିଦ୍ୱନ୍ଦ୍ୱିତା କରିଥିବା ଟପ୍ ଆଥ୍‌ଲେଟଙ୍କ ମଧ୍ୟରେ ଏର୍‌ପିସିର ଅନିମେଶ କୁଜୁର ପୁରୁଷ ୧୦୦ ମିଟର ରେସ୍‌ରେ ରୌପ୍ୟ ପଦକ ହାସଲ କରିଛନ୍ତି। ସେ ୧୦.୩୨ ସେକେଣ୍ଡ ସମୟ ନେଇ ଏହି ସଫଳତା ପାଇଛନ୍ତି। ରେଲୱେର ପ୍ରଣବ ପ୍ରମୋଦ ଗୌରବ ୧୦.୨୭ ସେକେଣ୍ଡ ସହ ପ୍ରଥମ ଏବଂ କର୍ନାଟକର ମଣିକାନ୍ତ ହୋଲ୍ଲିଧର ୧୦.୩୫ ସେକେଣ୍ଡ ସହିତ ତୃତୀୟ ସ୍ଥାନ ପାଇଛନ୍ତି। ୧୦୦ ମିଟର ମହିଳା ଇଭେଣ୍ଟରେ କିନ୍ତୁ ଓଡ଼ିଶାର ତାରକା ସ୍ପ୍ରିଣ୍ଟର ଶ୍ରାବଣୀ ନନ୍ଦଙ୍କୁ ଚତୁର୍ଥ ସ୍ଥାନରେ ସନ୍ତୁଷ୍ଟ ହେବାକୁ ପଡ଼ିଛି। ସେ ୧୧.୭୭ ସେକେଣ୍ଡ ସମୟ ନେଇଛନ୍ତି। ସେହିପରି ଜାଭେଲିନ୍ ଥ୍ରୋରେ ଓଡ଼ିଶାର ତାରକା ଆଥଲେଟ୍ କିଶୋର କୁମାର ଜେନାଙ୍କୁ ମଧ୍ୟ ୪ର୍ଥ ସ୍ଥାନ ମିଳିଛି। ସେ ୭୭.୮୨ ମିଟର ଥ୍ରୋ କରି ନିରାଶ ହୋଇଛନ୍ତି। ୧୫୦୦ ମିଟରରେ ଅଶୋକ ଦଣ୍ଡସେନା ରେସ୍ ଆରମ୍ଭ କରିପାରି ନାହାନ୍ତି। ଓଡ଼ିଶାରୁ ପ୍ରତିନିଧିତ୍ୱ କରୁଥିବା ଅନ୍ୟ ଆଥ୍‌ଲେଟମାନେ ହେଲେ ଲକ୍ଷ୍ମୀପ୍ରିୟା କିଶାନ, ପ୍ରଜ୍ଞା ପ୍ରଶାନ୍ତି, ନିଖିଲ ଦାସ, ସ୍ୱାଧୀନ କୁମାର ମାଝି, ଅମିୟ କୁମାର ମଲିକ, ଅବ୍ୟକ୍ତ ମିର୍ଦ୍ଧା, ଡି. ଜୟରାମ, ଯଶବୀର ନାୟକ, ସରୁନ ପାୟାସିଂ, ଅସ୍ତିକ ପ୍ରଧାନ, ଲାଲୁ ପ୍ରସାଦ ଭୋଇ ଓ ଅଭିନାଂଶୁ ସାହୁ।

ମନୀଷ ଚାମ୍ପିୟନ, ଆୟୁଷ ଆର୍ଯ୍ୟନ ରନରଅପ୍

ଭୁବନେଶ୍ୱର, ୨୧।୪ (ତପନ ସ୍ୱାଇଁ)

ଅଲ୍ ଓଡିଶା ସ୍କୁଲ ଚେସ୍

ପଟିଆସ୍ଥିତ ଟ୍ରାଇଡେଣ୍ଟ ଏକାଡେମୀ ଅଫ ଟେକ୍ନୋଲୋଜି ପରିସରରେ ୩୪ ତମ କିଙ୍ଗ୍ ରାଜ୍ୟସ୍ତରୀୟ ସ୍କୁଲ ଚେସ ଅନୁଷ୍ଠିତ ହୋଇଛି। ଏଥିରେ ରେକର୍ଡ ୨୦୦ ଖେଳାଳିଙ୍କ ମଧ୍ୟରେ ୪୫ ଜଣ ଅର୍ନ୍ତଜାତୀୟ ରେଟେଡ ଖେଳାଳି ଭାଗନେଇଥିଲେ। ୭ ରାଉଣ୍ଡ ବିଶିଷ୍ଟ ପ୍ରତିଯୋଗିତାରେ ମନୀଷ ମିଶ୍ର ୬.୫ ପଏଣ୍ଟ ପାଇ ବୁକୋଲୋଜ ଭିତ୍ତିରେ ଚାମ୍ପିୟନ ଓ ଆୟୁଷ ଆର୍ଯ୍ୟନ୍ ମହାପାତ୍ର ରନରଅପ୍ ହୋଇଛନ୍ତି। ୩ୟ ସ୍ଥାନରେ ରହି ଉଦୟକାନ୍ତ ନାୟକ ପୁରସ୍କୃତ ହୋଇଥିଲେ। ସେହିଭଳି ଆଦର୍ଶ କୁମାର ବେରିହା ୪ର୍ଥ, ଇସାନି ଦାସ ୫ମ, ସାୟଂଶ ଦାସ ୬ଷ୍ଠ, ରୋହିତ ମଲ୍ଲିକ ୭ମ, ଶ୍ରଦ୍ଧା ସ୍ମରଣିକା ନନ୍ଦ ୮ମ, ଶୁଭାଶିଷ ବାରିକ ୯ମ ଏବଂ ଗୁରୁପ୍ରସାଦ ଦାସ ପ୍ରଭୃତି ଶ୍ରେଷ୍ଠ ୧୦ ଜଣଙ୍କ ମଧ୍ୟରେ ରହି ପୁରସ୍କୃତ ହୋଇଥିଲେ। ବିଭିନ୍ନ ବୟସ ବର୍ଗରେ ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ଖେଳାଳିଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। କିଙ୍ଗ ଚେସ ସେଣ୍ଟର୍ ଦ୍ୱାରା ଏହି ପ୍ରତିଯୋଗିତା ଆୟୋଜନ ହୋଇଥିଲା। କିଙ୍ଗ ଚେସ ସେଣ୍ଟର୍‌ର ପ୍ରତିଷ୍ଠାତା ତଥା ବରିଷ୍ଠ କୋଚ୍ ବିଶ୍ୱଜିତ ରାୟଙ୍କ ପୌରହିତ୍ୟରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ଅଲ୍ ଓଡ଼ିଶା ଚେସ ଆସୋସିଏଶନ୍ ସମ୍ପାଦକ ଦେବବ୍ରତ ଭଟ୍ଟ ମୁଖ୍ୟ ଅତିଥି, ତ୍ରିପଲ ସି' ଚେସ କ୍ଲବ୍‌ର ସମ୍ପାଦକ ବିରଞ୍ଚି ନାରାୟଣ ସାହୁ ସମ୍ମାନିତ ଅତିଥି ଏବଂ ଟ୍ରାଇଡେଣ୍ଟ କଲେଜ ର ସ୍ପୋର୍ଟ୍ସ ଅଫିସର ରଞ୍ଜନ କୁମାର ପ୍ରଧାନ ପ୍ରମୁଖ ଅନ୍ୟତମ ଅତିଥିଭାବେ ଯୋଗ ଦେଇ ଖେଳାଳି ମାନଙ୍କୁ ପୁରସ୍କୃତ କରିଥିଲେ। କୋଚ୍ ପ୍ରଶାନ୍ତ ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

ଅତିଥିଙ୍କ ସହ କୃତୀ ପ୍ରତିଯୋଗୀମାନେ ।

ଟପ୍ ଗ୍ରେଡ୍ ବଜାୟ ରଖିଲେ ରୋହିତ ଓ ବିରାଟ

ନୂଆଦିଲ୍ଲୀ, ୨୧।୪ (ପି.ଟି.)

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ତରଫରୁ ସୋମବାର ବାର୍ଷିକ ଖେଳାଳି ଚୁକ୍ତିତାଲିକା ଘୋଷଣା କରାଯାଇଛି। ଏଥିରେ ମେଗାଷ୍ଟାର ରୋହିତ ଶର୍ମା ଓ ବିରାଟ କୋହଲି ଟପ୍ ଗ୍ରେଡ୍‌ରେ ସେମାନଙ୍କ ସ୍ଥାନ ବଜାୟ ରଖିଛନ୍ତି। ୩୪ ଜଣିଆ କେନ୍ଦ୍ରୀୟ ଚୁକ୍ତିତାଲିକାକୁ ଶ୍ରେୟସ ଆୟର ଓ ଇଶନ କିଶନ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଅବଶ୍ୟ ସେମାନଙ୍କୁ ଲୋୟର ବ୍ରାକେଟରେ ସ୍ଥାନ ମିଳିଛି। ସର୍ବାଧିକ ଫି' ପ୍ରାପ୍ୟ ଏ+ କାଟେଗୋରିରେ ଯଶପ୍ରୀତ ବୁମ୍‌ରା ଓ ରବୀନ୍ଦ୍ର ଜାଡେଜାଙ୍କୁ ମଧ୍ୟ ସ୍ଥାନ ମିଳିଛି। ଘରୋଇ କ୍ରିକେଟକୁ ଉପେକ୍ଷା କରିଥିବା ଅଭିଯୋଗରେ ଆୟର ଓ କିପର-ବ୍ୟାଟର ଇଶନ କିଶନ ଗତବର୍ଷ ତାଲିକାରୁ ବାଦ୍ ପଡ଼ିଥିଲେ। ଉଭୟ ରୋହିତ ଓ କୋହଲି ଏ+ କାଟେଗୋରିରେ ସ୍ଥାନ ପାଇଛନ୍ତି। କିନ୍ତୁ ଆସନ୍ତା ଇଂଲଣ୍ଡ ବିପକ୍ଷ ୫ମ୍